

ପବିତ୍ର ଗୁରୁ ଦିବସ ଅବସରରେ ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ 'ସକାଳ' ପରିବାର ପକ୍ଷରୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-72 ◆FRIDAY ◆5 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୨ ◆ଶୁକ୍ରବାର ◆୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଆଇପିଏଲ୍ ଟିକଟ ଉପରେ ୪୦% ଜିଏସ୍‌ଟି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ଭାରତରେ କ୍ରିକେଟ୍‌ର ସବୁଠାରୁ ବଡ଼ ଉତ୍ସବ ଭାବରେ ବିବେଚନା କରାଯାଉଥିବା ଆଇପିଏଲ୍ ଦେଖିବା ଏବେ ପ୍ରଶଂସକଙ୍କ ପାଇଁ ମହଙ୍ଗା ହୋଇଯାଇଛି । ସରକାର ଲାଗୁ କରିଥିବା ନୂତନ ଜିଏସ୍‌ଟି ହାରର ସିଧାସଳଖ ପ୍ରଭାବ ଏବେ ଆଇପିଏଲ୍ ଟିକଟ ଉପରେ ପଡ଼ିବ । ଅର୍ଥାତ୍, ଯଦି ଆପଣ ଷ୍ଟାଡିୟମରେ ବସି ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଚାହାନ୍ତି, ତେବେ ଏବେ ଆପଣଙ୍କୁ ପୂର୍ବ ଅପେକ୍ଷା ଅଧିକ ପକେଟ ଢିଲା କରିବାକୁ ପଡିବ । କାରଣ ଏହା ଉପରେ ସରକାର ଜିଏସ୍‌ଟି ହାର ୨୮%ରୁ ୪୦% ବୃଦ୍ଧି କରିଛନ୍ତି । ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସରକାର ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ଦେଖିବାକୁ ଏକ ବିଳାସପୂର୍ଣ୍ଣ ବିଷୟ ବୋଲି ବିବେଚନା କରି ତାହା ଉପରେ ୪୦% ଟିକସ ଲାଗୁ କରିଛନ୍ତି । ନୂତନ ଟିକସ ବ୍ୟବସ୍ଥାରେ ଆଇପିଏଲ୍ ମ୍ୟାଚ୍‌କୁ ତମାଖୁ ଉତ୍ପାଦ ଏବଂ କ୍ୟାସିନୋ ଭଳି ସେବା ସହିତ ସମାନ ବର୍ଗରେ ରଖାଯାଇଛି । ଏହି ମୂଲ୍ୟ ବୃଦ୍ଧି ପରେ ୧୦୦୦ ଟଙ୍କା ମୂଳ ମୂଲ୍ୟ ଥିବା ଆଇପିଏଲ୍ ମ୍ୟାଚ୍ ଟିକଟର ଚୂଡ଼ାନ୍ତ ମୂଲ୍ୟ ଏବେ ୧୨୮୦ ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି ପାଇବ । ଏହି ବୃଦ୍ଧି ସହିତ ଭାରତରେ କ୍ୟାସିନୋ ଏବଂ ରେସ୍ କ୍ଲବ ସହିତ ଆଇପିଏଲ୍ ଜିଏସ୍‌ଟି ଶୀର୍ଷ ସ୍ଲାବରେ ସାମିଲ ହୋଇଛି । ତଥାପି, ସାଧାରଣ କ୍ରିକେଟ୍ ମ୍ୟାଚ୍ ଉପରେ ୧୮% ଜିଏସ୍‌ଟି ଲାଗୁ ହେବ । ଜିଏସ୍‌ଟି ହାରରେ ଏହି ପରିବର୍ତ୍ତନ କେବଳ ଆଇପିଏଲ୍ ଭଳି ପ୍ରିମିୟମ୍ ମ୍ୟାଚ୍ କ୍ଷେତ୍ରରେ ଲାଗୁ ହେବ । ବର୍ତ୍ତମାନ ପର୍ଯ୍ୟନ୍ତ, ଅନ୍ୟ ସ୍ୱୀକୃତିପ୍ରାପ୍ତ ▶ପୃଷ୍ଠା-୭



ଶ୍ରୀନଅରରେ ସୁନିଆଁ

# ଚାଲିଲା ୬୯ ଅଙ୍କ, ୧୪୩୩ ସାଲ

■ **ପୁରୀ, ୪।୯ (ସମିସ):** ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ନୂଆ ଅଙ୍କ ପ୍ରଚଳନ ହୋଇଛି । ଗୁରୁବାର ସୁନିଆଁ ଅବସରରେ ୬୯ଅଙ୍କ ଏବଂ ୧୪୩୩ ସାଲ ଆରମ୍ଭ ହୋଇଛି । ସେଥିଲାଗି ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା । ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡ଼ିଥିଲା । ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ । ଏହି ନୀତିରେ ଗଜପତି ମହାରାଜା କନକଦୁର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ, ନୃସିଂହ ଆଦି ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା । ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା । ଏକ ସୁନା ମୋହରରେ ୬୯ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା । ରାଜଗୁରୁଙ୍କ ଉପସ୍ଥିତିରେ ବରାହ ନୃସିଂହ, ଲକ୍ଷ୍ମୀ ନୃସିଂହ ଆଦି ଦେବଦେବୀଙ୍କ ଚିହ୍ନ ଥିବା ମୁଦ୍ରାକୁ ନହର କରଣ ପ୍ରଚଳନ କରାଇବା ▶ପୃଷ୍ଠା-୭

## ପ୍ରାକୃତିକ ବିପର୍ଯ୍ୟୟ ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମ୍‌କୋର୍ଟ

# ପ୍ରତିଶୋଧ ନେଉଛି ପ୍ରକୃତି





■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ସମଗ୍ର ଉତ୍ତର ଭାରତରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ବିପର୍ଯ୍ୟୟ ଜାରି ରହିଛି । ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ । ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ହେଉଛି ଏବଂ ଶହ ଶହ ଘର ମାଟିରେ ମିଶିଯାଉଛି । ପାହାଡ଼ ଉପରେ ବେଆଇନ୍ ଭାବେ ବ୍ୟାପକ ଗଛ କଟାଯିବା ଏହି ପ୍ରାକୃତିକ ବିପର୍ଯ୍ୟୟର ସବୁଠାରୁ ବଡ଼ କାରଣ ବୋଲି ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମ କୋର୍ଟ । ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର ଗଭାଇ ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାହାଡ଼ ଉପରେ ବ୍ୟାପକ ସଂଖ୍ୟାରେ ଗଛ କଟାଯାଉଥିବାରୁ ପ୍ରକୃତି ଏହାର ପ୍ରତିଶୋଧ ନେଉଛି ।

ଏସଂକ୍ରାନ୍ତରେ ଅନାମିକା ରାଣାଙ୍କ ଆବେଦନର ଶୁଣାଣି କରି ସୁପ୍ରିମ କୋର୍ଟ କେନ୍ଦ୍ର ସରକାର, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ପଞ୍ଜାବ ସରକାରଙ୍କ ସମେତ ନ୍ୟାସନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ଏନ୍‌ଡିଏମ୍‌ଏ), ପର୍ଯ୍ୟାବରଣ ମନ୍ତ୍ରଣାଳୟ, ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)କୁ ନୋଟିସ ଜାରି କରିଛନ୍ତି ଓ ଆଗାମୀ ୩ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ପାହାଡ଼ ଉପରେ ଗଛ କଟାଯିବା ପ୍ରକ୍ରିୟା ରୋକାଯିବା ଆବଶ୍ୟକ । ଗଛକଟା ସବୁଠାରୁ ବିପଜ୍ଜନକ । ଏବେ ପ୍ରକୃତି ଏହାର ପ୍ରତିଶୋଧ ନେଉଛି । ପ୍ରକୃତି କାମ।।ରେ ଆମେ ଅଯଥା ହସ୍ତକ୍ଷେପ କରିଛୁ । ଏବେ ପ୍ରକୃତି ଆମକୁ କ୍ଷତି ପହଞ୍ଚାଉଛି । କୋର୍ଟ କହିଲେ ଯେ ବର୍ଷା ଓ ବନ୍ୟା ସଂପର୍କରେ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ଚିତ୍ର ଆମକୁ ଚିନ୍ତାରେ ପକାଇଛି । ହିମାଚଳରେ ଆସିଥିବା ବନ୍ୟାରେ ହଜାର ହଜାର ସଂଖ୍ୟାରେ କାଠଗଣ୍ଡି ଭାସିଯାଉଥିବା ଦୃଶ୍ୟରୁ ସ୍ପଷ୍ଟ ହୋଇଯାଉଛି ଯେ ପାର୍ବତ୍ୟ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ଗଛକଟା ▶ପୃଷ୍ଠା-୭

**ପାହାଡ଼ ଉପରୁ ବେଆଇନ ଗଛକଟା ରୋକିବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ**

## ଲଘୁଚାପ ମଧ୍ୟପ୍ରଦେଶମୁହାଁ

# ୧୦ ଜିଲ୍ଲାକୁ ମହାନଦୀ ଭୟ

■ **ଭୁବନେଶ୍ୱର, ୪।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଅତିକ୍ରମ କରି ବର୍ତ୍ତମାନ ଉତ୍ତର ଛତିଶଗଡ଼ ଓ ପୂର୍ବ ମଧ୍ୟପ୍ରଦେଶ ଉପରେ କେନ୍ଦ୍ରୀଭୂତ ରହିଛି । ଏହାପ୍ରଭାବରେ ମହାନଦୀ ଉପରମୁଣ୍ଡ ଓ ଛତିଶଗଡ଼କୁ ଲାଗି ଥିବା ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ଜାରି ରହିଛି । ଲଘୁଚାପ ଯୋଗୁଁ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ଗୁରୁବାର ସକାଳେ ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଗତ ୩୬ ଘଣ୍ଟାରେ ଦେବଗଡ଼ରେ ୧୪୫ ମିମି ବର୍ଷା ରେକର୍ଡ ହୋଇଛି । ଏହାସହିତ ଯାଜପୁରରେ ୧୩୦ ମିମି ବର୍ଷା ସହ ଝାରସୁଗୁଡ଼ାରେ ୧୧୫, ଚାନ୍ଦବାଲିରେ ୯୦, ବାରିପଦାରେ ୭୦, ବାଲେଶ୍ୱରରେ ୭୧, କେନ୍ଦୁଝରରେ ୫୦, ସମ୍ବଲପୁରରେ ୬୪, ସୁନ୍ଦରଗଡରେ ୬୨, ଭଦ୍ରକରେ ୬୭, ବରଗଡରେ ୬୭ ଓ ନୂଆପଡ଼ାରେ ୬୫ ମିମି ବର୍ଷା ହୋଇଛି । ଶୁକ୍ରବାରଠାରୁ ବର୍ଷା ପ୍ରଭାବ କମିବାକୁ ଥିଲେ ମଧ୍ୟ ପଶ୍ଚିମ ଓ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହୋଇପାରେ ।



**ହୀରାକୁଦର ୧୬ ଫାଟକ ଦେଇ ବନ୍ୟାଜଳ ନିଷ୍କାସନ**

ଅନ୍ୟପଟେ ବର୍ଷା ଯୋଗୁଁ ବର୍ତ୍ତମାନ ରାଜ୍ୟର ଏକାଧିକ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି । ମହାନଦୀ ସମେତ ବୈତରଣୀ, ବୁଢ଼ାବଳଙ୍ଗ ଓ ଜଳକା ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବର୍ତ୍ତମାନ ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲାଯାଇଛି ▶ପୃଷ୍ଠା-୭

## ଜଳସମ୍ପଦ ବିଭାଗକୁ ଅଡୁଆ ପାଣିପାଗ ପୂର୍ବାନୁମାନ

# ଗୋଟାଏ ସ୍ଥାନକୁ ଚେତାବନୀ; ଅନ୍ୟ ସ୍ଥାନରେ ଢାଳୁଛି ବର୍ଷା

■ **ଭୁବନେଶ୍ୱର, ୪।୯ (ସମିସ):** ଚଳିତ ବର୍ଷ ଘନ ଘନ ଲଘୁଚାପ ଓ ଅନୁକୂଳ ମୌସୁମୀ ରାଜ୍ୟରେ ବର୍ଷାର ସ୍ଥିତିକୁ ସ୍ୱାଭାବିକ କରିଛି । ଏହା ଚାଷୀମାନଙ୍କୁ ଯେତିକି ସନ୍ତୋଷ ଦେଇଛି, ହେଲେ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି । ଫଳରେ ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ୭ମ ଥର ବନ୍ୟା ଆଶଙ୍କା ସୃଷ୍ଟି କରିଛି । କୌତୂହଳର କଥା ହେଉଛି ଅତୀତ ।।ରେ ମୌସୁମୀରେ ବର୍ଷା ଓ ବନ୍ୟା ଜଳ ପରିଚାଳନାରେ ଦକ୍ଷତା ଅର୍ଜନ କରିଥିବା ରାଜ୍ୟ ଜଳସମ୍ପଦ ବିଭାଗ ଚଳିତ ବର୍ଷ ବନ୍ୟା ପରିଚାଳନାରେ ସଫଳ ହୋଇପାରି ନାହିଁ ।

ସାଧାରଣତଃ ବନ୍ୟା ଜଳ ପରିଚାଳନା କ୍ଷେତ୍ରରେ ଆଇଏମ୍‌ଡି ଓ ରାଜ୍ୟ ଜଳସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଥାଏ । ଲଘୁଚାପ ଓ ଏହା ପ୍ରଭାବରେ କେଉଁ ଅଞ୍ଚଳରେ କେତେ ବର୍ଷା ହେବ ତାହା ଆଇଏମ୍‌ଡି ଆକଳନ କରିଥାଏ । ଏହାକୁ ଆଧାର କରି ରାଜ୍ୟର ଥିବା ବିଭିନ୍ନ ଡ୍ୟାମ୍‌ରୁ ଜଳ ନିଷ୍କାସନ ଓ ଗେଟ୍ ବନ୍ଦ, ଖୋଲା ହୋଇଥାଏ । ହେଲେ ଚଳିତ ବର୍ଷ ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଥିବା ପରିଲକ୍ଷିତ ହେଉଛି । ସେହିପରି ଗତ କିଛି ଦିନ ହେବ ସମ୍ଭାବ୍ୟ ବର୍ଷା ସଂକ୍ରାନ୍ତରେ ଆଇଏମ୍‌ଡ଼ି ଆକଳନ ସଠିକ୍ ରହୁନାହିଁ । ଆଇଏମ୍‌ଡି ଯେଉଁ ଯେଉଁ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ ଜାରି କରୁଛି, ବାସ୍ତବ ସ୍ଥିତି ଓଲଟା ହେଉଛି । ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ୧ ତାରିଖରେ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ ▶ପୃଷ୍ଠା-୭

**ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ଆସିଲାଣି ୬ ଥର ବନ୍ୟା**

**ବନ୍ୟା ଜଳ ପରିଚାଳନାରେ ବିଫଳ ଜଳସମ୍ପଦ ବିଭାଗ**

**ଚିନ୍ତା ବଢ଼ାଇଲା ମହାନଦୀ ତଳ ଓ ଉପରମୁଣ୍ଡରେ ବର୍ଷା**

# ସ୍ନେହାଙ୍ଗିନୀ ଛୁରିଆ ବିଜୁ ମହିଳା ଜନତା ଦଳର ସଭାପତି ନିଯୁକ୍ତ



**ମହିଳା ବ୍ୟାପାର କମିଟିରେ ୧୫ ବରିଷ୍ଠ ଓ ଯୁବନେତ୍ରୀ**

**୩ ଜିଲ୍ଲା ପାଇଁ ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ**

■ **ଭୁବନେଶ୍ୱର,୪।୯(ସମିସ):** ବିଜେଡିର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପୁଣିଥରେ ହୋଇଛନ୍ତି ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ । ଏହାସହିତ ମହିଳା ବିଜେଡିକୁ ସଂଗଠିତ କରିବା ନିମନ୍ତେ ଦଳର ସଭାପତି ନବୀନ ପଟ୍ଟନାୟକ ୧୫ ଜଣ ବରିଷ୍ଠ ଓ ଯୁବ ନେତ୍ରୀଙ୍କୁ କମିଟି (ମହିଳା ବ୍ୟାପାର)ରେ ସ୍ଥାନ ଦେଇଛନ୍ତି । ବରିଷ୍ଠ ନେତ୍ରୀ ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଓ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି । ଅନୁରୂପ ଭାବରେ ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା, ଶର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ▶ପୃଷ୍ଠା-୭

# ନିରାଶ କରୁଛି 'ନିରାମୟ'

■ **ଭୁବନେଶ୍ୱର, ୪।୯ (ସମିସ):** ରୋଗୀଙ୍କୁ ମାଗଣା ଔଷଧ ଯୋଗାଇଦେବା ପାଇଁ ୨୦୧୫ ମସିହାରୁ ରାଜ୍ୟରେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ 'ନିରାମୟ' ଯୋଜନା । ଏହି ଯୋଜନାରେ ରାଜ୍ୟ ଔଷଧ ନିଗମ ଔଷଧ ଖରିଦ କରିବା ପରେ ସରକାରୀ ଡାକ୍ତରଖାନାଗୁଡ଼ିକୁ ଯୋଗାଇ ଦିଆଯାଇଥାଏ ଓ ରୋଗୀମାନେ ବିନା ମୂଲ୍ୟରେ ଔଷଧ ପାଇଥାଆନ୍ତି । ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଚାଲି ଆସିଛି ଏବଂ ଏଥିରେ ସାଧାରଣ ଗରିବ ରୋଗୀମାନେ ଉପକୃତ ହେଉଛନ୍ତି । ଛୋଟରୁ ବଡ଼ ସମସ୍ତ ରୋଗର ଔଷଧ ରୋଗୀମାନଙ୍କୁ ବର୍ଷ ବର୍ଷ ଧରି ମିଳୁଥିବାବେଳେ ମାତ୍ର ଗତ କିଛି ମାସ ହେଲା ରୋଗୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଔଷଧ ମିଳୁନି । ବିଶେଷକରି ମଧୁମେହ ଓ ଉଚ୍ଚ ରକ୍ତଚାପ ଆଦି ରୋଗୀଙ୍କୁ ସରକାରୀ ଡ଼ାକ୍ତରଖାନାରେ ନିରାମୟରେ ମିଳୁଥିବା ଔଷଧ ଆଉ ମିଳୁନାହିଁ ।

**ମିଳୁନି ଔଷଧ; ଚିନ୍ତାରେ ନିୟମିତ ସେବନକାରୀ**

ନିରାମୟ

୨୦୧୫-୧୬ ଆର୍ଥିକ ବର୍ଷରେ ଯୋଜନା ଆରମ୍ଭ ହେଲାବେଳେ ବର୍ଷକୁ ୧୪୧ କୋଟି ଟଙ୍କାର ଔଷଧ କିଣାଯାଉଥିଲା । ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇ ୨୦୨୩-୨୪ ମସିହା ବେଳକୁ ୬୩୦ କୋଟି ଟଙ୍କାକୁ ଅତିକ୍ରମ କରିଥିଲା । ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହା ୪୫୦ କୋଟି ଟଙ୍କାକୁ ଖସି ଆସିଛି । ରୋଗୀମାନଙ୍କ ପାଇଁ ୭୪୧ ପ୍ରକାରର ଔଷଧ କିଣା ଯାଉଥିବା କୁହାଯାଉଥିଲେ ହେଁ ଡାକ୍ତରଖାନାରେ ଅଧିକାଂଶ ଔଷଧ ଉପଲବ୍ଧ ନାହିଁ । ପୂର୍ବରୁ ଜିଲ୍ଲାସ୍ତରୀୟ ଡ଼ାକ୍ତରଖାନାଗୁଡ଼ିକରେ ଅତି କମ୍‌ରେ ୨ଶହ ପ୍ରକାରର ଔଷଧ ଉପଲବ୍ଧ ହେଉଥିଲା । ଏବେ ତାହା ବହୁ ▶ପୃଷ୍ଠା-୭

## ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ ଉଦ୍‌ବେଗଜନକ ତଥ୍ୟ

# ବଢୁଛି ଆତ୍ମହତ୍ୟା ପ୍ରବଣତା

## ୨୦୨୧ରେ ଜୀବନ ହାରିଛନ୍ତି ୭୨ ଲକ୍ଷ ଲୋକ



**ମାନସିକ ଅବସାଦରେ ବିଶ୍ୱର ୧୦୦ କୋଟି**

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ମାନସିକ ରୂପେ ଅସୁସ୍ଥ ହେଉଥିବା ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାର ମୁକାବିଲା ଲାଗି ଅନେକ ସରକାର ପଦକ୍ଷେପ ନେଉଥିଲେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିପାରି ନାହିଁ । ବିଶେଷ କରି ଯୁବକଯୁବତୀମାନେ ଏଭଳି ଅସୁସ୍ଥତାର ଶିକାର ହେଉଛନ୍ତି । ଏହା ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ାଉଛି ।

ଏସଂପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ୨୦୨୪ରେ ବିଶ୍ୱରେ ୧୦୦ କୋଟିରୁ ଅଧିକ ଲୋକ ମାନସିକ ଅବସାଦର ଶିକାର ହୋଇଛନ୍ତି । ଏହା ସବୁ ବର୍ଗ ଓ ବୟସର ଲୋକଙ୍କୁ ପ୍ରଭାବିତ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଯୁବକଯୁବତୀ । ଚିନ୍ତା ଓ ଅବସାଦ ପାଇଁ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଖରାପ ହେଉଛି । ଏହାଦ୍ୱାରା ଯୁବପିଢ଼ି ଆତ୍ମହତ୍ୟା ପ୍ରବଣ ହେଉଛି । ବିଶ୍ୱରେ ପ୍ରତି ୧୦୦ଟି ମୃତ୍ୟୁରେ ଗୋଟିଏ ଆତ୍ମହତ୍ୟା କାରଣରୁ ହେଉଥିବା ରିପୋର୍ଟରେ କୁହାଯାଇଛି । ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୨୧ରେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ବର୍ଷ ବିଶ୍ୱରେ ମାନସିକ ଅବସାଦ ଓ ଦୁଶ୍ଚିନ୍ତାର ଶିକାର ହୋଇ ୭୨ ଲକ୍ଷ ୭ ହଜାର ଲୋକ ଆତ୍ମହତ୍ୟା କରିଥିଲେ । ଏଥିରେ କୁହାଯାଇଛି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ୨୦ ଜଣ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଆତ୍ମହତ୍ୟା ରିପୋର୍ଟରେ କୁହାଯାଇଛି ଯେ ଜଣେ ମହିଳା ଆତ୍ମହତ୍ୟା କରିଥିବା ବେଳେ ଦୁଇ ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି । ୧୫ରୁ ୨୯ ବର୍ଷ ବୟସର ଯେତେ ଯୁବକଯୁବତୀଙ୍କ ମୃତ୍ୟୁ ଘଟୁଛି ସେଥିମଧ୍ୟରୁ ଏକ ତୃତୀୟାଂଶ ହେଉଛି ଆତ୍ମହତ୍ୟା କାରଣରୁ ।

ମାନସିକ ଅବସାଦ ଓ ଦୁଶ୍ଚିନ୍ତା ସଂପର୍କରେ ଅନେକ କାରଣ ଦର୍ଶାଯାଇଛି । ଏଥିମଧ୍ୟରେ ରହିଛି ବିବାହ ସମସ୍ୟା, ଛାଡ଼ପତ୍ର, ଚାକିରି ଚାପ, ଆତ୍ମୀୟଙ୍କ ମୃତ୍ୟୁ, କାମ ଓ ପାଠପଢ଼ା ଚାପ, ବେକାରୀ ସମସ୍ୟା, ଆର୍ଥିକ ଦୁସ୍ଥିତି, ବ୍ୟକ୍ତିଗତ ସଂପର୍କରେ ଫାଟ, ସ୍ୱାସ୍ଥ୍ୟଗତ ସମସ୍ୟା ଓ ପରିବେଶ । ତେବେ ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ ଯୌନ ନିର୍ଯାତନା ଓ ପାରିବାରିକ ହିଂସା ଯୋଗୁଁ ମହିଳାମାନେ ▶ପୃଷ୍ଠା-୭

**ହାଜତମୃତ୍ୟୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ**

# ଥାନାରେ କାମ କରୁନି ସିସିଟିଭି

■ **ନୂଆଦିଲ୍ଲୀ, ୪।୯ (ଏଜେନ୍ସି):** ହାଜତମୃତ୍ୟୁକୁ ନେଇ ପୁଣି ଉଦ୍‌ବେଗ ଜଣାଇଛନ୍ତି ସୁପ୍ରିମକୋର୍ଟ । ବାରମ୍ବାର ନିର୍ଦ୍ଦେଶ ଓ ତାଗିଦ ସତ୍ତ୍ୱେ ଥାନାରେ କାହିଁକି ସିସିଟିଭି କ୍ୟାମେରା କାମ କରୁନି ବୋଲି ପ୍ରଶ୍ନ କରିଛନ୍ତି । ରାଜସ୍ଥାନରେ ଗତ ୭-୮ ମାସ ମଧ୍ୟରେ ୧୧ ଜଣଙ୍କର ହାଜତମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ସର୍ବୋଚ୍ଚ ଅଦାଲତ ନିଜ ଆଡ଼ୁ ମାମଲା ଦାୟର କରିଛନ୍ତି । ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ବେଞ୍ଚ ମାମଲାର ଶୁଣାଣି କରିବେ ।

ସୂଚନାଯୋଗ୍ୟ ଯେ ରାଜସ୍ଥାନରେ ବୃଦ୍ଧି ପାଉଥିବା ହାଜତମୃତ୍ୟୁକୁ ନେଇ ଏକ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ରାଜ୍ୟରେ ଗତ ସାତରୁ ଆଠ ମାସ ମଧ୍ୟରେ ୧୧ ଜଣ ହାଜତମୃତ୍ୟୁର ଶିକାର ହୋଇଛନ୍ତି । ସୁପ୍ରିମକୋର୍ଟ ଏହି ଖବରକୁ ଗୁରୁତ୍ୱ ଦେଇ ମାମଲାର ଶୁଣାଣି କରିବେ ବୋଲି ଜଣାଇଛନ୍ତି । ଏଭଳି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିବା ସହିତ ଥାନା ଭିତରେ ସିସିଟିଭି କ୍ୟାମେରା କାମ କରୁନଥିବାରୁ ପ୍ରଶ୍ନ ଉଠାଇଛନ୍ତି । ବିଭିନ୍ନ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ କେତେକ ଥାନାରେ ସିସିଟିଭି ନଥିବା ବେଳେ ଅନେକ ଥାନାରେ ସିସିଟିଭି କ୍ୟାମେରା କାମ କରୁନି । ଯେଉଁ ଥାନାରେ ସିସିଟିଭି କ୍ୟାମେରା କାମ ▶ପୃଷ୍ଠା-୭



## ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସବୁ ଥାନାରେ ନାହିଁ ସିସିଟିଭି

■ **ଭୁବନେଶ୍ୱର, ୪।୯ (ସମିସ):** ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ହୋଇପାରି ନାହିଁ । ରାଜଧାନୀ ଭୁବନେଶ୍ୱରରେ ଥିବା ଭରତପୁର ଆଦର୍ଶ ଥାନାରେ ନିଜ ପୁରୁଷ ବନ୍ଧୁ (ସେନା ଅଧିକାରୀ)ଙ୍କ ସହ ଯାଇଥିବା ଜଣେ ମହିଳାଙ୍କୁ ଥାନା ଭିତରେ ପୁଲିସର ଅସଦ୍‌ବ୍ୟବହାରକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟର ଥାନା ଓ ଫାଣ୍ଡିଗୁଡ଼ିକରେ ସିସିଟିଭି ବ୍ୟବସ୍ଥାର ସ୍ଥିତି ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଦୟାଲ୍ ଗଙ୍ଗୱାର୍ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ । ଶ୍ରୀ ଗଙ୍ଗୱାର୍ ଥାନାଗୁଡ଼ିକରେ ସିସିଟିଭିର ସ୍ଥିତି ସମ୍ପର୍କରେ ଦର୍ଶାଇଥିଲେ ଯେ ରାଜ୍ୟରେ ଥିବା ୫୯୩ ଥାନା ମଧ୍ୟରୁ ୪୫୬ଟି ଥାନାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇନାହିଁ । ଥାନାରେ ଏପରି ବ୍ୟବସ୍ଥାକୁ ।।ନେଇ ହାଇକୋର୍ଟ ଉଦ୍‌ବେଗ ▶ପୃଷ୍ଠା-୭

■ ମଦମୁକ୍ତି ଆନ୍ଦୋଳନକାରୀଙ୍କ ସହ ଆଲୋଚନା

# ସମର୍ଥନ ଜଣାଇଲେ ପୂର୍ବତନ ସାଂସଦ ଓ ବିଧାୟକ



ଚନ୍ଦାହାଣ୍ଡି,୪।୯ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ କିଛିମାସ ମଧ୍ୟରେ ହତ୍ୟା, ଆତ୍ମହତ୍ୟା, ଅପହରଣ, ନିଖୋଜ, ଚୋରି, ବେଆଇନ ମଦ କରବାର, ଦୁର୍ଘଟଣା ଜନିତ ଭଳି ବିଭିନ୍ନ ଅଭିଯୋଗ ମାମଲା ଥାନାରେ ବଢ଼ିବାରେ ଲାଗିଛି। ବ୍ଲକରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏଥିପାଇଁ ମୁଖ୍ୟତଃ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଆଇନ ନିଶା କାରବାରକୁ ଦାୟୀ କରାଯାଉଛି। ଏହି ସମୟରେ ଅଞ୍ଚଳର ଅନକାବେଡା, କୋଇଲିମୁଣ୍ଡା ଓ ଫଟକି ପଞ୍ଚାୟତର ବିଭିନ୍ନ ଗ୍ରାମରେ ମଦମୁକ୍ତି ଆନ୍ଦୋଳନ ତେଜିବାରେ ଲାଗିଛି। ନିଶା କବଳରୁ ପରିବାର ଓ ଗାଁକୁ ରକ୍ଷା କରିବା ପାଇଁ ମହିଳା ଓ ଯୁବକ ମାନେ ଅଗ୍ରସର ହୋଇଛନ୍ତି। ବ୍ଲକରେ ଥିବା ଲାଇସେନ୍ସ ପ୍ରାପ୍ତ ମଦ ଭାଟି ଦ୍ୱାରା ଗାଁ ଗାଁରେ ବେଆଇନ ଭାବେ କୋଚିଆମାନଙ୍କ ଜରିଆରେ ମଦ ବିକ୍ରି କରାଯାଉଥିବା ଅଭିଯୋଗ କରାଯାଉଛି। ଏଥିପ୍ରତି ଅସନ୍ତୋଷ ବୃଦ୍ଧି ପାଉଛି। ଏହାକୁ ବିରୋଧ ପ୍ରଦର୍ଶନ କରି ବାରମ୍ବାର ଲାଇସେନ୍ସ ପ୍ରାପ୍ତ ଭାଟି ଘେରାଉ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଅନକାବେଡା ଗ୍ରାମ ଯାଇ ମଦମୁକ୍ତି ଆନ୍ଦୋଳନ କାରୀ ମହିଳା ଓ ଯୁବକ ମାନଙ୍କ ସହ ଆଲୋଚନା କରିଛନ୍ତି। ଗାଁକୁ ନିଶାମୁକ୍ତ କରିବା ପାଇଁ ଏଭଳି ପ୍ରୟାସକୁ ଦୁହେଁ ପ୍ରଶଂସା କରିବା ସହ ତାଙ୍କର ଏଥିପ୍ରତି ପୂର୍ଣ୍ଣ ସମର୍ଥନ ରହିଥିବା ଜଣାଇଛନ୍ତି। ତେବେ ଅଞ୍ଚଳରେ ଦ୍ରୁତ ଗତିରେ ତେଜୁଥିବା ମଦ ବିରୋଧୀ ସ୍ୱର ଆଗକୁ କେତେ ସଫଳ ହୋଇପାରୁଛି ତାହା ସମୟ ସାପେକ୍ଷ ରହିଛି। ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଛି।

## ଚଢ଼ା ଦରରେ ସାର ବିକ୍ରି ଅଭିଯୋଗ

# ପହଞ୍ଚିଲା ୧ ହଜାର ଟନ୍ ୟୁରିଆ



ରାୟଗଡ଼ା,୪।୯ (ସମିସ): ଦୀର୍ଘ ଏକ ମାସରୁ ଅଧିକ ସମୟ ଧରି ରାୟଗଡ଼ାରେ ସାର ସଙ୍କଟ ଦେଖା ଦେଇଥିବା ବେଳେ ବେସରକାରୀ ଡିଲରଙ୍କ ଠାରେ ଚଢ଼ା ଦରରେ ସାର ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ୟୁରିଆ ସାର ୩ ଶହରୁ ୩୫୦ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ବେଳେ ତା'ସହିତ ଅନ୍ୟାନ୍ୟ ବାୟୋ ଫର୍ଟିଲାଇଜରଗୁଡ଼ିକ ନେବାକୁ ବାଧ କରାଯାଉଛି । ଫଳରେ ଚାଷୀଙ୍କୁ ମୋଟ ୮ଶହ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ଲ୍ୟାମ୍ପସ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ହେଉ ନ ଥିବାରୁ ବିଭିନ୍ନ ବେସରକାରୀ ଡିଲରଙ୍କ ଦୋକାନଠାରେ ସାର କିଣି ଅଧିକ ଖର୍ଚ୍ଚାନ୍ତ ହେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଦଶନ୍ଧି ଦଶନ୍ଧି ଧରି ଆଦିବାସୀ ଓ ଅନ୍ୟାନ୍ୟ ବର୍ଗ ଚାଷୀମାନେ କେବଳ ୟୁରିଆ, ପଟାସ ଆଦିରେ ଚାଷ କରି ଆସୁଥିବା ବେଳେ ୟୁରିଆ ସାର ସହ ଅନ୍ୟାନ୍ୟ ଭିଟାମିନ, ଲିକ୍ୟୁଡ୍ ଭଳି ଫର୍ଟିଲାଇଜରଗୁଡ଼ିକୁ ମଧ୍ୟ ଜମିର ଉର୍ବରତା ବୃଦ୍ଧି ସହ ଫସଲ ଆହୁରି ଭଲ ହେବାର କଥା କହି ଚାଷୀଙ୍କୁ ସେଗୁଡ଼ିକ ନେବାକୁ ବାଧ କରାଯାଉଛି। ୟୁରିଆ ସାର ପ୍ରଦାନ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଅପରପକ୍ଷେ ରାୟଗଡ଼ାକୁ ଗୁରୁବାର ଦିନ ୧୦୦୦ ମେଟ୍ରିକ ଟନ୍ ମେଟିକ୍ସ ୟୁରିଆ ସାର ପହଞ୍ଚିଥିବା ବେଳେ ମାର୍କଫେଡ୍ ସଂସ୍ଥାକୁ ୨୦୦ଟନ ଏବଂ ବଳକା ଏକ ବେସରକାରୀ ଡିଲରଙ୍କ ପାଇଁ ୮୦୦ ମେଟ୍ରିକ୍ ଟନ୍ ସାର

### ମାର୍କଫେଡ଼୍‌କୁ ୨୦୦ ଟନ୍

କମ୍ପାନୀ ପକ୍ଷରୁ ପଠାଯାଇଛି। ଫଳରେ ମାର୍କଫେଡ୍ ତରଫରୁ ଜିଲ୍ଲାର ୧୩ ଗୋଟି ଲ୍ୟାମ୍ପସ ଏବଂ ଗୋଟିଏ ଏମ୍‌ପିଏସକୁ ଏହି ୨୦୦ଟନ୍‌କମ ଅଧିକା କରି ବଂଟନ କରାଯାଇଥିବା ବେଳେ ଅଗଷ୍ଟ ମାସରୁ ଆଜି ସୁଦ୍ଧା ପାଖାପାଖି ୭୦୦ମେଟ୍ରିକ ଟନ ସାର ବିଭିନ୍ନ ଲ୍ୟାମ୍ପସକୁ ବଣ୍ଟନ ହୋଇଥିବା ବେଳେ ଚାଷୀଙ୍କ ଦାବିକୁ ଦୃଷ୍ଟିରେ ରଖି ଅଧିକା ୧୦୦୦ ହଜାର ମେଟ୍ରିକ ଟନ୍ ୟୁରିଆ ପୁଣି ସରକାରଙ୍କୁ ଇଣ୍ଡେଣ୍ଟ୍ କରାଯାଇ ମଗାଯାଇଛି ବୋଲି ମାର୍କଫେଡ୍ କର୍ତ୍ତୃପକ୍ଷ ଚିତ୍ତରଂଜନ ରାୟ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲାର ବିଷମକଟକ ବ୍ଲକରେ ସାର କଳାବଜାରୀକୁ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଥିବା ବେଳେ ଗଚ୍ଛିତ ସାର ଓ ଚଢ଼ା ଦରକୁ ନେଇ ସନ୍ତୋଷଜନକ ଉତ୍ତର ନ ପାଇ ଡିଲରମାନଙ୍କୁ ନୋଟିସ କରାଯାଉଥିବା ବେଳେ ରାୟଗଡ଼ା ସହରରେ ଥିବା ବିଭିନ୍ନ ଡିଲରଙ୍କ ଗୋଦାମରେ ମଧ୍ୟ ଚଢ଼ଉ କରାଯାଇ ପ୍ରକୃତରେ ଚାଷୀଙ୍କୁ ଉଚିତ ମୂଲ୍ୟରେ କାହିଁକି ସାର ଯୋଗାଇ ଦିଆଯାଉନାହିଁ ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଚାଷୀନେତାମାନେ ପ୍ରକାଶ କରିଛନ୍ତି।

# ପୁରସ୍କୃତ ହେବେ ନନ୍ଦପୁର ବ୍ଲକର ଦୁଇ ଶିକ୍ଷକ





ନନ୍ଦପୁର,୪।୯ (ସମିସ): ଗୁରୁଦିବସ ଅବସରରେ କୋରାପୁଟ ଜିଲ୍ଲାର ୩୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପୁରସ୍କୃତ ହେବା ନେଇ ମନୋନୀତ ହୋଇଛନ୍ତି। ସେଥିମଧ୍ୟରୁ ନନ୍ଦପୁର ବ୍ଲକରୁ ଦୁଇ ଶିକ୍ଷକ ମଧ୍ୟ ପୁରସ୍କୃତ ହେବା ନେଇ ମନୋନୀତ ହୋଇଥିବା ଜଣାପଡିଛି। ସେମାନେ ହେଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ବେହେରା। ଅନ୍ୟ ଜଣେ ଶିକ୍ଷକ ହେଲେ ପ୍ରାଥମିକ ଶିକ୍ଷକ ଶ୍ୟାମସୁନ୍ଦର ଟଙ୍ଗୀ। ଆଜି ଦୁଇ ଶିକ୍ଷକ ଗୁରୁଦିବସ ଅବସରରେ କୋରାପୁଟ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ ହେବେ। ଏହି ଖବର ପାଇବା ପରେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ ଶିକ୍ଷା ଅଧିକାରୀ ବଭାନି ନନ୍ଦନ ପଟ୍ଟନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ଗୁରୁନାଥ ମାଝୀ, ମାମତାଜ ଗମାଙ୍ଗଙ୍କ ସମେତ ବ୍ଲକର ବୁଦ୍ଧଜୀବୀ ଉଭୟଙ୍କୁ ଶୁଭକାମନା ଜଣାଇଛନ୍ତି।

# ଉପ ଡାକଘର ଅଚଳ ଜେନେରେଟର

ବିଷମ କଟକ,୪।୯ (ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ସଦର ଉପଡାକ ଘରର ଜେନେରେଟର ସ୍ଥାପନ ହେବାଠାରୁ ଅଚଳ ହୋଇ ପଡିରହିଛି। ହେଲେ ଏହି ଜେନେରେଟର୍‌ଟି ୧୦ ବର୍ଷ ପୂର୍ବରୁ ସ୍ଥାପନ କରାଯାଇଥିଲେ ମଧ୍ୟ ଦିନେ ହେଲେ ଏହି ଜେନେରେଟର କାର୍ଯ୍ୟକ୍ଷମ ନ ହୋଇ ଅଚଳ ହୋଇ କାର୍ଯ୍ୟାଳୟମଝିରେ ପଡ଼ିରହିଛି। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଜେନେରେଟର୍ ଆଉ ମରାମତି ନ ହୋଇ ପଡିରହିଲା। ଖରାବର୍ଷା ବାଜି ଜେନେରେଟର୍‌ଟି କଳଙ୍କି ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ଏହି ଜେନେରେଟରଟି ଡାକଘରର ମୁଖ୍ୟ ଫାଟକ ସମ୍ମୁଖରେ ରହିଥିବାରୁ ଏଠାକାର ସୌନ୍ଦର୍ଯ୍ୟ ନଷ୍ଟ କରୁଛି। ଡାକ ଘରକୁ ଆସୁଥିବା ଗ୍ରାହକ ମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି କଳଙ୍କିତ ଜେନେରେଟର ସାପ, ମୂଷା, ବେଙ୍ଗଙ୍କ ବସା ପାଲଟି ଯାଇଛି। ତେଣୁ ଏହି ଅଚଳ ଜେନେରେଟରକୁ ଏହି ସ୍ଥାନରୁ ସ୍ଥାନାନ୍ତର କରିବା ନିମନ୍ତେ ଗ୍ରାହକଙ୍କ ପକ୍ଷରୁ ଦାବି ହେଉଛି।

# ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ




ରାୟଗଡା, ୪।୯ (ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୫ ଶିକ୍ଷାବର୍ଷ +୩ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଦିଗ୍‌ଦର୍ଶନ ତଥା ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ଡ. ସରସ୍ୱତୀ ରାୟ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପି. ଅରୁଣ କୁମାର, ପରୀକ୍ଷା ନିୟନ୍ତ୍ରକ ୱାଇ. ଭି ସାଇ ମାଧବ, ପ୍ରଶାସନିକ ଅଧକ୍ଷ ଟି. ଜ୍ୟୋତି, ଲେଫ୍ଟନାଣ୍ଟ ଉଦୟ ନାଏକ, ଏକାଡେମିକ୍ ଅଧିକ୍ଷକ ଡ.ଅଜୟ ରଇତ, ରମେଶ ହୁଇକା ,କୋଷାଧ୍ୟକ୍ଷ ସୁବ୍ରତ କୁମାର ପ୍ରଧାନ , ଭାବେସ ମହାନ୍ତି, ଛାତ୍ରବୃତ୍ତି ଅଧିକାରୀ ତୁବଲ ବେନିଆଙ୍କ ସହିତ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ଅଧକ୍ଷା ଡ଼. ରାୟ ନବାଗତ ମାନଙ୍କୁ ଅଭିନନ୍ଦନ ଜଣାଇ ସ୍ୱାଗତ କରିବା ସହ ତାଙ୍କର ବକ୍ତବ୍ୟରେ, ଶିକ୍ଷା ସହିତ କୌଶଳ ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା, କେବଳ ଭଲ ଛାତ୍ର ହେବାକୁ ନୁହେଁ ବରଂ ଭଲ ମଣିଷ, ଦାୟିତ୍ୱବାନ ନାଗରିକ ଓ ଆଦର୍ଶ ସମାଜସେବୀ ହେବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ଏବଂ ସମସ୍ତେ ମିଶି ଶିକ୍ଷା, ସେବା ଓ ସଂସ୍କାରର ଆଦର୍ଶକୁ ଅନୁସରଣ କରି ଏହି ମହାବିଦ୍ୟାଳୟକୁ ଆହୁରି ଗୌରବମୟ କରିବା ପାଇଁ ପ୍ରୟାସ କରିବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପି. ଅରୁଣ କୁମାର ତାଙ୍କ ଅଭିଭାଷଣରେ ଗବେଷଣାମୂଳକ ଶିକ୍ଷାର ଗୁରୁତ୍ୱ ଉଲ୍ଲେଖ କରି, ଛାତ୍ରଛାତ୍ରୀ ମାନଙ୍କୁ ସମ୍ମିଳନୀ, କର୍ମଶାଳା ଓ ସାହିତ୍ୟିକ କାର୍ଯ୍ୟକଳାପରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ପ୍ରେରିତ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ୱାଇ. ଭି ସାଇ ମାଧବ ଛାତ୍ରଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟର ପରୀକ୍ଷା ପ୍ରଣାଳୀ, ଶିକ୍ଷାଗତ ନିୟମାବଳୀ ଓ ଅନ୍ତର୍ନିହିତ ମୂଲ୍ୟାୟନ ପ୍ରକ୍ରିୟା ବିଷୟରେ ଅବଗତ କରାଇଥିଲେ। ସେ, ନିୟମିତ ଶ୍ରେଣୀ ଉପସ୍ଥିତି ଜୋର ଦେଇଥିଲେ। ପ୍ରଶାସନିକ ଅଧକ୍ଷ ଟି. ଜ୍ୟୋତି ଏବଂ ଲେଫ୍ଟନାଣ୍ଟ ଉଦୟ ନାଏକ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟର ସମସ୍ତ ନିୟମ କାନୁନ ପାଳନ କରି, ସ୍ୱଚ୍ଛ ଓ ଶୃଙ୍ଖଳାପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ପ୍ରେରିତ କରିଥିଲେ। ଏକାଡେମିକ୍ ଅଧିକ୍ଷକ ଡ଼. ଅଜୟ ରଇତ ଏବଂ ରମେଶ ହୁଇକା ତାଙ୍କର ଉଦ୍‌ବୋଧନରେ ସମସ୍ତ ଛାତ୍ରଛାତ୍ରୀ ନିୟମିତ ଶ୍ରେଣୀରେ ଉପସ୍ଥିତି, ପରୀକ୍ଷାରେ ଶିଷ୍ଟାଚାର ପାଳନ , ପାଠ୍ୟକ୍ରମ ଅନୁସରଣ କରି ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ପ୍ରେରଣା ପ୍ରଦାନ କରିବା ସହ ମହାବିଦ୍ୟାଳୟ କେବଳ ଡିଗ୍ରୀ ପାଇଁ ନୁହେଁ ବରଂ ଜ୍ଞାନ, ମୂଲ୍ୟବୋଧ ଓ ସୃଜନଶୀଳତାର କେନ୍ଦ୍ର ବୋଲି ମତପ୍ରକାଶ କରିଥିଲେ। ତେଣୁ ଛାତ୍ରଛାତ୍ରୀ ମାନେ ସମସ୍ତେ ପାଠାଗାର, ସେମିନାର, କର୍ମଶାଳା ଓ ପ୍ରକଳ୍ପ କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତୁ ବୋଲି କହିଥିଲେ। ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ନୂତନ ଛାତ୍ରଛାତ୍ରୀମାନଙ୍କୁ ଏନଏସଏସ, ଏନସିସି, ୟୁଥ ରେଡ୍‌କ୍ରସ, ସ୍ପୋର୍ଟ୍ସ, ସାହିତ୍ୟ ଓ ସାଂସ୍କୃତିକ ସଭାରେ ଯୋଗଦେଇ ନିଜକୁ ଉତ୍ତମ ମଣିଷ ରୂପେ ଗଢ଼ି ତୋଳିବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ରମେଶ ହୂଇକା ଧନ୍ୟବାଦ ପ୍ରଦାନ କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟ୍ ମହୋତ୍ସବ



ରାୟଗଡ଼ା,୪।୯ (ସମିସ): କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇ ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ଲୋକକଳା ଗ୍ରାମ ଗେଟିପଡାଠାରେ ବୁଧବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ କଳା ସଂସ୍କୃତି ବିଭାଗ ସୌଜନ୍ୟତାରେ ଜେକେପୁର, ଗେଟିପଡାର ମା ସନ୍ତୋଷୀ କଳା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଏହି ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ତଥା ରାୟଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ବସନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମୀ ଶିବ ନରାୟଣ ଗଉଡ଼, ରାୟଗଡ଼ା ବିଜେପି ଜିଲ୍ଲା ସଭାପତିଙ୍କ ପ୍ରତିନିଧି ତରୁଣ ଗରଡ଼ିଆ, ସମାଜସେବୀ ହଳଧର ମିଶ୍ର, ଗେଟିପଡା ୱାର୍ଡ ସଭ୍ୟା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ମା' ସନ୍ତୋଷି କଳା ପ୍ରତିଷ୍ଠାନର ସଭାପତି ସନ୍ତୋଷ କୁମାର ତାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ସୁନା, ମାଧୁରୀ ସାଗର, କୋପାଲ କୃଷ୍ଣ ସାଗର, ଶିବ ସାହୁ ଅର୍ଜୁନ ତାଣ୍ଡି, କରୁଣା କର ଲୁହା, ଶ୍ରୀପତି ତାଣ୍ଡି, ସହଦେବତାଣ୍ଡି, ଦୁର୍ଯ୍ୟୋଧନ ନାୟକ, ଖଗେନ୍ଦ୍ର ବାଗ, କୁନାଲ ଭୋଇ, ମହେନ୍ଦ୍ର ସାଗର ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିଥିଲେ। ନୂଆଖାଇ ଭେଟଘାଟ ମହୋତ୍ସବରେ ଗେଟିପଡା ଗ୍ରାମର ୯ଗୋଟି ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ନୂଆଁଖାଇ ପ୍ରସାଦ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନେକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂଆଖାଇ ଭେଟଘାଟର ମୁଖ୍ୟ ଆକର୍ଷଣ ସାଜିଥିଲେ ପଶ୍ଚିମ ଓଡିଶାର ସୁପରିଚିତ ଗାୟକ କୁନ୍ଦନ ଛୁରିଆ ଏବଂ ତାଙ୍କ ସାଥି। ଗାୟକ କୁନ୍ଦନଙ୍କ ଗୀତରେ ଝୁମିଥିଲେ ଶ୍ରୋତାଗଣ। ଚାନ୍ଦିଲି ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ୩୨ କେଜି ଗଞ୍ଜେଇ ଜବତ



ସେମିଳିଗୁଡ଼ା,୪।୯ (ସମିସ): ପୁଲିସ ପାଟ୍ରୋଲିଂ ବେଳେ ସେମିଳିଗୁଡା ପୁଲିସ ୩୨ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଏକ କାର ଜବତ କରାଯାଇଛି। ଚାଲାଣ କାରୀମାନେ ପୁଲିସକୁ ଦେଖି ଗଞ୍ଜେଇ ଛାଡି ଫେରାର୍ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ସେମିଳିଗୁଡା ଥାନା ଏଏସଆଇ ବାବାଜୀଚରଣ କୁଅଁର, ଡିବି.ପ୍ରଭୁ ସହାୟ, ହାବିଲଦାର କେ. ରାମାରାଓ, କନେଷ୍ଟବଳ ଭୁବନ ନାୟକ, ସଂଜୟ ନାୟକ, ଡ୍ରାଇଭର ରାଜୀବ ନାୟକ ପ୍ରମୁଖ ଡୋଳିଆମ୍ବ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଦାମନଯୋଡି ପାଶ୍ୱର୍ରୁ ଏକ କାର( ଓଆର୦୨ଏଭି ୫୯୫୮) ଆସୁଥିବା ଦେଖି ସନ୍ଦେହ ହେବାରୁ ଅଟକା ଯାଇଥିଲା। ପୁଲିସକୁ ଦେଖି ଗାଡି ଛାଡି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ସେମାନେ ଖସି ଯାଇଥିଲେ। ଯାଞ୍ଚ ପରେ ଗାଡ଼ି ପଛରେ ୨ଟି ପଲିଥିନ ବ୍ୟାଗରେ ୩୨ କେଜି ଗଞ୍ଜେଇ ଥିଲା। ଏସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୁଲିସ କହିଛି।

# ନଦୀ କୂଳରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର

ବିଷମ କଟକ,୪।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ପାଇକ ଡାକୁଲୁଗୁଡା ଗାଁ ଦେଇ ଯାଉଥିବା ବଂଶଧାରା ନଦୀ କୂଳରେ ଜଣେ ମହିଳାର ଗଳିତ ଶବ ଉଦ୍ଧାର ହୋଇଛି। ମହିଳା ଜଣକ ଥୁଆପାଡି ପଞ୍ଚାୟତ ଅନ୍ତର୍ଗତ ଘଟିଖାଲ ଗ୍ରାମର ମେଦ୍ରାଣି ହିଆଲ୍ (୬୫) ବୋଲି ଜଣାଯାଇଛି। ମହିଳା ଜଣକ ଗତ ୩୦ ତାରିଖରୁ ନିଖୋଜ ରହିଥିବା ବେଳେ ଆଜି ତାର ଗଳିତ ଶବ ପରିବାର ଲୋକେ ଚିହ୍ନଟ କରିଛନ୍ତି। ମହିଳା ଜଣକ ଦୀର୍ଘ ଦିନ ହେବ ମାନସିକ ବିକାର ଗ୍ରସ୍ତ ରହିଥିବା ବେଳେ ନିୟମିତ ବ୍ୟବଧାନରେ କେଉଁ ଆଡେ ଚାଲି ଯାଉଥିଲେ। ହେଲେ ଗତ ଶନିବାର ଦିନ ଘରେ ନ କହି କୁଆଡେ ଚାଲିଯାଇଥିବା ବେଳେ ଆଉ ଘରକୁ ଫେରିନଥିଲେ। ଆଜି ସକାଳେ ନଦୀ କୁଳରେ ଏକ ମହିଳାର ଗଳିତ ଶବ ଠାବ ହୋଇଥିବା ବେଳେ ଖବର ପାଇ ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନି ଓରାମ୍ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନି ସହାୟତାରେ ଏହି ଶବକୁ ଉଦ୍ଧାର କରିଥିଲେ। ନିଖୋଜ ମହିଳାର ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ। ଏ ନେଇ ମୁନିଗୁଡା ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଆଇଆଇସି ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।


ୟୁନିଅନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩ | | | |
| ୧. | ସାନ୍ନା ପ୍ରବୀନ୍, ସ୍ୱାମୀ: ମହମ୍ମଦ ଗଫୁର କୁରେଶୀ, ସା: ଯୋଡା ମାର୍କେଟ, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୪ / ୧୩୬୭୧୬୫୩୦୦୦୦୪୫୫ | ଟ.୩୦,୬୮୯.୦୦ | ୨.୩୬ | ୩.୧୩ |
| ୨. | ଶ୍ରୀମତୀ ସୁନିତା ପୃଷ୍ଟି, ସ୍ୱାମୀ: ଶୁକଦେବ ପୃଷ୍ଟି, ସା: କୋହୁରଇଡା, ଭୂର୍ଯ୍ୟରଇଡା, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୫ / ୧୩୬୭୧୬୫୩୦୦୦୦୩୮୦ | ଟ.୭୩,୬୮୬.୮୫ | ୫.୫୬ | ୬.୬୫ |
| | ରାଇରଙ୍ଗପୁର ଶାଖା, ପ୍ଲଟ୍ ନଂ.: ୫୪/୧୦୬୬, ବୋବେ ଧର୍ମଶାଳା ସାମ୍ନା, ୱାର୍ଡ ନଂ.-୯, ପୋ: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୩, ମୋ.: ୯୭୦୪୮୬୮୮୮୪ | | | |
| ୧. | ମହମ୍ମଦ କୁଲଫିକାର ଅଲ୍ଲି, ୱାର୍ଡ ନଂ.-୧୧, ଗ୍ରାମ: ଠାକୁରାଣୀବେଡା, ପୋ: ରାଇରଙ୍ଗପୁର, ଥାନା: ରାଇରଙ୍ଗପୁର, ମୟୂରଭଞ୍ଜ-୭୫୭୦୨୨ / ୭୬୩୯୦୬୬୩୦୦୦୦୦୦୩ | ଟ.୪୭,୮୦୨.୦୦ | ୧୧.୩୮୯ | ୧୬.୨୭ |
| | ରେମୁଣା-କାନୁଗଞ୍ଜ ଶାଖା, ଗଣେଶ୍ୱରପୁର, କାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩ | | | |
| ୧. | ଶ୍ରୀ ପ୍ରଫୁଲ୍ଲ କୁମାର ଜେନା, ପିତା: ଝାଡେଶ୍ୱର ଜେନା, ସା: ସରସ୍ୱତୀପୁର, ପୋ: ଛଣପୁର, ବାଲେଶ୍ୱର, ପିନ୍-୭୫୬୦୫୬ / ୭୨୩୭୦୬୬୩୦୦୦୦୦୫୧ | ଟ.୧,୫୬,୩୩୦.୦୦ | ୩୩.୪୧୭ | ୩୫.୫୬ |
| | ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ୧ମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯ | | | |
| ୧. | ଶ୍ରୀ ସୁଦାମ ମହାରଣା, ପିତା: ସୁଧବ ମହାରଣା, ସା: ମହାରଣା ସାହି, ବାଣେଶ୍ୱର ନିକଟ, ବାଲେଶ୍ୱର-୭୫୬୦୦୨ / ୫୦୦୬୦୬୫୪୦୦୦୦୯୬୭ | ଟ.୪,୮୭,୯୧୯୬ | ୮୫ | ୧୦୦.୬ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍, ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୪.୦୯.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


## ଲଟା ସଫା କଲେନି; ଭାଙ୍ଗିଲା କେନାଲ

# ହଜାର ହେକ୍ଟରରୁ ଅଧିକ ଫସଲ ନଷ୍ଟ



କଲ୍ୟାଣସିଂହପୁର,୪।୯ (ସମିସ): ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ହାତୀମୁଣ୍ଡା ଚେକ୍‌ଡ୍ୟାମ୍ କେନାଲ ଭାଙ୍ଗି ଯିବାରୁ ହଜାରେ ହେକ୍ଟର ଚାଷଜମି ମରୁଭୂମି ପାଲଟିବା ନେଇ ଚିନ୍ତାରେ ଚାଷୀ। ପ୍ରତିବର୍ଷ ଏହି ଚେକ୍‌ଡ୍ୟାମ୍ ଓ ୧୬ ଶହ ହେକ୍ଟର ଚାଷ ଜମିକୁ ଅବହେଳା କରା ଯାଉଥିବାରୁ ଚାଷୀମାନେ ଜୀବନ ଓ ଜୀବିକା ସହ ସଂଘର୍ଷ କରିଥାନ୍ତି। କିନ୍ତୁ କ୍ଷୁଦ୍ର ଜଳ ସେଚନ ବିଭାଗ ଓ ପାଣି ପଞ୍ଚାୟତ ଅଣଦେଖା କରିବାରୁ ପ୍ରତିବର୍ଷ ଚାଷୀ ଅବହେଳାର ଶିକାର ହେଉଛନ୍ତି। ପାଣି ପଞ୍ଚାୟତ ଦ୍ୱାରା ପରିଚାଳିତ ପାଣି ପଞ୍ଚାୟତ-୧ ନମ୍ବର ମୁଖ୍ୟ କେନାଲ ଆରଡ଼ି-୪୩୦୦ ଭୁତଲ କେନାଲର ଛାତ ସମ୍ପୂର୍ଣ ଭାବେ ଭୁଶୁଡ଼ି ଯାଇଛି। ଯାହା ଫଳରେ ଚାଷ ଜମିକୁ ପାଣି ମାଡି ପାରିବ ନାହିଁ। ଚିନ୍ତାରେ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀମୁଣ୍ଡା ଚେକ ଡ୍ୟାମ୍‌ରେ ୩ଟି ପାଣି କଲ୍ୟାଣସିଂହପୁର ବ୍ଲକର ଧାନ ମାଠିଆ କୁହାଯାଉଥିବା ହାତୀମୁଣ୍ଡା ଚେକଡ୍ୟାମ୍‌ର ଚାଷୀ ବାରମ୍ବାର ଅଭିଯୋଗ କଲା ପରେ ବିଭାଗ କିମ୍ବା ପାଣି ପଞ୍ଚାୟତ ପକ୍ଷରୁ କୌଣସି ଦୃଷ୍ଟି ଦେଇ ନଥିବାରୁ ଏଭଳି ଅବସ୍ଥା ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ଅଧିକାରୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତା ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଲା ପରେ ବି କୌଣସି କାର୍ଯ୍ୟ କରୁନଥିବାରୁ ବାରମ୍ବାର ଏଭଳି କେନାଲ ଭାଙ୍ଗିରୁଜି ଯାଉଛି। ଫଳରେ ଆଜି ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଖରାଦିନରେ କେନାଲ ସଫା କରିବା ପାଇଁ ଅର୍ଥ ଆସୁଛି । କିନ୍ତୁ ଉକ୍ତ ଟଙ୍କା କୁଆଡେ ବାଟ ମାରଣା ହୋଇଯାଉଛି, ତାହା କେହି ଚାଷୀ ଜାଣି ପାରୁନାହାନ୍ତି। କେନାଲ ଲଟାବୁଦା ସଫା ଓ ଖରାଦିନେ ମରାମତି କଲେ କେନାଲରେ ପଟୁମାଟି କିମ୍ବା ଲଟା ବୁଦା ଜମିରହିବ ନାହିଁ। ପାଣି ପଞ୍ଚାୟତ ତରଫରୁ ସଫା ହେଉନି କି ବିଭାଗ କରୁନି। ଉକ୍ତ ଟଙ୍କା କୁଆଡେ ଯାଉଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। କେନାଲ ଭାଙ୍ଗିବା ପରେ ପାଣି ପଞ୍ଚାୟତର ଚେତା ପଶିବା ସହ କେନାଲରେ ବାଲି ବସ୍ତା ଦେଇ ଚାଷ ଜମିକୁ ପାଣି ଯୋଗାଇବା ପାଇଁ ଚେଷ୍ଟା କରୁଛି। ପୂର୍ବରୁ ମୁଖ୍ୟ କେନାଲ ଓସାରିଆ ଥିବା ବେଳେ ଲଟାବୁଦା ଭାଙ୍ଗି ରୁଜି ଯିବାରୁ ବର୍ତ୍ତମାନ ଅଣ ଓସାରିଆ ହୋଇ କିଛି ଜମିକୁ ପାଣି ମାଡୁ ଥିବା ବେଳେ ଆଉ କିଛି ଜମିକୁ ପାଣି ମାଡି ପାରୁନାହିଁ। ଯଦି ପ୍ରବଳ ବର୍ଷା ହୁଏ, ତେବେ ବାଲି ବସ୍ତା ଗୁଡ଼ିକ ସମ୍ପୂର୍ଣ ଧୋଇ ହୋଇଗଲେ ଚାଷ ହୋଇଥିବା ଖିଡ଼ିକା ବଣ୍ଡେଲି ଠାରୁ ଦୁଇ ଓ ତିନି ନମ୍ବର ପାଣି ପଞ୍ଚାୟତରେ ଥିବା ହଜାରେ ହେକ୍ଟର ଠୁ ଅଧିକ ଧାନ ଜମି ଗୁଡ଼ିକ ମରୁଡ଼ି ହୋଇଯିବ ବୋଲି କାରଗାମ ନାରସିଙ୍ଗୁଲୁ, ରବି ନାୟର, କଞ୍ଚାକା ରାଇମାଣୀ, ବଗି କୁନାକା, ଚଇତି ହିକ୍‌କା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଏଠାରେ କାର୍ଯ୍ୟ କରିବା ପାଇଁ ସରକାର ସହାୟତା ଯୋଗାଉ ନଥିବାରୁ ହାତ ଟେକିଦେଇଛନ୍ତି। ବିଭାଗ ଭାଙ୍ଗି ଯାଇଥିବା କେନାଲଗୁଡ଼ାକ ନୂତନ ନିର୍ମାଣ କଲେ ଚାଷୀ ଉପକୃତ ହେବେ ବୋଲି ପଲକା ଲିମା, କତାଗୁଡା, ପୂଜାରୀଗୁଡା, କଟକୀ ନାଳ, ତଡ୍ରା, ଶିରିପୁର ଅଞ୍ଚଳର ସତାଧିକ ଚାଷୀ ଦାବି କରିଛନ୍ତି।

### କ୍ଷତିପୂରଣ ଦାବି କଲା ପାଣି ପଞ୍ଚାୟତ କମିଟି

# କାର୍ଯ୍ୟକ୍ଷମ ହେଲା ସୌର ପାନୀୟଜଳ ପ୍ରକଳ୍ପ ଓ ନଳକୂପ

**ଶଗଡ଼ା, ୪।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଅଧୀନ ଗୋଛାପଡ଼ା ଗ୍ରାମରେ ଥିବା ସୌରପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଅଚଳ ହୋଇ ପଡ଼ିଥିବାବେଳେ ଖବର ପ୍ରକାଶ ପରେ ଆଜି କାର୍ଯ୍ୟକ୍ଷମ କରାଯାଇଛି। ଉକ୍ତ ଗ୍ରାମରେ ଥିବା ସୌର ପାନୀୟଜଳ ପ୍ରକଳ୍ପଟି ୧୦ ଦିନରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇ ପଡ଼ିରହିଥିଲା। ଫଳରେ ଗ୍ରାମରେ ବସବାସ କରୁଥିବା ୪୦ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମରେ ଥିବା ନଳକୂପଟି ଦୀର୍ଘ ୫ ମାସ ହେଲା ଅଚଳ ହୋଇ ପଡ଼ି ଥିବାରୁ ଗ୍ରାମବାସୀ ଜଳକଷ୍ଟ ଭୋଗ କରୁଥିଲେ। ଏନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ଟୁଇଟ କରି ପ୍ରଶାସନ ସହ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଗୁରୁବାର ବିଭାଗ ପକ୍ଷରୁ ଉକ୍ତ ସୌର ପାନୀୟ ଜଳ ପ୍ରକଳ୍ପ ସହ ନଳକୂପକୁ ମରାମତି କରା ଯାଇ ଥିବା ଦେଖିବାକୁ ମିଳିଛି। ପ୍ରକଳ୍ପ ମରାମତି ପରେ ଲୋକେ ପାଣିପାଇ ଖୁସି ବ୍ୟକ୍ତ କରିବା ସହ ସକାଳକୁ ଧନ୍ୟବାଦ ଜଣାଇଛନ୍ତି।




# ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ




**ସୁବଳୟା, ୪।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଅଧକ୍ଷ ତଥା ସଂସ୍କୃତ ବିଭାଗର ପ୍ରାଧ୍ୟାପକ ରମାକାନ୍ତ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତସଭାରେ କଳିଙ୍ଗା ମହାବିଦ୍ୟାଳୟ ଜି. ଉଦୟଗିରିର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ। ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ତଥା ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଭାକୁ ସାଂସ୍କୃତିକ ସଂସଦର ଉପସଭାପତି ତଥା ଅର୍ଥନୀତି ବିଭାଗର ଅଧ୍ୟାପକ ଦେବାଶିଷ ପ୍ରଧାନ ସଂଯୋଜନା କରିଥିବାବେଳେ ଓଡ଼ିଆ ବିଭାଗର ଅଧ୍ୟାପକ ବିଶ୍ୱରଞ୍ଜନ ସାହୁ ଓଡ଼ିଆ ସାହିତ୍ୟରେ ଗଙ୍ଗାଧରଙ୍କର ଅସ୍ମିତା ଉପରେ ବକ୍ତବ୍ୟ ରଖିଥିଲେ। ଅଧକ୍ଷ ଶ୍ରୀପୁରୋହିତ ତାଙ୍କ ବକ୍ତବ୍ୟରେ ସ୍ୱଭାବକବିଙ୍କ ସ୍ୱାଭାବିକତା ଓ ପ୍ରକୃତି ଚିତ୍ରଣ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଅର୍ପିତା ନାୟକ, ସବ୍‌ନମ୍‌ଶ୍ରୀ ସାହୁ ଅଧ୍ୟାପକ ସଞ୍ଜୟ କୁମାର ମେଣ୍ଡିଲୀ, ଓଁକୁମାର ପ୍ରଧାନ ଯୋଗ ଦେଇଥିଲେ। କଲେଜର କର୍ମଚାରୀ ଗୋପାଳ ଭୋଇ, ଦିଲୀପ କୁମାର ମେହେର, ଚନ୍ଦନ ମେହେର, ଶମ୍ଭୁ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନୁନହାଡ଼ ଗଜଲକ୍ଷ୍ମୀ ପୂଜାର କର୍ମକର୍ତ୍ତା ଚୟନ

**ବେଲପଡ଼ା, ୪।୯(ସମିସ) :** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ନୁନହାଡ଼ ଗ୍ରାମର ସ୍ଥାନୀୟ ପ୍ରହରୀ ମଣ୍ଡପରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଏଥିରେ ସଭାପତି ଭାବରେ ଗଣେଶ ମେହେର, ଉପସଭାପତି ନରେଶ ସାହୁ, ସମ୍ପାଦକ ସୂର୍ଯ୍ୟକାନ୍ତ ପୁଟେଲ, ସହସମ୍ପାଦକ ଉଗ୍ରେସନ ନାଏକ ଓ କୋଷାଧ୍ୟକ୍ଷ ରୋହିତ ବେହେରାଙ୍କୁ କମିଟିର ନିଷ୍ପତ୍ତିକ୍ରମେ ଚୟନ କରାଯାଇଛି।

# ରେଙ୍ଗାଲିରେ ନୂଆଁଖାଇ ଭେଟ୍‌ଘାଟ୍



**ଶଗଡ଼ା, ୪।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ଅଧୀନ ରେଙ୍ଗାଲି ଗ୍ରାମରେ ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ମହାସଂଘ ପକ୍ଷରୁ ବ୍ଲକସ୍ତରୀୟ ନୁଆଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗାଁ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ଗାଁ ପରିକ୍ରମା କରି ମଞ୍ଚରେ ପହଞ୍ଚି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବିଲୁପ୍ତ ହେବାକୁ ଥିବା ୫୦ରୁ ଊର୍ଦ୍ଧ୍ୱ ବିଲୁପ୍ତ ସାଂସ୍କୃତିକ ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ ଓ ମଞ୍ଚରେ ପାଲା - ଦଣ୍ଡ- ବିଣା କାରିଆ, -ନାମ ସଂକୀର୍ତନ ଭଳି ଅନେକ କଳା ପଦର୍ଶନ ହୋଇଥିଲା। ଗାଁ ଗହଳିରେ ଲୁଚି ଯାଉଥିବା କଳା, ପରମ୍ପରା, ସଂସ୍କୃତି, ପ୍ରତିଭା ଆଦିକୁ ପୂନଃ ଉଦ୍ଧାର ପାଇଁ ଏକ ଛୋଟିଆ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ମହାସଂଘ ସଭାପତି ରମେଶ ପ୍ରସାଦ ମେହେର ସୂଚନା ଦେଇଛନ୍ତି।

# ସାନଉଡେନରେ ବେଆଇନ କ୍ଲିନିକ୍

ପାଟଣାଗଡ଼, ୪।୯ (ସମିସ)









ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ମାଳ ମାଳ ବେଆଇନ କ୍ଲିନିକ ଚାଲିଥିବା ଅଭିଯୋଗ ହେଉଛି। ଲୋକଙ୍କ ଜୀବନ ସହ ଖେଳ ଖେଳି ଚିକିତ୍ସାକୁ ବ୍ୟବସାୟରେ ପରିଣତ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ଏହିଭଳି ଏକ ସଙ୍ଗୀନ ଅଭିଯୋଗ ଆସିଛି ପାଟଣାଗଡ଼ ଉପଖଣ୍ଡ ଲରମ୍ବା ଥାନା ଅଧୀନ ସାନଉଡେନ ଗାଁରୁ। ଏହି ଗାଁରେ ଥିବା ଏକ ଔଷଧ ଦୋକାନରେ ବେଆଇନ ଚିକିତ୍ସା କରାଯାଉଥିବା ଅଭିଯୋଗ ହୋଇଛି। ବାପ ପୁଅ ଏହିଭଳି ବେଆଇନ

## ନକଲି ଡାକ୍ତରଙ୍କ ଚିକିତ୍ସା ଅଭିଯୋଗ
## ବାହାରେ ଔଷଧ ଦୋକାନ, ଭିତରେ ବେଆଇନ ଚିକିତ୍ସା

ଚିକିତ୍ସା ଚଳାଇଥିବା ଅଭିଯୋଗ ହୋଇଛି। ଏହି ବେଆଇନ ଚିକିତ୍ସାକୁ କିଭଳି ବ୍ୟବସାୟରେ ପରିଣତ କରାଯାଉଛି ସେ ନେଇ ଗୁରୁବାର ଜଣେ ବ୍ୟକ୍ତି ସାନଉଡେନ ଗାଁର ଏହି କ୍ଲିନିକକୁ ଯାଇଥିଲେ। ସେ ଚିକିତ୍ସିତ ହୋଇ ଫେରିବା ପରେ 'ସକାଳ'କୁ ସୂଚନା ଦେଇ ଏହି କ୍ଲିନିକର ରହସ୍ୟ ଖୋଲିଛନ୍ତି।

ତାଙ୍କୁ ଜ୍ୱର ସହ ମୁଣ୍ଡ ବିନ୍ଧୁଥିଲା। ସେଥିପାଇଁ ସେ କ୍ଲିନିକକୁ ଯାଇଥିଲେ। ଔଷଧ ଦୋକାନ ପଛପଟେ କ୍ଲିନିକ ଭଳି ସେଟଅପ୍ କରାଯାଇଛି। ସଙ୍ଗେ ସଙ୍ଗେ ତାଙ୍କୁ ୨ଟି ଇଞ୍ଜେକେସନ ଦିଆଯାଇଥିଲା। ଏହା ବାବଦକୁ ତାଙ୍କଠାରୁ ୨ ଶହ ଟଙ୍କା ନିଆଯାଇଥିଲା। ଘଣ୍ଟାଏ ପରେ ଇଞ୍ଜେକେସନ ପ୍ରଭାବରେ ତାଙ୍କ ମୁଣ୍ଡ ବୁଲାଇଥିବା ସହ ଦେହରୁ ଝାଳ ବାହାରିଥିଲା। ନିଶା ଘାରିଲା ଭଳି ଅନୁଭବ ହୋଇଥିଲା। ପରେ ଅନ୍ୟତ୍ର ଚିକିତ୍ସା ପରେ ସେ ଭଲ ହୋଇଥିବା କହିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ କିଭଳି ଏଠାରେ ବେଆଇନ ଚିକିତ୍ସା କରାଯାଉଛି। ଏଥିସହ ଭିତରେ କିଭଳି ଲୋକଙ୍କୁ ବେଆଇନ ଚିକିତ୍ସା କରାଯାଉଛି ଏହାର ଏକ ଭିଡିଓ ପ୍ରମାଣ ମଧ୍ୟ 'ସକାଳ' ହାତରେ ଲାଗିଛି। ଔଷଧ ଦୋକାନ ପଛପଟେ ଘର ଭିତରେ ବେଡ୍ ପକାଇ ଲୋକଙ୍କୁ ବେଆଇନ ଭାବେ ଇଞ୍ଜେକ୍ସନ ସହ ସାଲାଇନ ମଧ୍ୟ ଦିଆଯାଉଛି। ବେଆଇନ ଚିକିତ୍ସା ପରେ ତାଙ୍କ ଦୋକାନରୁ ଔଷଧ ମଧ୍ୟ ବିକ୍ରି କରାଯାଉଛି। ତେବେ ସ୍ୱାସ୍ଥ୍ୟ ବିଭାଗର ନିୟମନୁସାରେ ଜଣେ ବ୍ୟକ୍ତି ଲାଇସେନ୍ସ ନେଇ ଔଷଧ ବିକ୍ରି କରିପାରିବ। ସେଥିରେ ମଧ୍ୟ ଅନେକ ନିୟମାବଳୀ ରହିଛି। ତେବେ ଡାକ୍ତରଙ୍କ ବ୍ୟତୀତ ସାଧାରଣ ଲୋକ ଚିକିତ୍ସା କରିପାରିବେ ନାହିଁ। ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗର କଡ଼ା ନିର୍ଦ୍ଦେଶ ମଧ୍ୟ ରହିଛି। ହେଲେ ସାନଉଡେନ ଅଞ୍ଚଳର ଆଖ ପାଖ ଗାଁର ନିରୀହ ଲୋକଙ୍କୁ ଏହି କ୍ଲିନିକରେ ବେଆଇନ ଚିକିତ୍ସା କରାଯାଉଛି। ଏହାଫଳରେ ଲୋକେ ଖର୍ଚ୍ଚାନ୍ତ ହେବାସହ ବେଆଇନ ଚିକିତ୍ସା ଯୋଗୁଁ ଜୀବନ ମଧ୍ୟ ବିପଦରେ ରହିଥିବା ଅଭିଯୋଗ ହେଉଛି। ବେଆଇନ ଚିକିତ୍ସା ଯୋଗୁଁ କୌଣସି ଅଘଟଣ ହେଲେ ସେଥିପାଇଁ କିଏ ଦାୟି ରହିବ ବୋଲି ସାଧାରଣରେ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗ ବିଷୟରେ ସାନଉଡେନ ଗାଁର ସୁରେନ୍ଦ୍ର ମେହେରଙ୍କୁ ପଚାରିବାରୁ ସେ ଫାର୍ମାସିଷ୍ଟ କୋର୍ସ କରିଛନ୍ତି। ଡାକ୍ତରଙ୍କ ପରାମର୍ଶରେ ଇଞ୍ଜେକ୍ସନ ଦେଉଥିବା ସ୍ୱୀକାର କରିଛନ୍ତି। ତେବେ ସେଠାରେ କୌଣସି ଡାକ୍ତର ବସୁନାହାନ୍ତି। ଜଣେ ଫାର୍ମାସିଷ୍ଟ କ୍ଲିନିକ ଖୋଲି ଚିକିତ୍ସା କରିପାରିବେ ନାହିଁ। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରିବାରୁ ବେଆଇନ କ୍ଲିନିକ ବିଷୟରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ସାଲେପାଲି ଗାଁର ଜଣେ ବ୍ୟକ୍ତି ପଦ୍ମପୁର ଅଞ୍ଚଳର ଜଣେ କ୍ୱାକ୍‌ଙ୍କ ନିକଟରେ ଚିକିତ୍ସିତ ହୋଇ ଆଖି ବୁଜିଛନ୍ତି। ଏହିଭଳି ବେଆଇନ ଚିକିତ୍ସା ଯୋଗୁଁ ଲୋକଙ୍କ କୌଣସି ଅଘଟଣ ନ ଘଟୁ ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ଦୃଢ଼ ପଦକ୍ଷେପ ନେବା ଜରୁରି ହୋଇ ପଡ଼ିଛି।

### କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

# ସାର ଯୋଗାଣ ନ ହେଲେ ଆନ୍ଦୋଳନ ଚେତାବନୀ

**ଶଗଡ଼ା, ୪।୯(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ୟୁରିଆ ସାର ଯୋଗାଣ ଦାବିନେଇ କଣ୍ଟାମାଳ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଣ୍ଟାମାଳ ବ୍ଲକ ଅଞ୍ଚଳରେ ୟୁରିଆ ସାରର ଆକାଶ ଛୁଆଁ ଦର ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଧାନ ଚାଷ ପାଇଁ ୟୁରିଆ ସାରର ନିହାତି ଆବଶ୍ୟକତା ରହିଥିବା ବେଳେ ଯଦି ଚାଷୀକୁ ୟୁରିଆ ସାର ୧୦ଦିନ ଭିତରେ ଯୋଗାଇ ଦିଆ ନ ଯାଏ ଚାଷୀର ଧାନ ଚାଷ ପ୍ରଭାବିତ ହେବା ସହ ଚାଷୀ କ୍ଷତିଗ୍ରସ୍ତ ହେବବୋଲି ଅଭିଯୋଗ କରିଛନ୍ତି। କଣ୍ଟାମାଳ ଅଞ୍ଚଳରେ ଥିବା ପାକ୍ସ ଓ ସ୍ୱିକୃତୀପ୍ରାପ୍ତ ସାର ବ୍ୟବସାୟୀମାନେ ଚାଷୀଙ୍କ ଚାହିଦା ଅନୁଯାୟୀ ୟୁରିଆ ସାର ଯୋଗାଇ ପାରୁ ନାହାନ୍ତି। ଏଣୁ କଣ୍ଟାମାଳ ବ୍ଲକ କଂଗ୍ରେସ ତରଫରୁ ତୁରନ୍ତ ୟୁରିଆ ସାର ଚାଷୀଙ୍କୁ ଯୋଗାଇବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଯଦି ଚାଷୀଙ୍କ ଚାହିଦା ଅନୁଯାୟୀ ୟୁରିଆ ସାର ଯୋଗାଇ ଦିଆ ନ ଗଲେ ଚାଷୀଙ୍କ ହିତପାଇଁ ଆଗାମୀ ଦିନରେ କଣ୍ଟାମାଳ ବ୍ଲକ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି କଡ଼ାଚେତାବନୀ ଦେଇଛନ୍ତି।



# ସ୍ୱାମୀ ହତ୍ୟାକାରୀ ସ୍ତ୍ରୀକୁ ଗିରଫ ଦାବିରେ ଲୋକ ଥାନାର ଦ୍ୱାରସ୍ଥ

**ମୁରିବାହାଲ, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ମାଲିଶିରା ପଞ୍ଚାୟତ ଡେଙ୍ଗପଦର ଗ୍ରାମର ପରାଭୋଇ ପଡ଼ାରେ ସୋମବାର ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ସନ୍ତୋଷ ପରାଭୋଇ ହତ୍ୟାର ଶିକାର ହୋଇଛନ୍ତି। ତେବେ ଏହି ହତ୍ୟା ଘଟଣାରେ ସନ୍ତୋଷଙ୍କ ସ୍ତ୍ରୀ ଭବାନୀ ପରାଭୋଇଙ୍କ ସମ୍ପୃକ୍ତି ରହିଛି। ଏଣୁ ତାଙ୍କ ତୁରନ୍ତ ଗିରଫ କରାଯାଉ ବୋଲି ମୃତକଙ୍କ ପରିବାର, ସମ୍ପର୍କୀୟ ଓ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି। ଗୁରୁବାର ସେମାନେ ମୁରିବାହାଲ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସେମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସନ୍ତୋଷଙ୍କ ଜୀବନ ଯାଇଛି। ତେବେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ସମାଧାନ କରିବାକୁ ଆସି ସନ୍ତୋଷଙ୍କ ଶଳା ଓ ତାଙ୍କ ସାଙ୍ଗ ମିଶି ହତ୍ୟା କରି ଘଟଣା ସ୍ଥଳରୁ ଫେରାର ମାରିଥିଲେ। ଏହି ଘଟଣାରେ ପୁଲିସ ସନ୍ତୋଷଙ୍କ ଶଳା ଟିଟିଲାଗଡ଼ ଥାନା ମହୁଲପଡ଼ା ଗ୍ରାମର ମୁକେଶ ଭୋଇ (୨୩), ତାଙ୍କ ୨ ସାଙ୍ଗ ନାନାଝର ଗ୍ରାମର କରନ୍ ପ୍ରଧାନୀ(୨୨) ଓ ପଞ୍ଚା ଯାନୀ(୨୧)କୁ ଗିରଫ କରିଛି। ଏବେ ତାଙ୍କ ସ୍ତ୍ରୀକୁ ମଧ୍ୟ ଗିରଫ ଲାଗି ଦାବି ଉଠିଛି।

# ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଯୋଗାଭ୍ୟାସ

**ବୌଦ୍ଧ, ୪।୯ (ସମିସ):** ବୌଦ୍ଧ ବ୍ଲକ ଅଧୀନ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସଭାଗୃହରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷୟିତ୍ରୀ ସୁନୀତା ଦାସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ବିଭିନ୍ନ ରୋଗୀଙ୍କୁ ଯୋଗଦ୍ୱାରା କିପରି ବିଭିନ୍ନ ରୋଗ ଭଲହେବ ସେହି ଯୋଗାସନ ଗୁଡ଼ିକ ଅଭ୍ୟାସ କରାଇଥିଲେ। ସପ୍ତାହକୁ ୨ ଦିନ ଏହି ଯୋଗ ଶିବିର ଚାଲୁଥିବାବେଳେ ଲୋକ ଜାଣି ପାରୁ ନ ଥିବାରୁ କମ ସଂଖ୍ୟକ ରୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଯଦି ଏହି ଯୋଗ ଶିବିରକୁ ପ୍ରତି ଗାଁରେ ଥିବା ଗୁଡ଼ିଘରେ ଭ୍ରାମ୍ୟମାଣ ଯୋଗ ଶିବିର କରାଯାଆନ୍ତା ତେବେ ଏହା ଲୋକାଭିମୁଖୀ ହେବା ସହିତ ବହୁତ ରୋଗୀ ଉପକୃତ ହୁଅନ୍ତେ।



# ବରିଷ୍ଠ ନାଗରିକ ସଂଗଠନର ନୂଆଁଖାଇ ଭେଟ୍‌ଘାଟ୍

**ସୁବଳୟା, ୪।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଏରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରତାପ ଶଙ୍କର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ଶତପଥୀ ମଞ୍ଚାସୀନ ଥିଲେ। ଦୟାନିଧି ହୋତା ସ୍ୱାଗତ କରିଥିବା ବେଳେ କୃଷ୍ଣଚନ୍ଦ୍ର ମଲ୍ଲିକ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଦୀନବନ୍ଧୁ ମେହେର, ଜ୍ଞାନେନ୍ଦ୍ର ତ୍ରିପାଠୀ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ସନ୍ତୋଷ ଷଡ଼ଙ୍ଗୀ, ଅକ୍ଷୟ ମିଶ୍ର, ରାଧେଶ୍ୟାମ ପୁରୋହିତ, ଦିଲ୍ଲୀପ ତ୍ରିପାଠୀ, କାଳିଆ ପ୍ରଧାନ, ସୁରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବାସୁଦେବ ପଣ୍ଡା, ଚମରା ମହାକୁର, ଦିଲ୍ଲୀପ ମିଶ୍ର, ଗୋପୀନାଥ ମହାକୁର, ପ୍ରଶାନ୍ତ ସେଠୀ, ଅକ୍ରୂର ଦନ୍ତା, ଧୀରେନ୍ଦ୍ର ବାଘ, ଜମ୍ବେଶ୍ୱର ପ୍ରଧାନ, ରତ୍ନାକର ମହାକୁର, ଉମେଶ ରଥ, ସତ୍ୟ ନାରାୟଣ ନାୟକ, ବଳରାମ କାଣ୍ଡ, ଇନ୍ଦ୍ରଜିତ ପ୍ରମୁଖ, ଜୀତେନ୍ଦ୍ର ପ୍ରଧାନ, ଧନୁର୍ଦ୍ଧର ମିର୍ଦ୍ଧା, ନାରାୟଣ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା

**ବିନିକା, ୪।୯(ସମିସ):** ଭିନ୍ୟକ୍ଷମଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ସେମାନଙ୍କ ଆର୍ଥିକ ସ୍ଥିତି ଓ ସାଧରଣ ଜୀବନ ଯାପନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଆସୁଛନ୍ତି। ହେଲେ ପ୍ରଶାସନିକ ଅବହେଳା ଯୋଗୁଁ ସରକାରଙ୍କ ଏହି ଯୋଜନାର ସୁଫଳ ପାଇବାରୁ ଭିନ୍ନକ୍ଷମମାନେ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଯାହାର ଉଦାହରଣ ଆଜି ବିନିକା ଆରଏମସି ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଦେଖିବାକୁ ମିଳିଛି। ବିଗତବର୍ଷ ମାନଙ୍କରେ ଆୟୋଜିତ ଏହି ଶିବିରରେ ହଜାର ହଜାର ବ୍ୟକ୍ତି ନାମ ପଞ୍ଜୀକରଣ କରି ନିଜର ଶାରୀରିକ ସମସ୍ୟା ଦେଖାଉଥିଲେ। ହେଲେ ଚଳିତବର୍ଷ ଆୟୋଜିତ ହୋଇଥିବା ଏହି ଶିବିର ପାଇଁ ପ୍ରଚାରପ୍ରସାର ଅଭାବରୁ ପୂର୍ବବର୍ଷ ଠାରୁ କମ୍ ସଂଖ୍ୟକ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମମାନେ ଠିକ୍ ଭାବରେ ଦେଖାଇ ନ ପାରି ହଇରଣ ହେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଆବଶ୍ୟକୀୟ ହ୍ୱିଲଚେୟାର ନଥିବାରୁ କେତେକ ଭିନ୍ନକ୍ଷମ ଚାଲି ନପାରି ଶୋଇ ରହୁଥିଲେ ତ ଆଉ କିଏ ସେଠାରେ ହିଁ ବସି ରହୁଥିବା ଦେଖିବାକୁ ମିଳିଥିଲା। ପଞ୍ଜିକରଣସ୍ଥଳକୁ ବହୁ କଷ୍ଟରେ ଯିବା ଆସିବା କରୁଥିବା ଦେଖା ଯାଉଥିଲା। ସେହିପରି ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ପିଇବା ପାଣି ବ୍ୟବସ୍ଥା ଥିବା ଏବଂ ଅନ୍ୟ କାଉଣ୍ଟର ସ୍ଥାନରେ ପାଣିର ସୁବିଧା ନ ଥିବାରୁ ଭିନ୍ନକ୍ଷମମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେହିପରି ପ୍ରଶାସନ ତରଫରୁ ଖାଇବା ବ୍ୟବସ୍ଥା ହୋଇଥିଲା ସତ, ହେଲେ କେହି ଖାଇ ନପାରି ଭୋକ ଉପାସରେ ଫେରୁଥିବା ଦେଖିବାକୁ ମିଳିଥିଲା। କେତେଜଣ ଭିନ୍ନକ୍ଷମ ପଞ୍ଜୀକରଣ କଲେ ଓ ଡାକ୍ତରଙ୍କ ପରାମର୍ଶ ନେଲେ ବୋଲି ବିନିକା ବିଡିଓ ମଣ୍ଟୁ ଖମାରୀଙ୍କୁ ପଚାରିବାରୁ 'ମୋ ପାଖରେ ଡାଟା ନାହିଁ, ବିଏସ୍‌ଏସ୍‌ଓଙ୍କୁ ପଚାରନ୍ତୁ' ବୋଲି କହିଥିଲେ। ବିଏସ୍‌ଏସ୍‌ଓଙ୍କୁ ଯୋଗାଯୋଗ କରିବାରୁ ଫୋନ୍ ବନ୍ଦ ଥିବାରୁ ଡାଟା ମିଳିପାରି ନାହିଁ।



# ପରିବହନ ଠିକାଦାର ବିରୋଧରେ ଟ୍ରକ୍ ମାଲିକ ଥାନାର ଦ୍ୱାରସ୍ଥ

ବଲାଙ୍ଗିର, ୪।୯ (ସମିସ)

ବଲାଙ୍ଗିର ଟ୍ରକ୍ ମାଲିକ ସଂଘ ଭଡ଼ା ଟଙ୍କା ପାଇଁ ଥାନାର ଦ୍ୱାରସ୍ଥ ହୋଇଛି। ୩ ବର୍ଷ ହେଲା ପରିବହନ ଠିକାଦାରଙ୍କ ପାଖରୁ ଟ୍ରକ୍ ଭଡ଼ା ନ ପାଇ ସମ୍ପୃକ୍ତ ଠିକାଦାରଙ୍କ ନାମରେ ସଂଘ ସଦର ଥାନାରେ ଲିଖିତ ଅଭିଯୋଗ କରିଛି।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ପରିବହନ ଠିକାଦାର ସନତ ପ୍ରଧାନ ଓ ଏଜେଣ୍ଟ ଜୁନାଗଡ଼ର ନିରଞ୍ଜନ ଶତପଥୀ ୨୦୨୨-୨୩ରେ ବଲାଙ୍ଗିର ସଦର ଥାନା ଛୁଇବନ୍ଧ ଛକସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରରୁ ଚାଉଳ ଉଠାଇବାକୁ ନିୟୋଜିତ ହୋଇଥିଲେ। ବଲାଙ୍ଗିର ଟ୍ରକ୍ ମାଲିକ ସଂଘ ସଦସ୍ୟଙ୍କ ଟ୍ରକ୍‌ରେ ଚାଉଳ ପଠାଯାଇଥିଲା। ତେବେ ୨୦୨୨୩ରୁ ପରିବହନ ଭଡ଼ା ବାବଦକୁ ପ୍ରାୟ ୭ ଲକ୍ଷ ୫୦ହଜାର ଟଙ୍କା ବକେୟା ରହିଛି। ଭଡ଼ା ଟଙ୍କା ମାଗିଲେ ଦେବା ବଦଳରେ ସେମାନେ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହ ଧମକଚମକ ଦେଉଥିବା ଟ୍ରକ ମାଲିକ ସଂଘ ସଭାପତି ବିରେନ୍ଦ୍ର ମିଶ୍ର ଅଭିଯୋଗ କରିଛନ୍ତି। ଏହାକୁ ନେଇ ସଭାପତି ଓ ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଟ୍ରକ୍ ମାଲିକମାନେ ବଲାଙ୍ଗିର ସଦର ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଟ୍ରକ୍ ମାଲିକ ସଂଘ ଦାବି କରିଛି। ଭାଗୀରଥୀ ପଣ୍ଡା, ଦିଲୀପ ସେଠ, ସନତ ପୁରୋହିତ, ପୀତବାସ ପଧାନ, ସନ୍ତୋଷ ସାହୁ, ଚନ୍ଦ୍ର ମିଶ୍ର, ଭାଗୀରଥି ପ୍ରଧାନ,

## ମିଳୁନି ଭଡ଼ା ଟଙ୍କା

ଭଗବାନ ସାହୁ, ସୀତାକାନ୍ତ ପଟେଲ, ସାଜିଦ୍ ଖାନ୍, ବାସୁଦେବ ନାଥ, ଶିବ ପ୍ରସାଦ ପ୍ରଧାନ, ପ୍ରମୋଦ ସାଏ, ସିନ୍ଧୁ ଅଗ୍ରୱାଲ, କ୍ରିଷ୍ଣା ମହତୋ ପ୍ରମୁଖ ଟ୍ରକ୍ ମାଲିକ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ସଦର ପୁଲିସ ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ରାଜ ବିଶ୍ୱାଳ ସୂଚନା ଦେଇଛନ୍ତି।



# ବଡ଼ଅଙ୍କରିଆରେ ନୂଆଁଖାଇ ଭେଟ୍‌ଘାଟ୍



**ସୁବଳୟା, ୪।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ବଡ଼ଅଙ୍କରିଆ ଠାରେ ମା'ନାରାୟଣୀ ଯୁବକ ସଂଘ ପକ୍ଷରୁ ଅଷ୍ଟମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଜାତି ବର୍ଗର ଲୋକ ସମବେତ ହୋଇ ପରସ୍ପର ଭେଟ ହେବା ସହ ପାରମ୍ପରିକ ନୃତ୍ୟ ଗୀତର ମଜା ନେଇଥିଲେ। ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତୀବାସ ମିଶ୍ର, ଯୁବନେତା ଶିବୁ ତରାଇ, ନିବେଦିତା ମିଶ୍ର, ସରପଞ୍ଚ ଅଶୋକ ପଣ୍ଡା, ବ୍ରଜେଶ୍ୱର ଅଦରକୁଲିଆ, ରଞ୍ଜିତ କୁମାର ରଥ, ମେଟାକାନୀ ମନ୍ଦିର ପରିଚାଳକ ବିହାରୀ ଲାଲ ମିଶ୍ର, ଶିକ୍ଷକ ପବିତ୍ର ପାତ୍ର, ରାମେଶ୍ୱର ପଧାନ ପ୍ରମୁଖ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ଦଳାଇ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ରାମଶଙ୍କର ପାତ୍ର ଓ ଦୀପକ ଅଦରକୁଲିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କୃଷିମନ୍ତ୍ରୀଙ୍କ ଜିଲ୍ଲାରେ କଷ୍ଟରେ କୃଷକ

**ବଲାଙ୍ଗିର, ୪।୯ (ସମିସ)**

ସାରା ରାଜ୍ୟରେ ସାରକୁ ନେଇ ଚିନ୍ତାରେ ରହିଛି ଚାଷୀ। ଚଳିତ ଖରିଫରେ ସାର କଳାବଜାର ଚରମସୀମାରେ ପହଞ୍ଚିଥିବା ବେଳେ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ବିରୋଧୀ ଘେରିବା ଆରମ୍ଭ କରିଛନ୍ତି। ତେବେ କୃଷିମନ୍ତ୍ରୀଙ୍କ ଜିଲ୍ଲାରେ ଏବେ ଚାଷୀ ହରଡଘଣାରେ ରହିଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ବର୍ଷାଭାବ ଯୋଗୁଁ ଚାଷୀ ହତାଶ ହୋଇଥିବା ବେଳେ ଅନ୍ୟପଟେ ସାର କଳାବଜାର ଚାଷୀକୁ ଚିନ୍ତାରେ ପକାଇଛି। ଜିଲ୍ଲାରେ ଦୁଇ ଗୁଣା ଦରରେ ସାର ବିକ୍ରି ହେଉଥିବା ବେଳେ କୃଷିମନ୍ତ୍ରୀ ବିଭିନ୍ନ ସମୟରେ ବଡ ବୟାନ ଦେଉଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ନିଜ ଜିଲ୍ଲାରେ ଚାଲିଥିବା ଅନିୟମିତତା ଉପରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ବେଳେ ସାର ସମସ୍ୟାର ସମାଧାନ ଦିଗରେ ମଧ୍ୟ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

ଗତ କିଛି ଦିନ ତଳେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏକ ସମୀକ୍ଷା ବୈଠକରେ ବଲାଙ୍ଗିର ଜିଲ୍ଲାରେ ସାରକୁ ନେଇ ଚାଲିଥିବା କାରସାଦି ଉପରେ ଅଭିଯୋଗ କରିଥିଲେ। ତାଙ୍କ କହିବା ଅନୁସାରେ ନିକଟସ୍ଥ ସୋନପୁର ଜିଲ୍ଲାରେ ପ୍ରାୟ ୪୦ରୁ ୫୦ ପ୍ରତିଶତ ସାର ପେକ୍ସ ଜରିଆରେ ଚାଷୀଙ୍କୁ ପ୍ରଦାନ କରାଯାଉଛି। ପେକ୍ସ ଜରିଆରେ ସାର

**ଏପଟେ ବର୍ଷାଭାବ ସେପଟେ ସାରକୁ ନେଇ ଚିନ୍ତାରେ ଚାଷୀ**

**ଚରମସୀମାରେ ସାର କଳାବଜାର**

**ସାର ଯୋଗାଣରେ ଘରୋଇ ବେପାରୀକୁ କୃଷି ବିଭାଗର ଗୁରୁତ୍ୱ**

**କୃଷିମନ୍ତ୍ରୀଙ୍କୁ ବଲାଙ୍ଗିର ବିଧାୟକଙ୍କ ଟାର୍ଗେଟ**

ଆଣିଲେ ଚାଷୀ ଉଚିତ ଦରରେ କିଣିବେ; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଥିବା ସେ ଅଭିଯୋଗ କରିଥିଲେ। ଜିଲ୍ଲାକୁ ଆସିଥିବା ସାରର ମାତ୍ର ୧୫ ପ୍ରତିଶତ ସାର ପେକ୍ସକୁ ଦିଆଯାଇଥିବା ବେଳେ ବାକି ସାର ସବୁ ଘରୋଇ ରିଟେଲର ଓ ହୋଲସେଲରଙ୍କୁ ବାଣ୍ଟି ଦିଆଯାଇଥିବା ଜଣାପଡ଼ିଛି। ଏହା ଫଳରେ ଚାଷୀ ଉଚିତ ଦରରେ ସାର ପାଇବା ବଦଳରେ ଅଧିକ ଦର ଦେଇ ଘରୋଇ ସାର ବେପାରୀଙ୍କ ପାଖରୁ କିଣୁଥିବା ଶ୍ରୀ ସିଂହଦେଓ ଅଭିଯୋଗ କରିଥିଲେ। ଏନେଇ ସେ ପରୋକ୍ଷରେ



କୃଷିମନ୍ତ୍ରୀଙ୍କୁ ଟାର୍ଗେଟ କରିବା ସହ ୫ ଦିନରେ ଏହାର ସମାଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇରହିଛି। ଯଦି ଜିଲ୍ଲାରେ ସାର ସ୍ଥିତିର ବାସ୍ତବିକ ଚିତ୍ର ଯଦି ଦେଖାଯାଏ ତେବେ ଜିଲ୍ଲାର କୌଣସି ବି ପେକ୍ସରେ ଆଉ ସାର ନାହିଁ। ଯାହାକିଛି ଅଛି ସବୁ ଘରୋଇ ହୋଲସେଲର ଓ ରିଟେଲରଙ୍କ ପାଖରେ ରହିଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି। ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ଚଳିତ ଖରିଫ ଚାଷ ପାଇଁ ୫୭ ହଜାର ୧୨୭ ମେଟ୍ରିକ ଟନ ସାର ଆସିଥିଲା। ଅଗଷ୍ଟ ୩୦ ତାରିଖ ସୁଦ୍ଧା ଜିଲ୍ଲାର ଘରୋଇ ହୋଲସେଲର ଓ ରିଟେଲରଙ୍କ ପାଖରେ ସମୁଦାୟ ୭ ହଜାର ୬୨ ମେଟ୍ରିକ ଟନ ସାର ମହଜୁଦ ରହିଛି। ଯେଉଁଥିରେ ୨୨୯୯.୮୭୧ ମେଟ୍ରିକ ଟନ ୟୁରିଆ, ୧୩୧୩.୮୫୫ ମେଟ୍ରିକ ଟନ ଡିଏପି, ୬୦୧.୧୧ ମେଟ୍ରିକ ଟନ ଏମଓପି, ୨୬୬୭.୯୧ ମେଟ୍ରିକ ଟନ ଏନପିକେଏସ ଓ ୧୭୯.୮୫ ମେଟ୍ରିକ ଟନ ଏସଏସପି ସାର ରହିଛି। ତେବେ ଜିଲ୍ଲାରେ ଚଳିତ ଖରିଫରେ ୧ ଲକ୍ଷ ୭୬ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥିବା ବେଳେ ବର୍ଷାଭାବ ଯୋଗୁଁ ଅନେକ ଚାଷୀଙ୍କ ଜମି ନଷ୍ଟ ହେବାରେ ବସିଛି। ଧାନ ଅମଳର କୌଣସି ଆଶା ନ ଥିବା ସତ୍ତ୍ୱେ ଚାଷୀ ବହୁ କଷ୍ଟରେ ସାର ଯୋଗାଡ କରି ଧାନଚାଷ ପାଇଁ ପରିଶ୍ରମ କରୁଛି। ଏମିତିରେ ସାର ବେପାରୀଙ୍କ ଦାଉ ଚାଷୀକୁ ଚିନ୍ତାରେ ପକାଇଛି। ଜିଲ୍ଲାର ପ୍ରାୟ ସମସ୍ତ ସାର ଦୋକାନରେ ସାର ଦର ଦୁଇ ଗୁଣା ରହିଥିବା ବେଳେ ଚାଷୀଙ୍କୁ କୌଣସି ପ୍ରକାର ବିଲ୍ ମଧ୍ୟ ଦିଆଯାଉନାହିଁ। ଏତେ ଅନିୟମିତତା ସତ୍ତ୍ୱେ କୃଷି ବିଭାଗ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ବି ସାର ଦୋକାନରେ ଚଢଉ କରାଯାଇନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏନେଇ ଯେତେବେଳେ ବି କୃଷି ବିଭାଗ ଅଧିକାରୀଙ୍କୁ ପଚାରିଲେ ଅଭିଯୋଗ ହୋଇନାହିଁ। ତେଣୁ ଚଢଉ ହୋଇନାହିଁ କହି ଖସି ଯାଉଥିବା ଦେଖିବାକୁ ମିଳିଛି। କୃଷିମନ୍ତ୍ରୀଙ୍କ ନିଜ ଜିଲ୍ଲା ବଲାଙ୍ଗିର ଜିଲ୍ଲାର ଯଦି ଏଭଳି ସ୍ଥିତି ତେବେ ଅନ୍ୟ ଜିଲ୍ଲା କଥା ପଚାରେ କିଏ। ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କୃଷି ବିଭାଗ ଯତ୍ନବାନ ହେବା ସହ ସାର ଅନିୟମିତତାକୁ ରୋକିବା ଦିଗରେ କଡା ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

## ସ୍କୁଟିରୁ ୨୦୦ ବୋତଲ କଫସିରପ ଜବତ



**ବଲାଙ୍ଗିର, ୪।୯ (ସମିସ):** ବଲାଙ୍ଗିର ସହରରେ ବେଆଇନ ଭାବେ କଫସିରପ ଚାଲାଣ ବେଳେ ଟାଉନ ପୁଲିସ ଚଢ଼ଉ କରି ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଗେଟ୍ ସରୋବର ପଡ଼ାର ସୁନିଲ ବଛା। ତାଠାରୁ ୨୦୦ ବୋତଲ କଫସିରପ ଜବତ ହୋଇଛି। ବଲାଙ୍ଗିର ସହର କଦମପଡ଼ା ନିକଟରେ ଏକ ସ୍କୁଟିରେ ଦୁଇ ଜଣ ଯୁବକ କଫସିରପ ଚାଲାଣ କରୁଥିବା ପୁଲିସ ଖବର ପାଇ ଚଢଉ କରିଥିଲା। ଘଟଣା ସ୍ଥଳରୁ ଜଣେ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ବେଳେ ସୁନିଲକୁ ପୁଲିସ କାବୁ କରିଥିଲା। ଏ ନେଇ ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଏହି କଫସିରପ କେଉଁଠୁ ଆସୁଥିଲା ତାକୁ ନେଇ ତଦନ୍ତ ଚାଲିଥିବା ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ବଦଳିଲେ ସଇଁତଳା, କଣ୍ଟାବାଞ୍ଜି ଥାନା ଅଧିକାରୀ

**ବଲାଙ୍ଗିର/କଣ୍ଟାବାଞ୍ଜି, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲାରେ ଗତ କିଛି ଦିନ ଭିତରେ ହୋଇଥିବା କିଛି ବିବାଦୀୟ ଘଟଣା ଯୋଗୁଁ ପୁଲିସ ଅଡୁଆରେ ପଡ଼ିଛି। ତେବେ ଏହି ବିବାଦ ଘଟଣାରେ କାର୍ଯ୍ୟାନୁଷ୍ଠାନ କ୍ରମେ ଦୁଇ ଥାନାର ଅଧିକାରୀଙ୍କୁ ବଦଳି କରାଯାଇଛି। ବଡ଼ମାଳ ଫାଣ୍ଡି ଅଧିକାରୀଙ୍କୁ ମାଡ ଘଟଣା ପରେ ସଇଁତଳା ଥାନା ଅଧିକାରୀଙ୍କୁ ବଦଳି କରାଯାଇଛି। ସେହିଭଳି କଣ୍ଟାବାଞ୍ଜି ଥାନା ଅଧିକାରୀଙ୍କ ସ୍ୱାମୀଙ୍କ ଦବଙ୍ଗଗିରି ଘଟଣା ସାମ୍ନାକୁ ଆସିବା ପରେ ତାଙ୍କୁ ଅନ୍ୟ ଥାନାକୁ ବଦଳି କରି ଜିଲ୍ଲା ମୁଖ୍ୟାଳୟର ଜଣେ ଅଧିକାରୀଙ୍କୁ ବଦଳି କରାଯାଇଛି। କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରାଙ୍କୁ ସଇଁତଳା ଥାନାକୁ ବଦଳି କରାଯାଇଥିବା ବେଳେ ସଇଁତଳା ଥାନା ଅଧିକାରୀ ସୁଶାନ୍ତ ବଡେଇଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ମୁଖ୍ୟାଳୟରେ ଥିବା ଗୋପାଳ କର୍ଣ୍ଣଙ୍କୁ କଣ୍ଟାବାଞ୍ଜି ଥାନା ଅଧିକାରୀ ଭାବେ ବଦଳି ହୋଇଛି। କିଛି ଦିନ ତଳେ ସଇଁତଳା ଥାନା ବଡ଼ମାଳ ଫାଣ୍ଡି ଅଧିକାରୀଙ୍କୁ କିଛି ଯୁବକ ଫାଣ୍ଡି ଭିତରେ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ତେବେ ସମ୍ପୃକ୍ତ ଯୁବକଙ୍କୁ ପୁଲିସ ଗିରଫ କରିବା ବଦଳରେ ପ୍ରଥମେ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଥିଲା। ତେବେ ଫାଣ୍ଡି ଭିତରେ ପଶି ଯୁବକଙ୍କ ଏହିଭଳି ଉତ୍ପାତ ଘଟଣା ଜିଲ୍ଲା ପୁଲିସର ଛବିକୁ ଖରାପ କରିଛି। ଏହି ଘଟଣାରେ ସଇଁତଳା ଥାନା ଅଧିକାରୀ ସୁଶାନ୍ତ ବଡେଇ ଯେଉଁଭଳି ଭାବେ କାର୍ଯ୍ୟାନୁଷ୍ଠାନ ନେବା କଥା ସେହିଭଳି ଭାବେ ନେଇ ନ ଥିବା ଆଲୋଚନା ହୋଇଥିଲା। ଏହାକୁ ନେଇ ସେ ବିବାଦୀୟ ରହିଥିଲେ। ସେହିପରି ଆଉ ଏକ ଘଟଣା ରେ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା ବିବାଦୀୟ ହୋଇଥିଲେ। ତାଙ୍କ ସେନା ଅଧିକାରୀ ସ୍ୱାମୀଙ୍କ ଦବଙ୍ଗଗିରି ଘଟଣାରେ ସେ ବିବାଦୀୟ ହୋଇଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କ ସ୍ୱାମୀ କଣ୍ଟାବାଞ୍ଜି ସହରର ଜଣକୁ ମାଡ ମାରିବା ଘଟଣାକୁ ନେଇ ବିବାଦ ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ଏସଡିପିଓ, ଥାନା ଅଧିକାରୀଙ୍କୁ ଘେରିଥିଲେ। ଏହି ଘଟଣାକୁ ନେଇ ଶ୍ରୀମତି ବେହେରା ବିବାଦୀୟ ହୋଇଥିଲେ। ତେବେ ଏହି ଦୁଇ ଘଟଣା ପରେ ପୁଲିସ ଛବି ସୁଧାରିବା ପାଇଁ ଦୁଇ ଅଧିକାରୀଙ୍କୁ ବଦଳି କରାଯାଇଛି।

## ବରକାନୀରେ ମଦପିଇ ଜଣେ ଗୁରୁତର, ଅନେକ ଅସୁସ୍ଥ

**ଦେଓଗାଁ, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଦେଓଗାଁ ମୁଖ୍ୟାଳୟ ସମେତ ଜରାସିଂହା ପଞ୍ଚାୟତର ବରକାନୀ ଅଞ୍ଚଳରେ ଏବେ ଅପମିଶ୍ରିତ ରନ୍ଧାଦେଶୀମଦ ଖୁଲମଖୁଲା ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏହି ମଦ କମ୍ ମୂଲ୍ୟରେ ମିଳୁଥିବାରୁ ଗାଁମାନଙ୍କରେ ଏହାର ଚାହିଦା ମଧ୍ୟ ରହିଛି। ଏହିମଦ ପିଇ ଜଣେ ବ୍ୟକ୍ତି ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଅନେକ ବ୍ୟକ୍ତି ଏହି ମଦ ପିଇ ଅସୁସ୍ଥ ଥିବା ଜଣା ପଡ଼ିଛି। ତେବେ କିଛିଦିନ ତଳେ ଗଣପର୍ବ ନୂଆଁଖାଇ ସରିଛି। ଏବେ ଗାଁ ଗାଁରେ ଛାଡଖାଇ ପାଳନ ଲାଗି ରହିଛି। ଏହାର ସୁଯୋଗରେ କିଛି ଅସାଧୁ ତଥା ଲାଭଖୋର ମନୋବୃତ୍ତି ରଖିଥିବା ବ୍ୟକ୍ତି ଅପମିଶ୍ରିତ ଦେଶୀ ଖୋଲା ମଦ ଓ ସ୍ପିରିଟମିଶା ନକଲି ବିଦେଶୀ ମଦ ବିକ୍ରି କରୁଛନ୍ତି। ଏଣୁ ଲୋକେ ଏହି ମଦକୁ ଚଢ଼ା ଦରରେ କିଣୁଥିବା ଅଭିଯୋଗ ହେଉଛି। ଦେଓଗାଁର କଛାରପାଲିଠୁ ଆରମ୍ଭ କରି କଲେଜଛକ ପର୍ଯ୍ୟନ୍ତ ଦେଶୀ/ବିଦେଶୀ ମଦ ବିକ୍ରି ହେଉଛି। ଏଥିଯୋଗୁଁ ଦିନକୁ ଦିନ ଗାଁରେ ପ୍ରତ୍ୟହ ଅଶାନ୍ତିର ବାତାବରଣ ବଢ଼ି ଚାଲିଛି।

## ଯୌନ ନିର୍ଯାତନା ସଚେତନତା ସମ୍ପର୍କିତ ଭିଡ଼ିଓ ପ୍ରଦର୍ଶିତ

**ଲୋଇସିଂହା, ୪।୯ (ସମିସ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ (ବାଣୀନିକେତନ, ରୋତ)ର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଆଇକ୍ୟୁଏସି ଦ୍ୱାରା ସ୍ମାର୍ଟ ହଲ୍‌ରେ ଯୌନ ନିର୍ଯାତନା ସଚେତନତା ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରୀମାନେ ଦୁଇଟି ସୋରେ ଏହାକୁ ଦେଖିଥିଲେ। ଯୌନ ନିର୍ଯାତନା କ'ଣ, ବିଭିନ୍ନ ପ୍ରକାରର ଯୌନ ନିର୍ଯାତନା ଓ ଯୌନ ନିର୍ଯାତନାର ଶିକାର ହେଲେ କଣ କରିବା ଉଚିତ ତାହା ଏହି ଭିଡ଼ିଓ ମାଧ୍ୟମରେ ଛାତ୍ରୀମାନଙ୍କୁ ଦେଖାଇ ସଚେତନ କରାଯାଇଥିଲା। ଏଥିରେ ଆଇସିସିର ସମ୍ପାଦକ ଡକ୍ଟର ଭୁରିଶ୍ରବା ମାଝୀ, ସଦସ୍ୟ ଡକ୍ଟର ଲିଙ୍ଗରାଜ ମେହେର ଓ ଅଧ୍ୟାପକ ନୀଳାମ୍ବର ବାରିକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମ୍ୟୁନିସିପାଲିଟି ଦାବିରେ ବିଜେଡିର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ



**କଣ୍ଟାବାଞ୍ଜି, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ମାନ୍ୟତା ଦାବି ନେଇ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ କରାଯାଇଛି। ସକାଳୁ ୬ଟାରୁ କଣ୍ଟାବାଞ୍ଜି ଇନ୍ଦ୍ରାଛକଠାରେ ବିଜେଡ଼ି ନେତାନେତ୍ରୀ ଏକତ୍ରିତ ହୋଇଥିଲେ। ସମସ୍ତେ କଣ୍ଟାବାଞ୍ଜି ସହର ବୁଲି ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ଏହାପରେ ଇନ୍ଦ୍ରାଛକଠାରେ ଏକ ପ୍ରତିବାଦ ସଭା କରିଥିଲେ। ଏକ ବିରାଟ ବାଇକ୍ ଶୋଭାଯାତ୍ରା କରି ସହରର ମୁଖ୍ୟ ମାର୍ଗ ଦେଇ କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତହସିଲଦାର ବିଶ୍ୱନାଥ ଖାଲଖୋଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବନ୍ଦ ପାଳନ ସମୟରେ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର ସହ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଯଦି ତୁରନ୍ତ କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି କରା ନ ଯାଏ ତେବେ ଆନ୍ଦୋଳନ ଆହୁରି ଜୋରଦାର କରିବାକୁ ବିଜେଡ଼ି ନେତ୍ରୀ ନିରୁପମା ମାଝୀ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ନେତା ଗିରିରାଜ ସିଂ ମାଝୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରାଜୁ ଘିବେଲା, ମୁରିବାହାଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ହଂସରାଜ ଜୈନ, ପିଙ୍କି ଖର୍ସେଲ, ଦେବରାଜ ଯାଦବ, ଦେବାର ବାରିକ, କିଶୋର ମଜଖଣ୍ଡ, ବିଷ୍ଣୁ ପ୍ରସାଦ ୟୁଏଡ, ଦୀପକ ଘିବେଲା, ବିଟୁ ସଂଘା, ସୂର୍ଯ୍ୟପ୍ରତାପ ମିଶ୍ର, ଅସଦୁଲା ଖାନ, ଶ୍ରୀଧର ମାଝୀ, ଦୈତାରୀ ଭୋଇ, ରାମଚନ୍ଦ୍ର ରାୟ, ଶାନ୍ତନୁ ବିଭାର, ଅମିତ ସାହୁ, ପ୍ରେମିସ ବାଗ, ଅଶୋକ କୁଅଁର, ମହେନ୍ଦ୍ର ମାଝୀ, ଚମ୍ପେ ବାଗ, ମଣ୍ଟୁ ମହାନନ୍ଦ, ତପନ ବଏ, ଶେଷ ପୁଟେଲ, ବିଦେଶୀ ବେହେରା, ଲମ୍ବୁ ମହାନନ୍ଦ, କଶ୍ୟପ ସରାପ, ଯୁଧିଷ୍ଠିର ଭରାସଗ୍ରିଆ, ବିଶ୍ୱନାଥ ସାହୁ, ଫାଲଗୁନି ହାତୀ, ସଞ୍ଜୟ ସୁନା, ଏକୁ ବେହେରା, ସୁମନ ସେଠ, ତ୍ରିନାଥ ମାଝୀ, କାର୍ତ୍ତିକ ତାଣ୍ଡି, ବରୁଣ ଲୁହା, ପିଣ୍ଟୁ ଦୀପ, ତପନ ଦୀପ, ଗୋପାଳ ମେହେର, ସମ୍ଭୁ ମେହେର, କାହ୍ନା ଯରାଦବ, ସଚିନ ହଂସ, ଆଶିଷ ବେହେରା, ଅନୁପ ଖୁରାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଦେଓଗାଁରେ ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ପାଳନ



**ଦେଓଗାଁ, ୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ମୁଖ୍ୟାଳୟରେ ଗୁରୁବାର ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଛି। ସ୍ଥାନୀୟ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ହାଇସ୍କୁଲ ସମେତ, ସ୍ଥାନୀୟ ଆବାସିକ ବାଳିକା ଉଚ୍ଚବିଦ୍ୟାଳୟ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ଏକତ୍ରୀତ ହୋଇ ପରିକ୍ରମା କରିଥିଲେ। ଏବିଇଓ ଚୈତନ୍ୟ ଧରୁଆ, ବ୍ରାହ୍ମଣୀଯୋର ସିଆରସିସି ମଣ୍ଟୁ ସାମଲ, ସ୍ଥାନୀୟ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ଗୁରୁ, କଛାରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଇଁତଳା ବ୍ଲକସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଭଲିବଲ୍ ଚୟନ

**ସଇଁତଳା, ୪।୯ (ସମିସ):** କେରମେଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସଇଁତଳା ବ୍ଲକସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଭଲି ବଲ୍ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଇଁତଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ ଯୋଶୀ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ସମ୍ପାଦିକା ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ସଇଁତଳା ସରପଞ୍ଚ ସୁବ୍ରତ ନାଗ, କେରମେଲୀ ସରପଞ୍ଚ ଅଶୋକ ସାହୁ, କେରମେଲୀ ସ୍କୁଲ ସଭାପତି ଯଜ୍ଞେଶ୍ୱର ଦାଶ, ପ୍ରଧାନ ଶିକ୍ଷକ ସରୋଜ ମିଶ୍ର, କାନ୍ଧକେଲ ସ୍କୁଲ ପ୍ରଧାନ ଶିକ୍ଷକ ରାମଗୋପାଳ ଶର୍ମା ଖମାରି ସଭାରେ ମଞ୍ଚାସୀନ ଥିଲେ। ଏଥିରେ ୪ଟି ଜୋନରୁ ୭୦ଜଣ ବାଳକ, ବାଳିକା ଓ ୧୩ ଜଣ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। କେରମେଲୀ ଜୋନ ସମ୍ପାଦକ ପ୍ରଶାସନ ବାଗ, କସର ଜୋନ ସମ୍ପାଦକ ନରୋତ୍ତମ ମଲ୍ଲିକ, ଗାଣ୍ଡପତରାପାଲି ଜୋନ ସମ୍ପାଦକ ରଞ୍ଜିତ କୁଅଁର, ଟିକ୍ରାପଡ଼ା ଜୋନ ସମ୍ପାଦକ ଜିତେନ୍ଦ୍ର ସେଟଙ୍କ ତତ୍ତ୍ୱାବଧାନ ଆସିଥିବା ଟିମ୍‌ରୁ ପୁଇଁତଳା



ବ୍ଲକରେ ୧୦ରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଭଲିବଲ ଚାମ୍ପିଅନସିପରେ ଭାଗ ନେବା ପାଇଁ ବାଳକ ବିଭାଗରୁ ୯ ଜଣ ଓ ବାଳିକା ବିଭାଗରୁ ୯ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଥିଲା। ଏହି ଖେଳକୁ ଖେଳ ଶିକ୍ଷକ ବିନୋଦ ବିହାରୀ ବେହେରା, ପ୍ରଭୁଦତ୍ତ ଧାରୁଆ, ନିରୁପମ ଚାନ୍ଦ ସାହୁ, ସୁନୀଲ ମହାପାତ୍ର, ହିମାଂଶୁ ବିଶ୍ୱାଳ, ଗଗନ ବେହେରା, ଆଶୁତୋଷ ରାଜପଲିଆ ରାଜବିହାରୀ ବନଚୋର, ଦିନମଣୀ ପୋଢ଼ ପ୍ରମୁଖ ପରିଚାଳନା କରିଥିଲେ। ସୌମ୍ୟ ରଞ୍ଜନ ମହାନ୍ତି, ମୋନାଲିସା ମହାପାତ୍ର, ସବିତା ଏକ୍କା, ରଶ୍ମିତା ନାୟକ, ଅନୁପମ ମହାନ୍ତି ପରିଚାଳନାରେ ସାହାଯ୍ୟ କରିଥିଲେ। ରଞ୍ଜିତା ମିଶ୍ର ସ୍ୱାଗତ ଅଭିଭାଷଣ ଦେବା ସହ ବିବରଣୀ ପାଠ କରିଥିଲେ। ଖେଳ ଶିକ୍ଷକ ପ୍ରଶାସନ ବାଗ ଧନ୍ୟବାଦ ଦେଇ ଥିଲେ।

## ପ୍ରାକୃତିକ କୃଷି ଉପରେ ତାଲିମ





**ଖପ୍ରାଖୋଲ, ୪।୯ (ସମିସ):** ସ୍ଥାନୀୟ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତାଲିମ କକ୍ଷରେ ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସନ୍ତୋଷ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ତାଲିମଦାତା ରୁପେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯିନୀତା ବରୁଆ, ଅଭୟ ତ୍ରିପାଠୀ, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ ଯୋଗ ଦେଇଥିଲେ। ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ସମସ୍ତେ ଆଲୋଚନା କରିଥିଲେ। ଏହାସହ ସହ ସମସ୍ତେ ନିଜ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ଗୋମୂତ୍ର, ଗୋବର, ବିଭିନ୍ନ ଗଛର ପତ୍ର ବ୍ୟବହାର କରି ମାଟିର ଉର୍ବରକ ଓ ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟବହାର କଲେ ମାଟି, ପାଣି, ପବନ ଓ ପରିବେଶ ସୁସ୍ଥ ରହିବ। ଜୀବଜଗତ ସୁସ୍ଥ ରହିପାରିବେ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା। ମାନସ ଖମାରୀ ଓ ପରେଶ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥଲେ।




# ଅପରେସନ 'ପ୍ରହାର'ର ଗତି କୁଆଡ଼େ

**ବଲାଙ୍ଗିର, ୪।୯ (ସମିସ)**

ଅପରାଧୀ, ନିଶା ବେପାରୀଙ୍କୁ ସାବାଡ କରିବା ପାଇଁ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ପ୍ରଥମେ ଅପରେସନ 'ଗରୁଡ' ପରେ ଆରମ୍ଭ ହୋଇଥିଲା ଅପରେସନ 'ଗଜ'। ପରେ ଅବଶ୍ୟ ଏହାର ନାଁ ବଦଳି 'ପ୍ରହାର' ହୋଇଛି। ଏହି ଅପରେସନକୁ ନେଇ କିନ୍ତୁ ଏବେ ପ୍ରଶ୍ନ ଉଠିଛି। ଏହି ଅପରେସନ ଆରମ୍ଭ ହେବା ନେଇ ଗତ ୨୬ ତାରିଖରେ ନିଜେ ଆଇଜି ହିମାଂଶୁଲାଲ ବଲାଙ୍ଗିର ଆସି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଥିଲେ। ଅପରେସନରେ କିନ୍ତୁ ବଲାଙ୍ଗିର ପୁଲିସକୁ ସେହି ଅନୁସାରେ ଆଖିଦୃଶିଆ ସଫଳତା ମିଳିନି। ଯେଉଁ ସବୁ ଦିଗ ବିଷୟରେ ନିଜେ ଆଇଜି ସୂଚନା ଦେଇଥିଲେ ସେନେଇ କୌଣସି ସଫଳତା ଏଯାବତ ପୁଲିସକୁ ମିଳି ନ ଥିବା ବେଳେ ଏହି କିଛି ଦିନ ଭିତରେ ଛୋଟ ଛୋଟ ନିଶା ବେପାରୀଙ୍କୁ ପୁଲିସ ଗିରଫ କରିଥିବା ସୂଚନା ମିଳିଛି।

ବଡ ମାଛ ଧରିବା ପାଇଁ ରାଜ୍ୟ ପୁଲିସ ଅପରେସନ ପ୍ରହାରର ଜାଲ ପକାଇଛି। କିନ୍ତୁ ଏହି ଜାଲ ରେ ଏବେ ବି ବଲାଙ୍ଗିର ଜିଲ୍ଲାରେ ଗୋଟିଏ ବି ବଡ ମାଛ ପଡ଼ି ନ ଥିବା ବେଳେ କେରାଣ୍ଡି ଗୋଟାଇବାରେ ବ୍ୟସ୍ତ ରହିଛି ପୁଲିସ। ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପରେ ଅପରାଧୀଙ୍କୁ ସାବାଡ କରିବା ପାଇଁ ପୁଲିସ ଅପରେସନ 'ଗରୁଡ' ଆରମ୍ଭ କରିଥିଲା। ଏଥିରେ ବଲାଙ୍ଗିର ପୁଲିସର ପ୍ରଦର୍ଶନ ଭଲ ରହିଥିଲା। ଅନେକ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜିଲ୍ଲା ଦେଇ ଚାଲାଣ ହେଉଥିବା ନିଶାଦ୍ରବ୍ୟକୁ ଧରିବାରେ ମଧ୍ୟ ସଫଳ ହୋଇଥିଲା। ଗତ ୨୫ ତାରିଖ ପରେ ପୁଲିସ ବିଭାଗ ପକ୍ଷରୁ ଅପରେସନ 'ଗଜ' ଆରମ୍ଭ କରାଯାଇଥିଲା। ଗତ ୨୬ ତାରିଖରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ତାଙ୍କ କହିବା ଅନୁସାରେ ପ୍ରାୟତଃ ଅପରାଧ ପଛରେ ନିଶା କାରବାର ରହିଛି। ଏହା ଫଳରେ ଏହି ଅପରେସନରେ ନିଶା କାରବାରର ର୍‌ୟାକେଟ୍‌କୁ ସମ୍ପୂର୍ଣ୍ଣ ଭାବେ ସଫା କରିବା ଦିଗରେ ଏହି ଅପରେସନ କରାଯିବ ବୋଲି କହିଥିଲେ। ଛୋଟ ବେପାରୀଠାରୁ ଆରମ୍ଭ କରି ବଡ ବଡ ମାଫିଆ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଅପରେସନରେ ଗିରଫ କରାଯିବ ବୋଲି କହିଥିଲେ। ତେବେ ଏହି ସାମ୍ବାଦିକ ସମ୍ମିଳନୀକୁ ପ୍ରାୟ ଗୋଟିଏ ସପ୍ତାହ ବିତିସାରିଥିବା ବେଳେ ବଲାଙ୍ଗିର ପୁଲିସର ଗତିକୁ ନେଇ ପ୍ରଶ୍ନ ଉଠିଛି। ଅପରେସନ ଆରମ୍ଭ ସମୟରେ କେବଳ ତୁଷୁରା ଥାନା ଅଞ୍ଚଳରୁ ୧୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ପୁଲିସ କାହାକୁ ବି ଗିରଫ କରିପାରି ନ ଥିବା ବେଳେ ଆଜି ପର୍ଯ୍ୟନ୍ତ ମଧ୍ୟ ଗିରଫ କରିନାହିଁ। ଗଞ୍ଜେଇ କେଉଁଠୁ ଆସୁଥିଲା, କେଉଁଠାକୁ ଯାଉଥିଲା ସବୁ ସୂଚନା ସତ୍ତ୍ୱେ ଏବେ ବି ପୁଲିସ ହାତ ଖାଲି। ଏହା ବାଦ ଆଜି ପର୍ଯ୍ୟନ୍ତ କୌଣସି ବି ବଡ ଧରଣର ଚଢଉ ଜିଲ୍ଲାରେ ହୋଇ ନ ଥିବା ଜଣାପଡ଼ିଛି। କାଁ ଭାଁ କମ୍ ପରିମାଣର ନିଶା ଦ୍ରବ୍ୟ ଧରି କିଛି ଲୋକଙ୍କୁ ଗିରଫ କରାଯାଇଥିବା ଦେଖିବାକୁ ମିଳିଛି। ଟାଉନ ପୁଲିସ ଗୁରୁବାର ପ୍ରାୟ ଦୁଇ ଶହ ବୋତଲ କଫସିରପ ଧରିଥିବା ସୂଚନା ମିଳିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ବଲାଙ୍ଗିର ଜିଲ୍ଲା ବେଆଇନ ନିଶା କାରବାରର ହବ୍ ପାଲଟିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ କଫସିରପ, ଗଞ୍ଜେଇ ଆଣି ଗଚ୍ଛିତ ରଖି ତାକୁ ବିଭିନ୍ନ ଉପାୟରେ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ବସ୍, ଛୋଟ ଛୋଟ ଦାମୀ କାର, ବାଇକ, ଟ୍ରେନ ଯୋଗେ ଚାଲାଣ ହେଉଥିବା ବେଳେ ସ୍ୱତନ୍ତ୍ର ଅଭିଯାନ କରି ବି ପୁଲିସ ସେହି ବଡ ମୁଣ୍ଡ ପାଖରେ ପହଞ୍ଚି ନ ପାରିବା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଜିଲ୍ଲାରେ କୁଟିଆଠାରୁ ଆରମ୍ଭ କରି ହାତରନ୍ଧା ଅପମିଶ୍ରିତ ମଦ କାରବାର ମଧ୍ୟ ବୃଦ୍ଧି ପାଇଛି। ଢାବାରେ ଖୋଲାଖୋଲି ମଦ କାରବାର ଚାଲିଥିବା ବେଳେ ଗଳିକନ୍ଦି ଦୋକାନରେ ବେଶ୍ ସହଜରେ ନିଶା ବଟିକା, କଫସିରଫ, ଗଞ୍ଜେଇ ବିକ୍ରି ହେଉଛି। ତେବେ ପୁଲିସ ଯେଉଁ ଲକ୍ଷ୍ୟ ନେଇ ଏହି ଅପରେସନ ଆରମ୍ଭ କରିଥିଲା ସେହି ଲକ୍ଷ୍ୟ ସାଧିତ ହେବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଜିଲ୍ଲା ପୁଲିସ କେରାଣ୍ଡି ଗୋଟାଇବା ବଦଳରେ ବଡ ମାଛ ଧରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଅନ୍ୟଥା ଏହି ଅପରେସନ କେବଳ ଲୋକଦେଖାଣିଆ ବୋଲି ପ୍ରମାଣିତ ହେବ।

**ବଡ ନିଶା ମାଫିଆ ଛାଡି ଛୋଟ ବେପାରୀ ପଛରେ ପୁଲିସ**

**ଲକ୍ଷ୍ୟ ପୂରଣ ହେବ ନା ନାହିଁ ସନ୍ଦେହ**

## ଆର୍‌ଏସ୍‌ପିର ମେଧାବୃତ୍ତି ଯୋଜନାରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ

ରାଉରକେଲା,୪।୯ (ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ବିଭାଗ ଦ୍ୱାରା ୨୦୦୭-୦୮ ମସିହାରେ ଆରମ୍ଭ ହୋଇଥିବା ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ପାଶ୍ୱର୍ାଞ୍ଚଳର ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଉଛି। ଏହି ପଦକ୍ଷେପ ଅଧୀନରେ, ଉଚ୍ଚ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ୧୨ ହଜାର ଟଙ୍କା ଏବଂ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ୧୦ ହଜାର ୮୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏହି ଯୋଜନା ଅବହେଳିତ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଆର୍ଥିକ ବୋଝ ହ୍ରାସ କରି ଏବଂ କୌଣସି ବାଧା ବିନା ସେମାନଙ୍କର ପାଠପଢ଼ା ଜାରି ରଖିବାରେ ସକ୍ଷମ କରି ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

## ଚୋରି ଘଟଣାରେ ୩ ଗିରଫ



ରାଉରକେଲା,୪।୯ (ସମିସ): ପରିବାର ସଦସ୍ୟ ଘର କାମରେ ବ୍ୟସ୍ତ ଥିବାର ସୁଯୋଗ ନେଇ ଚୋରି କରିବା ଘଟଣାରେ ସେକ୍ଟର-୭ ଥାନା ପୁଲିସ ନାବାଳକ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସେକ୍ଟର-୧୭ ପାର୍କ ବସ୍ତିର ରୋହିତ କୁମ୍ଭାର (୨୦) ଓ ସେକ୍ଟର -୧୭, ବି/୬୪ ଘରର ପଛ ପାର୍ଶ୍ୱର ଅଜୟ ମୁନା (୩୩)। ସେମାନଙ୍କ ଠାରୁ ୪ଟି ଗ୍ୟାସ ସିଲିଣ୍ଡର, ୩ଟି ମୋବାଇଲ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ସେକ୍ଟର -୯, ଡି/ ୯୩୧ ଘରେ ବାସ କରୁଥିବା ଅମରନାଥ ଦଳାଇ ଗତ ୨୫ ଅଗଷ୍ଟ ଦିନ କୌଣସି କାମରେ ଘରୁ ବାହାରି ଯାଇଥିଲେ। ତେବେ ପରିବାର ସଦସ୍ୟ ଅନ୍ୟ କାମରେ ବ୍ୟସ୍ତ ଥିଲେ। ଶ୍ରୀ ଦଳାଇ ଘରକୁ ଫେରିବା ପରେ ଗ୍ୟାସ ସିଲିଣ୍ଡର ଓ ମୋବାଇଲ ନଥିବା ଜାଣିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ସତ୍ତ୍ୱେ କୌଣସି ସନ୍ଧାନ ପାଇ ନଥିଲେ। ଏନେଇ ୩ ସେପ୍ଟେମ୍ବରରେ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏ ନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ସଂପୃକ୍ତ ଜଣେ ନାବାଳକକୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିଲା ବେଳେ ଅନ୍ୟ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ବିନା ଗ୍ରାମସଭାରେ ଜମି ଅଧିଗ୍ରହଣକୁ ବିରୋଧ

ରାଉରକେଲା, ୪।୯ (ସମିସ):



ଲାଠିକଟା ବ୍ଲକ୍ ବଲାଣି ଗ୍ରାମ ପଞ୍ଚାୟତରେ ଏକ ଘରୋଇ କମ୍ପାନୀ ପକ୍ଷରୁ ହେବାକୁ ଯାଉଥିବା ବେଆଇନ ଜମି ଅଧିଗ୍ରହଣକୁ ବିରୋଧ କରାଯାଇଛି। ଏ ନେଇ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିସନର ଦୀନା ଦସ୍ତଗୀରଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ର ମୁତାବକ, ବଲାଣି ଗ୍ରାମର ପ୍ଲଟ ନଂ ୨, ଖାତା ନଂ ୧୨୬ରେ ଥିବା ୨୧ ଏକର ୩୫୦୦ ଡିସିମିଲ ଜମିକୁ ରାଉରକେଲାର ଏନଭାଇରୋ କେୟାର ଇନଫ୍ରାସଲୁସନ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀ ନେଇଥିବା ବେଳେ ଜମିର ମାପଚୁପ କରିବା ପାଇଁ ଦିନ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ତେବେ ଗ୍ରାମସଭାରେ ଜମି ମାପଚୁପ ପାଇଁ ହୋଇଥିବା ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ପୂର୍ବରୁ ମଧ୍ୟ ଲାଠିକଟା ତହସିଲଦାର ଓ ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦିଆଯାଇ ଥିଲା। ଏହାସହ ଦିଲ୍ଲୀ ଅନୁସୂଚିତ ଜନଜାତି ଜାତୀୟ କମିଶନ ଓ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ ପତ୍ର ଦାଖଲ ହୋଇଛି। ତେବେ ସମସ୍ତ ଅଭିଯୋଗର ଏପର୍ଯ୍ୟନ୍ତ କୌଣସି ଶୁଣାଣି ହୋଇନାହିଁ। ତେଣୁ ଏପରି ବେଆଇନ କାର୍ଯ୍ୟକୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି। ଏହି ଅବସରରେ ଗର୍ଜନ ସରପଞ୍ଚ ସଚିନ ଓରାମ, ସୁଇଡିହି ସରପଞ୍ଚ ଅରୁଣ କିସାନ, ମୁଣ୍ଡାଝର ସରପଞ୍ଚ ସକରି ଓରାମ, ଦଲକି ସରପଞ୍ଚ କନକ ଖାଲ୍‌ଖୋ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୟୁଜିଆଇ ଆଲୁମିନି ଆସୋସିଏସନ୍‌ର ରକ୍ତଦାନ ଶିବିର




ରାଉରକେଲା,୪।୯ (ସମିସ): ୟୁଜିଆଇ ଆଲୁମିନି ଆସୋସିଏସନ ଓ ରାଉରକେଲା ସରକାରୀ ଡାକ୍ତରଖାନାର ରକ୍ତଦାନ ୟୁନିଟ୍ ସହଯୋଗରେ ଏକ ରକ୍ତଦାନ ଶିବିର ୟୁଜିଆଇ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍‌ପିର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ, ୟୁଜିଆଇର ଅଧ୍ୟକ୍ଷ ପ୍ରଗତି ଦାସ ଯୋଗ ଦେଇଥିଲେ। ଶିବିରରେ ମୋଟ ୮୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅନୁଷ୍ଠାନର ସଭାପତି ଇଂ ଆଦିତ୍ୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଂ ଶୁଭେନ୍ଦୁ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଇଂ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଇଂ ବୈଲୋଚନ ସାମଲ, ଇଂ ବସନ୍ତ ସେନାପତି, ଇଂ ଲଳିତେନ୍ଦୁ ମିଶ୍ର, ଇଂ ପ୍ରତାପ କୁମାର ସ୍ୱାଇଁ, ଇଂ ତାପସ ଜେନା, ଇଂ ପ୍ରଭାତ ରଞ୍ଜନ ତ୍ରିପାଠୀ, ଇଂ. ମନୋଜ ମହନ୍ତ, ଇଂ. ପ୍ରଶାନ୍ତ ପାଣିଗ୍ରାହୀ, ଇଂ. ଅନାଦି ଚରଣ ବିଶ୍ୱାଳ, ଇଂ ହିମାଂଶୁ ପ୍ରଧାନ, ଇଂ. ସଂଜୀବ ମିଶ୍ର, ଇଂ. ଅମର ସାହୁ, ଶୁଭେନ୍ଦୁ ମାଝୀଙ୍କ ସମେତ ୟୁଜିଆଇ ଛାତ୍ର ସହଯୋଗ କରିଥିଲେ।

## ଦୁଇ ଲୁଟେରାଙ୍କୁ କୋର୍ଟ ଚାଲାଣ

କୁତ୍ରା,୪।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ରାଞ୍ଚିରୋଡ ପାଖରୁ ଦୁଇଜଣ ବନ୍ଧୁକଧାରୀ ଲୁଟେରାଙ୍କୁ ପୁଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିବା ସୂଚନା ପ୍ରଦାନ କରିଛି। ଖତକୁରବାହାଲ ଗ୍ରାମର କିଛି ଗୋରୁ ବେପାରି ଝରିଆବାହାଲରୁ ବୁଧବାର ରାତିରେ ଗୋରୁ ନେଉଥିବା ବେଳେ ରାଇବଗା ଥାନା ଅନ୍ତର୍ଗତ ସଲଙ୍ଗାବାହାଲ ଠାରେ ଦୁଇଟି ବାଇକରେ ୪ ଜଣ ଲୁଟେରା ବନ୍ଧୁକ ଧରି ଗୋରୁ ବେପାରିଙ୍କୁ ଧମକ ଚମକ ଦେଉଥିବା ବେଳେ ସମସ୍ତ ଗୋରୁ ବେପାରି ଏକତ୍ରୀତ ହୋଇ ସେମାନଙ୍କୁ ଘଉଡାଇବାରୁ ସେମାନେ ଫେରାର ହେଇଯାଉଥିଲେ।କୁତ୍ରା ଥାନା ରାଞ୍ଚିରୋଡ ଠାରେ ଦୁଇଜଣ ବାଇକରୁ ପଡିଯାଇଥିଲେ ଓ ଆଉ ଦୁଇଜଣ ଫେରାର ହୋଇଗଲେ।ପରେ ଗୋରୁ ବେପାରି ମାନେ ସେମାନଙ୍କୁ କାବୁ କରି ପୋଲିସକୁ ଜିମା ଦେଇଥିଲେ।ପୋଲିସ ସେମାନଙ୍କ ଠାରୁ ଗୋଟେ ବାଇକ ଓ ଗୋଟେ କାରବାଇନ ରାଇଫଲ ଜବତ କରିଥିବା ସୂଚନା ଦେଇଛି ପୋଲିସ।ଅଭିଯୁକ୍ତ ମାନେ ହେଉଛନ୍ତି ଝାରଖଣ୍ଡ ଅଞ୍ଚଳ ଠେଠେଟାଙ୍ଗରର ପଙ୍କଜ କୁମାର ପାଣ୍ଡେ ଓ ଅରବିନ୍ଦ ମିଞ୍ଜ। ଏହି ଅଭିଯୁକ୍ତ ମାନଙ୍କୁ ଝାରଖଣ୍ଡ ଅଞ୍ଚଳର ବବଲୁ ପାସୱାନ ପଠେଇଥିବା ପୋଲିସ ପ୍ରକାଶ କରିଛି।ଏହା ସହିତ ଘଟଣାର ଅଧିକ ତଦନ୍ତ କରୁଛି।

## ପ୍ରସ୍ତାବିତ ଝୁଲାପୋଲର ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ କେବେ

ରାଉରକେଲା, ୪।୯ (ସମିସ): ରାଉରକେଲାର ବ୍ରାହ୍ମଣୀ ନଦୀ ଉପରେ ପ୍ରସ୍ତାବିତ ବହୁ ପ୍ରତୀକ୍ଷିତ ବେଦବ୍ୟାସ ଝୁଲାପୋଲର ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ କେବେ ପ୍ରକାଶ ପାଇ କାର୍ଯ୍ୟକାରୀ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ ବେଦବ୍ୟାସ ବିକାଶ ମଞ୍ଚର ତରଫରୁ ରାଜ୍ୟ ସରକାରଙ୍କ ନିକଟରେ ଅତ୍ୟାଧୁନିକ ବେଦବ୍ୟାସ ଝୁଲାପୋଲ ସମେତ ୧୧ଟି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଥିଲା। ସେଥି ମଧ୍ୟରୁ ବହୁ ପ୍ରତୀକ୍ଷିତ ବେଦବ୍ୟାସ ଝୁଲାପୋଲ ପ୍ରକଳ୍ପକୁ ମୋହନ କୁମାର ମାଝି ସରକାର ଗତ ଅଗଷ୍ଟ ୮ ତାରିଖରେ ଅନୁମୋଦନ କରିଥିଲେ। ହେଲେ ଇତି ମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ବି ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ହୋଇନାହିଁ। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ବେଦବ୍ୟାସ ବିକାଶ ମଞ୍ଚ।



ବେଦବ୍ୟାସ ପୀଠର ସଙ୍ଗମ ସ୍ଥଳରେ ଶଙ୍ଖ, କୋଏଲ ଓ ସରସ୍ୱତୀ ୩ଟି ନଦୀର ସଙ୍ଗମ ସ୍ଥଳରୁ ଉତ୍ପତ୍ତି ହୋଇଛି ପୂଣ୍ୟତୋୟା ବ୍ରାହ୍ମଣୀ। କେବଳ ବର୍ଷାଦିନ ବ୍ୟତୀତ ସଙ୍ଗମ ସ୍ଥଳରେ ଜଳପ୍ରବାହ ନାମକୁ ମାତ୍ର ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଶଙ୍ଖ ସେତୁ, ନିର୍ମାଣାଧୀନ କୋଇଲି ସେତୁ ଏବଂ ଦ୍ୱିତୀୟ ବ୍ରହ୍ମଣୀ ସେତୁ ପରିମିତ ଅଂଚଳରେ ଏକ ଜଳଭଣ୍ଡାର ସୃଷ୍ଟି ସହିତ ନଦୀର ଉଭୟ ପାଶ୍ୱର୍ରେ ନଦୀବନ୍ଧ, ନଦୀବନ୍ଧ ଉପରେ ରାସ୍ତା, ପଥର ବନ୍ଧ ଏବଂ ପାହାଚ ନିର୍ମାଣ ପାଇଁ ବେଦବ୍ୟାସ ବିକାଶ ମଞ୍ଚ ସରକାରଙ୍କ ନିକଟରେ ଦାବି କରିଥିଲା। ଜଳ ସଂରକ୍ଷଣ ଦ୍ୱାରା ବେଦବ୍ୟାସ ପୀଠର ସୌନ୍ଦର୍ଯ୍ୟକରଣ, ପରିବେଶ ସନ୍ତୁଳନ, ପର୍ଯ୍ୟଟକଙ୍କ ପାଇଁ ନୌକାବିହାର ଏବଂ ମତ୍ସଜୀବୀଙ୍କ ପାଇଁ ଅର୍ଥ ଉପାର୍ଜ୍ଜନର ସୁଯୋଗ ସୃଷ୍ଟି ହେବ। ଏହି ସନ୍ଦର୍ଭରେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀ, ସୁନ୍ଦରଗଡ଼ ଜିଲ୍ଲାପାଳ, ମୁଖ୍ୟଯନ୍ତ୍ରୀ ତଥା ଅବବାହିକା ପରିଚାଳକ ଏବଂ ରାଉରକେଲା ଜଳସେଚନ ବିଭାଜନ ଅଧିକ୍ଷଣଯନ୍ତ୍ରୀ ଏବଂ ସୁନ୍ଦରଗଡ଼ ଜଳସେଚନ (ଆଇ. ବି.) ଅଧୀକ୍ଷଣଯନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦାବିର ପରିପୂରଣ ପାଇଁ ଆଜି ସର୍ଭେ କାର୍ଯ୍ୟର ପ୍ରାରମ୍ଭିକ ପ୍ରସ୍ତୁତି ପାଇଁ ସହାୟକ ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରମଣି ବାବୁଙ୍କ ତତ୍ତ୍ୱାବଧାନରେ ସହାୟକ ଯନ୍ତ୍ରୀ ଶେଷଦେବ ସେଠୀ ଏବଂ କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାଙ୍କ ସହିତ ବେଦବ୍ୟାସ ବିକାଶ ମଞ୍ଚର ସଭାପତି ବଦ୍ରୀନାରାୟଣ ପାଢ଼ୀ, ଉପସଭାପତି ହୃଷିକେଶ ବଳିୟାରସିଂହ, ରମାକାନ୍ତ ପାଣ୍ଡେ, ଇଂ ନରେନ୍ଦ୍ର କୁମାର ଦାଶ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ, ସମ୍ପାଦକ ବିଜୟ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ମଧୁସୂଦନ ସାହୁ, କେଦାରନାଥ ପାଢ଼ୀ, ଲକ୍ଷ୍ମୀନାରାୟଣ ମିଶ୍ର, ଦିବାକର ନନ୍ଦ, ଅଭିମନ୍ୟୁ ପାଢ଼ୀ ଏବଂ ଅଜୟ ପାଢ଼ୀ ପ୍ରମୁଖ ଉପଦେଷ୍ଟା ତଥା ଟ୍ରଷ୍ଟିଗଣ ତ୍ରିବେଣୀ ଘାଟ (ହା?ପକା ଘାଟ), ସର୍କିଟ ହାଉସ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଦ୍ୱିତୀୟ ବ୍ରହ୍ମଣୀ ସେତୁ ଅଂଚଳ ପରିଦର୍ଶନ କରିଥିଲେ। ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସବିଶେଷ ରିପୋର୍ଟ ପ୍ରସ୍ତୁତି ଯଥାଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି।

## ଶୋଭନୀୟ ଆନ୍ଦୋଳନର ବରିଷ୍ଠ ସଭ୍ୟ ନୀର ଭାଇଙ୍କ ତିରୋଧାନ

ରାଉରକେଲା,୪।୯ (ସମିସ): ପୂଜ୍ୟଶ୍ରୀ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଶୋଭନୀୟ ଆନ୍ଦୋଳନର ବରିଷ୍ଠ ସଭ୍ୟ ଏବଂ ରାଉରକେଲା ଶୋଭନୀୟଶିକ୍ଷାଶ୍ରମର ଶାଖା ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ବେହେରାଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଗୁରୁବାର ଅପରାହ୍ଣରେ ଦେହାନ୍ତ ହୋଇଯାଇଛି। ସେ ରାଉଲକେଲା ଇସ୍ପାତ କାରଖାନାର କର୍ମଚାରୀ ପଦରୁ ସ୍ୱେଚ୍ଛାକୃତ ଅବସର ନେଇ ସମାଜସେବାରେ ବ୍ରତୀ ରହିଥିଲେ। ତାଙ୍କର ଦୁଃଖଦ ବିୟୋଗରେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ସମ୍ପାଦିକା ଡକ୍ଟର ଅରୁନ୍ଧତୀ ଦେବୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ୩୫ଟି ଶୋଭନୀୟ ଶିକ୍ଷାଶ୍ରମ, ଆନ୍ଦୋଳନର ସଭ୍ୟସଭ୍ୟା, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶବାଧାର ଭୁବନେଶ୍ୱରରୁ ବାହାରି କଟକ ବିଡ଼ାନାସୀ ପୂଜ୍ୟ କୁମାର ଭାଇଙ୍କ ସ୍ମୃତିପୀଠକୁ ଅଣାଯାଇ ସେଠାରୁ ରାଉରକେଲା ଶୋଭନୀୟ ଶିକ୍ଷାଶ୍ରମ ଆଇପିଏଲ୍ ଏବଂ ଲାଠିକଟା ଶିକ୍ଷାଶ୍ରମକୁ ଶେଷ ଦର୍ଶନ ପାଇଁ ନିଆଯାଇ ବେଦବ୍ୟାସ ତ୍ରିବେଣୀ ସଙ୍ଗମ ଘାଟରେ ଆସନ୍ତା କାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ମିଳିଛି।



### ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବ ୬ରେ

# ୧୯୪୮ ଜଣଙ୍କୁ ମିଳିବ ଡିଗ୍ରୀ, ୯ ପ୍ରତିଷ୍ଠାନକୁ ସ୍ୱର୍ଣ୍ଣ ପଦକ

ରାଉରକେଲା,୪।୯ (ସମିସ):




ଆସନ୍ତା ୬ ତାରିଖ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନଆଇଟି)ର ୨୩ତମ ସମାବର୍ତ୍ତନ ଉତ୍ସବ ଏନ୍‌ଆଇଟିର ଭୁବନେଶ୍ୱର ବେହେରା ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବ୍ରଜେନ୍ଦ୍ର ପ୍ରତାପ ସିଂହ ଯୋଗଦେଇ ତାଙ୍କର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଏଲ୍ ଆଣ୍ଡ ଟିର ସିଏମ୍‌ଡି ତଥା ଏନ୍‌ଆଇଟି ରାଉରକେଲାର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଏସ୍. ଏନ୍ ସୁବ୍ରମଣ୍ୟମ୍ ଯୋଗଦେଇ ବକ୍ତବ୍ୟ ରଖିବେ। ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବର୍ତ୍ତନ ଉତ୍ସବ ଅବସରରେ ଏନ୍‌ଆଇଟିର ବିଭିନ୍ନ ବିଭାଗର ବିଦ୍ୟାର୍ଥୀଙ୍କୁ ଉପାଧି ପ୍ରଦାନ ସହ ପୁରାତନ ଛାତ୍ର(ଆଲମୁନି)ଙ୍କୁ ସମ୍ବର୍ଦ୍ଧିତ କରଯିବ। ଶିକ୍ଷାକ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଆଜି ଏ ନେଇ ରାଉରକେଲା ଏନ୍‌ଆଇଟି ସିନେଟ୍ ହଲ୍‌ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓ ସୂଚନା ଦେଇ କହିଲେ ଏହି ସମାବର୍ତ୍ତନ ଉତ୍ସବରେ ମୋଟ ୧୯୪୮ ଜଣଙ୍କୁ ଡିଗ୍ରୀ ଉପାଧି ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରେ ୪୭୧ ଜଣ ଝିଅ ରହିଛନ୍ତି ଯାହାକି ମୋଟ ଡିଗ୍ରୀ ଛାତ୍ରଛାତ୍ରୀଙ୍କର ୨୪. ୧୭ ପ୍ରତିଶତ। ଏତଦବ୍ୟତୀତ ସେମାନଙ୍କ ମଧ୍ୟରେ ୯ ଟି ପ୍ରତିଷ୍ଠାନ ସ୍ୱର୍ଣ୍ଣ ପଦକ, ୭ ଟି ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣ ପଦକ, ୯ ଟି ଏଣ୍ଡୋମେଣ୍ଟ ପଦକ ଏବଂ ୫୮ ଟି ରୌପ୍ୟ ପଦକ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ସେ କହିଲେ ଚଳିତ ବର୍ଷ ୮୧ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଉଛି, ଯେଉଁଥିରେ ବଙ୍ଗଳାଦେଶର ୨୦ ଜଣ, ସୁଦାନର ଜଣେ, ନେପାଳର ୩୨, ଯୁକ୍ତରାଷ୍ଟ୍ର ଆମେରିକାର ୪ ଜଣ, ଆଫଗାନିସ୍ତାନର ଜଣେ, ଭୁଟାନର ୩ ଜଣ, ଦକ୍ଷିଣ ଆଫ୍ରିକାର ଜଣେ ଏବଂ ଭାରତର ଏନ୍‌ଆରଆଇ (ଅଣ ଆବାସିକ ଭାରତୀୟ) ଆଦି ବିଦେଶରୁ ୧୯ ଜଣ ରହିଛନ୍ତି।

ସେହିପରି ଏନଆଇଟି ରାଉରକେଲାରୁ ପାଠପଢ଼ା ଶେଷ କରି ବିଭିନ୍ନ କ୍ଷେତ୍ରରେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ୪ ଜଣ ପୁରାତନ ଛାତ୍ର(ଆଲୁମିନି)ଙ୍କୁ ସମ୍ମାନିତ କରାଯିବ। ପିପିଆରସି ଅଧ୍ୟକ୍ଷ ପ୍ରଫେସର ଶିଶିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିନ ଏକାଡେମିକ୍ ପ୍ରଫେସର ଅଶୋକ କୁମାର ତୁରୁକ୍, କୁଳସଚିବ ପ୍ରଫେସର ରୋହନ ଧିମାନ, ପ୍ରଫେସର ରାଜୀବ ପଣ୍ଡା, ପ୍ରଫେସର ଅନିଲ ସିଂହ, ଲୋକ ସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା ଉପସ୍ଥିତ ଥିଲେ। ଏନ୍‌ଆଇଟି ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ ସହକାରୀ ପ୍ରଫେସର ଡକ୍ଟର ଓବିନୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

■ ଦୁଇ ଦିନରେ ଚାଲିଗଲା ଦୁଇ ଜୀବନ

## ଶବ ରଖି ଗ୍ରାମବାସୀଙ୍କ ଧାରଣା



କୋଇଡ଼ା,୪।୯ (ସମିସ): କୋଇଡ଼ା ଥାନା ଜେଏସ୍‌ଡବ୍ଲ୍ୟୁ ନାରାୟଣପୋଷ ଖଣି ସମ୍ମୁଖରେ ମହିଳାଙ୍କ ଶବ ରଖି ଖଣି ଘେରଉ କରିଛନ୍ତି ଗ୍ରାମବାସୀ। ଦୁର୍ଘଟଣାରେ ଦୁଇ ଦିନରେ ଅକାଳରେ ଚାଲିଯାଇଛି ଦୁଇଟି ଜୀବନ। ଏହାର ପ୍ରତିବାଦ କରିବା ସହ କ୍ଷତିପୂରଣ ଓ ପାର୍କିଂ ବ୍ୟବସ୍ଥା ଦାବି କରି ଗ୍ରାମବାସୀ ଏହି ଧାରଣା ଦେଇଛନ୍ତି। ଖଣି ଗେଟ୍ ସମ୍ମୁଖରେ ଧାରଣା ଦେବା ସହ ଦାବି ପୂରଣ ନ ହେଲା ଯାଏଁ ଏହା ଜାରି ରହିବ ବୋଲି କହିଛନ୍ତି ଆନ୍ଦୋଳନକାରୀ। ଫଳରେ ଖଣି ପରିବହନ ବନ୍ଦ ରହିଛି। ସୂଚନାଯାଯୀ ଏହି ଖଣି ଗେଟ୍‌କୁ ଲାଗି ରହିଛି ୫୨୦ ନମ୍ବର ଜାତୀୟ ରାଜପଥ। ଖଣି ପରିବହନ ପାଇଁ ୨୪ ଘଣ୍ଟା ଏଠାରେ ରାସ୍ତା ଜାମ୍ ଲାଗି ରହୁଥିବାରୁ ଦୈନନ୍ଦିନ ଦୁର୍ଘଟଣା ସହ ଜୀବନହାନି ହେଉଛି। ଏମିତିକି ଗତ ଦୁଇ ଦିନରେ ହାଇୱା ଗାଡ଼ି ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଗତକାଲି ଗ୍ରାମର ଜଣେ ମହିଳା ଖଣି ସମ୍ମୁଖରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଅବସ୍ଥାରେ ରାଉରକେଲା ସ୍ଥାନାନ୍ତର ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଶବ ରଖି ଗ୍ରାମବାସୀ ପାର୍କିଂ ବ୍ୟବସ୍ଥା ସହ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

## ଆରଏସପିରେ ପ୍ଲେଟ୍ ଟର୍ଣ୍ଣଓଭର ଡିଭାଇସ୍ ଉଦ୍‌ଘାଟିତ



ରାଉରକେଲା,୪।୯ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟ (ଏସପିପି) ବିଭାଗରେ ଏକ ନୂତନ ପ୍ଲେଟ୍ ଟର୍ଣ୍ଣଓଭର ଡିଭାଇସ୍ ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ପିଏମ୍ ଓ ଏସ୍‌ପିପି ବିଭାଗର ସିଜିଏମ୍ ଆର୍. କେ. ବିସାରେ ଏହି ଯନ୍ତ୍ରୋପୋକରଣର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସପିପି ବିଭାଗର ଜିଏମ ଇନ-ଚାର୍ଜ ପି. କେ. ପାଢ଼ୀଙ୍କ ସହିତ ଏସପିପି ଏବଂ ନୂତନ ପ୍ଲେଟ୍ ମିଲ୍ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ନୂତନ ଭାବରେ ସ୍ଥାପିତ ଉପକରଣଗୁଡ଼ିକ ବଟମ ଗ୍ରାଇଣ୍ଡିଂ ଏବଂ ନିରୀକ୍ଷଣ କାର୍ଯ୍ୟ ସମୟରେ ପ୍ଲେଟ୍ ଗୁଡ଼ିକର ସୁରକ୍ଷିତ ଏବଂ ଦକ୍ଷ ଘୂର୍ଣ୍ଣନକୁ ସହଜ କରିବ। ଏହା କାରଖାନା ମଧ୍ୟରେ ସୁରକ୍ଷା ବୃଦ୍ଧି, ଉତ୍ପାଦକତାରେ ଉନ୍ନତି ଏବଂ ମାନୁଆଲ୍ ହ୍ୟାଣ୍ଡେଲିଂ ବିପଦକୁ ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଆର୍‌ଏସ୍‌ପି ପକ୍ଷରୁ 'ପ୍ରସ୍ତାବକ ବୈଠକ'



ରାଉରକେଲା,୪।୯ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟରିଂ ବିଭାଗ (ଆଇଇଡି) ଦ୍ୱାରା ଆୟୋଜିତ "ପ୍ରସ୍ତାବକ ବୈଠକ'ରେ କର୍ମଚାରୀଙ୍କ ସୃଜନଶୀଳ ପ୍ରତିଭା ଓ ନବସୃଜନଶୀଳ ମନୋଭାବ ପ୍ରଦର୍ଶିତ ହୋଇଥିଲା। ଆର୍‌ଏସ୍‌ପି ଜ୍ଞାନାର୍ଜନ ଏବଂ ବିକାଶ (ଏଲଆଣ୍ଡବି) ବିଭାଗରେ ଅନୁଷ୍ଠିତ ଏହି ଅଧିବେଶନରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ୍ ପିକେ ସାହୁ ଅଧ୍ୟକ୍ଷତା କରିଥିବାବେଳେ ବିଇ, ଆଇଇଡି ଏବଂ ଏଚଏ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆରକେ ବର୍ମାଙ୍କ ସମେତ କାରଖାନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ୧୬ ଜଣ କର୍ମଚାରୀ ସେମାନଙ୍କର କାର୍ଯ୍ୟକାରୀ ହୋଇଥିବା ପ୍ରସ୍ତାବ ଉପସ୍ଥାପନ କରିବା ସହିତ ସେଗୁଡ଼ିକର ଗୁରୁତ୍ୱ ଓ ସେମାନଙ୍କ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଏହାଦ୍ୱାରା ପ୍ରାପ୍ତ ପ୍ରତ୍ୟକ୍ଷ ଲାଭ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଆଇଇଡି ଦ୍ୱାରା ଆୟୋଜିତ ହୋଇଥିଲା ବେଳେ ଏଥିରେ କାରଖାନାର ବିଭିନ୍ନ ବିଭାଗର କର୍ମଚାରୀ ସୃଜନୀ ପୁରସ୍କାର ଯୋଜନା ଅଧୀନରେ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ସେମାନଙ୍କର ଅଭିନବ ସମାଧାନ, ଧାରଣା ଏବଂ ଅଭ୍ୟାସଗୁଡ଼ିକୁ ପ୍ରଦର୍ଶନ କରିପାରିବେ ବୋଲି ମତ ଦେଇଥିଲେ। ଆଇଇଡି ବିଭାଗର ଡିଜିଏମ୍ ବି.କେ. ବେହେରା ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ସିନିୟର ମ୍ୟାନେଜର ଏସ୍‌ଏସ୍ ପୁନିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲା କଲେଜରେ ସାଇବର କ୍ରାଇମ୍ ସଚେତନତା



ରାଉରକେଲା,୪।୯ (ସମିସ): ସେକ୍ଟର-୪ସ୍ଥିତ ରାଉରକେଲା କଲେଜ ଓ ରାଉରକେଲା ପୁଲିସର ମିଳିତ ଆନୁକୂଲ୍ୟରେ ସାଇବର କ୍ରାଇମ, ଯୌନ ଉତ୍ପୀଡନର ପ୍ରତିରୋଧ ଓ ଏହାର ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଡ. ଶ୍ରାବଣୀ ନାୟକ ମୁଖ୍ୟ ଅତିଥି, ଡିଏସପି ଗୁରୁବାରୀ ହେମ୍ବ୍ରମ ଓ ସାଇବର ଡିଏସପି ସେରୋଫିନା ଖେସ୍ ସମ୍ମାନିତ ଅତିଥି ଓ ଅନ୍ୟତମ ଅତିଥି ଭାବେ ସେକ୍ଟର-୩ ଥାନାର ସବଇନ୍ସପେକ୍ଟର ଦୁର୍ଯ୍ୟୋଧନ ପ୍ରଧାନ ଓ ଏଏସଆଇ ବି. ଡି. ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡିଏସପି ଖେସ୍ ସାଇବର କ୍ରାଇମ ସମ୍ପର୍କରେ ଆଲୋଚନା କରିଥିଲେ। ମହିଳାମାନଙ୍କ ସୁରକ୍ଷା ପାଇଁ ମୋବାଇଲ ନମ୍ବର ୯୮୨୭୫୭୨୩୩୨ରେ ଯୋଗାଯୋଗ କରିବା ପାଇଁ କୁହାଯାଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ଜେନା ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଓ ଅଧ୍ୟାପକ କରୁଣାକର ପାଟଶାଣୀ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ପ୍ରାଧ୍ୟାପିକା ଭାରତୀ ବରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପିକା ବନ୍ଦନା ସୋରେନ୍, ଅଧ୍ୟାପକ ସିଦ୍ଧାର୍ଥ ସାହୁ, ଏଏସ୍‌ଆଇ ବି. ଡି. ଖିଲାର, କନେଷ୍ଟବଲ ଅଲିଭାଦୀପ୍ତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



# ଡ୍ରେନ୍ ନିର୍ମାଣ ଦାବିରେ ୯ ନମ୍ବର ୱାର୍ଡ ବାସିନ୍ଦାଙ୍କ ରାସ୍ତାରୋକ

**ବର୍ଷାରେ ଭାଙ୍ଗିଲା ଘର, ଘରେ ପଶିଲା ନାଳ ପାଣି**

ଦେବଗଡ଼,୪।୯ (ସମିସ):

ସାମାନ୍ୟ ବର୍ଷାରେ ଦେବଗଡ଼ ପୌରାଞ୍ଚଳ ୯ ନମ୍ବର ୱାର୍ଡରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ୱାର୍ଡରେ ତ୍ରୁଟିପୂର୍ଣ୍ଣ ଡ୍ରେନ ନିର୍ମାଣ ଯୋଗୁଁ ବର୍ଷା ଜଳ ଘର ଭିତରେ ଲହଡି ଭାଙ୍ଗିବା ସାଧାରଣ ଘଟଣା ପାଲଟିଛି। ଗତକାଲି ଅବିଶ୍ରାନ୍ତ ବର୍ଷା ପ୍ରଭାବରେ ୱାର୍ଡର ଅଧିକାଂଶ ଘରେ ନାଳ ପାଣି ଘର ମଧ୍ୟକୁ ପଶିବା ସହ ଦୁଇଟି ଘର ଭାଙ୍ଗିଥିବା ସୂଚନା ରହିଛି। ପ୍ରବଳ ବର୍ଷା ଯୋଗୁଁ ଲୋକଙ୍କ ଘରେ ରାତିରେ ଚୁଲି ଜଳି ନଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାର ବିରୋଧରେ



ଡ୍ରେନର ପୁନଃ ନିର୍ମାଣ ଦାବିରେ ସକାଳୁ ୱାର୍ଡ ବାସିନ୍ଦା ମାନେ ରାସ୍ତା ଅବରୋଧ କରିଥିଲେ। ନୂତନ ଡ୍ରେନ କାର୍ଯ୍ୟ ଆରମ୍ଭ ନ ହେବା ପର୍ଯ୍ୟନ୍ତ ସାହି ବାସିନ୍ଦା ରାସ୍ତାରେ ଧାରଣା ଦେଇଥିଲେ। ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପାଇଁ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଏସଡିପିଓ ରମେଶ ମାହାନା, ଥାନାଧିକାରୀ ସବ୍ୟସାଚୀ ଶତପଥୀ ଓ ପୌର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ପ୍ରମୁଖ ସାହି ବାସିନ୍ଦାଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ହେଲେ ସାହିବାସିନ୍ଦା ନୂତନ ଡ୍ରେନ କାର୍ଯ୍ୟ ଆରମ୍ଭ ନ ହେବା ଯାଏଁ ନିଜ ଜିଦରେ ଅଟଳ ରହିଥିଲେ। ପୌରାଧକ୍ଷ ପ୍ରଜିତ ଭୋଜ ରାଜସ୍ୱ ବିଭାଗ ଅଧିକାରୀଙ୍କ ସହ ଘରକୁ ଘର ବୁଲି କ୍ଷୟକ୍ଷତି ଆକଳନ କରିବାସହ ତ୍ରୁଟିପୂର୍ଣ୍ଣ ଡ୍ରେନକୁ ଖୋଳି ଜଳ ନିଷ୍କାସନ କରିଥିବା ଜଣାପଡିଛି। ସେହିପରି ପୌର ପରିଷଦ ପକ୍ଷରୁ ଡ୍ରେନ ଖୋଳା କାମ ଆରମ୍ଭ ପରେ ଦିନ ସାରା ଚାଲିଥିବା ରାସ୍ତାରୋକ ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଥିଲା। ୯ ନମ୍ବର ୱାର୍ଡର ପାନ ମୁଣ୍ଡା, ହୀନ ହସ୍ତୀ, ବିଦୁ ବାଗ, ଧର୍ମୁ ମହାନନ୍ଦ, ବଂଶୀଧର ମୁଣ୍ଡାଙ୍କ ସମେତ ଏକାଧିକ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୬ ନମ୍ବର ୱାର୍ଡର ରାଜୁ ଓରାମ, ଶୋଭା ପାତ୍ର, ପରମା ନାୟକ ଓ ବଳଦେବ ପାତ୍ର ପ୍ରମୁଖଙ୍କ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି।

## କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳିଲେ ଶିକ୍ଷୟିତ୍ରୀ

ବରଗଡ଼,୪।୯ (ସମିସ): ଆଧୁନିକ ଦୁନିଆରେ ନିଜ ଜନ୍ମ ଦିନ ପାଳନ କରିବା ପାଇଁ ଲୋକେ ବହୁତ ଟଙ୍କା ଖର୍ଚ୍ଚ କରି ବାର୍ଥଡେ ପାର୍ଟି ଆୟୋଜନ କରୁଛନ୍ତି। ଯେଉଁଥିରେ ସେମାନଙ୍କର ଷ୍ଟାଟସ ବା ସମ୍ଭ୍ରାନ୍ତତାର ଉତ୍କଟ ବାସ୍ନା ପରିଲକ୍ଷିତ ହୋଇଥାଏ। ହେଲେ ଆଧୁନିକତା, ଷ୍ଟାଟସ, ପାଶ୍ଚାତ୍ୟ ସଭ୍ୟତା ଠାରୁ ଅନେକ ଦୂରରେ ରହି ଏକ ନିଆରା ଢଙ୍ଗରେ ଜଣେ ଶିକ୍ଷୟିତ୍ରୀ ପାଳନ କରିଛନ୍ତି ତାଙ୍କର ଜନ୍ମଦିନ। ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅଧୀନ ଟୋପ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ, କବୟିତ୍ରୀ ତଥା ସମାଜ ସେବୀ ଅନୁସୂୟା ଦେବତା। ଅତି ନିରାଡମ୍ବର ଭାବେ ଏକ ଭିନ୍ନ ଚିନ୍ତାଧାରା ନେଇ ସେ ଅତାବିରା ଝାଉଁ ନଦୀ କୂଳରେ ଥିବା କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇ ସାଉଁଟିଛନ୍ତି ତାଙ୍କ ଅମୂଲ୍ୟ ଆଶୀର୍ବାଦ, ବାଣ୍ଟିଛନ୍ତି ଖୁସି।



ଅସାଧ୍ୟ କୁଷ୍ଠରୋଗରେ ଆକ୍ରାନ୍ତ ହୋଇ ନିଜ ଜନ୍ମ ମାଟି, ଗାଆଁ, ପରିବାର ଠାରୁ ବାସନ୍ଦ ହୋଇ ଅଭିଶପ୍ତ ଜୀବନ ଯାପନ କରୁଥିବା ସେମାନଙ୍କ ମୁହଁରେ ହସ ଟିକିଏ ଦେବା ତ ଦୂରର କଥା ତାଙ୍କ ପାଖକୁ ଯିବାକୁ ଲୋକେ ଘୃଣା କରିଥାନ୍ତି। ସେଇ ନିରସ ମୁହଁରେ ଟିକିଏ ହସ ଦେଇ, ତାଙ୍କର ଦୁଃଖ ସୁଖର ସାଥୀ ହୋଇ ରହିବା ପାଇଁ ସେ ଅନେକ ବର୍ଷ ହେଲା ଆପ୍ରାଣ ଚେଷ୍ଟା କରି ଆସୁଛନ୍ତି। ନିଜ ଜନ୍ମଦିନରେ ସେଇ ନାରାୟଣ ମାନଙ୍କୁ ନୂତନ ବସ୍ତ୍ର, ଶୁଖିଲା ଖାଦ୍ୟ ବଣ୍ଟନ କରି ତାଙ୍କ ସହ ସମୟ ବିତାଇ ଥିଲେ। ଏଥିରେ ସେ ଖୁବ ଆନନ୍ଦ ପାଆନ୍ତି ବୋଲି ଶିକ୍ଷୟିତ୍ରୀ ଜଣକ ପ୍ରକାଶ କରିଛନ୍ତି। ତାଙ୍କର ଏପରି ଜନ୍ମ ଦିବସ ପାଳନ ସମାଜକୁ ନୂତନ ବାର୍ତ୍ତା ପ୍ରଦାନ କରିଛି।

## 'ବିଦ୍ୟା' ପ୍ରକଳ୍ପ ଉଦ୍‌ଘାଟିତ



ଝାରସୁଗୁଡ଼ା,୪।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍‌ର ଖୈରକୁଣି ଆଞ୍ଚଳିକ ବିଦ୍ୟାଳୟରେ ଗୁରୁବାର 'ବିଦ୍ୟା' ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବେଦାନ୍ତ ଆଲୁମିନିୟମ୍‌ଙ୍କ ସମର୍ଥନରେ ଏବଂ ପ୍ରମୁଖ ସାମାଜିକ ସଂଗଠନ ଆଜକାଙ୍କ ପରିଚାଳନାରେ ଏହି ପ୍ରକଳ୍ପକୁ କାର୍ଯ୍ୟାନ୍ୱିତ କରାଯାଉଛି। କୁଡାଲୋଇ ଓ ଲଖନପୁର ଅଞ୍ଚଳର କିଛି ସରକାରୀ ବିଦ୍ୟାଳୟରେ ଅତିରିକ୍ତ ଶିକ୍ଷକଙ୍କ ନିଯୁକ୍ତି ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷା ମାନକୁ ଉନ୍ନତ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ୯ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଖୈରକୁଣି ଅଞ୍ଚଳିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକେଶ୍ୱର ସେଠ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବା ବେଳେ ପ୍ରମୁଖ ଅତିଥି ଭାବେ କୁଡାଲୋଇ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ସମ୍ମାନୀୟ ଅତିଥି ଭାବେ ୱେଦାନ୍ତା କୁଡାଲୋଇର ସିଏସଆର ମୁଖ୍ୟା ସଙ୍ଗୀତା ସାହୁ, ଏନଏସଆଇପିଏଲ ଅଫିସର କୈଳାଶ ଚନ୍ଦ୍ର ଆଚାର୍ଯ୍ୟ ଏବଂ ବିଦ୍ୟା ପ୍ରକଳ୍ପ ପ୍ରବନ୍ଧକ ଅଶୋକ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ, ଶିକ୍ଷକମାନେ ଓ ଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ା ଜିଲ୍ଲାରେ ମାଣ୍ଡିଆ ସଚେତନତା ରଥର ଉଦ୍‌ଘାଟନ



ଝାରସୁଗୁଡ଼ା,୪।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଶ୍ରୀଅନ୍ନ ଅଭିଯାନ ଅଧୀନ ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଛନ୍ତି। ମାଣ୍ଡିଆ, କୋଦୋ, ଗୁର୍ଜି, କାଙ୍ଗୁ, ବାଜରା ଆଦି କ୍ଷୁଦ୍ର ଶସ୍ୟରେ ପ୍ରଚୁର ଶରୀର ଉପକାରୀ ଗୁଣ ରହିଛି। ଅଧୁନା ସମାଜରେ କ୍ଷୁଦ୍ର ଶସ୍ୟର ଚାହିଦା ହ୍ରାସ ପାଉଥିବାରୁ ଏହାକୁ ପୁନଃ ଖାଦ୍ୟଥାଳିକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଅନ୍ନ ଅଭିଯାନ ଜରିଆରେ ପ୍ରୟାସ ଆରମ୍ଭ କରାଯାଇଛି। ତେବେ ଏହି ସଚେତନତା ରଥ ଜିଲ୍ଲାର ୫ ଟି ବ୍ଲକ୍‌ରେ ୪ ଦିନ ଧରି ପ୍ରଚାର କରିବ। ୫ଟି ରଥ ବ୍ଲକ୍‌ର ସମସ୍ତ ଗ୍ରାମାଞ୍ଚଳ ବୁଲି ଶ୍ରୀଅନ୍ନ ପୁଷ୍ଟିଶସ୍ୟ ଚାଷ, ପୁଷ୍ଟିଶସ୍ୟର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ତେଣୁ ଚାଷୀ ଏହି ଚାଷକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ବହୁଳ ପରିମାଣରେ କ୍ଷୁଦ୍ର ଶସ୍ୟ ଚାଷ କଲେ ସେମାନେ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ହୋଇପାରିବେ। ଏହି ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ପ୍ରଦୀପ ନନ୍ଦ, କୋଲାବିରା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଉପ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପ୍ରଧାନ, ଶ୍ରୀଅନ୍ନ ଅଭିଯାନ ଯୋଜନା ଅଧିକାରୀ ଭାଗ୍ୟଶ୍ରୀ ଦାସ, ସହକାରୀ କୃଷି ଅଧିକାରୀ ଶିବାନନ୍ଦ ଦର୍ଜୀ, ଶ୍ରୀଅନ୍ନ ଅଭିଯାନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଟିକେଶ୍ୱର ବେହେରା ତଥା ଅନେକ ଜିଲ୍ଲାସ୍ତରୀୟ କୃଷି ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଲଇକେରା, କୋଲାବିରା, ଝାରସୁଗୁଡ଼ା, କିର୍ମିରା ଓ ଲଖନପୁର ବ୍ଲକ୍‌ର ସେବା, ସେବକ ଓ ଆଜକା ସଂଗଠନ ମିଳିତ ଭାବେ ଆୟୋଜନ କରିଥିଲେ।

## ପୌର ପରିଷଦ କାର୍ଯ୍ୟାଳୟ ସ୍ଥାନାନ୍ତରଣର ପୁର୍ନବିଚାର ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୪।୯ (ସମିସ): ଝାରସୁଗୁଡ଼ା ପୌର ପରିଷଦ କାର୍ଯ୍ୟାଳୟକୁ ସହରଠୁ ଦୂର ବିଟିଏମ୍‌କୁ ସ୍ଥାନାନ୍ତରଣ ହେଉଥିବାରୁ ଲୋକ ମାନଙ୍କର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅଭିଯୋଗ ପାଇଲା ପରେ ଗୁରୁବାର ଝାରସୁଗୁଡ଼ା ପୌର ପରିଷଦର ଅଧ୍ୟକ୍ଷା ଓ କାଉନସିଲର ବୃନ୍ଦ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଭେଟି ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ଅନୁରୋଧ କରିଛନ୍ତି। ୧୯୫୨ ମସିହାରୁ ଝାରସୁଗୁଡ଼ା ପୌରପରିଷଦର କାର୍ଯ୍ୟାଳୟ ସହରର ମଧ୍ୟ ଭାଗ ମଙ୍ଗଳବଜାର ଅଞ୍ଚଳରେ ରହିଛି। ମଧ୍ୟ ଭାଗରେ ଥିବାରୁ ଲୋକମାନଙ୍କୁ ଆବଶ୍ୟକ ପୌରସେବା ତଥା ଅଭିଯୋଗ ପ୍ରଦାନ ପାଇଁ ଆସିବା ବେଳେ ସୁବିଧା ହୋଇଥାଏ। କିନ୍ତୁ ପ୍ରଶାସନର ନିଷ୍ପତ୍ତି ଅନୁସାରେ ପୌର କାର୍ଯ୍ୟାଳୟକୁ ସହର ଠାରୁ ଦୂର ବିଟିଏମ୍‌କୁ ସ୍ଥାନାନ୍ତରଣ ହେଉଛି। ଜନଅସନ୍ତୋଷକୁ ଗ୍ରହଣ କରି ପୌରପରିଷଦର ଅଧ୍ୟକ୍ଷା ରାନୀ ହାତୀ ଓ କାଉନସିଲର ବୃନ୍ଦ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ପାଖରେ ଏହି ନିଷ୍ପତ୍ତିର ପୁନଃବିଚାର ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପୌର କାର୍ଯ୍ୟାଳୟ ସ୍ଥାନାନ୍ତରଣ କରାଗଲେ ପୌର ପରିଷଦର ୧, ୩, ୪, ୧୯, ୨୦, ୨୧, ୨୨, ୨୩, ୨୪, ୨୫, ୨୬, ୨୭ ନମ୍ବର ୱାର୍ଡର ଅଧିବାସୀ ମାନେ ଅସୁବିଧାର ସମ୍ମୁଖୀନ ହେବା ନେଇ ଅଭିଯୋଗ ହସ୍ତଗତ ହୋଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସହରର ବୃହତର ସାର୍ଥ ଦୃଷ୍ଟିରୁ ଦାବିପତ୍ର ପ୍ରଦାନ ସମୟରେ ଝାରସୁଗୁଡ଼ା ପୌର ଅଧ୍ୟକ୍ଷାଙ୍କ ସହିତ କାଉନସିଲର ନବନିତ କୌର, ମଧୁମିତା ସୁଭନିଲ, ପୱନ ଶର୍ମା, ବାସନ୍ତି ଟପୋ, ଗିତାଞ୍ଜଳୀ ପଣ୍ଡା, ନିତାରାଣୀ ସା, ସୁଶମା ବରାଳ, ଡାନିଏଲ୍ ଲାର୍କା, ମନିଷା ଚୌହାନ, ସୁକୁନ ଲାର୍କା, ଜୟନ୍ତି ନାଏକ, ବବିତାରଣବିଡା, ଝରଣା ଭୋଇ, ପ୍ରତିମା ଭଇଁଷାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଦୋକାନରେ ପୁଲିସର ଚଢ଼ଉ

ଝାରସୁଗୁଡ଼ା,୪।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଦୋକାନରେ ପୁଲିସ ଚଢ଼ଉ କରିଛି। ଝାରସୁଗୁଡ଼ା ଏସଡିପିଓଙ୍କ କ୍ଷେତ୍ରରେ ଆସୁଥିବା ୫୧ ଟି ସ୍ଥାନରେ ରେଡ କରିଛି ପୁଲିସ। ବିଭିନ୍ନ ସ୍କୁଲ, କଲେଜ ନିକଟରେ ଥିବା ଦୋକାନରେ ଚଢ଼ଉ କରି ସିଗାରେଟ, ବିଡି ଏବଂ ଗୁଟକା, ଖଇନି ପରି ବିଭିନ୍ନ ସାମଗ୍ରୀ ଜବତ କରିଛି। ସେହିପରି ବ୍ରଜରାଜନଗର ଏସଡିପିଓଙ୍କ କ୍ଷେତ୍ରରେ ଆସୁଥିବା ବିଭିନ୍ନ ସ୍କୁଲ, କଲେଜ ନିକଟ ୨୧ଟି ସ୍ଥାନରେ ରେଡ କରିଛି ପୁଲିସ। ତମ୍ବାଖୁ ଜାତୀୟ ଦ୍ରବ୍ୟର ବେଆଇନ ବିକ୍ରି ତଥା ସ୍କୁଲ କଲେଜ ନିକଟରେ ବିକ୍ରି ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯିବ ବୋଲି ଝାରସୁଗୁଡ଼ା ଏସପିଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



## ଖରାମାଲ ଗାଁକୁ କୃଷି ନିର୍ଦ୍ଦେଶକଙ୍କ ପରିଦର୍ଶନ



ପାଇକମାଲ,୪।୯ (ସମିସ): ପାଇକମାଲ ବ୍ଲକ୍ ଖରମାଳ ଗାଁରେ ଅହିଂସା କ୍ଲବ୍ ଦ୍ୱାରା କରାଯାଇଥିବା ଅମୃତ ଯୋଜନାକୁ କୃଷି ନିର୍ଦ୍ଦେଶକ ଶୁଭମ ସକସେନା କ୍ଷେତ୍ର ପରିଦର୍ଶନ କରିଛନ୍ତି। ଖରମାଳ ଗାଁରେ ୨୦ ହେକ୍ଟର ଜମିରେ ଗୋବିନ୍ଦ ଭୋଗ ଓ ଝୁଲି ଧାନ ପୁରୀ ଜଗନ୍ନାଥ ଭୋଗ ପାଇଁ ଚାଷ କରାଯାଇଥିବା ଦେଖିଥିଲେ ଓ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଅହିଂସା କ୍ଲବ୍ ତରଫରୁ କରାଯାଇଥିବା ୨୦୦ ପ୍ରକାରର ପାରମ୍ପରିକ ଧାନ ଚାଷ, ୬୦ ପ୍ରକାରର ପନିପରିବା, ୨୫ ପ୍ରକାରର ମିଲେଟ ଓ ୧୦ ପ୍ରକାରର ଡାଲି ଜାତୀୟ ଚାଷ ଦେଖିଥିଲେ। କୃଷି ନିର୍ଦ୍ଦେଶକଙ୍କ ସହିତ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଳା, ଓଏଏସ ନୋଡାଲ ଅଫିସର ଶାଶ୍ୱତ ପ୍ରଧାନ, ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ, ଭୁବନେଶ୍ୱର ଏଡିଏ ସୁଧାଂଶୁ ସାହୁ, ବରଗଡ଼ ସ୍କିମ ଅଫିସର ଅଞ୍ଜନ ନାୟକ ଓ ରାଜୀବ ଲୋଚନ ମିଶ୍ର, କୃଷି ଅଧିକାରୀ ସୋମନାଥ ମହାପାତ୍ର କ୍ଷେତ୍ର ପରିଦର୍ଶନ କରିଥିଲେ। ଅହିଂସା କ୍ଲବ୍ ଦ୍ୱାରା କରାଯାଇଥିବା ବିଆରସି ସେଣ୍ଟର ଜିଆଖତ ବେଡ, ଦେଶୀ ବାଇଗଣ ଚାଷ ଦେଖିଥିଲେ। ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦେଖିଥିଲେ। ଶାଗ, କନ୍ଦା, ଛତୁ, ପାରମ୍ପରିକ ଖାଦ୍ୟ ଦେଖିଲା ପରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଜୈବିକ ପଦ୍ଧତିରେ କିପରି ଅଧିକରୁ ଅଧିକ ଚାଷ କରାଯାଇ ଲାଭ ପାଇ ହେବ ତାହା ଉପରେ ଆଲୋଚନା କରିଥିଲେ। ଶିବ ପ୍ରସାଦ ସାହୁ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରାଇଥିଲେ।

## ■ ଡିଜେଲ୍ ଟ୍ୟାଙ୍କର ଦୁର୍ଘଟଣା
## ଡିଜେଲ ବୋହି ୩ ଏକର ଧାନ ବିଲ ନଷ୍ଟ

ରିଆମାଳ,୪।୯ (ସମିସ): ରିଆମାଳ ଥାନା ତେଲିମୁଣ୍ଡା ରେଢ଼ାଖୋଲ ଜାତୀୟରାସ୍ତା ସ୍ୱପ୍ନଘଟି କଟା ଠାରେ ବୁଧବାର ବିଳମ୍ବିତ ରାତିରେ ଡିଜେଲ ଟ୍ୟାଙ୍କର ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଏହାପରେ ଧାନ ଚାଷ କ୍ଷୟକ୍ଷତି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଟ୍ୟାଙ୍କରରୁ ଡିଜେଲ ନିର୍ଗତ ହୋଇ ଧାନ ଜମିରେ ମାଡ଼ି ଯାଇଥିଲା। ଫଳରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ଏ ନେଇ ଜମି ମାଲିକ କଖାରୁ ମାଳ ଗାଁର ମନୋଜ ସ୍ୱାଇଁ ରିଆମାଳ ଥାନାରେ ଅଭିଯୋଗ କରିଛନ୍ତି। ମନୋଜ ଧାନ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ତାଙ୍କର ୩ ଏକର ଜମି ଧାନ ନଷ୍ଟ ହୋଇଥିବା ବେଳେ କ୍ଷତିପୂରଣ ଦାବିରେ ସେ ଲିଖିତ ଅଭିଯୋଗ କରିଛନ୍ତି।

## ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ

ଦେବଗଡ଼,୪।୯ (ସମିସ): ନୂତନ ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ୪୦ ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ବୈଠକରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଧନଞ୍ଜୟ ମହନ୍ତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚକ୍ଷୁରୋଗ ବିଶେଷଜ୍ଞ ଡ.ଦୀପକ୍ ଜ୍ୟୋତି ମାହନ୍ତ ପ୍ରମୁଖ ଯୋଗଦେଇ ଚକ୍ଷୁଦାନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କୌଣସି ବ୍ୟକ୍ତି ନିଜ ଜୀବନ କାଳ ମଧ୍ୟରେ ଯେ କୌଣସି ସମୟରେ ଚକ୍ଷୁ ଦାନ କରିପାରିବେ। ଏହାଦ୍ୱାରା ଦୁଇଜଣ ବ୍ୟକ୍ତିଙ୍କର ଅନ୍ଧତ୍ୱ ଦୂରୀଭୂତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆଶା ଦିଦି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ସଂଯୋଜନା କରିଥିଲେ।

## ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼,୪।୯ (ସମିସ): ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ତିନି ଦିନିଆ ଜିଲ୍ଲାସ୍ତରୀୟ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅଭିଯାନ ଅଧୀନରେ ୩୨ଟି ପଞ୍ଚାୟତ ଅଧୀନ ୫୨ଟି ଗାଁରେ ବିଶେଷ ସଚେତନତା ଶିବିର ଆୟୋଜିତ ହେବ। ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ଭାବେ ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଭାତ ଓଝା, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ କଲ୍ୟାଣ ପ୍ରଶାର ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ସବ୍ ଜୁନିୟର ଓ ଜୁନିୟର ବାଳକ ହକି ଦଳର ଖେଳାଳି ଚୟନ



ଝାରସୁଗୁଡ଼ା,୪।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଏଚ କଣ୍ଟାପାଲି ଖେଳ ପଡିଆରେ ଗୁରୁବାର ୨ଟାରେ ଆନ୍ତଃ ଜିଲ୍ଲା ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସବଜୁନିୟର ଓ ଜୁନିୟର ବାଳକ ଦଳର ଖେଳାଳି ମନୋୟନ କରାଯାଇଛି। ଚୟନ ପ୍ରକିୟାରେ ଭାଗ ନେବା ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଦକ୍ଷ ୯୦ ଜଣ ବାଳକ ୧୪ଟି ସ୍କୁଲରୁ ଉପସ୍ଥିତ ଥିଲେ। ଚୟନ ପ୍ରକିୟା ସମୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତୁଷାର କାନ୍ତି ମିଶ୍ର, ହକି ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି, ପ୍ରଜ୍ଜ୍ୱଳ ପଟେଲ, ଜିତେନ୍ଦ୍ର ମହନ୍ତ, ସୁଶାନ୍ତ ବେହେରା, ରୀନାରଶ୍ମି ତ୍ରିକୀ, ଏମ୍ମା ଏକ୍କା ଉପସ୍ଥିତ ଥିବା ବେଳେ ଚୟନ କମିଟିର ଶକୁନ ନାୟକ, ପ୍ରଫୁଲ କୁଲୁ, ଡିଫର ଟେଟେ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର

ଝାରସୁଗୁଡ଼ା,୪।୯ (ସମିସ):

ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଝାରସୁଗୁଡ଼ା ତରଫରୁ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ଭାରତର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ହସ୍ତାନ୍ତର କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଓ ସହକାରୀ ଅଧିକାରୀଙ୍କ ଅନୁପସ୍ଥିତିରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲଙ୍କୁ ଏହା ପ୍ରଦାନ କରାଯାଇଥିଲା। ବ୍ଲକ୍ ଗ୍ରାଣ୍ଟ, ଆଡେଡ, ନୂତନ ଆଡେଡ ଭଳି କୁତ୍ସିତ ପ୍ରଥାକୁ ଉଚ୍ଛେଦ କରି ସମସ୍ତ ସ୍କୁଲ ଓ କଲେଜଗୁଡ଼ିକୁ ସରକାରୀକରଣ, ସମସ୍ତ ଅନୁଦାନ ଯୋଗ୍ୟ ସ୍କୁଲ୍ କଲେଜମାନଙ୍କୁ ଅନୁଦାନ ପ୍ରଦାନ, ଉଚ୍ଚ ନ୍ୟାୟାଳୟର ଆଦେଶକୁ କାର୍ଯ୍ୟକାରୀ କରି ଅବସର ପରେ କର୍ମଚାରୀମାନଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି, ଦରମାରେ ଥିବା ଅସଙ୍ଗତି



ଦୂରୀକରଣ, ଖାଲିପଡିଥିବା ପଦବୀଗୁଡିକ ପୂରଣ ଆଦି ୫ ଟି ବହୁ ପ୍ରତିକ୍ଷିତ ଦାବି ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ପୂରଣ ନହେଲେ ଆସନ୍ତା ଗୁରୁ ଦିବସରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଧାରଣା, ଆନ୍ଦୋଳନ ଓ ଜେଲ୍ ଭରୋ ଆନ୍ଦୋଳନ ଭଳି ଚରମ ପନ୍ଥା ଅବଲମ୍ବନ କରିବା ପାଇଁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଝାରସୁଗୁଡ଼ାର ଆବାହକ କିଶୋର ମହାନ୍ତି, ଓଷ୍ଟା ସଭାପତି ସନ୍ନ୍ୟାସୀ ପଟେଲ, ହରେକୃଷ୍ଣ ପଟେଲ, ଜୟଶଙ୍କର ନାଗ, ଜୟନ୍ତୀ ପଟେଲ, ସୁରମା ପଟେଲ, ବିଭୂତି ପଟେଲ, ପରମାନନ୍ଦ ବାରିକ, କୃଷ୍ଣ ଚନ୍ଦ୍ର ମେହେର, ଅରବିନ୍ଦ ପ୍ରଧାନ, ହୃଷିକେଶ ପାତ୍ର ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ନିର୍ବାଚନକୁ ନେଇ ସରଗରମ ସମ୍ବଲପୁର

**ସମ୍ବଲପୁର, ୪।୯ (ସମିସ)**

ସମ୍ବଲପୁର ପୌରପରିଷଦ ୧୮୬୭ ମସିହାରେ ଗଠିତ ହୋଇଥିଲା। ୨୦୧୩ ମସିହାରେ ସମ୍ବଲପୁର ପୌର ପରିଷଦ ଭଙ୍ଗ ହେବା ସମୟରେ ରାଜ୍ୟରେ ବିଜେଡି ସରକାର ଥିବାବେଳେ ପୌର ପରିଷଦ ବିଜେପି ଅକ୍ତିଆରରେ ଥିଲା। ଗତ ୨୦୧୩ ମସିହା ସେପ୍ଟେମ୍ବର ମାସରେ ସମ୍ବଲପୁର ପୌରପରିଷଦର କାର୍ଯ୍ୟକାଳ ସମାପ୍ତ ହୋଇଥିଲା। ଏହାର କିଛିଦିନ ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୧୩ ନଭେମ୍ବର ୧୫ ତାରିଖ ପତ୍ରସଂଖ୍ୟା ୩୨୯୪୩ ଜରିଆରେ ସମ୍ବଲପୁର ପୌରପରିଷଦ, ବୁର୍ଲା ଓ ହୀରାକୁଦ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)କୁ ଭଙ୍ଗକରି ଏହାକୁ ମହାନଗର ଘୋଷଣା କରାଯାଇଥିଲା। ନବଗଠିତ ସମ୍ବଲପୁର ମହାନଗର ନିଗମରେ ସମ୍ବଲପୁର ପୌର ପରିଷଦରେ ୨୯ଟି ୱାର୍ଡ, ବୁର୍ଲା ଏନ୍ଏସିର ୧୫ଟି, ହୀରାକୁଦ ଏନ୍ଏସିର ୧୭ଟି ୱାର୍ଡ ସହିତ ୧୨ଟି ପଞ୍ଚାୟତ ବୈଜାମୁଣା, ଚାଉଁରପୁର, ସେହ୍ନାପାଲି, ଆ.କଟାପାଲି, ଗଡ଼ମୁଣ୍ଡା, କାଇଁଶିର, ସଂକର୍ମା, ମଠପାଲି, ସିନ୍ଦୂରପଙ୍କ, ଠେମରା, ମାନେଶ୍ୱର ଓ ମାଳତୀ ଗୁଣ୍ଡେଲପୁରର ୫୬ଟି ଗାଁକୁ ସାମିଲ କରାଯାଇଥିଲା। ୱାର୍ଡ ପରିସୀମା ପୁନର୍ଗଠନ ସହ ସମ୍ବଲପୁର ମହାନଗର ନିଗମ ଅଞ୍ଚଳକୁ ୪୧ଟି ୱାର୍ଡରେ ବିଭକ୍ତ କରିବାସହ ବିଭିନ୍ନ ୱାର୍ଡ ପାଇଁ ସଂରକ୍ଷଣ ଓ ମେୟର ସଂରକ୍ଷଣ ତାଲିକା ମଧ୍ୟ ପ୍ରକାଶ ପାଇଥିଲା। ୨୦୧୫ ମସିହାର ମହାନଗର ନିଗମ ସଂରକ୍ଷଣ ବିଜ୍ଞପ୍ତି ଅନୁଯାୟୀ, ସମ୍ବଲପୁର ମହାନଗର ନିଗମର ୪୧ଟି ୱାର୍ଡ ମଧ୍ୟରୁ ୫ଟି ଏସ୍ସି ମହିଳା, ୩ଟି ଏସ୍ଟି ମହିଳା, ୬ଟି ପଛୁଆ ବର୍ଗ ମହିଳା, ୭ଟି ମହିଳା, ୪ଟି ଏସ୍ସି, ୩ଟି ଏସ୍ଟି, ୬ଟି ପଛୁଆ ବର୍ଗ ଓ ୭ଟି ଅସଂରକ୍ଷିତ ରହିଛି। ପୁଣି ସମ୍ବଲପୁର ମହାନଗର ନିଗମର ମେୟର ପଦ ପଛୁଆ ବର୍ଗ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ହୋଇଥିଲା। ବୁର୍ଲାରେ ସାଧାରଣ ବର୍ଗ ଜନସଂଖ୍ୟା ରହିଥିବାବେଳେ ସମସ୍ତ ଆସନ ସଂରକ୍ଷଣକୁ ନେଇ ବୁର୍ଲାର ଅଜୟ ମହାନ୍ତି ଅଦାଲତରେ ମାମଲା ଥିବାରୁ ସମ୍ବଲପୁର ମହାନଗର ନିର୍ବାଚନ ହୋଇପାରୁନଥିଲା।

ଜାନୁଆରୀ ୧୫, ୨୦୧୫ ମସିହାରେ ସମ୍ବଲପୁର ମହାନଗର ନିଗମ ସକାଶେ ୱାର୍ଡ଼ ସଂରକ୍ଷଣ ତାଲିକା ଘୋଷଣା ହେବାପରେ ବୁର୍ଲାରେ ୱାର୍ଡ ନଂ.୩ ରୁ ୭ ପର୍ଯ୍ୟନ୍ତ ସାଧାରଣ ବର୍ଗ ସକାଶେ ସଂରକ୍ଷଣ ନଥିବାରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶମତେ ନିର୍ବାଚନ ପ୍ରସ୍ତୁତି ପ୍ରକ୍ରିୟା ଅଟକି ରହିଥିଲା। ବୁର୍ଲାର ଅଜୟ ମହାନ୍ତି ମାମଲା ରୁଜୁ କଲାପରେ ଡବ୍ଲ୍ୟୁପିସି ୪୨୮୦/୧୫ ଆଧାରରେ ମାନ୍ୟବର ହାଇକୋର୍ଟ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଉପରେ ଏପ୍ରିଲ ୪, ୨୦୧୫ରେ ରହିତା ଦେଶ ଜାରି କରିଥିଲେ। ଆଜି ଏହି ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ୬ ସପ୍ତାହ ମଧ୍ୟରେ ସଂରକ୍ଷଣ ନିୟମ ଅନୁଯାୟୀ ପୁନଃବିଜ୍ଞପ୍ତି ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁରୁଣା ୨୦୧୫ର ସରକାରଙ୍କ ବିଜ୍ଞପ୍ତିକୁ ଅଦାଲତ ରଦ୍ଦ କରିଛନ୍ତି। ଏହାଦ୍ୱାରା ସମ୍ବଲପୁର ମହାନଗର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ପୂର୍ବରୁ ସମ୍ବଲପୁର ପୌରପରିଷଦରେ ସହରାଞ୍ଚଳର କେବଳ ୨୯ଟି ୱାର୍ଡ ଥିବାବେଳେ ଏବେ ମହାନଗର ନିଗମ ହେବାପରେ ତାହା ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମିଶାଇ ୪୧କୁ ବୃଦ୍ଧି ପାଇଛି। ଏବେ ସାରା ସମ୍ବଲପୁର ସରଗରମ୍। ସମ୍ବଲପୁର ମହାନଗର କାହାର ହେବ ବୋଲି ଚର୍ଚ୍ଚା ଜୋର ଧରିଛି।

## ମହାନଗର ନିର୍ବାଚନ ପାଇଁ କିଏ କେତେ ପ୍ରସ୍ତୁତ

ମହାନଗର ନିଗମର ସଂରକ୍ଷଣକୁ ନେଇ ଅଦାଲତରେ ଏହି ନିଷ୍ପତ୍ତି ଅଟକି ରହିଥିଲା। ଏଥିରେ କୌଣସି ଦଳ ବା ସରକାରର କିଛି ଭୂମିକା ନାହିଁ। ହାଇକୋର୍ଟ ବିଚାରପତି ଏନେଇ ଶୁଣାଣି କରି ନିଷ୍ପତ୍ତି ନେଇଛନ୍ତି। ଏବେ ଯେଉଁ ରାୟ ଦେଇଛନ୍ତି ହାଇକୋର୍ଟ ତାହାକୁ କେତେ ଶୀଘ୍ର ବିଜେପି ସରକାର କାର୍ଯ୍ୟକାରୀ କରୁଛନ୍ତି, ଆଉ କେତେ ଶୀଘ୍ର ନିର୍ବାଚନ ଘୋଷଣା କରୁଛନ୍ତି ସରକାର, ତାହା ଜଣାପଡ଼ିବ। କାରଣ ଯେତେ ଶୀଘ୍ର ନିର୍ବାଚନ ହେବ, ସମ୍ବଲପୁରର ସେତେ ଭଲ ହେବ। କାହିଁକି ନା ଏବେ ସମ୍ବଲପୁରରେ ମୌଳିକ ସେବା ବହୁତ ଖରାପ ଅବସ୍ଥାରେ ରହିଛି। ଗତ ଦେଢ଼ବର୍ଷ ମଧ୍ୟରେ ଭୁଷୁଡ଼ି ପଡ଼ିଛି ମୌଳିକ ସେବା। ଯେଉଁ ପଡ଼ାକୁ ଯାଆନ୍ତୁ ପିଇବା ପାଣି ସମସ୍ୟା ରହିଛି, ରାସ୍ତାଘାଟର ଅବସ୍ଥା ବହୁତ ଖରାପ, ବିଜୁଳି ସଂଯୋଗ କେତେବେଳେ ରହୁଛି ତ କେତେବେଳେ ନାହିଁ। ବହୁ ସମୟରେ ପାୱାର୍ କଟ୍ ହେଉଛି। ସ୍ଥିତି ବହୁତ ଖରାପ। ସମ୍ବଲପୁର ଆବର୍ଜନାର ସହର ଭାବେ ସାରା ଦେଶରେ ପରିଚୟ ପାଇଲାଣି। ସମ୍ବଲପୁର ଏକପ୍ରକାର ଡଷ୍ଟବିନ୍ ହୋଇଯାଇଛି। ଲୋକେ ତ୍ରାହି ତ୍ରାହି ଡାକିଲେଣି। ନିର୍ବାଚନ ହେଲେ ବିଜେଡିକୁ ଜିତାଇବେ ଏବଂ ଅପାରଗ ସରକାରଠାରୁ ମୁକ୍ତି ପାଇବେ ବୋଲି ଚାହିଁ ବସିଛନ୍ତି।

ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ ଅଛି, ସମ୍ବଲପୁରବାସୀ ପ୍ରସ୍ତୁତ ଅଛନ୍ତି। ଲୋକେ ବିଜେଡିକୁ ଜିତାଇ ସମ୍ବଲପୁରକୁ ବଞ୍ଚାଇବା ପାଇଁ ପ୍ରସ୍ତୁତ ଅଛନ୍ତି। ସମସ୍ତ ୱାର୍ଡ ମାନଙ୍କରେ ବିଜେଡିକୁ ସମର୍ଥନ ରହିଛି। ଦେଢ଼ବର୍ଷ କାର୍ଯ୍ୟ ଦେଖିବାପରେ ଲୋକେ ମନସ୍ଥ କରିଛନ୍ତି ବିଜେଡିକୁ ଭୋଟ୍ ଦେବାପାଇଁ। ଆମେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ, ଆମେ ଚାହୁଁଛୁ ଦୁଇମାସ ମଧ୍ୟରେ ନିର୍ବାଚନ ହେଉ।

**ଇଂ. ରୋହିତ ପୂଜାରୀ, ଜିଲ୍ଲା ସଭାପତି, ବିଜେଡି**

ନିର୍ବାଚନ କରିବା ପାଇଁ ବିଜେଡି ସରକାର ଚାହୁଁ ନ ଥିଲା। ୧୪ ମାସର ବିଜେପି ସରକାର ବି ସେହି ରହିତାଦେଶ କଥା କହିଲେ। ୨୦୨୪ ନିର୍ବାଚନ ବେଳେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ପ୍ରତିଶ୍ରୁତି ଦେଇଥିଲେ କ୍ଷମତାକୁ ଆସିଲେ ନିର୍ବାଚନ କରିବେ। କିନ୍ତୁ କଲେ ନାହିଁ। ଦୁର୍ନୀତି ଓ ବାବୁରାଜ ପୂର୍ବଭଳି ଚାଲୁ ରହିଲା। ଲୋକଙ୍କୁ କ୍ଷମତା ଦେବା ବଦଳରେ ଅଫିସରଙ୍କୁ ଅଧିକ କ୍ଷମତାଶାଳୀ କରିଦିଆଗଲା। ହାଇକୋର୍ଟର ରହିତାଦେଶ ଉଠାଇବା ପାଇଁ ଓ ନିର୍ବାଚନ କରିବା ପାଇଁ ମୋତେ ବି ୨୦୨୪ରେ ଇଣ୍ଟରଭେନର୍ ହେବାକୁ ପଡ଼ିଥିଲା। କଂଗ୍ରେସ ଦଳର ଅନ୍ୟତମ ସଦସ୍ୟ ଆଇନଜୀବୀ ପ୍ରକାଶ ଶତପଥୀ ଓ ଦଶରଥ ଦାସ ବି ୨୦୨୩ ନଭେମ୍ବରରେ ଇଣ୍ଟରଭେନର୍ ହୋଇଥିଲେ। ଠିକ୍ ସେଭଳି ଅନ୍ୟ ନାଗରିକ କଂଗ୍ରେସ ସଦସ୍ୟ ମନୋରଞ୍ଜନ ବେହେରା ଓ ଅଂଶୁ ବେହେରା ବି ୨୦୨୩ରେ ଇଣ୍ଟରଭେନର୍ ହୋଇଥିଲେ। ବାରମ୍ବାର ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ ପରେ ସବୁ କେସ ଲିଷ୍ଟିଙ୍ଗ୍ ହୋଇଥିଲା ଓ ଶୁଣାଣି ପରେ ହାଇକୋର୍ଟ ପୂର୍ବ ବିଜ୍ଞପ୍ତି ରଦ୍ଦ କରି ନୂଆ ବିଜ୍ଞପ୍ତି ସହ ନିୟମ ଅନୁଯାୟୀ ୱାର୍ଡ ସଂରକ୍ଷଣ କରିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଫଳରେ ନିର୍ବାଚନ ହୋଇପାରିବ।

କଂଗ୍ରେସ ଦଳ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସେଥିପାଇଁ ହାଇକୋର୍ଟରେ ରହିତାଦେଶ ହଟାଇବା ଏବଂ ନିର୍ବାଚନ କରିବା ପାଇଁ ବାରମ୍ବାର ଆବେଦନ କରାଯାଇଥିଲା। ସମସ୍ତ ୪୧ଟି ୱାର୍ଡରେ ଭଲ ପ୍ରାର୍ଥୀ ଦେବାପାଇଁ ସମସ୍ତ ୱାର୍ଡରେ କମିଟି ଗଠନ କରାଯାଇଛି। ଆମେ ଓ ଆମ ଦଳ ନିର୍ବାଚନ ପାଇଁ ପ୍ରସ୍ତୁତ। ନିର୍ବାଚିତ ପ୍ରତିନିଧି ଆସନ୍ତୁ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ହେଉ ବୋଲି କଂଗ୍ରେସ ଚାହୁଁଛି।

**ଦୁର୍ଗା ପାଢ଼ୀ, ଜିଲ୍ଲା ସଂଯୋଜକ, କଂଗ୍ରେସ**

ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡ଼ିଶାଙ୍କ ଦ୍ୱାରା ସମ୍ବଲପୁର ମହାନଗର ନିଗମ ନିର୍ବାଚନ ସମ୍ପର୍କରେ ନିଆଯାଇଥିବା ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ। ଗତ ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ମହାନଗର ନିର୍ବାଚନ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ଆଜି ସେହି ପ୍ରତିଶ୍ରୁତି ଫଳପ୍ରଦ ହୋଇଛି। ବର୍ତ୍ତମାନ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ବିକାଶର ନୂଆଁ ଇତିହାସ ଲେଖିବାରେ ପ୍ରଚେଷ୍ଟାଶୀଳ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ମହାନଗର ନିର୍ବାଚନ ପାଇଁ ଆଜିର ନିଷ୍ପତ୍ତି ଏଠାରୁ ବିକାଶର ନୂଆଁ ପଥକୁ ଆରମ୍ଭ କରିବ। ଏବେ, ଭାରତୀୟ ଜନତା ପାର୍ଟି ପ୍ରମାଣ କରିଛି ଯେ ଏହି ସରକାର ହିଁ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ। ସମ୍ବଲପୁର ମହାନଗରର ଜନସାଧାରଣ ପାଇଁ ଏହା ସ୍ୱାୟତ୍ତ ଶାସନ ଦିବସରେ ଗୋଟିଏ ଉପହାର ସଦୃଶ। ଏହି ନିଷ୍ପତ୍ତି ସହ, ବାବୁରାଜରୁ ସମ୍ବଲପୁର ମହାନଗର ନିଗମକୁ ମୁକ୍ତି ମିଳିବା ସହିତ, ବିକାଶର ନୂଆଁ ଅଧ୍ୟାୟ ଆରମ୍ଭ ହେବ।

ବିଜେପି ପକ୍ଷରୁ ସମସ୍ତ ୪୧ଟି ୱାର୍ଡରେ ବୁଥ୍ କମିଟି ଗଠନ କରାଯାଇସାରିଛି। ସଭ୍ୟ ସଂଗ୍ରହ ସମ୍ପୂର୍ଣ୍ଣ ହୋଇ ସବୁ ବୁଥ୍‌ରେ ସକ୍ରିୟ ସଭ୍ୟ ଅଛନ୍ତି। ବିଜେପି ଗତ ୧୦ ବର୍ଷ ହେଲା ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ଯେବେ ବି ନିର୍ବାଚନ ହେବ ବିଜେପି ନିଶ୍ଚୟ ସର୍ବାଧିକ ୱାର୍ଡରେ ବିଜୟୀ ହେବ।

**ଗିରୀଶ ପଟେଲ, ଜିଲ୍ଲା ସଭାପତି, ବିଜେପି**

## ଚନ୍ଦ୍ରଗ୍ରହଣ ପାଇଁ ମା' ସମଲେଶ୍ୱରୀଙ୍କ ନୀତିରେ ପରିବର୍ତ୍ତନ



**ସମ୍ବଲପୁର, ୪।୯ (ସମିସ):** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୂଜା ନୀତିରେ ଆସନ୍ତା ୭ ତାରିଖ ଚନ୍ଦ୍ରଗ୍ରହଣ ପାଇଁ ପରିବର୍ତ୍ତନ କରାଯାଇଛି। ଏନେଇ ସମଲେଶ୍ୱରୀ ମନ୍ଦିର ପକ୍ଷରୁ ଜାରି ସୂଚନା ଅନୁଯାୟୀ, ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଆସନ୍ତା ରବିବାର ୭ ତାରିଖ ଦିନ ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ଦେବନୀତିରେ ପରିବର୍ତ୍ତନ କରାଯାଇଛି। ସକାଳର ମଙ୍ଗଳ ଆଳତୀ ଓ ଅନ୍ୟ ନୀତିକାନ୍ତି ପରେ ଦର୍ଶନ ଜାରି ରହିବ। ପୂର୍ବାହ୍ଣ ୧୧ଟା ୪୫ ମିନିଟ ସମୟରୁ ଦର୍ଶନ ବନ୍ଦ ରହିବ। ମଧ୍ୟାହ୍ଣ ୧୨ଟା ସମୟରେ ସବୁଦିନ ଭଳି ଅନ୍ନ ଭୋଗ ଲାଗିବ। ଏହାପରେ ଦର୍ଶନ ସୋମବାର ସକାଳ ୬ଟା ପର୍ଯ୍ୟନ୍ତ ବନ୍ଦ ରହିବ। ସୋମବାର ୮ ତାରିଖ ସକାଳ ସାଢ଼େ ୪ଟାରୁ ମନ୍ଦିର ଶୋଧନ ପରେ ୫ଟାରେ ମଙ୍ଗଳ ଆଳତୀ ଓ ନିତ୍ୟ ନୀତିକାନ୍ତି ପରେ ଦର୍ଶନ ଆରମ୍ଭ ହେବ ବୋଲି ଶ୍ରୀ ଶ୍ରୀ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଜଣାଇଛନ୍ତି।

## ସୁବିଧା ପାଇଁ ଖାକି ବାବୁ ଗଛ କାଟିଦେଲେ

**ସମ୍ବଲପୁର, ୪।୯ (ସମିସ):** ନିଜର ସୁବିଧା ପାଇଁ ସହରର ଜଣେ ଖାକି ବାବୁ ଗଛ କାଟି ଦେଇଥିବା ଅଭିଯୋଗ ହୋଇଛି। ନିଜ କ୍ୱାର୍ଟର ପାଖରେ ଲାଗି ରହିଥିବା ଏହି ଗଛର ଡାଳକୁ କଟାଯାଇଛି। ସୂଚନା ଅନୁସାରେ ଖାକିବାବୁଙ୍କ କ୍ୱାର୍ଟର ପାଖର ଏକା ଟାୱାର ନିର୍ମାଣ ହୋଇଛି। ଏହି ଟାୱାରରେ ବାବୁ ବସି ଚାହା ପିଇବେ।ଏହା ସହ ବସି ପ୍ରାକୃତିକ ସୌନ୍ଦର୍ଯ୍ୟର ଅନୁଭବ ନେବେ। ଏହି ଟାୱାର ସମ୍ମୁଖରେ ଏକ ବିରାଟ କାୟ ଗଛ ରହିଥିଲା। ତେଣୁ ଗଛର ଡାଳକୁ ହଟାଇଲେ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାର ସୁବିଧା ହେବ। ଏଥି ପାଇଁ ଆଜି ଏହି ଗଛର ଡାଳ ଗୁଡ଼ିକକୁ ହଟାଇ ଦିଆଯାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ରାସ୍ତାରେ ଗଛ ପଡ଼ିଯିବାରୁ କଟାଯାଇଥିବା ଅଗ୍ନିଶମ ବିଭାଗ ପ୍ରତିକ୍ରିୟା ରଖିଛି। କିନ୍ତୁ କେଉଁ ପରିସ୍ଥିତିରେ ଏହି ବିରାଟ କାୟ ଗଛର ଡାଳ କଟାଗଲା ତାହାକୁ ନେଇ ସହରରେ ଚର୍ଚ୍ଚର ବିଷୟ ସାଜିଛି।

## କଦଳୀମୁଣ୍ଡାରେ ଭାଗବତ ସପ୍ତାହ, ୫୬ ପ୍ରକାର ଭୋଗ ଲାଗିଲା

**ଜମନକିରା, ୪।୯ (ସମିସ):** ଜମନକିରା ବ୍ଲକ କଦଳୀମୁଣ୍ଡାଠାରେ ସପ୍ତାହବ୍ୟାପି ଶ୍ରୀମଦ୍ ଭାଗବତ ପାରାୟଣ ଅନୁଷ୍ଠିତ ହେଉଅଛି। ଗ୍ରାମରେ ପାଞ୍ଚ ଦଶନ୍ଧି ଉର୍ଦ୍ଧ୍ୱ ସମୟରୁ ପାଳିତ ହୋଇ ଆସୁଛି। ଗୁରୁବାର ଚତୁର୍ଥ ଦିନରେ ଶ୍ରୀମଦ୍ ଭାଗବତ ଭଗବାନଙ୍କ ଠାରେ ଛପନ ଭୋଗ ଲାଗି କରାଯାଇଥିଲା। ଶ୍ରୀମଦ୍ ଭାଗବତ ପୁରାଣ ପାରାୟଣରେ ନଳିନୀ ପଧାନ, ଅଞ୍ଜନା ମହାନ୍ତି, ପଦ୍ମତୋଳି ସାହୁ, କନକ ପଧାନ, ମଞ୍ଜୁ ନାଏକ ପଧାନ, ମମତା ସାହୁ, ନାରାୟଣ ସାହୁ, କେଶବ ସାହୁ, ଅକ୍ଷୟ ଦାଶ ପ୍ରମୁଖ ସହ ଗ୍ରାମର ମହିଳାମାନେ ଯୋଗ କରିଥିଲେ। ଭାଦ୍ରବ ପୂର୍ଣ୍ଣିମା ଦିନ ପୂର୍ବାହ୍ନ ସୁଦ୍ଧା ଉଦଯାପିତ ହେବ। ପ୍ରତି ଦିନ ଦୂର ଦୁରାନ୍ତରୁ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଆସି ଶ୍ରୀ ଭାଗବତ କଥା ମୃତ ଶ୍ରବଣ କରି ଆର୍ଶୀବାଦ ପ୍ରାପ୍ତ ହେଉଛନ୍ତି।



## ଏନ୍ଆଇଆର୍ଏଫ ରାଙ୍କିଂ ୩୪ତମ ସ୍ଥାନରେ ଆଇଆଇଏମ୍

**ସମ୍ବଲପୁର, ୪।୯ (ସମିସ):** ଏନ୍ଆଇଆରଏଫ ୨୦୨୫ ରାଙ୍କିଂରେ ଆଇଆଇଏମ୍ ସମ୍ବଲପୁର ନୂତନ ସ୍ଥାନ ହାସଲ କରିଛି। ନୂତନ ମୂଲ୍ୟାଙ୍କନରେ ୩୪ତମ ସ୍ଥାନ ଅଧିକାର କରି ଆଇଆଇଏମ୍ ଉତ୍କର୍ଷତା ପ୍ରତିପାଦନ କରିଛି। ଶିକ୍ଷାଗତ ଉତ୍କର୍ଷତା ଏବଂ ନବୀନ ନେତୃତ୍ୱର ଏକ କେନ୍ଦ୍ର ଭାବରେ ଆଇଆଇଏମ୍ ଉଭା ହୋଇଛି ଯାହା ଏହାର ମୂଲ୍ୟାଙ୍କନକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ କାରକଗୁଡ଼ିକୁ ବୃଦ୍ଧି କରିବାରେ ଉଲ୍ଲେଖନୀୟ ଅଗ୍ରଗତି ପ୍ରଦର୍ଶନ କରୁଛି। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଏଥିପାଇଁ ଅନୁଷ୍ଠାନ ଟିମକୁ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟ ଅନୁଷ୍ଠାନିକ ମୂଲ୍ୟାଙ୍କନ ଫ୍ରେମୱର୍କ (ଏନଆଇଆରଏଫ) ୨୦୨୫ ମୂଲ୍ୟାଙ୍କନରେ ୧୬ଟି ସ୍ଥାନ ଉନ୍ନତି ସହ ଆଇଆଇଏମ୍ ନିଜର ଉତ୍କର୍ଷତାକୁ ପୁନର୍ବାର ପ୍ରତିପାଦନ କରିଛି ଏବଂ ନୂତନ ମୂଲ୍ୟାଙ୍କନରେ ୩୪ତମ ସ୍ଥାନ ହାସଲ କରିଛି। ଚଳିତ ବର୍ଷ ଆଇଆଇଏମ୍ ସମ୍ବଲପୁର ନିଜର ଗ୍ଲୋବାଲ୍ ଆକ୍ରେଡିଟେସନ୍ ଯାତ୍ରା ଆରମ୍ଭ କରିଛି, ଯାହା ଏଆଇ ସଂଯୁକ୍ତ ଶିକ୍ଷାଦାନ ପଦ୍ଧତି, ଏଏସିଏସବି ଆକ୍ରେଡିଟେସନ୍ ପ୍ରକ୍ରିୟାର ଆରମ୍ଭ ଯାହା ବିଜନେସ ଶିକ୍ଷାରେ ଏକ ଆନ୍ତର୍ଜାତୀୟ ମାପଦଣ୍ଡ ସହିତ ଆରମ୍ଭ ହୋଇଛି। ଅନୁଷ୍ଠାନ 'ଟ୍ରିପଲ୍ କ୍ରାଉନ୍' ସ୍ଥିତି ପାଇଁ ଲକ୍ଷ୍ୟ ରଖିଛି ଯାହା ବିଶ୍ୱର ୧ପ୍ରତିଶତରୁ କମ୍ ବି-ସ୍କୁଲଗୁଡିକ ଦ୍ୱାରା ହାସଲ କରାଯାଇଥିବା ଏକ ବିରଳ ସମ୍ମାନ। ଏମବିଏ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ନାମଲେଖା ସହିତ ଏକ ସାମାଜିକ ଅନ୍ତର୍ଭୁକ୍ତୀକରଣ ପରିବେଶ ପ୍ରତିଷ୍ଠା କରିବା ପାଇଁ ଅନୁଷ୍ଠାନ ଦୃଢ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି।




## କରଡାଖମନ ଗ୍ରାମରେ ଭାଙ୍ଗିଲା ଘର

**ଜମନକିରା, ୪।୯ (ସମିସ):** ଜମନକିରା ବ୍ଲକ ମହଦା ପଞ୍ଚାୟତ କରଡାଖମନ ଗ୍ରାମରେ ବୁଧବାର ଦିନ ପ୍ରାୟ ୧ଟା ସମୟରେ ବିର୍ଯୋ ଚନ୍ଦ୍ର ମୁଣ୍ଡା ରୋସେଇ ଘର ଭିତରେ ଭାତ ଖାଇବାକୁ ଯିବା ସମୟରେ ହଠାତ ଘର ଭାଙ୍ଗିଯାଇଥିଲା। କିନ୍ତୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାରର ମୁଖ୍ୟ। ସାତ ପ୍ରାଣୀ ପରିବାର ଉକ୍ତ ଘରରେ ରହୁଛନ୍ତି।





ସମ୍ବଲପୁରରେ ଇଦ୍ ମିଲାଦୁନ ନବି ପାଇଁ ପ୍ରସ୍ତୁତି

## ପ୍ରବଳ ବର୍ଷାରେ ଭାଙ୍ଗିଲା ଘର କାନ୍ଥ, ଚାପି ହୋଇ ଭିନ୍ନକ୍ଷମ ଗୁରୁତର

**ଜମନକିରା, ୪।୯ (ସମିସ):** ଜମନକିରା ବ୍ଲକ ଗୁଣ୍ଡୁରୁ ଟୁଆ ପଞ୍ଚାୟତ କତରକେଲା ଗ୍ରାମର ସୁକାନ୍ତି ବାଘ ଓ ତାଙ୍କ ଭିନ୍ନକ୍ଷମ ପୁଅ କରୁଣାକର ବାଘ ଘରେ ଥିବା ବେଳେ ପ୍ରବଳ ବର୍ଷା ରେ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ଘରେ ଥିବା ସୁକାନ୍ତି ବାଘଙ୍କ ଭିନ୍ନକ୍ଷମ ପୁଅ କରୁଣାକର ବାଘ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ସୁକାନ୍ତି ବାଘ ଅଳ୍ପକେ ରକ୍ଷା ପାଇଥିଲେ। ପାଟିଶୁଣି ଲୋକେ କାନ୍ଥତଳୁ କରୁଣାକରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଆମ୍ବୁଲାନ୍ସ ଆସି କୁଚିଣ୍ଡା ଡାକ୍ତର ଖାନା ନେଇଥିଲେ।

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ବିସ୍ଥାପିତ ପରିବାର

**ସମ୍ବଲପୁର, ୪।୯ (ସମିସ):** କମ୍ପାନୀ ଦ୍ୱାରା ବିସ୍ଥାପିତ ହୋଇ ବର୍ତ୍ତମାନ ରେଙ୍ଗାଲି ତହସିଲ ଅନ୍ତର୍ଗତ ଖିଣ୍ଡା ଗ୍ରାମରେ ବସବାସ କରୁଥିବା ପରିବାରମାନେ ଆଜି ୫ ଦଫା ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ବିସ୍ଥାପିତ ପରିବାରମାନେ ପୂର୍ବରୁ ଏନ୍ଏଲ୍ସି କର୍ତ୍ତୃପକ୍ଷ ଓ ରେଙ୍ଗାଲି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା ପୂରଣ ହୋଇନାହିଁ। ଦାବିଗୁଡ଼ିକ ମଧ୍ୟରେ ବିସ୍ଥାପିତଙ୍କ ଅଧିକୃତ ଜମିମୂଲ୍ୟର ଦୁଇଗୁଣ ରାଶି ପ୍ରଦାନ ସହିତ ଅତିରିକ୍ତ ୧୦ ଡେସିମିଲ ଲେଖାଏ ଘରଡିହ ପ୍ରଦାନ, ବିସ୍ଥାପିତଙ୍କୁ ଜମି କ୍ଷତିପୂରଣ ବାବଦକୁ ନିଯୁକ୍ତି ବଦଳରେ ୮.୩୩ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶିର ବ୍ୟବସ୍ଥା ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ମାତ୍ର ୬ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପାଇଥିବା ବିସ୍ଥାପିତଙ୍କୁ ଯଥାଶୀଘ୍ର ଅବଶିଷ୍ଟ ୨.୩୩ ଲକ୍ଷ ଟଙ୍କା ପ୍ରଦାନ, ସିଏସ୍ଆର୍ ଟଙ୍କା ବିନିଯୋଗରେ ଖିଣ୍ଡା ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ହାଇମାଷ୍ଟ ଲାଇଟ, ବୀର ସୁରେନ୍ଦ୍ର ସାଏ ସ୍ମାରକୀ ତୋରଣ, କଲ୍ୟାଣ ମଣ୍ଡପ, କୀର୍ତ୍ତନ ମଣ୍ଡପ, ଗ୍ରାମୀଣ ପାର୍କର ଉନ୍ନତିକରଣ, ଖେଳପଡ଼ିଆର ଉନ୍ନତିକରଣ ତଥା ସ୍ଥାନୀୟ ଅଧିବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପ୍ରତି ୬୦ ଦିନରେ ଥରେ ସ୍ୱାସ୍ଥ୍ୟଶିବିର ଓ ବିସ୍ଥାପିତ ହୋଇନଥିବା ଗ୍ରାମମାନଙ୍କରେ ଷ୍ଟ୍ରୀଟ ଲାଇଟ୍ ବ୍ୟବସ୍ଥା, ଏନ୍ଏଲ୍ସି ତଲାବିରା ଖଣିରୁ ରାଜ୍ୟ ରାଜପଥ-୧୦କୁ ସଂଯୋଗୀକରଣ, ବିସ୍ଥାପିତ ହୋଇ ଆର୍ଏଣ୍ଡଆର୍ କଲୋନୀରେ ରହୁଥିବା ଛାତ୍ରଛାତ୍ରୀ ସ୍କୁଲ କଲେଜ ଯିବାପାଇଁ ଭ୍ୟାନର ବ୍ୟବସ୍ଥା ଆଦି ରହିଛି। ସରପଞ୍ଚ ସନ୍ଧ୍ୟାରାଣୀ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।



## ୱାର୍ଡ ୪ ନଂ କଇଥସାହି ଗଣେଶ ପୂଜା ଭସାଣି

**ରେଢ଼ାଖୋଲ, ୪।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ୪ ନଂ ୱାର୍ଡ କଇଥସାହି ଗଣେଶ ପୂଜା ୯ ଦିନ ଧରି ଚାଲିଥିବା ବେଳେ ଗୁରୁବାର ଭଷାଣୀ ଶୋଭାଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କମିଟିର ସଦସ୍ୟ ମାନଙ୍କ ସହିତ ଅନ୍ୟ ମାନଙ୍କ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ଶୋଭାଯାତ୍ରା ସହରର କଇଥସାହି ରୁ ବାହାରି ଡିଜେ ଦୁଲଦୁଲି ଆକର୍ଷଣୀୟ ଅକ୍ରେଷ୍ଟା ମାଧ୍ୟମରେ ସହର ପରିକ୍ରମା କରି ହଳଦୀ ଘାଟଜୋର ଠାରେ ବିସର୍ଜନ କରାଯାଇଥିଲା।

## ଗଞ୍ଜେଇ ସହ ସ୍କର୍ପିଓ ଜବତ, ୨ ଗିରଫ



**ରେଢ଼ାଖୋଲ, ୪।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢ଼ଉ କରି ୭ କେଜି ଗଞ୍ଜେଇ ସହ ସ୍କର୍ପିଓ ଜବତ ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲ୍ଲାର ସୋମନାଥ ପ୍ରଧାନ ଓ ଶ୍ରୀକାନ୍ତ ଦାସ।

ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ପୁରୁଣାଗଡ଼ ଛକ ନିକଟରେ ପାଟ୍ରୋଲିଂ କରୁଥିବାବେଳେ ବୌଦ୍ଧ ପଟରୁ ରେଢ଼ାଖୋଲ ଅଭିମୁଖେ ଆସୁଥିବା ଏକ ସ୍କର୍ପିଓରେ ଉକ୍ତ ଦୁଇ ଜଣ ଦୃତ ଗତିରେ ଆସୁଥିବା ଦେଖି ଯାଞ୍ଚ କରିଥିଲେ। ଏଥିରେ ଅଭିଯୁକ୍ତ ଗାଡ଼ିରୁ ୭ କେଜି ଚୋରା ଚାଲାଣ ବେଆଇନ ଗଞ୍ଜେଇ ଓ ଗାଡି ଜବତ କରିବା ସହ ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରେଳବାଇ ସିଗନାଲ୍ ଉପକରଣ ଚୋରି, ୩ ଗିରଫ

**ସମ୍ବଲପୁର, ୪।୯ (ସମିସ)**

ସେପ୍ଟେମ୍ବର ୧ ରୁ ୩ ତାରିଖ ମଧ୍ୟରେ ସମ୍ବଲପୁର ଷ୍ଟେସନ ୟାର୍ଡରୁ ଗୁରୁତ୍ୱପୂର୍ଣ୍ଣ ରେଳବାଇ ସିଗନାଲ୍ ଉପକରଣ ଓ ପଏଣ୍ଟ ୟୁନିଟ୍ ଚୋରି ଏବଂ କ୍ଷତି ସମ୍ବନ୍ଧୀୟ ଏକାଧିକ ଘଟଣା ରିପୋର୍ଟ ହୋଇଥିଲା। ଘଟଣାରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ନେଇ ରେଳ ସୁରକ୍ଷା ବଳ (ଆର୍ପିଏଫ୍) ପୋଷ୍ଟ ସମ୍ବଲପୁର ଏବଂ ସିଆଇବି ୟୁନିଟ୍ ସମ୍ବଲପୁରଙ୍କ ଏକ ମିଳିତ ଦଳ ଗୋପନୀୟ ସୂଚନା ଆଧାରରେ ବ୍ୟାପକ ତଦନ୍ତ କରିଥିଲେ। ତଦନ୍ତ ଅଭିଯାନ ସମୟରେ ୩ / ୪ ତାରିଖରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ସେମାନଙ୍କଠାରୁ ଚୋରି ହୋଇଥିବା ରେଳ ସିଗନାଲ୍ ଉପକରଣ ଉଦ୍ଧାର କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ଜବତ ସମ୍ପତ୍ତି ସହିତ ୪ ତାରିଖରେ କୋର୍ଟରେ ଉପସ୍ଥାପନ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ ଜଣ ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର ଅଛନ୍ତି ଏବଂ ସେମାନଙ୍କୁ ଶୀଘ୍ର ଗିରଫ କରିବା ପାଇଁ ରେଳ ସୁରକ୍ଷା ବଳ ପକ୍ଷରୁ ପ୍ରୟାସ ଜାରି ରହିଛି।



ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମିର ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ଏବଂ ରେଳ ପରିସରରେ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ରେଳ ସୁରକ୍ଷା ବଳ କିମ୍ବା ନିକଟସ୍ଥ ରେଳ କର୍ମଚାରୀଙ୍କୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି।

# ସୋଲାର କମ୍ପାନୀରେ ଚାକିରି ଦେବାକୁ କହି ଠକେଇ



ହିନ୍ଦୋଳ,୪।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର କେତେକ ନିରୀହ ଯୁବକ ଯୁବତୀଙ୍କୁ ସୋଲାର କମ୍ପାନୀରେ ଚାକିରି ଦେବାକୁ ପ୍ରୋଲୋଭନ ଦେଖାଇ ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଉପଖଣ୍ଡର ବିଭିନ୍ନ ଅଞ୍ଚଳର ୧୬୦ ଜଣ ଯୁବକ ଯୁବତୀଙ୍କଠାରୁ ରାସୋଳ ଥାନା ନୂଆପାଟଣା ଗ୍ରାମର ଲଳିତ ବାରିକଙ୍କ ପୁଅ ରାଜା ହରିଶଙ୍କର ବାରିକ ୨ ହଜାର ଟଙ୍କା ଲେଖାଏଁ ନେଇଥିଲେ। ସୋଲାର କମ୍ପାନୀର ନିଯୁକ୍ତିପତ୍ର ମଧ୍ୟ ସେମାନଙ୍କୁ ଦେଇଥିଲେ। ସମ୍ପୃକ୍ତ ଯୁବକ ଯୁବତୀ ଉକ୍ତ କମ୍ପାନୀରେ ୨ ମାସ ହେଲା କାର୍ଯ୍ୟ କରୁଥିଲେ। ମାସିକ ୧୫ ହଜାର ଟଙ୍କା ପାରିଶ୍ରମିକ ମିଳିବ ବୋଲି ଧାର୍ଯ୍ୟ ହୋଇଥିଲା। ମାତ୍ର ୨ ମାସର ଦରମା ନ ମିଳିବାରୁ ସେମାନେ ଏ ନେଇ ରାଜା ହରିଶଙ୍କରଙ୍କୁ ପଚାରିଥିଲେ। ତେବେ ରାଜା ହରିଶଙ୍କର ସମ୍ପୃକ୍ତ ଯୁବକ ଯୁବତୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଉପଖଣ୍ଡର ବିଭିନ୍ନ ଅଞ୍ଚଳ ୩୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଗୁରୁବାର ରସୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିଦ୍ୟୁଭୂଷଣ ମିଶ୍ରଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ମୁଁ କୌଣସି କାର୍ଯ୍ୟରେ ଆଜି ବାହାରକୁ ଯାଇଥିଲି। କିଛି ଯୁବକ ଯୁବତୀ ଆସି ଥାନାରେ ଅଭିଯୋଗ କରିଥିବା ଜାଣିବାକୁ ପାଇଛି। ଆସନ୍ତାକାଲି ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ପାଣି ଫ୍ୟାକ୍ଟ୍ରିରେ କାମ କରୁଥିବା ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଛେଣ୍ଡିପଦା,୪।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବିଦ୍ୟୁତ କାର୍ଯ୍ୟାଳୟ ନିକଟ ଏକ ପାଣି ଫ୍ୟାକ୍ଟ୍ରିରେ କାମ କରୁଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଛେଣ୍ଡିପଦା ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଯୁବକ ଛେଣ୍ଡିପଦା ଗ୍ରାମ କଇଥ ସାହିର ବାପୁନ୍ ପ୍ରଧାନ। ସବୁଦିନ ଭଳି ବାପୁନ୍ ଗୁରୁବାର ପାଣି ଫ୍ୟାକ୍ଟ୍ରିକୁ କାମ କରିବାକୁ ଯାଇଥିଲେ। ତେବେ ପାଣି ଫ୍ୟାକ୍ଟ୍ରି ମାଲିକ ପୂର୍ବାହ୍ନ ୧୧ଟାରେ ବାପୁନଙ୍କ ପରିବାର ଲୋକଙ୍କୁ ଫୋନ୍ କରି ତୁମ ପୁଅ ଅସୁସ୍ଥ ହୋଇପଡ଼ିଛି ବୋଲି କହିଥିଲେ। ପରିବାର ଲୋକ ଫ୍ୟାକ୍ଟ୍ରିରେ ପହଞ୍ଚି ବାପୁନଙ୍କୁ ତୁରନ୍ତ ଛେଣ୍ଡିପଦା ଡାକ୍ତରଖାନା ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବାପୁନଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଏ ନେଇ ପରିବାର ଲୋକ ଓ ଗ୍ରାମବାସୀ ଡାକ୍ତରଖାନାରେ ହୋହଲ୍ଲା କରିବା ସହ ଫ୍ୟାକ୍ଟ୍ରି ମାଲିକଙ୍କ ଅବହେଳା ଯୋଗୁଁ ବାପୁନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଖବର ପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝସୁଝା କରିବା ପାଇଁ ଉଦ୍ୟମ କରିଥିଲା। ତେବେ ବାପୁନଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଅଡ଼ିବସିଥିଲେ। ଫଳରେ ପ୍ରାୟ ଦୁଇ ଘଣ୍ଟା ଧରି ଡାକ୍ତରଖାନାରେ ଉତ୍ତେଜନା ଲାଗିରହିଥିଲା। ପରେ ଫ୍ୟାକ୍ଟ୍ରି ମାଲିକ ଓ ବାପୁନଙ୍କ ପରିବାରକୁ ନେଇ ଆଲୋଚନା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

## ୫୫ନଂ ଜାତୀୟ ରାଜପଥରେ ନକଲି ଏନଏଚ ଅଧିକାରୀ

# ୮ ନକଲି ଅଧିକାରୀଙ୍କୁ ବାନ୍ଧିଲା ପୁଲିସ




ଢେଙ୍କାନାଳ,୪।୯(ସମିସ)

ନିଜକୁ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷ (ଏନ୍‌ଏଚ୍) ଅଧିକାରୀ ପରିଚୟ ଦେଇ ଢେଙ୍କାନାଳ ଜିଲ୍ଲାର ମୋଟଙ୍ଗା ଥାନା ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ପୁଲିସ ୮ ଜଣ ଅନ୍ତରାଜ୍ୟ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିହାରରୁ ଏହି ନେଟୱର୍କ ନିୟନ୍ତ୍ରଣ ହେଉଥିବା ଜଣାପଡ଼ିଛି।

୫୫ନଂ ଜାତୀୟ ରାଜପଥର ବିଆର୍‌ଜି କାରଖାନା ନିକଟରେ ଏମାନେ ରାସ୍ତାରେ ଯାଉଥିବା ଟ୍ରକ ଏବଂ ବିଭିନ୍ନ ଗାଡ଼ିଗୁଡ଼ିକୁ ଯାଞ୍ଚ କରିବା ବାହାନାରେ ଅଟକାଉଥିଲେ। ଜାତୀୟ ରାଜପଥ ବିଭାଗର ୟୁନିଫର୍ମ ପିନ୍ଧି ଗାଡ଼ିଗୁଡ଼ିକ ଅଟକାଇବା ପରେ ଚତୁରତାର ସହ ସଡ଼କ ସୁରକ୍ଷା ଏନଫୋର୍ସମେଣ୍ଟ ଟିମ୍ ଭାବେ ପରିଚୟ ଦେଇ ଡ୍ରାଇଭରମାନଙ୍କୁ ଫାଷ୍ଟଏଡ କିଟ୍ ସହ ଅଗ୍ନି ନିର୍ବାପକ ଯନ୍ତ୍ର, ରିଫ୍ଲେକ୍ଟର ଆସେସରିଜ ବିକ୍ରି କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ମୋଟଙ୍ଗା ଥାନା ଏସଆଇ ଶେଖର ଚନ୍ଦ୍ର ମହନ୍ତିଙ୍କ ନେତୃତ୍ୱରେ ପୁଲିସ ଚଢ଼ଉ କରି ୮ ଜଣ ନକଲି ଅଧିକାରୀଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ମିରଟର ସଞ୍ଜୟ ସିଂ (୩୮), ଦିଲ୍ଲୀର ରାହି ସୁଦିନ (୩୫), ସୁନି ମାଧରେ (୩୧), ପଓ୍ୱନ ଶର୍ମା (୩୯), ବିହାର ଗୋପାଳଗଞ୍ଜର ବିକାଶ କୁମାର ଶ୍ରୀବାସ୍ତବ (୩୩), ଉତ୍ତରପ୍ରଦେଶ ଗାଜିଆବାଦର ଶିବଶଙ୍କର ରାମସିଂହ (୪୬), ରୋହିତ କୁମାର (୩୩), ଉତ୍ତରପ୍ରଦେଶ ଆଜମଗଡ଼ର ବିନାଶ ଶର୍ମା (୨୭)। ଏମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଅପରାଧ ସ୍ୱୀକାର କରିବା ସହ ବିହାରର ମହମ୍ମଦ ହୁସେନ ନାମକ ବ୍ୟକ୍ତି ଏହାର ମୁଖ୍ୟ ଅଭିଯୁକ୍ତ ବୋଲି କହିଛନ୍ତି। ବିହାରରେ ଥାଇ ସେ ଏହି ନେଟୱର୍କକୁ ନିୟନ୍ତ୍ରଣ କରୁଥିବା ବେଳେ ପ୍ରତ୍ୟେକଙ୍କୁ ଦୈନିକ ୭ଶହ ଟଙ୍କା ପ୍ରଦାନ କରୁଥିଲେ ବୋଲି ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ପୁଲିସ ୨୫ଟି ଫାଷ୍ଟଏଡ କିଟ, ୧୨ଟି ଅଗ୍ନିନିର୍ବାପକ ଯନ୍ତ୍ର, ୮ଟି ମୋବାଇଲ ଫୋନ, ୧୨ ହଜାର ଟଙ୍କା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି। ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ ଆରମ୍ଭ କରିଛି। ରାଜପଥ କର୍ମଚାରୀଙ୍କ ଦ୍ୱାରା ରାସ୍ତାରେ କୌଣସି ଅର୍ଥ ଆଦାୟ କରାଯାଇ ନ ଥାଏ। ଏଭଳି ମାମଲାରେ ଜନସାଧାରଣ ସତର୍କ ରହିବା ସହ କୌଣସି ସନ୍ଦେହ ହେଲେ ପୁଲିସକୁ ଖବର ଦେବାକୁ ପୁଲିସ ପକ୍ଷରୁ ନିବେଦନ କରାଯାଇଛି।

## ● ଓଏସଆରଟିସି ବସ୍ ଧକ୍କାରେ ବୃଦ୍ଧା ଗୁରୁତର

# କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ



ପାଲଲହଡ଼ା,୪।୯(ସମିସ): ପାଲଲହଡ଼ା ଥାନା ଶାସନ ସାହି ଛକ ନିକଟରେ ଗୁରୁବାର ସକାଳ ସାଢ଼େ ୭ଟାରେ ଓଏସ୍‌ଆରଟିସି ବସ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଶାସନ ସାହିର ବିଳାସ ବେହେରା। ବିଳାସ ରାସ୍ତା କଡ଼ରେ ଥିବା ଫୁଲ ଗଛରୁ ଫୁଲ ତୋଳିବାକୁ ଯାଇଥିବା ବେଳେ ଅନୁଗୋଳ ପଟୁ ବାରିପଦା ଅଭିମୁଖେ ଯାଉଥିବା ଓଏସ୍‌ଆର୍‌ଟିସି ବସ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ବିଳାସଙ୍କ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଓ ପରିବାର ବର୍ଗ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ୪ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ଅତିରିକ୍ତ ତହସିଲଦାର ଓ ପରେ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଉପଜିଲ୍ଲାପାଳଙ୍କ ନିର୍ମାଣାଧୀନ ସରକାରୀ ବାସଭବନଠାରୁ ମାତ୍ର ୫୦ ମିଟର ଦୂରରେ ଦୁର୍ଘଟଣା ଘଟିଥିବାରୁ ଉପଜିଲ୍ଲାପାଳ ଆସିବାକୁ ଆନ୍ଦୋଳନକାରୀ ଜିଦ୍ ଧରିଥିଲେ। ପରେ ପୂର୍ବାହ୍ନ ୧୧ଟାରେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଳ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲ୍ଲାପାଳ ପହଞ୍ଚି ରେଡକ୍ରସ ପାଣ୍ଠିରୁ ବିଳାସଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସେହିପରି ଶାସନସାହି ଛକରେ ହମ୍ପସ ନିର୍ମାଣ ଓ ପୁଲିସ ପକ୍ଷରୁ ନିୟମିତ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଦୁର୍ଘଟଣା ଘଟାଇଥିବା ବସ ଜବତ କରି ତଦନ୍ତ ଜାରି ରଖିଛି।

# ରେଙ୍ଗାଳି ଡ୍ୟାମର ଦ୍ୱିତୀୟ ଗେଟ୍ ଖୋଲିଲା



କଣିହାଁ,୪।୯(ସମିସ): ରେଙ୍ଗାଳି ଡ୍ୟାମର ଦ୍ୱିତୀୟ ଗେଟ ଗୁରୁବାର ମଧ୍ୟାହ୍ନରେ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଚଳିତ ବର୍ଷ ଚତୁର୍ଥ ଥର ପାଇଁ ମଙ୍ଗଳବାର ଗୋଟିଏ ଓ ଗୁରୁବାର ଦ୍ୱିତୀୟ ଗେଟ ଖୋଲାଯାଇଛି। ରେଙ୍ଗାଳି ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଆଜି ଅପରାହ୍ନ ୧ଟା ସୁଦ୍ଧା ଜଳସ୍ତର ୧୨୨.୭୫ ମିଟରରେ ପହଞ୍ଚିଥିଲା। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ୍ କର୍ତ୍ତୃପକ୍ଷ ଅପରାହ୍ନ ୧ଟା ୫୪ରେ ଦ୍ୱିତୀୟ ଗେଟ (ନଂ-୧୦)କୁ ଖୋଲିଥିଲେ। ତେବେ ଅପରାହ୍ନ ୩ଟା ସୁଦ୍ଧା ଡ୍ୟାମରେ ଜଳସ୍ତର ୧୨୨.୭୭ ମିଟର ରହିଛି। ପ୍ରତି ସେକେଣ୍ଡ ଜଳଭଣ୍ଡାର ମଧ୍ୟକୁ ୩୮୩୪.୭୦ ଘନ ମିଟର ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଖୋଲାଯାଇଥିବା ଦୁଇଟି ଗେଟ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୩୭୭୩.୯୧ ଘନମିଟର ଜଳ ନିଷ୍କାସିତ ହେଉଛି।

# ପୂଜା ମାହୋଲକୁ ବିଗାଡ଼ିଲା ଲଗାଣ ବର୍ଷା

ତାଳଚେର,୪।୯(ସମିସ): ତାଳଚେରରେ ବାବା ଗଣପତିଙ୍କ ପୂଜା ମାହୋଲ ଚାରି ପାଞ୍ଚଦିନ ହେବ ବେଶ୍ ସରଗରମ ରହିଥିବା ବେଳେ ବୁଧବାରଠାରୁ ଲଗାଣ ବର୍ଷା ଯୋଗୁଁ ପୂଜାମଣ୍ଡପଗୁଡ଼ିକ ଶୂନଶାନ ହୋଇପଡ଼ିଛି। ଦୂରଦୂରାନ୍ତରୁ ଆସିଥିବା ବ୍ୟବସାୟୀମାନେ ଦୁଇଦିନ ହେବ ନିଜ ପସରା ନ ଖୋଲି ହାତବାନ୍ଧି ବସିଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ଶ୍ରଦ୍ଧାଳୁ, ଦର୍ଶକ ଓ ବ୍ୟବସାୟୀଙ୍କ ପାଇଁ କାଳ ସାଜିଛି। ଅପରପକ୍ଷେ ପୂଜାମଣ୍ଡପଗୁଡ଼ିକ ଯେପରି ପ୍ରତିଦ୍ୱନ୍ଦ୍ୱିତା ମୂଳକ ଭାବେ ସାଜସଜ୍ଜା କରିଛନ୍ତି, ଯଦି ପାଗ ଅନୁକୂଳ ନ ରୁହେ ତେବେ ପୂଜା ମାହୋଲ ପୂରା ଫିକା ପଡ଼ିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପୁନଶ୍ଚ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ କିସମର ଦୋଳି, ଛୋଟପିଲାଙ୍କ ପାଇଁ ୱାଟର ଲଞ୍ଚ, ମନୋହରି ଦୋକାନ, ପ୍ଲାଷ୍ଟିକ ସାମଗ୍ରୀ, ମାଟି ତିଆରି ଓ ଘର ଉପକରଣ ଜିନଷ ସହ ସ୍ୱାଦିଷ୍ଟ ଖାଦ୍ୟ ମଥୁରାକେକ୍, ଟମାଟୋ ବୁଲ୍, ଚଟପଟି, ଚାଓମିନ୍, ପକୋଡ଼ା, ରୋଲ ଇତ୍ୟାଦି ବିକ୍ରି କରୁଥିବା ବ୍ୟବସାୟୀ ମଧ୍ୟ ନିରାଶ ହୋଇଛନ୍ତି। ତାଳଚେର ସହରରେ ଛୋଟ ବଡ଼ ମିଶି ଶହେରୁ ଊର୍ଦ୍ଧ୍ୱ ପୂଜାମଣ୍ଡପ ବର୍ଷା ଯୋଗୁଁ ଖାଁ ଖାଁ ହୋଇପଡ଼ିଛି। ୭ ତାରିଖ ଇନ୍ଦୁପୂର୍ଣ୍ଣିମାରେ ବାବାଙ୍କ ଭସାଣି ଉତ୍ସବ ପାଇଁ ପୂଜାମଣ୍ଡପ କର୍ମକର୍ତ୍ତା ଓ ସହରବାସୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିବା ବେଳେ ଶୁଖିଲା ପାଗକୁ ସମସ୍ତେ ଚାହିଁ ରହିଛନ୍ତି।





ଶୂନଶାନ ପୂଜାମଣ୍ଡପ

# ଅନୁଗୋଳରେ ଶ୍ରୀଲେଦର୍ସର ନୂଆ ଶୋ'ରୁମ୍



ଅନୁଗୋଳ,୪।୯(ସମିସ): ଦୀର୍ଘ ୭୦ ବର୍ଷର ପୁରାତନ ଫୁଟୱେର ତଥା ଜୋତା ଶିଳ୍ପ ବ୍ୟବସାୟର ନିର୍ଭରଯୋଗ୍ୟ ବ୍ରାଣ୍ଡ ଶ୍ରୀଲେଦର୍ସର ନୂତନ ଶୋ'ରୁମ୍ ଅନୁଗୋଳସ୍ଥିତ ହେମସୁରପଡ଼ାରେ ଖୋଲିଛି। ଏହି ନୂତନ ଶୋ'ରୁମରେ ବିଶ୍ୱସ୍ତରୀୟ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ ବ୍ୟାଗ୍, ଆକ୍ଟିଭ୍ ୱେର୍ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ। ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ଜୋତା ଯୋଗାଇବା ପାଇଁ ୧୯୫୨ରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେ "ଶ୍ରୀଲେଦର୍ସ' ଆରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି ଯେ ସବୁ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା, ବ୍ୟାଗ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ "ଶ୍ରୀଲେଦର୍ସ' ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। "ଏସ୍‌ଏଲ୍ ପ୍ରିମିୟମ' ହେଉଛି ଏହାର ଏକ ନୂତନ ବର୍ଗ, ଯାହାର ଗ୍ରାହକଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରାଣ୍ଡର ଭବିଷ୍ୟତ ବିଷୟରେ ପରିବାରର ତୃତୀୟ ପିଢ଼ି ତଥା ଅଂଶୀଦାର ସୁଶାନ୍ତେ ଦେ କହିଛନ୍ତି ଯେ ବର୍ତ୍ତମାନ ଆମେ କ୍ରୀଡ଼ାଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛୁ। ଜୋତାର ଗୁଣବତ୍ତା ବିଶ୍ୱସ୍ତରୀୟ ହେବା ସହ ଏହାର ମୂଲ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ହେବ। ଗତ ଏକ ବର୍ଷ ମଧ୍ୟରେ "ଶ୍ରୀଲେଦର୍ସ' ପୂର୍ବ ଓ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ଯଥା ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଆଦି ସ୍ଥାନରେ ପ୍ରାୟ ୧୦ରୁ ଅଧିକ ଷ୍ଟୋର ସଫଳତାର ସହ ପରିଚାଳନା କରୁଛି। ଏହି ସାମ୍ବାଦିକ ସମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମାର୍କେଟିଂ ହେଡ୍ ସୌରଭ ବିଶ୍ୱାସ, କୋମଳ ପ୍ରିୟଦର୍ଶିନୀ, ଜିତେନ୍ଦ୍ର କୁମାର ସାହୁ ଏବଂ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା,୪।୯(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା କରଡ଼ାବଣି ସାହିର ସୁକାନ୍ତି ରାଉଳଙ୍କୁ ସେହି ଗ୍ରାମର ଶମ୍ଭୁ ନାୟକ, ତାଙ୍କ ପତ୍ନୀ ରଜନୀ ନାୟକ ଓ ପୁଅ ଚିକୁ ନାୟକ ହତ୍ୟା ଧମକ ଦେଇଥିବା ବୁଧବାର ସୁକାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି। ସୁକାନ୍ତି ତାଙ୍କ ଘରେ ଥିବା ବେଳେ କୌଣସି କାରଣ ନ ଥାଇ ଶମ୍ଭୁ, ରଜନୀ ଓ ଚିକୁ ତାଙ୍କ ଘରକୁ ଆସି ଝରକା ଭାଙ୍ଗିଥିଲେ। ପରେ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ପରକୀୟା ପ୍ରୀତି

# ସ୍ତ୍ରୀକୁ ପ୍ରେମିକ ସହ ବିବାହ କରାଇଲେ ସ୍ୱାମୀ

ଅନୁଗୋଳ,୪।୯(ସମିସ): ୧୩ ବର୍ଷର ଦାମ୍ପତ୍ୟ ଜୀବନକୁ ଭୁଲି ପ୍ରେମିକ ସହ ଧରାପଡ଼ିଥିବା ସ୍ତ୍ରୀକୁ ଛାଡ଼ିଛନ୍ତି ସ୍ୱାମୀ। ପରକୀୟା ପ୍ରୀତି ଯୋଗୁଁ ସ୍ତ୍ରୀକୁ ତା' ପ୍ରେମିକ ସହ ବିବାହ କରାଇ ଦେଇଛନ୍ତି। ଗୁରୁବାର ଅନୁଗୋଳ କୋର୍ଟ ପରିସରରେ ଏମିତି ଘଟଣା ଘଟିଛି।

ବୁଧବାର ଅନୁଗୋଳ ବାମୁରୁ ଅଞ୍ଚଳର ଜଣେ ଯୁବକ ନିଜ ସ୍ତ୍ରୀଙ୍କୁ ତାଙ୍କ ପ୍ରେମିକ ପଲସ୍ତି ବେହେରାଙ୍କ ସହ ଅନୁଗୋଳ ସହରର ଏକ ହୋଟେଲରୁ ଠାବ କରିଥିଲେ। ସ୍ତ୍ରୀ ଦେହ ଖରାପ ଥିବା ବାହାନା କରି ଡାକ୍ତର ଦେଖାଇବାକୁ ଅନୁଗୋଳ ଆସିଥିଲେ। ଆଉ

**ହୋଟେଲରୁ ଧରାପଡ଼ିଥିଲେ ପ୍ରେମୀଯୁଗଳ**

ଅନୁଗୋଳରେ ପହଞ୍ଚି ପ୍ରେମିକ ସହ ଏକ ହୋଟେଲରେ ରହିଥିଲେ। ତେବେ ସ୍ୱାମୀଙ୍କ ସନ୍ଦେହ ହେବାରୁ ସେ ବି ତାଙ୍କୁ ପିଛା କରି ହୋଟେଲରେ ପହଞ୍ଚିଥିଲେ। ହୋଟେଲରୁ ବାହାରିବା ପରେ ସ୍ୱାମୀ ଓ ତାଙ୍କର କିଛି ସାଙ୍ଗ ପଲସ୍ତିଙ୍କ ସହ ସ୍ତ୍ରୀଙ୍କୁ ଧରିଥିଲେ। ସେଠାରେ ଉଭୟଙ୍କ ଭିତରେ ଝଗଡ଼ା ଓ ପରେ ମାରପିଟ ହୋଇଥିଲା। ପରେ ପୁଲିସ ଯାଏଁ କଥା ପହଞ୍ଚିଥିଲା। ଗୁରୁବାର କୋର୍ଟରେ ଶୁଣାଣି ବେଳେ ସ୍ୱାମୀ ସ୍ତ୍ରୀକୁ ଛାଡ଼ିବା କଥା କହିଥିଲେ। ପରେ ପଲସ୍ତିଙ୍କ ସହ ସ୍ତ୍ରୀକୁ ବାହା କରାଇଥିବା ଜଣାଯାଇଛି। ପ୍ରକାଶ ଯେ ୧୩ ବର୍ଷର ବୈବାହିକ ଜୀବନ ଭିତରେ ଏହି ଦମ୍ପତିଙ୍କର ୧୨ ଓ ୭ ବର୍ଷ ବୟସର ଦୁଇ ଛୁଆ ଅଛନ୍ତି।

## ପିସି କାରବାରକୁ ନେଇ ହିନ୍ଦୋଳ ବ୍ଲକରେ ତୁମୁଳକାଣ୍ଡ

# ଅଧ୍ୟକ୍ଷାଙ୍କ ନାମରେ ଥାନାରେ ବିଡିଓଙ୍କ ଅଭିଯୋଗ

ହିନ୍ଦୋଳ,୪।୯(ସମିସ): କିଛିମାସ ହେବ ହିନ୍ଦୋଳ ବ୍ଲକରେ ଅତ୍ୟଧିକ ପିସି କାରବାର ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏ ସମ୍ପର୍କରେ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସୁଥିଲା। ହେଲେ ଆଜି ପିସି ଭଗବାଣ୍ଟା ନେଇ ବିଡିଓ ଓ ବ୍ଲକ ଅଧ୍ୟକ୍ଷାଙ୍କ ମଧ୍ୟରେ ଘଟିଥିବା ତୁମୁଳକାଣ୍ଡ ଏହାକୁ ପ୍ରମାଣିତ କରିଛି। ବିଡିଓ ଓ ଅଧ୍ୟକ୍ଷାଙ୍କ ମଧ୍ୟରେ ବିବାଦ ଏବେ ଥାନାରେ ପହଞ୍ଚିଛି। ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ବ୍ଲକ ଅଧ୍ୟକ୍ଷା ତାଙ୍କୁ ବିଭିନ୍ନ ଗାଳିଗୁଲଜ କରିବା ନେଇ ବିଡିଓ କଲ୍ୟାଣ ସୌରଭ ଦାସ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା

**ବିଡିଓଙ୍କ ବିରୋଧରେ ଅଧ୍ୟକ୍ଷାଙ୍କ ପାଲଟା ଅଭିଯୋଗ**

ସସ୍ମିତାରାଣୀ ନାୟକ ବିଡିଓଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ବିଡିଓ ତାଙ୍କୁ ଅଶାଳୀନ ମନ୍ତବ୍ୟ ସହ ଜାତିଆଣ ଆକ୍ଷେପ କରୁଥିବା ସସ୍ମିତା ନିଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକଙ୍କ ଅଭିଯୋଗ ଅନୁଯାୟୀ, ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଗୁରୁବାର ଅପରାହ୍ନ ସାଢ଼େ ୪ଟାରେ ସେ ବିଡିଓଙ୍କ ଅଫିସ ଚାମ୍ବରକୁ ଯାଇଥିଲେ। ବିଭିନ୍ନ ସରକାରୀ ଯୋଜନାରେ ହୋଇସାରିଥିବା କାର୍ଯ୍ୟଗୁଡ଼ିକର ବିଲ୍ କାହିଁକି ପ୍ରଦାନ କରାଯାଉନି, କାର୍ଯ୍ୟ ନ ହୋଇ କିପରି ବିଲ୍ ହେଉଛି, ଏନଆରଜିଏସ, ଆବାସ ଯୋଜନା, ଅନ୍ତ୍ୟୋଦୟ ବାସଗୃହ ଇତ୍ୟାଦି ସହ ବିଭିନ୍ନ ଯୋଜନାରେ କାହିଁକି ଅର୍ଥ ଆଦାୟ ହେଉଛି ଆଦି ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ତେବେ ବିଡିଓ କଲ୍ୟାଣ ସୌରଭ ଦାସ ହଠାତ ଉତକ୍ଷିପ୍ତ ହୋଇ ଅଧ୍ୟକ୍ଷା (ଅନୁସୂଚିତ ଜାତିର ମହିଳା ପ୍ରତିନିଧି)ଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ତଥା ଅପମାନିତ କରି ଧକ୍କା ମାରିଥିଲେ। ଏହି ସମୟରେ ଅଧ୍ୟକ୍ଷାଙ୍କ ସ୍ୱାମୀ ପ୍ରଶାନ୍ତ ନାୟକ, ଠୋକର ସରପଞ୍ଚଙ୍କ ସ୍ୱାମୀ ବୁଲୁ, ବାବନ୍ଧ ସରପଞ୍ଚଙ୍କ ସ୍ୱାମୀ ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଅଧ୍ୟକ୍ଷା ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ହିନ୍ଦୋଳ ଥାନାଧିକାରିଣୀ ଚାରୁଲତା ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ବ୍ଲକ ଅଧ୍ୟକ୍ଷା ଓ ବିଡିଓ ଉଭୟ ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

ୟୁନିଅନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | ସାନ୍ନା ପ୍ରବୀନ୍, ସ୍ୱାମୀ: ମହମ୍ମଦ ଗଫୁର କୁରେଶୀ, ସା: ଯୋଡା ମାର୍କେଟ, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୪ / ୧୩୬୭୧୬୫୩୦୦୦୦୪୫୫ | ଟ.୩୦,୬୮୯.୦୦ | ୨.୩୬ | ୩.୧୩ |
| ୨. | ଶ୍ରୀମତୀ ସୁନିତା ପୃଷ୍ଟି, ସ୍ୱାମୀ: ଶୁକଦେବ ପୃଷ୍ଟି, ସା: କୋହୁରଇଡା, ଭୂୟାଁଇଡା, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୫ / ୧୩୬୭୧୬୫୩୦୦୦୦୩୮୦ | ଟ.୨୩,୬୮୬.୮୫ | ୫.୫୬ | ୬.୬୫ |
| | **ରାଇରଙ୍ଗପୁର ଶାଖା, ପ୍ଲଟ୍ ନଂ.: ୫୪/୧୦୬୬, ଡୋବେ ଧର୍ମଶାଳା ସାମ୍ନା, ୱାର୍ଡ ନଂ.-୯, ପୋ: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୩, ମୋ.: ୯୭୦୪୮୬୮୮୮୪** | | | |
| ୧. | ମହମ୍ମଦ ଜୁଲଫିକାର ଅଲ୍ଲି, ୱାର୍ଡ ନଂ.-୧୧, ଗ୍ରାମ: ଠାକୁରାଣୀବେଡା, ପୋ: ରାଇରଙ୍ଗପୁର, ଥାନା: ରାଇରଙ୍ଗପୁର, ମୟୂରଭଞ୍ଜ-୭୫୭୦୨୨ / ୭୬୩୯୦୬୬୩୦୦୦୦୦୦୩ | ଟ.୪୭,୮୦୨.୦୦ | ୧୧.୩୮୯ | ୧୬.୨୭ |
| | **ରେମୁଣା-କାନୁଗଞ୍ଜ ଶାଖା, ଗଣେଶ୍ୱରପୁର, କାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | ଶ୍ରୀ ପ୍ରଫୁଲ୍ଲ କୁମାର ଜେନା, ପିତା: ଝାଡେଶ୍ୱର ଜେନା, ସା: ସରସ୍ୱତୀପୁର, ପୋ: ଛଣପୁର, ବାଲେଶ୍ୱର, ପିନ୍-୭୫୬୦୫୬ / ୭୨୩୭୦୬୬୩୦୦୦୦୦୦୫୧ | ଟ.୧,୫୬,୬୩୦.୦୦ | ୩୩.୪୧୭ | ୩୫.୫୬ |
| | **ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ୧ମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯** | | | |
| ୧. | ଶ୍ରୀ ସୁଦାମ ମହାରଣା, ପିତା: ସୁଧବ ମହାରଣା, ସା: ମହାରଣା ସାହି, ବାଣେଶ୍ୱର ନିକଟ, ବାଲେଶ୍ୱର-୭୫୬୦୦୨ / ୫୦୦୬୦୬୫୪୦୦୦୦୯୬୭ | ଟ.୪,୮୨,୯୯୩ | ୮୫ | ୧୦୦.୬ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୪.୦୯.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

### ପରଜଙ୍ଗକୁ ଏନଏସି ମାନ୍ୟତା ଦାବି

# ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ପରଜଙ୍ଗ, ୪।୯(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗକୁ ପୂର୍ବ ସରକାର ଏନଏସି ଘୋଷଣା କରିଥିଲେ। ପୂର୍ବ ସରକାର ସମୟରେ ଗଡ଼ପରଜଙ୍ଗ ଓ ବାରିହାପୁର ପଞ୍ଚାୟତକୁ ନେଇ ପରଜଙ୍ଗ ଏନଏସି ଘୋଷଣା କରାଯାଇଥିବା ବେଳେ ବର୍ତ୍ତମାନ ସରକାର ଏହାକୁ ବାଦ୍ ଦେଇଥିବାରୁ ଏହାର ପ୍ରତିବାଦରେ ଗୁରୁବାର ବିଜେଡି ରାଜରାସ୍ତାକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛି। ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ହାତରେ ବ୍ୟାନର ଓ ଦଳୀୟ ପତାକା ଧରି ବାଇକ୍ ଶୋଭାଯାତ୍ରାରେ ଆସି ପରଜଙ୍ଗ ବଜାରରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମହେନ୍ଦ୍ର ସୁବାହୁସିଂହଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରଜଙ୍ଗକୁ ତୁରନ୍ତ ଏନଏସି ମାନତା ପ୍ରଦାନ ଦାବିରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ବରିଷ୍ଠ ନେତା ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ଯୁବନେତା ଭୂପେଶ ପ୍ରଧାନ, ନିର୍ମଳ ବାରିକ, ସମୀର ସାହୁ, ଜିତେନ୍ଦ୍ର ବେହେରା ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ। ପରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ମନୋରଞ୍ଜନ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବିଜେଡି ପରଜଙ୍ଗ ବନ୍ଦ ପାଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି କୁହାଯାଇଛି।

# ବିନା ଅନୁମତିରେ ରାସ୍ତା ଖୋଳିଲେ ଠିକାଦାର

କାମାକ୍ଷାନଗର, ୪।୯(ସମିସ)

**ଘଟୁଛି ଦୁର୍ଘଟଣା**

ପାନୀୟ ଜଳ ପ୍ରକଳ୍ପ ପାଇଁ ଢେଙ୍କାନାଳ କାମାକ୍ଷାନଗର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା କଡ଼ରେ ପାଇପ ବିଛାଯାଇଛି। ଠିକାଦାର ପାଇପ୍ ବିଛାଇବା ରାସ୍ତା ଖୋଳିଦେଇଛନ୍ତି। ଏପରିକି ରାସ୍ତା ଖୋଳିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ଅନୁମତି ଆଣିନାହାନ୍ତି। ରାସ୍ତା ଖୋଳାଯିବା ଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଛି।

ଠିକାଦାର ମନଇଚ୍ଛା ରାସ୍ତାକୁ ଖୋଳିଦେଇଥିଲେ ମଧ୍ୟ ତାହାକୁ ଠିକ୍ ଭାବେ ମରାମତି କରାଯାଇ ନାହିଁ। ଏହି ପୂର୍ତ୍ତ ରାସ୍ତାଦେଇ ଦୈନିକ ରାଉରକେଲାରୁ ଆରମ୍ଭ କରି କାମାକ୍ଷାନଗର ଉପଖଣ୍ଡରୁ ଶହଶହ ଗାଡ଼ି ଚଳାଚଳ କରୁଥିବା ବେଳେ ଏବେ ବର୍ଷାଦିନ ହୋଇଥିରୁ ଯିଏ ପିଚୁରୁ ତଳକୁ ଖସିଲା ସିଏ ସେହିଠାରେ ଦୁର୍ଘଟଣାର ଶିକାର ହେଉଛି। ଗୁରୁବାର କମାକ୍ଷାନଗରରୁ ଢେଙ୍କାନାଳ ଆଡ଼କୁ ଯାଉଥିବା ଏକ କ୍ରୋମାଇଟ ବୋଝେଇ ଟିପ୍ପର ଗାଡ଼ି ଆଲୁଅଝରଣ ନିକଟରେ ରାସ୍ତା ପାର୍ଶ୍ୱ ଧାନଜମିକୁ ଓଲଟି ପଡ଼ିଛି। କେବଳ ଆଜିର ଘଟଣା ନୁହଁ, ଏହି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟିଛି। ସଠିକ ଭାବେ ମାଟି ଫିଲିଂ ହୋଇ ନ ଥିବା ବେଳେ ବର୍ଷାଦିନ ଯୋଗୁଁ ସେହି ରାସ୍ତା କଡ଼ରେ ଘାସ ଉଠିଯାଇଛି। ତେଣୁ ପିଚୁ ତଳକୁ ଗାଡ଼ି ଖସିବା ମାତ୍ରେ ଦୁର୍ଘଟଣାର ଶିକାର ହେଉଛି। କାମ ହେଉଥିବା ସମୟରେ ରାସ୍ତା ଉପରେ ମାଟି ପକାଇ ଅଧା ରାସ୍ତାକୁ ବନ୍ଦ କରିଦେଇଥିଲା ଠିକା କମ୍ପାନୀ। ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଏ ଦିଗରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କ ଦୃଷ୍ଟି ପଡ଼ି ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



## ବସ୍‌ରୁ ପଡ଼ି କଲେଜ ଛାତ୍ର ଗୁରୁତର

ଖଜୁରିଆକଟା, ୪।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ମହାବିଦ୍ୟାଳୟର ଯୁକ୍ତ ୩ ବାଣିଜ୍ୟ ବିଭାଗ ପ୍ରଥମ ବର୍ଷ ଛାତ୍ର ବାପି ସାହୁ (୧୯) ବସ୍‌ରୁ ପଡ଼ି ଗୁରୁତର ଆହତ ହୋଇଛନ୍ତି। ବୁଧବାର ବାପି କଲେଜରୁ କ୍ଲାସ ସାରି ବସ୍ ଯୋଗେ



ନିଜ ଘର ଓଡ଼ାପଡ଼ାକୁ ଫେରୁଥିବା ବେଳେ ବାଲିମି ଛକରେ ବସରୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଖଜୁରିଆକଟା ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ମେଡିକାଲ ସ୍ଥାନାନ୍ତର କରାଯାଇଛି। ହିନ୍ଦୋଳ ଉପଖଣ୍ଡରେ ଚଳପ୍ରଚଳ କରୁଥିବା ବସ୍‌ଗୁଡ଼ିକରେ କ୍ଷମତାଠାରୁ ଯଥେଷ୍ଟ ଅଧିକ ଯାତ୍ରୀ ପରିବହନ କରାଯାଉଥିଲେ ହେଁ ଏଥିପ୍ରତି କାହାରି ନିଘା ନାହିଁ। ଏଥିଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

## ମହୁଲି ଗ୍ରାମରେ ଲକ୍ଷ୍ମୀପୂଜା ମାଟି ଅନୁକୂଳ

ଢେଙ୍କାନାଳ, ୪।୯ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ମହୁଲି ଗ୍ରାମରେ ୬୦ତମ ଲକ୍ଷ୍ମୀପୂଜା ଉପଲକ୍ଷେ ଗୁରୁବାର ପବିତ୍ର ସୁନିଆ ଓ ବାମନ ଜନ୍ମ ଅବସରରେ ବ୍ରାହ୍ମଣୀ ନଦୀ ତଟ କମଗରା ଘାଟରେ ସଂକୀର୍ତ୍ତନ ମଣ୍ଡଳୀ ସହ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଛି। ମୁଖ୍ୟ ପୂଜକ ବିଭୂତି ଭୂଷଣ ଦାସ, କର୍ତ୍ତା ଧରଣୀଧର ସାହୁ, ସଭାପତି ସନ୍ତୋଷ ବିଶ୍ୱାଳ, ସମ୍ପାଦକ ଉଚ୍ଛବ ନନ୍ଦ, ନାୟକ ମହୁଲି ଓ ଗ୍ରାମବାସୀଙ୍କ ସହଯୋଗରେ ମାଟି ଅନୁକୂଳ କରାଯାଇଥିଲା।

## ପବିତ୍ର ସୁନିଆରେ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

● ହିନ୍ଦୁ ମୁସଲିମ ଭାଇଚାରାରେ ପୂଜା ପାଳିବ ଜଗନ୍ନାଥ ବଜାର

କାମାକ୍ଷାନଗର, ୪।୯(ସମିସ): କାମାକ୍ଷାନଗରର ଗଣପର୍ବ ଦଶହରାକୁ ଆଉ କିଛିଦିନ ବାକି ଥିବାବେଳେ ଏହାକୁ ନେଇ ଚଳଚଞ୍ଚଳ ହୋଇଛନ୍ତି ସହରର ବିଭିନ୍ନ ପୂଜା ପ୍ରତିଷ୍ଠାନ। ଦୁର୍ଗାପୂଜା ନିମନ୍ତେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ଗୁରୁବାର ପବିତ୍ର ସୁନିଆରେ ମାଟି ଅନୁକୂଳ ହୋଇଛି। ସହରର ବହୁ ପୁରାତନ ଜଗନ୍ନାଥ ବଜାର



ତରଫରୁ ସ୍ଥାନୀୟ ଆଳତୁମା ନିକଟରେ ମାଟି ଅନୁକୂଳ କରାଯାଇଛି। ଦୀର୍ଘବର୍ଷ ଧରି ଜଗନ୍ନାଥ ବଜାର ପୂଜା ପ୍ରତିଷ୍ଠାନ ଦୁର୍ଗାପୂଜା କରି ଆସୁଥିବା ବେଳେ ହିନ୍ଦୁ, ମୁସଲିମଙ୍କ ମଧ୍ୟରେ ଭାଇଚାରା ନେଇ ପୂଜା ଅନୁଷ୍ଠିତ ହେଉଛି। ଜଗନ୍ନାଥ ବଜାରରେ ବହୁ ସଂଖ୍ୟାରେ ମୁସଲିମ ସମ୍ପ୍ରଦାୟର ବ୍ୟକ୍ତି ବ୍ୟବସାୟ କରୁଥିବା ବେଳେ ମା'ଙ୍କ ମାଟି ଅନୁକୂଳ କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିଥିଲେ।

## ମାନବ ସେବା ଟ୍ରଷ୍ଟ ତରଫରୁ ହାତୀ ସୁରକ୍ଷା ସଚେତନତା



ଖଜୁରିଆକଟା, ୪।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ମାନବ ସେବା ଚାରିଟେବୁଲ ଟ୍ରଷ୍ଟ ଅନୁଗୋଳ ଓ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ ଜନମଙ୍ଗଳ ସଂସ୍ଥା ରାସୋଲ ମିଳିତ ଆନୁକୂଲ୍ୟରେ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଙ୍ଗଲ କ୍ଷୟକୁ ରୋକାଯାଇ ପାରିଲେ ହାତୀର ବଂଶ ବୃଦ୍ଧି ହୋଇପାରିବ। ଜଙ୍ଗଲ କଟାଯାଇ ଜନବସତି ଗଢ଼ିଉଠିବା ଦ୍ୱାରା ହାତୀମାନେ ଜଙ୍ଗଲ ଛାଡ଼ି ଜନବସତିମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ମଣିଷ-ହାତୀ ଲଢ଼େଇ ପରିସ୍ଥିତି ଉପୁଜୁଛି। ବେଳେବେଳେ ଶିକାରୀ, ବିଦ୍ୟୁତ ତାର ଓ ଟ୍ରେନ ଦ୍ୱାରା ବହୁ ହାତୀଙ୍କ ମୃତ୍ୟୁ ହେଉଛି। ସରକାର ଏଥିପ୍ରତି ଯଥେଷ୍ଟ ସଚେତନ ରହିଥିଲେ ମଧ୍ୟ ଜନସାଧାରଣ ସଚେତନ ହେବା ଅତ୍ୟନ୍ତ ଜରୁରୀ ବୋଲି ମାନବ ସେବା ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଚିନ୍ମୟୀ ଦାସ କହିଛନ୍ତି। ପରେ ଦଣ୍ଡିରୀ, କନକା, ରଜାଙ୍କ ଓ ବାଘଧରିଆ ଗ୍ରାମକୁ ଯାଇ ହାତୀ ଓ ମଣିଷ ଉଭୟଙ୍କ ସୁରକ୍ଷା ଦିଗରେ ସଚେତନ କରାଯାଇଥିଲା। ଗତ ମାସରେ ଗୋଟିଏ ଦିନରେ ୩ ଜଣଙ୍କୁ ହାତୀ ଦଳି ମାରିଦେଇଥିବା ବାଘଧରିଆ ଗ୍ରାମର ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯିବା ସହ ଆଗକୁ କିପରି ଏହି ଘଟଣାର ପୁନରାବୃତ୍ତି ନ ହେବ ସେ ବିଷୟରେ ସରକାରଙ୍କୁ ନିବେଦନ କରି ଗ୍ରାମବାସୀଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜନମଙ୍ଗଳ ସଂସ୍ଥା ମୁଖ୍ୟ ବିଭୁ ଶତପଥୀ, ନିରୁପମା ମିଶ୍ର, ଦଣ୍ଡରୀ ବନପାଳ ଗିରୀଶ ଚନ୍ଦ୍ର ଦେହୁରୀ, ମଧୁସୂଦନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

● ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର

## ୩୧୭୯ ଶ୍ରମିକଙ୍କୁ ୧୭କୋଟି ୩୪ଲକ୍ଷ ଟଙ୍କା ପ୍ରଦାନ

କାମାକ୍ଷାନଗର, ୪।୯(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଡିଟୋରିଅମ ପରିସରରେ ଗୁରୁବାର ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ୩୧୭୯ ଜଣ ଶ୍ରମିକଙ୍କୁ ବିବାହ ଶିକ୍ଷା, ଜନ୍ମକାଳୀନ, ମୃତ୍ୟୁ ଓ ଶୁଦ୍ଧିକ୍ରିୟା ଆଦି ସହାୟତା ବାବଦ ସମୁଦାୟ ୧୭ କୋଟି ୩୪ ଲକ୍ଷ ୭୪ ହଜାର ୬୦୦ ଟଙ୍କା ପ୍ରଦାନ କରାଯାଇଛି। ଡିଭିଜନାଲ ଶ୍ରମ କମିଶନର



ମୋନାଲିସା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଉପଜିଲ୍ଲାପାଳ ଦୀନମଣି ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ତହସିଲଦାର ଶୁଭଙ୍କର ମହାନ୍ତି, ବିଡିଓ ପ୍ରଭୁକଲ୍ୟାଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୃଷ୍ଟିହୀନ ବିଦ୍ୟାଳୟରେ ଚାରାରୋପଣ

ଢେଙ୍କାନାଳ, ୪।୯(ସମିସ): ଢେଙ୍କାନାଳ ସହରସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପରିସରରେ ଜଗା ଚାକର ସଂଘ ପକ୍ଷରୁ ବିଭିନ୍ନ ପନିପରିବା ଓ ଫଳଚାରା ରୋପଣ



କରାଯାଇଛି। ୧୦ଟି କଲମୀ ଆମ୍ବ, ୧୦ଟି ଅମୃତଭଣ୍ଡା, ୫ଟି ଲେମ୍ବୁ ଓ ୫ଟି ସଜନା ଚାରା ଲଗାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସମସ୍ତ ଛାତ୍ରଛାତ୍ରୀଙ୍କୁ କଲମ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ଓ ସଭ୍ୟ ପ୍ରଦୀପ ଧଳ ଏଥିରେ ଯୋଗଦେଇ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା କଲମ ଛାତ୍ରଛାତ୍ରୀଙ୍କୁ ଉପହାର ଦେଇଥିଲେ। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀଙ୍କ ପାଇଁ ଦଧିଅନ୍ନ ଓ ମିଠା ଖେଚୁଡ଼ି ମହାପ୍ରସାଦ ସହ ସ୍ୱତନ୍ତ୍ର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ସାହୁ, ଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡା ଓ ସରୋଜ ସାମଲ ଏଥିରେ ସହଯୋଗ କରିଥିଲେ। ସଂଘ ପକ୍ଷରୁ ଢେଙ୍କାନାଳ ମଣ୍ଡଳ ସଭାପତି ଅବିନାଶ ବରାଳ, ସମ୍ପାଦକ ସୌମ୍ୟରଞ୍ଜନ ପାଣି, ସଭ୍ୟ ଜ୍ୟୋତିରଞ୍ଜନ ସାମଲ, ଗିରିଜା ଶଙ୍କର ବରାଳ, ରାଜୀବ ଲୋଚନ ବିଶ୍ୱାଳ, ସତ୍ୟବ୍ରତ ସାହାଣୀ, ସୁଧାକର ବେହେରା ଓ ଜନ୍ମେଜୟ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

## ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ



ଖଜୁରିଆକଟା, ୪।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ନବାଗତ ଛାତ୍ରଛାତ୍ରୀ ତଥା ବିଭାଗରେ ନୂତନ ଭାବେ ଯୋଗଦାନ କରିଥିବା ଅଧ୍ୟାପିକା ରୁଚିସ୍ମିତା ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସ୍ୱାଗତ କରାଯାଇଛି। ବିଭଗ ମୁଖ୍ୟ ଶୁଭଲକ୍ଷ୍ମୀ ଦାସ ସଭାରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଇଂରାଜୀ ଅଧ୍ୟାପକ ଅକ୍ଷୟ କୁମାର ପାତ୍ର ଯୋଗଦେଇ ଶୃଙ୍ଖଳାଭ୍ୟାସ ସମସ୍ତ ଉନ୍ନତିର ମୂଳାଧାର ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ରୂପେ ଅଧ୍ୟାପକ ଡ. କ୍ୟାପଟେନ କିଶୋର କୁମାର ପୃଷ୍ଟି, ସୁକାନ୍ତ କୁମାର ପତି, ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ କୁମାର ପତି ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଶିଷ ସାହୁ, ଭାଗ୍ୟଶ୍ରୀ ପ୍ରିୟଦର୍ଶିନୀ, ସନ୍ତୋଷ ସାହୁ, ପ୍ରିୟଙ୍କା ବେହେରା, ପ୍ରତ୍ୟୁଷ କୁମାର ନାଥ, ରାସେଶ୍ୱରୀ ବିଶ୍ୱାଳ ଓ ପ୍ରିୟଙ୍କା ରାଉତ ପ୍ରମୁଖ ସ୍ୱାଗତ ଅଭିଭାଷଣ ରଖିଥିଲେ। ଡେମୋନଷ୍ଟ୍ରେଟର ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତପୋବନ ପୀଠରେ ସୌର ଆଲୋକୀକରଣ

ଢେଙ୍କାନାଳ, ୪।୯(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କପିଳାସ ମହିମା ତପୋବନ ପୀଠରେ ପ୍ରଶାସନ ଉଦ୍ୟମରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହଯୋଗରେ ୧୦ କିଲୋୱାଟ୍ କ୍ଷମତାସମ୍ପନ୍ନ ସୌର ଆଲୋକୀକରଣ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି। ଢେଙ୍କାନାଳର ବିଦାୟୀ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଉଦ୍ୟମରେ ଏହା ସାକାର ରୂପ ନେଇଛି। ପୀଠର ପ୍ରବେଶପଥ ପାବଚ୍ଛ ଶ୍ରେଣୀ ପାର୍ଶ୍ୱରେ ୩ଟି, ଭିକ୍ଷା ମଣ୍ଡପ ପାର୍ଶ୍ୱରେ ୨ଟି, ବାର୍ଷିକ ମେଳା ସମୟରେ ପୀଠର ସର୍ବୋଚ୍ଚ ବ୍ରହ୍ମଧୂନୀ ସଂସ୍ଥାପନ ସ୍ଥଳୀରେ ୨ଟି ଏବଂ ଅଖଣ୍ଡ ବ୍ରହ୍ମଧୂନୀ ମନ୍ଦିର ନିକଟରେ ୩ଟି ଏପରି ମୋଟ



୧୦ଟି ରାସ୍ତାକଡ଼ ସୌର ଆଲୋକୀକରଣ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି। ଏତଦ୍‌ବ୍ୟତୀତ ପୀଠସ୍ଥିତ ବିଶ୍ରାମ ଗୃହର ଆଲୋକୀକରଣ ଓ ପଙ୍ଖା ଚାଲିବା ବ୍ୟବସ୍ଥା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଜିଲ୍ଲା ପ୍ରଶାସନର ଏହି ସମୟୋପଯୋଗୀ ସହଯୋଗ ପାଇଁ ପୀଠ ପ୍ରମୁଖ ଶ୍ରୀମଦ୍ ରଘୁନାଥ ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ସମ୍ପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପୁଲିସ ପରିବାର ତରଫରୁ ଦୁର୍ଗପୂଜା ମାଟି ଅନୁକୂଳ



ଢେଙ୍କାନାଳ, ୪।୯(ସମିସ): ଢେଙ୍କାନାଳ ଜିଲ୍ଲା ପୁଲିସ ପରିବାର ତରଫରୁ ପବିତ୍ର ଦୁର୍ଗାପୂଜା ନିମନ୍ତେ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ରିଜର୍ଭ ପୁଲିସ ଲାଇନ ଦୁର୍ଗାପୂଜା କମିଟି ତରଫରୁ ପ୍ରମୋଦ କୁମାର ପାଣି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଭାପତି ପରମାନନ୍ଦ ମିଶ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, କୋଷାଧ୍ୟକ୍ଷ ଶ୍ରୀକାନ୍ତ ଦଳେଇ, ମନ୍ଦିର କମିଟି ସମ୍ପାଦକ ରବିନାରାୟଣ ସେଠୀ, ସୁରେଶ ଚନ୍ଦ୍ର ପଣ୍ଡା, ମାୟାଧର ପ୍ରଧାନ, ପୀତବାସ ସିଂ, ରମେଶ ସେଠୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ମହିମା ତପୋବନ ପୀଠରେ ନବାନ୍ନ ସେବନ

ଢେଙ୍କାନାଳ, ୪।୯(ସମିସ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମହିମା ତପୋବନ ପୀଠରେ ଭାଦ୍ରବ ଶୁକ୍ଳ ଦଶମୀ ତିଥିରେ ନବାନ୍ନ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ତିନୋଟି ନୂଆ ହାଣ୍ଡିରେ ମହାପ୍ରଭୁ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ନୂଆ ଚୁଡ଼ା ସହ ଘିଅ, ମିଶ୍ରି, କ୍ଷୀର, ଦହି, ମହୁ, ଗୁଡ଼, ପାଚିଲା କଦଳୀ, ନଡ଼ିଆ କୋରା, ସେଓ, ଡାଳିମ୍ବ ଓ ଅଙ୍ଗୁର ମିଶ୍ରଣ କରାଯାଇ ଅହ୍ଣିଆ ଭୋଗ ଭାବେ ଲାଗି କରାଯାଇଥିଲା। ତିନିଜଣ ଗୃହୀ ଭକ୍ତଙ୍କ ଦ୍ୱାରା ଠିକ୍ ସୂର୍ଯ୍ୟୋଦୟ ସମୟରେ ଏହି ଅହ୍ଣିଆ ଟେକାଯାଇଥିଲା। ଏହା ପୂର୍ବରୁ ଅଖଣ୍ଡ ଜ୍ୟୋତି ମନ୍ଦିରରେ ଥିବା ବ୍ରହ୍ମଜ୍ୟୋତି ଏବଂ ସଂସ୍ଥାପିତ ବ୍ରହ୍ମଧୂନୀରେ ଘୃତାହୁତି କରାଯାଇଥିଲା। ବେଢ଼ା ଭଜନ, ପ୍ରଭାତ ଅବକାଶ ଓ ଆଠ ଭଜନ ଗାନ ପୂର୍ବକ ମନ୍ଦିର ବେଢ଼ା ପରିକ୍ରମା ଏବଂ ପ୍ରଭୁଙ୍କଠାରେ ଚାମର



ସେବା ଲାଗି ହୋଇଥିଲା। ଆଠଗଡ଼ର ମହିମା ଭକ୍ତ ସ୍ୱର୍ଗତ ଭାସ୍କର ଭୋଇଙ୍କ ଦାୟାଦ ଓ କୁଲାଇଲୋର ପ୍ରଶାନ୍ତ ବେଉରାୟ ଆବଶ୍ୟକ ନୂଆ ଚୁଡ଼ା ନବାନ୍ନ ଉତ୍ସବ ପାଇଁ ଯୋଗାଇ ଦେଇଥିଲେ। ଶ୍ରଦ୍ଧାଳୁମାନେ ପଞ୍ଚାମୃତ ଓ ଫଳ ମିଶ୍ରିତ ନୂଆ ଚୁଡ଼ା ସହ ଆମ୍ବୁଲ ଓ ନଡ଼ିଆରେ ପ୍ରସ୍ତୁତ ଖଟା ନବାନ୍ନ ରୂପେ ଗ୍ରହଣ କରିଥିଲେ। ଏହି ଅବସରରେ ନାଠୁଆ ଗ୍ରାମର ପୁରୁଷ ଓ ମହିଳା ଖଞ୍ଜଣୀ ଭଜନ ଦଳଙ୍କ ସହ କାମାକ୍ଷାନଗର ବଡ଼ସୁଆଁଳୋ ପଞ୍ଚାୟତ ଅରାଚୁଆ ଗ୍ରାମସ୍ଥିତ ମହିମା ଭଜନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ।

କୌପିନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ଓ ତାଙ୍କ ସହଯୋଗୀ କରୁଣାକର ବାବା, ଜ୍ଞାନୀ ବାବା, ସନକ ବାବା, କନ୍ଦର୍ପ ବାବା, ମୁରଲୀ ବାବା, ମନ୍ତ୍ରୀ ବାବା, ବିନୋଦ ବାବା, ନିବାରଣ ବାବା, ରବି ବାବା, ନିରାକାର ବାବା, ଅରୂପ ବାବା, ଆଦିକନ୍ଦ ବାବା, ଶ୍ରଦ୍ଧାକର ବାବା ଓ ସଦାନନ୍ଦ ବାବା ପ୍ରମୁଖ ଏହି ନବାନ୍ନ ଉତ୍ସବରେ ଯୋଗଦେଇଥିଲେ। ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଆବାହକ ଭକ୍ତ ପ୍ରଶାନ୍ତ ମହାପାତ୍ର, ଭକ୍ତ ପରେଶ ଜେନା, ବିଜ୍ଞାନୀ ବେହେରା, ଅଜୟ ଦେହୁରୀ, ପ୍ରେମାନନ୍ଦ ସେଠ, ଶ୍ରୀକାନ୍ତ ଦେହୁରୀ, ବାସୁଦେବ ଦେହୁରୀ, ବିଶ୍ୱାମିତ୍ର ମେହେର, ଅଲ୍ଲି ମେହେର, ପ୍ରଶାନ୍ତ ରାଉତ ଓ ପ୍ରଶାନ୍ତ ବେଉରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀମଦ୍ ରଘୁନାଥ ବାବାଙ୍କ ଅଧ୍ୟକ୍ଷତାରେ ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ ବର୍ଷ ପୂର୍ତ୍ତି ପାଳନର ରୂପରେଖ ନେଇ ଆଲୋଚନା କରାଯାଇଥିଲା। ଉତ୍ସବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ଡ. ହରିବାବୁ କମ୍ଭମପତି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ସାଂସଦ ରୁଦ୍ରନାରାୟଣ ପାଣି ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖଙ୍କୁ ନିମନ୍ତ୍ରଣ କରିବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଛି।

## ଗୁଡ଼ିଆନାଳୀ ତରଫରୁ ମାଟି ଅନୁକୂଳ



ଢେଙ୍କାନାଳ, ୪।୯(ସମିସ): ଗୁଡ଼ିଆନାଳି ଲକ୍ଷ୍ମୀପୂଜା ଅନୁଷ୍ଠାନ ପକ୍ଷରୁ ସୁନିଆ ଅବସରରେ ମାଟି ଅନୁକୂଳ କାର୍ଯ୍ୟ ସମାପନ ହୋଇଛି। ସମସ୍ତ ବ୍ୟବସାୟୀ ଓ ଯୁବକମାନେ ଏକତ୍ରିତ ହୋଇ ଘଣ୍ଟ, ଶଙ୍ଖ, ବୀରକାହାଳି, ନାମ ସଂକୀର୍ତ୍ତନ, ବାଜାବାଣ, ଶିଙ୍ଗିବାଜାର ତାଳେତାଳେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି କୁଞ୍ଜକାନ୍ତ ପୁଷ୍କରିଣୀ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜକ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟିର ବରିଷ୍ଠ ସଦସ୍ୟ ତଥା ସାଇକୃପା କଲେଜ ଅଧ୍ୟକ୍ଷ ଅନ୍ନଦା କୁମାର ମହାନ୍ତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ସଞ୍ଜୀବ କୁମାର ଶତପଥୀ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାରଣା, ପୂର୍ବତନ ସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ଜ୍ଞାନରଞ୍ଜନ ମିଶ୍ର, ପ୍ରତାପ ବରାଳ, ଦିଲୀପ ମହାନ୍ତି, ହେମନ୍ତ ବେହେରା, ଆନନ୍ଦ ବେହେରା, ଦିବ୍ୟରଞ୍ଜନ ସିଂହ, ଶିବପ୍ରସାଦ ଦାସ, ଅଶୋକ କୁମାର ସାହୁ, ଶରତ କୁମାର ମହାନ୍ତି, ମିଥୁନ ସେନାପତି, ଜିତେନ୍ଦ୍ର ବାରିକ, ପ୍ରଦୀପ ମୁଦୁଲିଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ସହଯୋଗ କରିଥିଲେ।

# ଭରାନଈରୁ ବେଆଇନ ବାଲି ଉତ୍ତୋଳନ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୪।୯ (ସମିସ)



ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନ ଥମିବାରେ ନା ଧରୁନାହିଁ। ବର୍ଷାଦିନରେ ନଦୀଗର୍ଭରୁ ବେଆଇନ୍‌ଭାବେ ବାଲି ଉତ୍ତୋଳନ କରାଯାଇ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଛି। ଆଜି ମଧ୍ୟାହ୍ନରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଲୁହା ନିର୍ମିତ ବୃହତ୍ ନୌକା ଜବତ୍ କରାଯାଇଥିବା ବେଳେ ଉତ୍ତୋଳନକାରୀମାନେ ନୌକା ଛାଡି ଚମ୍ପଟ ମାରିଥିବା ଜଣାଯାଇଛି। ସୁବର୍ଣ୍ଣରେଖା ନଦୀର ବାଲି ଉତ୍ତର ଓଡ଼ିଶା ଓ ପଶ୍ଚିମବଂଗରେ ବହୁ ଚାହିଦା ରହିଛି। ବାଲି ମାଫିଆମାନେ ବେଆଇନ୍‌ଭାବେ ବାଲି ଉତ୍ତୋଳନ କରି ପଶ୍ଚିମବଂଗକୁ ଚୋରାଚାଲାଣ କରି ଆସୁଥିଲେ। ଏନ୍‌ଜିଟିର ରୋକ୍ ପରେ ଜଳେଶ୍ୱରର ୨୬ଟି ସୈରାତ ବନ୍ଦ ହେବା ପରେ ଚୋରା ଚାଲାଣ ଆରମ୍ଭ ହୋଇଥିଲା। ଖଣି ବିଭାଗ ପକ୍ଷରୁ ବାଲି ଚୋରାଚାଲାଣକୁ ବନ୍ଦ ଲାଗି ବହୁ ଚେଷ୍ଟା କରାଯାଇ ଆସୁଥିବାବେଳେ ସ୍ଥାନୀୟ ପ୍ରଶାସନର ଆନ୍ତରିକ ସହଯୋଗ ନ ଥିବାରୁ ଏହାକୁ ରୋକାଯାଇପାରୁନାହିଁ। ବର୍ଷାଦିନରେ ନଦୀମଝିରେ ଥିବା ବାଲିଚଡ଼ରୁ ବାଲି ନୌକା ଦ୍ୱାରା ଉତ୍ତୋଳନ କରାଯାଇ କୂଳକୁ ଆଣି ସେଠାରୁ ଟ୍ରାକ୍ଟର ଦ୍ୱାରା ପରିବହନ କରାଯାଇ ପଶ୍ଚିମବଂଗକୁ ଚାଲାଣ ହୋଇ ଆସୁଛି। ଫଳରେ ବାଲି ମାଫିଆମାନେ ମାଲେମାଲ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇ ଆସୁଅଛି। ଆଜି ଜିଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଓ ସତ୍ୟଚିନ୍ମୟ ଜେନାଙ୍କ ନେତୃତ୍ୱରେ ଜଳେଶ୍ୱର ପୁଲିସ୍ ଶିଖରପୁର ନିକଟରେ ଚାଲିଥିବା ବେଆଇନ୍ ବାଲି ଉତ୍ତୋଳନ ଉପରେ ଚଡାଉ କରିଥିଲେ। ବାଲି ଉତ୍ତୋଳନ ଲାଗି ବ୍ୟବହୃତ ନୌକାକୁ କୂଳରେ ଛାଡି ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଏକ ବୃହତ ନୌକାକୁ ଖଣିବିଭାଗ ଜବତ୍ କରି ପୁଲିସ୍ ୱାର୍ଡରେ ରଖାଯାଇଛି। ସୁବର୍ଣ୍ଣରେଖାର ନଦୀକୂଳ ଗ୍ରାମ ମାକିଡିଆ, ତୋଟାପଡ଼ା, ପ୍ରହରାଜପୁର, ମାଳିପାଳ, ବଜାରଶୋଳ, ମଥୁରାନାଥ, ଶିଖରପୁର,

**ଖଣି ବିଭାଗ ପକ୍ଷରୁ ଚଢ଼ଉ, ନୌକା ଜବତ**

ବେଲବାରିଆ, ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ଗୋପ, ବିରେଶପୁର, ମହମ୍ମଦନଗର ପାଟଣାଠାରୁ ନଦୀର ତଳିଆ ଅଞ୍ଚଳରେ ଡଙ୍ଗାରେ ବାଲି ଉଠାଇ ବିକ୍ରୀ କରିବା ସହିତ ବିଭିନ୍ନ ଜାଗାରେ ଗଚ୍ଛିତ କରାଯାଉଥିବାର ଦେଖିବାକୁ ମିଳୁଛି। ନଦୀରେ ବନ୍ୟାପରେ ଏପରି ବହୁ ନୌକାଦ୍ୱାରା ଚୋରା ବାଲି ଉତ୍ତୋଳନ କରାଯାଇ ଆସୁଥିବାରୁ ପ୍ରଶାସନ ଏଥିପ୍ରତି ନଜର ରଖିବାକୁ ଦାବି ହେଉଛି।

# ନୀଳଗିରିରେ ନକଲି ସୁନାଇଟା ବେପାର

ନୀଳଗିରି, ୪।୯ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ କେତେବେଳେ ହନୁମାନ ପଇସା କାରବାର ତ ଆଉ କେତେବେଳେ ନକଲି ସୁନା ଇଟା କାରବାର ନାଁରେ ଠକେଇ ହେଉଛି। ନୀଳଗିରି ସହରର ଜଣେ ଯୁବକ ଅତି ଚତୁରତାର ସହ ପିତଳକୁ ମେଲ୍ଟ କରି ଇଟା ଆକୃତି କରି ତା ଉପରେ ସୁନାର ଗୁଣ୍ଡ ପକାଇ ଫିନିଶିଂ କରି ପିତଳ ଇଟାର ମଝିରେ ମଝିରେ ଛୋଟ ଛୋଟ ହୋଲ୍ କରି ତା ଭିତରେ କିଛି ସୁନା ଗୁଣ୍ଡ ପକାଇ ଲେବୁଲ୍

**ଠକିନେଲେ ୧୬ ଲକ୍ଷ ଟଙ୍କା**

କରିଥିଲେ। ଯେଉଁ ପାର୍ଟି କିଣିବା ପାଇଁ ଆସନ୍ତି ଅତି ଚତୁରତାର ସହ ହୋଲ୍ କରିଥିବା ସ୍ଥାନରେ ଗ୍ରାଇଡିଂ କରି ଅସଲି ସୁନାକୁ ଦେଖାଇ ବେପାର କରିଆସୁଥିଲେ। ମାତ୍ର କ୍ରେତା ଯେତେବେଳେ ୧୬ ଲକ୍ଷ ଟଙ୍କାରେ ବିସ୍କୁଟ ଆକାରରେ କାଟି ଦେଇଥିବା ବେଳେ ପରେ ଏହା ନକଲି ବୋଲି ଜଣାପଡ଼ିଥିଲା। ତେବେ ଏ ନେଇ ଗତ ଅଗଷ୍ଟ ୧ ତାରିଖରେ କୃଷ୍ଣ ନାୟକ ଗଞ୍ଜାମ ବରହମପୁର ଅଞ୍ଚଳର ଲୋକ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଖୋଳତାଡ଼ ଆରମ୍ଭ ମଧ୍ୟ କରିଥିଲା। ଏହା ପଛରେ ଏକ ରାକେଟ ଥିବାର ପୁଲିସ୍ ତଦନ୍ତରୁ ଜଣାପଡ଼ିଥିବା ବେଳେ ଏହି ନୀଳଗିରି ଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଏହାର ଚେର ଲମ୍ବିଥିବା ଜଣାପଡ଼ିଛି। ଶେଷରେ ଗୁରୁବାର ନୀଳଗିରି ସହରର ମୁଖ୍ୟ ଅଭିଯୁକ୍ତକୁ ଶେରଗଡ଼ ଟୋଲ ଗେଟ ନିକଟରେ ପୁଲିସ କାବୁ କରିଥିଲେ। ପରେ ମୁଖ୍ୟ



ଅଭିଯୁକ୍ତକୁ ଗିରଫ କଲା ପରେ ତା ଘର ବାହାରେ ଏକ ସ୍ଥାନରେ ଗାତ କରି ପୋତି ଥିବା ନକଲି ସୁନା ଇଟାକୁ ପୁଲିସ୍ ଜବତ କରିଛି। ଏହି ଘଟଣାରେ ପୁଲିସ୍ ଅନ୍ୟ ଜଣେ ଅଭିଯୁକ୍ତକୁ କେନ୍ଦ୍ରାପଡ଼ା ଅଞ୍ଚଳରୁ ଗିରଫ କରିଛି। ଅନ୍ୟ ପଟେ ଏହି କାରବାର ରେ ଆହୁରି ପାଞ୍ଚ ଜଣ ଯୁବକ ସମ୍ପୃକ୍ତି ରହିଥିବା ବେଳେ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଶିକ୍ଷକ ମନୋନୀତ



ବାଲିଆପାଳ, ୪।୯ (ସମିସ): ବାଲିଆପାଳ ବ୍ଲକର ଏକମାତ୍ର ଏଲିମେଣ୍ଟରୀ ଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମୁଳିଆର ସହକାରୀ ଶିକ୍ଷକ ନିତାଇ ଚରଣ ରାଉଳ ମନୋନୀତ ହୋଇଛନ୍ତି। ଆସନ୍ତା କାଲି ପବିତ୍ର ଗୁରୁ ଦିବସରେ ତାଙ୍କୁ ଏହି ପୁରସ୍କାର ମିଳିବ ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି। ଶ୍ରୀ ରାଉଳ ଦୀର୍ଘ ପଚିଶି ବର୍ଷ ଧରି ବାଲିଆପାଳ ବ୍ଲକରେ ଶିକ୍ଷକତା କରି ଆସୁଛନ୍ତି। ଏହି ସଫଳତା ପାଇଁ ବାଲିଆପାଳର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ସମେତ ସମସ୍ତ ଶିକ୍ଷକ ସଂଘ, ବାଲିଆପାଳ ମିଡ଼ିଆ ଫୋରମ୍, ବିଦ୍ୟାଳୟ ପରିଚାଳନା କମିଟି, ସହକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସିଆରସିସି ଯଶୋବନ୍ତ ଜେନା ଶୁଭେଚ୍ଛା ଜଣାଇ ଛନ୍ତି।

● ବାଲିଆପାଳରେ ବର୍ଷା ବିପ୍ରାତ

## ସୁବର୍ଣ୍ଣରେଖାରେ ୭ମ ବନ୍ୟା ଆଶଙ୍କା

ବାଲିଆପାଳ, ୪।୯ (ସମିସ): ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ କାଲି ରାତିରୁ ଅବିରତ ବର୍ଷା ଲାଗି ରହିଛି। ବର୍ଷା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଲୋକେ ନାହିଁ ନ ଥିବା ଅସୁବିଧାରେ ପଡ଼ିଥିବା ଦେଖିବାକୁ ମିଳିଛି। ବାରମ୍ବାର ବିଦ୍ୟୁତ କାଟ ହେଉଛି। ତଳିଆ ଗାଁକୁ ବିଦ୍ୟୁତ ସରବରାହ ନାହିଁ। ସୁବର୍ଣ୍ଣ ରେଖା ନଦୀ କୂଳ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ଆଦି ପଂଚାୟତର ଲୋକମାନେ ବନ୍ୟା ଆଶଙ୍କାରେ ରହିଛନ୍ତି। ଏହି ସବୁ ପଂଚାୟତର ତଳିଆ ଅଞ୍ଚଳରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ଷୋଳସା ପାଣ୍ଟ, ଚାନ୍ଦମଣୀ ପାଣ୍ଟ, କାଳନ୍ଦା ପାଣ୍ଟ, ମଧୁପୁରା ପାଣ୍ଟ ଆଦିରେ ଦୁଇ ଫୁଟରୁ ଅଧିକ ପାଣି ଜମି ଗଲାଣି। ଖରିଫ ଧାନ ଚାଷ ମଧ୍ୟ ବର୍ଷା ପାଣିରେ ବୁଡି ରହିଛି। ଏହି ସବୁ ପଂଚାୟତର ତଳିଆ ଅଞ୍ଚଳର ଲୋକଙ୍କ ଘରେ ମଧ୍ୟ ବର୍ଷା ପାଣି ପଶିଛି। ପାଣ୍ଟ ଜମିରୁ ବର୍ଷା ପାଣିନିଷ୍କାସନ ନ ହେଲେ ଧାନ ଚାଷ ପଚିବା ଆଶଙ୍କା ରହିଛି। ସେହିପରି ବଙ୍ଗୋପ ସାଗର କୂଳ ଡଗରା, ବେତଗଡ଼ିଆ, ନୂଆଗାଁ, ପଂଚୁପାଲି, ଜାମ୍ବୀରାଇ ଆଦି ପଂଚାୟତର ଲୋକ ମାନେ ସମୁଦ୍ର ଜୁଆର ମାଡି ଆସିବା ଆଶଙ୍କା ରେ ରହିଛନ୍ତି। ଅନ୍ୟପକ୍ଷରେ ଗତ କାଲିଠୁ ସୁବର୍ଣ୍ଣ ରେଖା ନଦୀର ଜଳସ୍ତର ବଢ଼ିବାକୁ ଲାଗିଛି। ନଦୀ ପାଣି ଉପରକୁ ଉଠିଲେ ତଳିଆ ଅଣ୍ଚଳ ଖୁବ ଶୀଘ୍ର ଜଳାର୍ଣ୍ଣବ ହୋଇ ଯିବ। ସେହିପରି ରାସ୍ତା କଡ଼ ଡ୍ରେନ ଅବରୋଧ ଯୋଗୁଁ ରାସ୍ତା ରେ ବର୍ଷା ପାଣି ଗଡୁଛି। ବାଲିଆପାଳ-ବସ୍ତା ମୁଖ୍ୟ ରାସ୍ତା କଡ଼ ଏବେ ବହୁ ସଂଖ୍ୟାରେ ଅବରୋଧ ଯୋଗୁଁ ରାସ୍ତାରେ ବର୍ଷା ପାଣି ଜମି ରହିଛି। ବାରମ୍ବାର ଅଭିଯୋଗ ପରେ ରାସ୍ତା କଡ଼ରୁ ଜବର ଦଖଲ ହଟୁ ନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

● ବସ୍ତା ଷ୍ଟେସନରେ ଉତ୍କଳ ଏକ୍ସପ୍ରେସ ପୁନଃ ରହଣି

## ପାଇଲଟଙ୍କୁ ସ୍ୱାଗତ କଲା ବସ୍ତା ଜେଏମଏମ



ବସ୍ତା ବ୍ଲକ, ୪।୯ (ସମିସ): କରୋନା ସମୟରୁ ବସ୍ତା ଷ୍ଟେସନରେ ରହଣି କରୁଥିବା ପୁରୀ ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସକୁ ବାତିଲ କରା ଯାଇଥିଲା। ଟ୍ରେନ ଚଳା ଚଳ ସ୍ୱାଭାବିକ ହେବା ପରେ ମଧ ରେଳବାଇ ପକ୍ଷରୁ ବସ୍ତା ରହଣୀକୁ ବାତିଲ କରିଥିଲା। ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ଗତ ୧ ତାରିଖ ରାତିରୁ ଉଭୟ ଅପ୍ ଓ ଡାଉନ୍ ରେ ରେଳବାଇ ବିଜ୍ଞପ୍ତି ଅନୁସାରେ ଯୋଗ ନାମ ପରିବର୍ତ୍ତନ ହୋଇ ଚାଲୁ ଥିବା ନଗରୀ - ଋଷିକେଶ - ପୁରୀ ଏକ୍ସପ୍ରେସ ବସ୍ତା ରେ ଷ୍ଟପେଜ୍ ଶୁଭାରମ୍ଭ ହୋଇ ଥିଲା। ଯାହାକୁ ନେଇ ବସ୍ତାବାସୀ ମଧ୍ୟରେ ଖୁସି ଆଣି ଦେଇଥିଲା। ଏହି ପରିପ୍ରେକ୍ଷୀରେ ବିଳମ୍ବିତ ରାତିରେ ଜେଏମଏମର ଜିଲ୍ଲା ସଭାପତି କମଲ ଲୋଚନ ବାରିକ, ବସ୍ତା ବ୍ଲକ ସଭାପତି ମିର୍ ଯାହିରୁଦ୍ଦିନ କାଦ୍ରୀ, ଉପ ସଭାପତି ପ୍ରଶାନ୍ତ କୁମାର ପାତ୍ରଙ୍କ ସମେତ ଦଳର ନେତୃ ମଣ୍ଡଳୀ ଟ୍ରେନ ବସ୍ତା ରେ ଅଟକିବା ପରେ ପାଇଲଟ ଓ ଗାର୍ଡଙ୍କୁ ପୁଷ୍ପ ଗୁଚ୍ଛ ସହ ମିଠା ପ୍ୟାକେଟ ଦେଇ ସମ୍ବର୍ଦ୍ଧନା ଜଣାଇବା ସହିତ ରେଳବାଇକୁ ଧନ୍ୟବାଦ ଅର୍ପଣ କରିଥିଲେ।

● ସରକାରୀ ରାସ୍ତା ଅବରୋଧ

## ଉଚ୍ଛେଦ ଲାଗି ବ୍ଲକ ସମ୍ମୁଖରେ ମହିଳାଙ୍କ ଧାରଣା

ଜଳେଶ୍ୱର, ୪।୯ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାର୍ଡ ପଞ୍ଚାୟତର କାପାଳ ଗାଁର ଏକ ଗ୍ରାମ୍ୟ ରାସ୍ତାକୁ କେତେକ ବ୍ୟକ୍ତି ଅବରୋଧ କରି ରଖିବାରୁ ସମାଧାନ ଲାଗି ଗାଁର ମାଳତୀ ଦାସ




ଜିଲାପାଳଙ୍କୁ ବାରମ୍ବାର ଆବେଦନ କରିଛନ୍ତି। ମହିଳାଙ୍କ ବାସସ୍ଥାନ ସମ୍ମୁଖରେ ଏହି ରାସ୍ତା ଅବରୋଧ ହେଉଥିବାରୁ ସେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏଥିନିମନ୍ତେ ଚିଠି ନଂ ୪୩୯୭ ତା ୯-୧୨-୨୪, ୧୦୪୮ ତା ୪-୩-୨୫ ଓ ୧୦୪୯ ୨୪-୩-୨୫ ରେ ସମାଧାନ ନିମନ୍ତେ ଜିଲାପାଳ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଓ ମହିଳାଙ୍କୁ ନ୍ୟାୟ ମିଳିନଥିବାରୁ ପୂର୍ବ ସୂଚନା ଅନୁଯାୟୀ ମାଳତୀ ଦାସ ଓ ଅନ୍ୟମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିଲେ। ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧିର କୁମାର ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଘଟଣାସ୍ଥଳକୁ ତହସିଲଦାର ଓ ବିଡିଓ ଯାଇ ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳା ଜଣକ ଆନ୍ଦୋଳନରୁ ବିରତ ରହିଥିଲେ। ମାଳତୀ ଦାସଙ୍କ ସହିତ ସିପିଏମ୍ ନେତା ଦିଲ୍ଲିପ ଗିରି, ଦିପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ନରେନ୍ଦ୍ର ରାଉତ, ପଲ୍ଟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ

ସୋର, ୪।୯ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଷ୍ଟେସନ ଛକରେ ଥିବା ରୟାଲ ହୋଟେଲ ସଭାଗୃହରେ କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ମୋତିଲାଲ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।




ଏଥିରେ ଏଆଇସିସି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ହାସନ ଲୋକସଭା କ୍ଷେତ୍ରର ସାଂସଦ ଶ୍ରେୟସ ଏମ ପଟେଲ ଯୋଗଦେଇ ଦଳକୁ ତୃଣମୁଳ ସ୍ତରରୁ ସଂଗଠିତ କରିବା ପାଇଁ କର୍ମୀଙ୍କୁ ପରାମର୍ଶ ଦେବା ସହିତ ଜଣ ଜଣଙ୍କୁ ଭେଟି ଜିଲ୍ଲା ସଭାପତି ଚୟନ ପାଇଁ ମତାମତ ନେଇଥିଲେ। ଏହି ସମୟରେ ଉପସ୍ଥିତ ନେତାମାନେ ବାଲେଶ୍ୱର ଜିଲ୍ଲାକୁ ଦୁଇ ଗୋଟି ସାଙ୍ଗଠନିକ ଜିଲ୍ଲାରେ ପରିଣତ କରିବା ପାଇଁ ପର୍ଯ୍ୟବେକ୍ଷକ ଶ୍ରୀ ପଟେଲଙ୍କୁ ପ୍ରସ୍ତାବ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିସିସି ପକ୍ଷରୁ ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ବିପ୍ଳବ ଚୌଧୁରୀ, ପ୍ରାକ୍ତନ ବିଧାୟକ ସୁରେନ୍ଦ୍ର ପରମାଣିକ, ଯୁବନେତା ସୁବ୍ରତ ଧଡ଼ା ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ନଗର ସଭାପତି ରାଜେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ଶ୍ରୀକାନ୍ତ ଜେନା, ରାଜେଶ ମହାପାତ୍ର ପରିଚାଳନା କରିଥିବା ବେଳେ ପ୍ରାକ୍ତନ ବ୍ଲକ ଅଧକ୍ଷ ସତ୍ୟନାରାୟଣ ମହାପାତ୍ର, ଗୌରାଙ୍ଗ ତ୍ରିପାଠୀ, ଯୋଗେନ୍ଦ୍ର ଜେନା, ବିଭୁତି ଦାସ, ରଜନୀକାନ୍ତ ପାତ୍ର, ପାରିଷଦ ଜିତରଞ୍ଜନ ମହାପାତ୍ର, ନିଶାକର ମହାନ୍ତିଙ୍କ ସମେତ ସୋର ବ୍ଲକ ଏବଂ ପୌର ପାଳିକାରୁ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ଆଦିବାସୀ ସମାଜର ବୈଠକ

ବାଲିଆପାଳ, ୪।୯ (ସମିସ): ବାଲିଆପାଳ ବୀରସିଦ୍ଧୁ କାହ୍ନୁ ଜୁଆନ ସେମଲେଦ ମଥାନି ପଞ୍ଚାୟତର ଆହ୍ୱାନ କ୍ରମେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତରେ ଆଦିବାସୀ ସମାଜର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଖଗେନ୍ଦ୍ର ମୁର୍ମୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାମଚନ୍ଦ୍ର ବେସରା ଯୋଗଦେଇ ଆଦିବାସୀ ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକର ସମସ୍ତ ଆଦିବାସୀ ସମାଜ (ସାନ୍ତାଳ ସମ୍ପ୍ରଦାୟ)ଙ୍କୁ ଏକାଠି କରିବାର ସିଦ୍ଧାନ୍ତ ହୋଇଥିଲା। ଏହି ପ୍ରସ୍ତାବ ଅନୁଯାୟୀ ବାଲିଆପାଳ ବ୍ଲକରେ ସଭାପତି ଭାବେ ମୁକୁନ୍ଦ ସିଂ (ଟୁଡୁ) ଙ୍କ ନାମ ମନୋନୀତ ସାଙ୍ଗକୁ ବ୍ଲକ ରେ ସମସ୍ତ ଆଦିବାସୀମାନଙ୍କୁ ଏକାଠି କରିବାର ଦାୟିତ୍ୱ ଦିଆଯାଇଛି। ଆଜିର ଏହି ବୈଠକରେ ଭୋଗରାଇ ବ୍ଲକର ଗଣେଶ ହେମରମ, ଚୈତନ୍ୟ ହାଁସଦା, ନରେଶ ମୁର୍ମୁ ଓ ଜଳେଶ୍ୱର ବ୍ଲକର ରତ୍ନାକର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥ ସିଂ (ବାପି) ସହଯୋଗ କରିଥିଲେ। ହାଡିବନ୍ଧୁ କିସ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଲୁହାପଡ଼ା-ଓଲମରା-ଧାନଘେରୀ ରାସ୍ତା ନିର୍ମାଣ

## ତ୍ରୁଟି ସଂଶୋଧନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଜଳେଶ୍ୱର, ୪।୯ (ସମିସ) : ରାଇବଣିଆ ଥାନା ଅର୍ନ୍ତଗତ ଲୁହାପଡ଼ା-ଓଲମରା-ଧାନଘେରୀ-ଆମ୍ବିଶୋଳକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ହେଉଥିବାରୁ ତାହା ଜଂଗଲ ମଧ୍ୟ ଦେଇ ନ ଯାଇ ନିକଟସ୍ଥ ବାଉଁଶବଣୀ, ବାରେଡିହି, ଆମ୍ବିଶୋଳ, ସୁଖଯୋଡି ଓ ପଥରଶୋଳ ଗ୍ରାମ୍ୟ ଦେଇ ନିର୍ମାଣ ଲାଗି କେତେକ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗତ ଆର୍ଥିକବର୍ଷ ୨୦୨୪-୨୫ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାଇବଣିଆରେ ଏକ ମୁଖ୍ୟମନ୍ତ୍ରୀ ସଡକ ନିର୍ମାଣ ହେଉଛି। କିନ୍ତୁ ରାସ୍ତାଟି ଜଂଗଲ ରାସ୍ତାରେ ନିର୍ମାଣ ନ ହୋଇ ନିକଟରେ ଥିବା ଉପରୋକ୍ତ ୫ଟି ଗାଁକୁ ସଂଯୋଗ କରି ନିର୍ମାଣ ପାଇଁ ଜନସାଧାରଣ ଦାବି କରିଛନ୍ତି। ଏହା ନିର୍ମାଣ ହୋଇ ପାରିଲେ ପ୍ରାୟ ପ୍ରତିଦିନ ୧୫ଶହ ଲୋକ ଯାତାୟାତ କରିବା ସହ ଅନ୍ୟ ମୁଖ୍ୟ ରାସ୍ତାକୁ ଯାଇପାରିବେ। ଉପରୋକ୍ତ ଗ୍ରାମବାସୀ ଅନ୍ୟ ସ୍ଥାନ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାଲାଗି ଏହି ରାସ୍ତାକୁ ବ୍ୟବହାର କରିବା ସହିତ ଦମକଳ ଓ ଆମ୍ବୁଲାନ୍ସ ସେବା ପାଇବାଲାଗି ଏହି ରାସ୍ତା ଜରୁରୀ। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାକୁ କେତେକ ନେତୃମଣ୍ଡଳୀଙ୍କ ପ୍ରଭାବରେ ଜଂଗଲ ମଧ୍ୟଦେଇ ନିର୍ମାଣ କରୁଥିବାରୁ ଉଦୟନାଥ ମୁର୍ମୁ, ଦେବାଶିଷ ମୁର୍ମୁ, ଫ୍ୟୁଦାଲ କିସ୍କୁଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର; ଦୁଇ ଶିଶୁ ଗୁରୁତର

ନୀଳଗିରି, ୪।୯ (ସମିସ): ଲଗାତାର ୪ଦିନ ଧରି ଲଘୁଚାପ ବର୍ଷାରେ ଯୋଗୁଁ ନୀଳଗିରିରେ ନାହିଁ ନ ଥିବା ଅସୁବିଧାରେ ଲୋକେ ପଡ଼ିଛନ୍ତି। ଗୁରୁବାର ଦିନ ତମାମ୍ ବର୍ଷା ଯୋଗୁଁ ମିତ୍ରପୁର୍ ଚର୍ଚ୍ଚ ନିକଟରେ ଥିବା ସାନ୍ଧିଆ ସିଂର ଆଜବେଷ୍ଟସ ଛପର ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିବାବେଳେ ଘରେ ଥିବା ଦୁଇ



ପିଲାଙ୍କ ଉପରେ ଛପର ପଡ଼ିଯିବାରୁ ଗୁରୁତର ହୋଇଥିବାର ଜଣାପଡ଼ିଛି। ଦୁଇ ପିଲା ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଦ ଜବତ, ୨ ଗିରଫ

ଭୋଗରାଇ, ୪।୯ (ସମିସ) : ଭୋଗରାଇ ଅବକାରୀ ଥାନା ପକ୍ଷରୁ ଭୋଗରାଇର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୩୦ ଲିଟର ବେଙ୍ଗଲ ମାର୍କା ଓ ଦେଶୀ ମହୁଲି ଚୋରା ମଦ ସହିତ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଞ୍ଚଳର ଅଜୟ କୁମାର ଦାସ ପାଖରୁ ୯ ଲିଟର ଓ ଉମାକାନ୍ତ ସିଂ ପାଖରୁ ୨୧ ଲିଟର ମଦ ଜବତ କରିଛି ଅବକାରୀ ବିଭାଗ। ଏନେଇ ଭୋଗରାଇ ଅବକାରୀ ଥାନାରେ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

## ରାଇବଣିଆରେ ମାତିଛନ୍ତି ଗୋରୁ ଚୋର

ଜଳେଶ୍ୱର, ୪।୯ (ସମିସ) : ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଥାନା ଅଞ୍ଚଳରେ ଗୋରୁ ଚୋର ମାତିଛନ୍ତି। ଖୁଦିଆ ମାଝି ସାହି ଗ୍ରାମ ପଞ୍ଚାୟତ ଆଡିଆ ସାହି ଗାଁର ଲକ୍ଷ୍ମଣ ସିଂ, ଲଲିନ୍ ସିଂ ଓ ବୁଦ୍ଧିଆ ସୋରେନଙ୍କ ଗୁହାଳରୁ ବୁଧବାର ରାତିରେ ଗୋରୁ ଚୋରି ହୋଇଥିବା ରାଇବଣିଆ ଥାନାରେ ଅଭିଯୋଗ ହୋଇଛି। ସୋମବାର ସରଡିହାରୁ ୨ଟି ଓ ଖୁଦିଆ ମାଝି ସାହିରୁ ୩ଟି ଗୋଧନ ଚୋରି ହୋଇଥିବା ଜଣାପଡ଼ିଛି। ରାତିରେ ପରିବାର ଶୋଇଥିବା ବେଳେ ଗୁହାଳରୁ ଗୋରୁ ଫିଟାଇ ଚୋରି ହୋଇଥିବା ଜଣାଯାଇଛି। ଫଳରେ ରାଇବଣିଆ ଅଞ୍ଚଳରେ ଗୃହ ପାଳିତ ପଶୁ ପାଳିଥିବା ଲୋକେ ଆଶଙ୍କାରେ ରହିଛନ୍ତି।

## ସରିଲା ବାହାବଳପୁରରେ 'ସାଗର କବଚ'

ରୂପସା, ୪।୯ (ସମିସ): ବାଲେଶ୍ୱର ଜିଲା ବାହାବଳପୁର ସାମୁଦ୍ରିକ ଥାନା ପକ୍ଷରୁ ଦୁଇ ଦିନିଆ 'ସାଗର କବଚ' କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ସମାପ୍ତ ହୋଇଛି। ଏଥିରେ ଏସପି ପ୍ରତ୍ୟୁଷ ଦିବାକର, ବସ୍ତା ଏସଡିପିଓ ମାନସ ଦେଓ, ସ୍ଥାନୀୟ ଥାନା ଆଇଆଇସି ରଶ୍ମିରେଖା ମଲ୍ଲିକ, ଏସ ଆଇ ପ୍ରଶାନ୍ତ କୁମାର ପାଣି, ସମସ୍ତ ଷ୍ଟାଫ, ସାଗର ମିତ୍ର ଦଳ, ବନ ବିଭାଗ, ଜିଲା ପୁଲିସ ବାହିନୀ ସମେତ ବିଭିନ୍ନ ଦଳ ସାମିଲ ହୋଇଥିଲେ। ଏଣ୍ଟ୍ରି ପଏଣ୍ଟ ହନୁମାନ ଛକ, ଏଣ୍ଡ୍ରାଇ ଛକ, ବଗଦା, ଦୁବୁଲା ଗଡ଼ି, ବାହାବଳପୁର ନଦୀ ମୁହାଣ ପ୍ରଭୃତି ସ୍ଥାନରେ ପୁଲିସ ବାହିନୀ ଓ ଅନ୍ୟାନ୍ୟ ଦଳ ଜଗି ରହିଥିଲେ। ଜଳ ଦସ୍ୟୁ, ବିଦେଶୀ ଅନୁପ୍ରବେଶକାରୀଙ୍କୁ ତୀକ୍ଷ୍ଣ ନଜର ରଖାଯାଇଥିଲା। ମାତ୍ର କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନ ଥିଲା। ବର୍ଷକରେ ଏହିପରି ଦୁଇଥର ଅଭ୍ୟାସ କରାଯାଇଥାଏ।

● ଝରଣା ପାଣିର ପ୍ରଖର ସ୍ରୋତ

## ପଞ୍ଚଲିଙ୍ଗେଶ୍ୱର ପୀଠରେ ବାବାଙ୍କ ସ୍ପର୍ଶ ଦର୍ଶନ ବନ୍ଦ



ନୀଳଗିରି, ୪।୯ (ସମିସ): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ସ୍ପର୍ଶ ଦର୍ଶନ ବନ୍ଦ। ଲଗାଣ ବର୍ଷାରେ ଯୋଗୁଁ ଦେବଗିରି ପାହାଡ଼ର ୮ ଫୁଟ ଉଚ୍ଚର ଝରଣା ପାଣିର ପ୍ରଖର ସ୍ରୋତ ଆସି ଶୈବପୀଠ ସ୍ଥଳୀ ଓ ପୂଜା ମଣ୍ଡପର ଦୀପ ଜାଳିବା ସ୍ଥାନରେ ଲହଡ଼ି ମାରୁଛି। ପାଣିର ସ୍ରୋତ ଏତେ ପ୍ରଖର ଯେ ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ଭକ୍ତ ଓ ପର୍ଯ୍ୟଟକ ସ୍ପର୍ଶ ଓ ଦର୍ଶନ କରିବା ବନ୍ଦ ରଖାଯାଇଛି। ନୀଳଗିରିରେ ଲଘୁଚାପ ବର୍ଷା ସୋମବାର ରାତ୍ରି ଠାରୁ ଲାଗିରହିଥିବା ବେଳେ ବୁଧବାର ରାତ୍ରିରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଗୁରୁବାର ନୀଳଗିରି ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ସମୟ ଧରି ବର୍ଷା ପାଣିର ସୁଅ ଛୁଟିଥିଲା। ଏହି ଲଗାଣ ବର୍ଷା ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ସେଠାରେ ଛିଡା ହୋଇ ଆଜି ପୂର୍ବାହ୍ନରେ ଆଳତୀ କରିବା କଷ୍ଟକର ହୋଇପଡ଼ିଛି। ଯେଉଁସ୍ଥାନରେ ଭକ୍ତମାନେ ଛିଡ଼ା ହୋଇ ବାବାଙ୍କୁ ପୂଜାର୍ଚ୍ଚନା କରନ୍ତି, ସେହି ଚଟାଣରେ ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା। ଏପରି ସମୟରେ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଝରଣା ଭିତରେ ପଞ୍ଚଲିଙ୍ଗ ସ୍ପର୍ଶ ବନ୍ଦ ରଖାଯାଇଥିବା ଜଣାପଡ଼ିଛି। ସୂଚନା ଦେବଗିରି ପର୍ବତ ମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି। ଏଠାରେ ନୀର ଶଯ୍ୟାରେ ବିଜେ ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରି ସାନିଧ୍ୟ ଲାଭ କରିବାର ସୁଯୋଗ ମିଳିଥାଏ।

# ଭୋଗରାଇ ପୂର୍ବାଞ୍ଚଳ ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଭୋଗରାଇ, ୪।୯ (ସମିସ)

ଭୋଗରାଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କ୍ରମରେ ଆଜି ଗୋପୀନାଥପୁର ସ୍ୱାମୀ ସ୍ୱରୂପାନନ୍ଦ ନୋଡାଲ ହାଇସ୍କୁଲ ପଡ଼ିଆରେ ପୂର୍ବାଞ୍ଚଳ ଜୋନ ଅନ୍ତର୍ଗତ ଏହି ବ୍ଲକର ୪୬ଟି ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଆଲୁମନି ସଭାପତି ପଙ୍କଜାକ୍ଷ ପଣ୍ଡା ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର



ସଭାପତି ବିଶ୍ୱମ୍ବର ଦାସ ଅଧିକାରୀ, ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ସିଟ ଏହି ଉଦଘାଟନ ସମାରୋହରେ ଯୋଗ ଦେଇଥିଲେ। ଆୟୋଜିତ ବିଭିନ୍ନ ବିଭାଗରେ ମୋଟ ୪୨୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଉଭୟ ସିନିୟର ବାଳକ, ଜୁନିୟର ବାଳକ, ସିନିୟର ବାଳିକା, ଜୁନିୟର ବାଳିକା ବିଭାଗ ରେ ମୋଟ ୧୨୦ ଜଣ ଛାତ୍ରଛାତ୍ରୀ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ କବାଡ଼ି, ଭଲିବଲ, ଖୋ ଖୋ, ବ୍ୟାଡମିଣ୍ଟନ, ଲମ୍ବଡିଆଁ, ଉଚ୍ଚଡିଆଁ, ୧୦୦, ୨୦୦, ୪୦୦, ୮୦୦, ୧୫୦୦ମିଟର ଦୌଡ଼, ସର୍ଟପୁଟ, ଜେଭେଲିନ ଇତ୍ୟାଦି କ୍ରୀଡ଼ା ରେ ଭାଗ ନେଇ ଥିଲେ। ଏହି ଭଳି ବିଭିନ୍ନ ଜୋନ ସ୍ତରରୁ ବ୍ଲକ ଏବଂ ଜିଲ୍ଲା ସ୍ତର ତଥା ସେଠାରୁ ରାଜ୍ୟ ସ୍ତର ପ୍ରତିଯୋଗିତାକୁ ମନୋନୀତ ହେବେ ବୋଲି ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ଜେନା, ସ୍ୱପ୍ନନ୍ଦୁ ଆଚାର୍ଯ୍ୟ, ଦିଲ୍ଲୀପ କୁମାର ପାତ୍ର, ସୁଶାନ୍ତ କୁମାର ବାରିକ, ଚକ୍ରଧର ମହାନ୍ତି, ମନୋଜ କୁମାର ସାହୁ, ସୁକୁମାର ଦାସ, ଦିଗ ବିଜୟ ପ୍ରଧାନ, ସଞ୍ଜୀବ କୁମାର ପଣ୍ଡା, ଶ୍ରୀକାନ୍ତ ଜେନା, ଉତ୍ତମ କୁମାର ଜେନା, ଆଶିଷ କୁମାର ବେହେରା, ଜୟନ୍ତ କୁମାର ଗିରି, ତନୁଲତା, ଶ୍ରାବଣୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ କ୍ଷିତିଶ ମାଝୀ, ଅନନ୍ତ ସରେନ, ଜୟକୃଷ୍ଣ ସେଠୀ, ନାରାୟଣ ଘୋଷ, ରବୀନ୍ଦ୍ର ଗିରି, ଅରୁଣ କୁମାର ଜେନା, ଶିକ୍ଷୟତ୍ରୀ ସୂଚନା ସିଂ, ସୁସ୍ମିତା ଦିଣ୍ଡାଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ପରିଚାଳନାରେ ସହାୟତା କରିଥିଲେ।





## ବିଏମ୍‌ସିର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ଅଶ୍ଳୀଳ ନୃତ୍ୟ, ଡିଜେ, ଲେଜର୍ ଲାଇଟ୍ ମନା

■ ସହରରେ ୧୯୦ ପୂଜା ମଣ୍ଡପ

■ ଖାଦ୍ୟମାନ ଯାଞ୍ଚ, ପ୍ଲାଷ୍ଟିକ୍‌ମୁକ୍ତ ଦୁର୍ଗାପୂଜାକୁ ଗୁରୁତ୍ୱ

ଭୁବନେଶ୍ୱର, ୪।୯ (ସମିସ)

ଚଳିତ ଦୁର୍ଗାପୂଜା ଆୟୋଜନକୁ ସୁଗମ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା ମେଲୋଡ଼ିରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ବାରଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଯେଉଁଠାରେ ଷ୍ଟ୍ରିଟ୍ ଲାଇଟ୍‌ର ସମସ୍ୟା ରହିଛି ତାହାର ସମାଧାନ ୪୮ ଘଣ୍ଟା ମଧ୍ୟରେ କରାଯିବ। ଏଥିପାଇଁ ଏଜେନ୍ସିଗୁଡ଼ିକୁ ଲୋକବଳ ବଢ଼ାଇବାକୁ କୁହାଯାଇଛି। ଏହା ସହ ରାସ୍ତା ମରାମତି ଉପରେ ପ୍ରାଧାନ୍ୟ ଦିଆଯାଉଛି। ସାଢ଼େ ୯ ରୁ ୧୦ କୋଟିର ଟେଣ୍ଡର ହୋଇ ୱାର୍କ ଅର୍ଡ଼ର ଦିଆଯାଇଥିବା ରାସ୍ତାକାମ ଚଳିତ ମାସରେ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ଭସାଣି ଉତ୍ସବକୁ ମଧ୍ୟ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନିଆଯିବ। ୱାଟକୋ ଭଳି ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟ ଯେପରି ରୋଡ୍ ଖୋଳିବା କିମ୍ବା କେଉଁଠାରେ ନୂଆ ରୋଡ୍ ବର୍ତ୍ତମାନ ନିର୍ମାଣ ନକରିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ଷା ନେଇ ଜଳବନ୍ଦୀ ସମସ୍ୟାକୁ ନେ ଆମେ ୩ ମାସ ହେଲା ପ୍ରସ୍ତୁତ ଅଛୁ। ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ




ର୍‌ୟାପିଡ ରେସପନ୍ସ ଟିମ୍ ସର୍ବଦା ପ୍ରସ୍ତୁତ ରହିବେ।

ସେହିପରି ମୀନାବଜାରରେ ଖାଦ୍ୟ ମାନ ନିୟମିତ ଯାଞ୍ଚ କରାଯିବ। ମିଠା ଦୋକାନ ଉପରେ ମଧ୍ୟ ନଜର ରହିବ। ପୂଜାମଣ୍ଡପଗୁଡ଼ିକରୁ ପୂଜାଫୁଲ ସଂଗ୍ରହ ପାଇଁ ବିଏମସି ଗାଡ଼ି ପହଞ୍ଚିବ। ସେହିପରି ପ୍ଲାଷ୍ଟିକ୍‌ମୁକ୍ତ ପୂଜା ସୁନିଶ୍ଚିତ କରିବା ପାଇଁ ପୂଜାମଣ୍ଡପ ଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ବିଏମସି ପକ୍ଷରୁ ପ୍ରତିବର୍ଷ ଭଳି କଣ୍ଟ୍ରୋଲରୁମ୍ କାର୍ଯ୍ୟକ୍ଷମ ହେବ। ବଡବଡ ପୂଜା ମଣ୍ଡପ ନିକଟରେ ବିଏମ୍‌ସି ପକ୍ଷରୁ ସଚେତନତା ବାର୍ତ୍ତା ଲଗାଯିବ। ପୂଜା ସମୟରେ ଅଧିକ ବୁଲା କୁକୁର ଥିବା ଅଞ୍ଚଳରୁ ନେଇ ବିଏମସି ସାଧମତେ କେନେଲରେ ପୂଜା ସମୟରେ ରଖିବାକୁ ଯୋଜନା କରାଯାଉଛି। ଆବଶ୍ୟକ ସ୍ଥଳେ ଏହାର ଏକ ସମୀକ୍ଷା ବୈଠକ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଏଥିରେ ପରିମଳ, ଏକକ ପ୍ଲାଷ୍ଟିକକୁ ନାଁ, ରାସ୍ତା ଓ ଆଲୋକ ମରାମତି, ଖାଦ୍ୟ ସୁରକ୍ଷା, ଟ୍ରାଫିକ ଓ ପାର୍କିଂ ପରିଚାଳନା, ଅଗ୍ନି ସୁରକ୍ଷା, ଅସ୍ଥାୟୀ ବିସର୍ଜନ ପୁଷ୍କରିଣୀ, କଣ୍ଟ୍ରୋଲ ରୁମ୍, ପୂଜା ପେଣ୍ଡାଲରେ ପରିମଳର ସଚେତନତା ବାର୍ତ୍ତା ସାଙ୍ଗକୁ ସଂଯୁକ୍ତ ବିଭାଗୀୟ ଅଧିକାରୀ ମାନେ ନିଜ ନିଜ କାର୍ଯ୍ୟ ଅବଧି ମଧ୍ୟରେ ସାରିବାକୁ ଆଲୋଚନା କରାଯାଇଥିଲା। ସହରରେ ୧୯୦ରୁ ଅଧିକ ପୂଜା ମଣ୍ଡପ ହେଲାଣି।

କେବଳ ବିଏମସି ରାସ୍ତା ନୁହେଁ ଅନ୍ୟାନ୍ୟ ବିଭାଗର ରାସ୍ତାଗୁଡ଼ିକର ମରାମତି କିପରି ସମୟ ପୂର୍ବରୁ ହୋଇପାରିବ ସେ ନେଇ ସବୁ ବିଭାଗ ନିର୍ଦ୍ଦେଶ ଦିଆଯିବା ସହ ପୂଜା ପୂର୍ବରୁ କୌଣସି ସ୍ଥାନରେ ରାସ୍ତା ନ ଖୋଳିବାକୁ ପରାମର୍ଶ ଦିଆଯାଇଛି। ପୁଲିସ ବିଭାଗ ଦ୍ୱାରା ମେଲୋଡିରେ ଅଶ୍ଳୀଳ ନୃତ୍ୟ ଉପରେ ରୋକ ଲଗାଯାଇଛି। ଲେଜର ଲାଇଟ୍ ଓ ଡିଜେକୁ ମଧ୍ୟ ବାରଣ କରାଯାଇଛି। ରାବଣ ପୋଡି ହେଉ ବା ମଣ୍ଡପ ନିକଟରେ ଲୋକ କିପରି ସୁରକ୍ଷିତ ରହିବେ ଏବଂ ପାର୍କିଂ ପ୍ରତି ଗୁରୁତ୍ୱ ଦିଆଯାଇଛି। ସମସ୍ତ ପୂଜାମଣ୍ଡପ ଏହାର ବ୍ୟବସ୍ଥା କରିବେ। ଜରୁରିକାଳୀନ ଯାନ ଚଳାଚଳ କରିପାରିବା ଭଳି ଉଚ୍ଚତା ବିଶିଷ୍ଟ ତୋରଣ ଓ ସାଜସଜ୍ଜା ରହିବ ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରତି ୱାର୍ଡକୁ ୫ଲକ୍ଷ ଟଙ୍କାର ଏକ ବଜେଟ୍ ଦିଆଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା ପ୍ରମୁଖ ଯୋଗ ଦେଇଥିଲେ।



ରାଜରାସ୍ତାରେ ରାଧାକୃଷ୍ଣ ! (ଫଟୋ: ସନ୍ତୋଷ)

## ଭିଏସ୍‌ଏସ୍ ନଗରରେ ମାଟି ଅନୁକୂଳ

ଭୁବନେଶ୍ୱର, ୪।୯ (ସମିସ): ସୁନିଆଁ ତିଥିରେ ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ବୀର ସୁରେନ୍ଦ୍ରସାଏ ନଗର ଦୁର୍ଗାପୂଜା ମଣ୍ଡପରୁ ପୂଜକ, କର୍ତ୍ତା, କର୍ମକର୍ତ୍ତା, ଶ୍ରଦ୍ଧାଳୁ ମାନେ କୁଆଖାଇ ନଦୀ କୂଳରେ ପୂଜା ହୋମ ପରେ ମା'ଙ୍କ ପ୍ରତିମା ନିର୍ମାଣ ପାଇଁ ନଦୀରୁ ମୃତ୍ତିକା ଉତ୍ତୋଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ଡ. ଜୟନ୍ତ କୁମାର ପରିଡ଼ା, ବରିଷ୍ଠ ସଦସ୍ୟ ଦିଲ୍ଲୀପ ଦାଶଶର୍ମା, କର୍ତ୍ତା ନିତ୍ୟରଞ୍ଜନ ନନ୍ଦ, କୋଷାଧ୍ୟକ୍ଷ ଭ୍ରମରବର ସାହୁ, ଯୁଗ୍ମ-ସମ୍ପାଦକ ଧରଣୀଧର ରାଉତ, ଖଗେଶ୍ୱର ପରିଡ଼ାଙ୍କ ସମେତ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ।

## ଟ୍ରେଜେରୀ ଅଫିସ ପାଚେରି ଭୁଶୁଡ଼ି ଚାପି ହୋଇଗଲା ୪ ଗାଡ଼ି



ଭୁବନେଶ୍ୱର, ୪।୯ (ସମିସ): ଭୁଶୁଡିଲା ରାଜ୍ୟ କୋଷାଗାର କାର୍ଯ୍ୟାଳୟ ପାଚେରି (ଟ୍ରେଜେରୀ)। ପ୍ରବଳ ବର୍ଷା ଯୋଗୁଁ ଖାରବେଳନଗର ସ୍ଥିତ ରାଜ୍ୟ କୋଷାଗାରର ୫୦ଫୁଟର ପାଚେରି ଭୁଶିଡି ପଡ଼ିଛି। ଯାହା ଫଳରେ ୪ଟି ଦାମୀ କାର ତଳେ ଚାପି ହୋଇଯାଇଛି। ଗୁରୁବାର ଦିନ ପ୍ରାୟ ୧୨ଟା ୪୫ମିନିଟରେ ଏହି ଘଟଣା ଘଟିଛି। ଏଥିରେ କେହି ଆହତ ହୋଇନଥିବା ବେଳେ କାର୍‌ଗୁଡିକ ପାଚେରି ତଳେ ଚାପି ହୋଇ ଭାଙ୍ଗିଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଥିବାବେଳେ ଦମକଳ ବାହିନୀ କି କୋଷାଗାର କେହି କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ତେବେ ଭଗ୍ନାବଶେଷ ଗୁଡିକ ହଟାଯିବା ପରେ କାର ଗୁଡିକୁ ବାହାର କରାଯାଇଥିଲା।

## ଅପରେସନ 'ପ୍ରହାର'

# ବାଲିଯାତ୍ରା ପଡ଼ିଆରୁ ବ୍ରାଉନ୍‌ସୁଗର ବେପାରୀ ଗିରଫ

ଗଞ୍ଜେଇ ଜବତ ପରେ ପାନ ଦୋକାନ ସିଲ୍

ଅବକାରୀ ଜାଲରେ ୩ ନିଶା ବେପାରୀ

ଭୁବନେଶ୍ୱର, ୪।୯ (ସମିସ): ନିଶା ବେପାରୀଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଅପରେସନ 'ପ୍ରହାର' ସାରା ରାଜ୍ୟରେ ଜାରି ରହିଛି। ଏସଟିଏଫ୍ ବାଲିଯାତ୍ରା ପଡ଼ିଆରୁ ବ୍ରାଉନସୁଗର ବେପାରୀକୁ ଗିରଫ କରିଥିବା ବେଳେ ଅବକାରୀ ବିଭାଗ ୩ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେହିପରି ଗଞ୍ଜେଇ ମିଳିବା ପରେ ସ୍ୱତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ପାନ ଦୋକାନକୁ ସିଲ୍ କରିଛି। ଗିରଫ ଅଭିଯୁକ୍ତ ହେଉଛି ସତ୍ୟନଗର ଦୁର୍ଗା ମଣ୍ଡପ ବସ୍ତିରେ ରହୁଥିବା ଭଦ୍ରକ ଧୂଷୁରୀ ଥାନା ଅଞ୍ଚଳର ରୁସନ କୁମାର ଜେନା (୨୭), ବଡ଼ଗଡ଼ ଥାନା ବାଙ୍କୁଆଳର ଶିବାନନ୍ଦ ସାହାଣୀ (୫୭), କେଶୁରାର ଭରତ ମଲ୍ଲିକ (୫୦), ପ୍ରଫୁଲ୍ଲ ବେହେରା (୪୯) ଓ କାନନ ବିହାରର ରବୀନ୍ଦ୍ରନାଥ ମିଶ୍ର (୪୫)।

ପୁଲିସ ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବ୍ରାଉନସୁଗର କାରବାର ଚାଲିଥିବା ନେଇ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍)କୁ ଖବର ମିଳିଥିଲା। ଏସଟିଏଫର ସ୍ୱତନ୍ତ୍ର ଟିମ୍ ବରିମୁଣ୍ଡ ବାଲିଯାତ୍ରା ପଡ଼ିଆରେ ଚଢ଼ଉ କରି ରୁସନକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ତା' ହେପାଜତରୁ ୧୦୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଏଥିସହିତ ୧୬୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ମଧ୍ୟ ଜବତ କରିଛି। ସେ ଓ ତା'ର ସହଯୋଗୀ ମିଶି ବାଲେଶ୍ୱର ଏବଂ ଭଦ୍ରକ ଅଞ୍ଚଳରୁ ବ୍ରାଉନସୁଗର ସଂଗ୍ରହ କରି ଭୁବନେଶ୍ୱରର ବେପାରୀଙ୍କୁ ବିକ୍ରି କରୁଥିଲେ ବୋଲି ରୁସନ ପୁଲିସ ଆଗରେ ସ୍ୱୀକାର କରିଛି। ରୁସନ ନାମରେ ପୂର୍ବରୁ ଖଣ୍ଡଗିରି, କ୍ୟାପିଟାଲ ଓ ଖାରବେଳ ନଗର ଥାନାରେ ୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଏସଟିଏଫ୍ ଏନଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ରୁସନକୁ କୋର୍ଟ ଚାଲାଣ କରିଛି।

ବାଙ୍କୁଆଳ ଅଞ୍ଚଳରେ ଗଞ୍ଜେଇ ବିକ୍ରି ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ ରେଞ୍ଜ ୧ର ସ୍ୱତନ୍ତ୍ର ଟିମ୍ ବିଏମସି, ଏସଟିଏଫ୍, ଏନସିବି ଓ ବଡ଼ଗଡ଼ ଥାନା ସହାୟତାରେ ବାଙ୍କୁଆଳ କରଣ ସାହିରେ ଥିବା ପାନ ଦୋକାନରେ ଚଢ଼ଉ କରିଥିଲେ। ସେଠାରେ ଗଞ୍ଜେଇ ବିକ୍ରି କରୁଥିବା ଶିବାନନ୍ଦ, ଭରତ ଓ ପ୍ରଫୁଲ୍ଲକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଗଞ୍ଜେଇ ଭର୍ତ୍ତି ସିଗାରେଟ୍ ଓ ଗଞ୍ଜେଇ ଜବତ କରିଥିଲା। ମୋଟ ୩ କିଲୋ ଗଞ୍ଜେଇ ସହ ୯୦୦ ଟଙ୍କା ଜବତ କରିଥିଲା। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

ସେପଟେ ଗୁରୁବାର ସକାଳେ କମିସନରେଟ ପୁଲିସର ସ୍ୱତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ପଟିଆ ଅଞ୍ଚଳରେ ଗଞ୍ଜେଇ ବିକ୍ରି ନେଇ ଖବର ପାଇଥିଲା। ଏସସିୟୁର ସ୍ୱତନ୍ତ୍ର ଟିମ୍ ବଜରଙ୍ଗ ବିହାର ଅଞ୍ଚଳରେ ଥିବା ରବୀନ୍ଦ୍ରନାଥର ପାନ ଦୋକାନରେ ଚଢ଼ଉ କରିଥିଲା। ସେଠାରୁ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ଜବତ କରିଥିଲା। ଓଜନ ପରେ ଅଧ କିଲୋ ଗଞ୍ଜେଇ ବୋଲି ଜଣାପଡ଼ିଥିଲା। ରବୀନ୍ଦ୍ରକୁ କୋର୍ଟ ଚାଲାଣ ପାଇଁ ଇନଫୋସିଟି ଥାନାକୁ ହସ୍ତାନ୍ତର କରିବା ସହ ଗଞ୍ଜେଇ ମିଳିବା ପରେ ପାନ ଦୋକାନକୁ ସିଲ୍ କରିଛି ପୁଲିସ।

## ଗଣେଶ ଭସାଣିରେ ଗୋଷ୍ଠୀ ସଂଘର୍ଷ; ୮ ଗିରଫ

ଭୁବନେଶ୍ୱର, ୪।୯ (ସମିସ): ଗଣେଶ ପୂଜା ଭସାଣିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପଥରଗାଡ଼ିଆ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ପକ୍ଷର ୮ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ତାରିଣୀ ପୂଜା କମିଟିର ସଦସ୍ୟ ଭୁବନ ଜେନା (୪୦), ପ୍ରମୋଦ ଜେନା (୩୦), ପପୁନା ଜେନା (୨୭), ସରୋଜ କୁମାର ଜେନା (୧୯), କୁଳମଣି ବେହେରା (୩୬) ଓ ମା ଶିଖରଚଣ୍ଡୀ ପୂଜା କମିଟିର ଶୁଭ୍ରାଂଶୁ ବେହେରା (୨୨), ରାହୁଲ ବେହେରା (୨୪), ଶ୍ରୀତମ ବେହେରା (୨୨)।

ପୁଲିସ ସୂଚନା ଅନୁସାରେ, ବୁଧବାର ରାତିରେ ପଥରଗଡ଼ିଆ ଅଞ୍ଚଳର ତାରିଣୀ ପୂଜା କମିଟି ଓ ମା ଶିଖରଚଣ୍ଡୀ ପୂଜା କମିଟି ତରଫରୁ ଗଣେଶ ଭସାଣି ଶୋଭାଯାତ୍ରା ଯାଉଥିଲା। ଉଭୟ କମିଟିର ଶୋଭାଯାତ୍ରା ଆଗପଛ ହୋଇ ତ୍ରିନାଥମନ୍ଦିର ଛକ ଅଭିମୁଖେ ବାହାରିଥିଲେ। ତ୍ରିନାଥମନ୍ଦିର ଛକ ନିକଟରେ ପଛରେ ଆସୁଥିବା ମା ଶିଖରଚଣ୍ଡୀ ପୂଜା କମିଟିର ସଦସ୍ୟମାନେ ତାରିଣୀ ପୂଜା କମିଟିର ଭସାଣି ଶୋଭାଯାତ୍ରାକୁ ଅତିକ୍ରମ କରିବା ଲାଗି ପ୍ରୟାସ କରିଥିଲେ। ଏହାକୁ ନେଇ ଉଭୟ କମିଟିର ସଦସ୍ୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ପରେ ଉଭୟପକ୍ଷ ପରସ୍ପରକୁ ଗାଳିଗୁଲଜ କରିବା ସହ ମରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ପ୍ରତିଆକ୍ରମଣ ପ୍ରକ୍ରିୟା ମଧ୍ୟରେ ତାରିଣୀ ପୂଜା କମିଟିର ସଦସ୍ୟମାନେ ତାଙ୍କ ନିକଟରୁ ସୁନା ଚେନ ଓ ବ୍ରେସଲେଟ ଲୁଟି ନେଇଥିବା କୃଷ୍ଣ ବେହେରା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ତାରିଣୀ ପୂଜା କମିଟିର ରମେଶ ଜେନା ମଧ୍ୟ ପାଲଟା ଅଭିଯୋଗ କରିଥିଲେ। ଦୁଇ ପକ୍ଷର ଅଭିଯୋଗ ଆଧାରରେ ପୁଲିସ ୨ଟି ମାମଲା ରୁଜୁ କରି ମୋଟ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦରମା ପାଇଁ 'ଉତ୍କଳ' କୁଳପତିଙ୍କୁ ଘେରିଲେ କର୍ମଚାରୀ

ଭୁବନେଶ୍ୱର, ୪।୯ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଠିକା କର୍ମଚାରିଙ୍କ ପରେ ନିୟମିତ କର୍ମଚାରୀଙ୍କୁ ମଧ୍ୟ ଦରମା ମିଳୁ ନ ଥିବା ଅଭିଯୋଗ ହୋଇଛି। ଅଗଷ୍ଟ ମାସର ଦରମା ୧ ତାରିଖରେ ମିଳିବାକୁ ଥିଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା କର୍ମଚାରୀମାନେ କୁଳପତିଙ୍କୁ ଘେରିଛନ୍ତି। ଦୀର୍ଘ ଦୁଇରୁ ଅଢ଼େଇ ଘଣ୍ଟା କାଳ ହୋ ହାଲ୍ଲା କରିଛନ୍ତି। ତୁରନ୍ତ ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ତଥ୍ୟ ସରକାର ମାଗିଥିଲେ। ହେଲେ ଏଷ୍ଟାବ୍ଲିସମେଣ୍ଟ ସେକ୍ସନ୍ ପକ୍ଷରୁ ତାହା ପ୍ରଦାନ କରାଯାଇ ନାହିଁ। ଫଳରେ ଠିକା କର୍ମଚାରୀଙ୍କୁ ମଧ୍ୟ ଦରମା ପ୍ରଦାନ କରାଯାଇନାହିଁ। ଏଣୁ କାର୍ଯ୍ୟରେ ଅବହେଳା ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପୂର୍ବକ ଦରମା ପ୍ରଦାନ କରାଯାଇ ନ ଥିବା ସୂଚନା ମିଳିଛି। ସବୁଠାରୁ ରୋଚକ କଥା ହେଲା, ଆନ୍ଦୋଳନ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ଥିବା ପ୍ରତିଭା ସାହୁ ବିଶ୍ୱବିଦ୍ୟାଳୟକୁ ଆସିଥିଲେ। ସେ ବାହାରିବା ସମୟରେ ତାଙ୍କୁ ମଧ୍ୟ ଘେରିବା ସହ ତୁରନ୍ତ ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ କୁଳପତି ବା କୁଳସଚିବଙ୍କ ପ୍ରତିକ୍ରିୟା ମିଳିପାରିନି।



## ପାର୍ବଣ ପୂର୍ବରୁ ମାତିଲେ ଆପାର୍ଟମେଣ୍ଟ ଲୁଟେରା

# ଦିନ ଦ୍ୱିପ୍ରହରରେ ୬ ଫ୍ଲାଟ୍‌ରେ ବୁଲାଇଲେ କଳାକନା

■ ସ୍ପେଶାଲ ଟିମ୍ ଗଠନ କରି ତଦନ୍ତ କରୁଛି ପୁଲିସ

■ ପୁଣି ଆପାର୍ଟମେଣ୍ଟ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ



ଭୁବନେଶ୍ୱର, ୪।୯ (ସମିସ): ପାର୍ବଣ ପୂର୍ବରୁ ରାଜଧାନୀରେ ମାତିଲେ ଲୁଟେରା। ପୁଣି ଦିନ ଦ୍ୱି ପ୍ରହରରେ ଫ୍ଲାଟ୍ ଭିତରେ ପଶି ଚୋରି କରିଛନ୍ତି। ଚନ୍ଦକା ଥାନା ଅଞ୍ଚଳରେ ଥିବା ୨ଟି ଆପାର୍ଟମେଣ୍ଟର ୬ଟି ଫ୍ଲାଟ୍‌ରେ ପଶି କଳାକନା ବୁଲାଇଛନ୍ତି ଚୋର। ଘରୁ ଲକ୍ଷାଧିକ ଟଙ୍କା ସହ ସୁନା ଗହଣା ଓ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି। ଫ୍ଲାଟ୍ ମାଲିକ୍ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ଫୁଟେଜ ଜବତ କରି ତଦନ୍ତ କରୁଛି। କଳାକନା ବୁଲାଇଥିବା ୨ଜଣ ଯୁବକ ସାଧାରଣ ବେଶରେ ଆପାର୍ଟମେଣ୍ଟ ଭିତରକୁ ପଶିଥିଲେ। ଯେଉଁ ସବୁ ଘରେ କେହି ନଥିଲେ ଉକ୍ତ ଘରକୁ ଟାର୍ଗେଟ କରି ଲୁଟ୍‌ପାଟ କରିଥିଲେ। ଚୋରି କରିବା ପରେ ଦୁଇ ଜଣ ସାଧାରଣ ଲୋକଙ୍କ ପରି ବାହାରି ଯାଇଥିଲେ। ହେଲେ ସେମାନଙ୍କୁ କେହିବି ଧରି ପାରିନଥିଲେ। ଚୋରି ହୋଇଥିବା ଫ୍ଲାଟ୍ ମାଲିକ ଘରୁ ଫେରି ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଛାନଭିନ କରିଥିଲେ। ଏନେଇ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ପାର୍ବଣ ପୂର୍ବରୁ ଚୋର ଆପାର୍ଟମେଣ୍ଟରୁ ସିରିଜି ଲୁଟ୍ କରି କମିସନରେଟ ପୁଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ଲୁଟର ଟିକନିକ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ନିକଟରେ ପାହାଳର ଏକ ଆପାର୍ଟମେଣ୍ଟରୁ ସିରିଜି ଲୁଟ୍ କରିଥିଲେ। କୌଶଳର ସହିତ ଘରର ଗ୍ରିଲ୍ ଏବଂ କବାଟକୁ ତାଡି ଘର ଭିତରେ ପଶିଥିଲେ। ୩ଟି ଫ୍ଲାଟରୁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟ କରିଥିଲେ। ପାହାଳ ଆପାର୍ଟମେଣ୍ଟରୁ ଚୋରି କରିଥିବା ଗ୍ୟାଙ୍ଗ୍ ଜେଲରୁ ବାହାରି ପୁଣି ଚନ୍ଦକା ଥାନା ଅଞ୍ଚଳରେ ଥିବା ଆପାଟମେଣ୍ଟରୁ ଲୁଟ୍‌ପାଟ କରିଥିବା ପୁଲିସ ସନ୍ଦେହ କରୁଛି। ସିସିଟିଭି ଫୁଟେଜରେ ଦେଖାଯାଉଥିବା ଦୁଇ ଅଭିଯୁକ୍ତଙ୍କ ସମ୍ପର୍କରେ ଖୋଳତାଡ଼ ଚାଲଛି ପୁଲିସ। ସୁରକ୍ଷିତ ରହିବା ପାଇଁ ଲୋକମାନେ ଆପାର୍ଟମେଣ୍ଟରେ ଘର କିଣି ରହୁଛନ୍ତି। ଆଉ ପ୍ରତି ମାସରେ ସୋସାଇଟି ଚାର୍ଜ ବାବଦକୁ ହଜାର ହଜାର ଟଙ୍କା ଗଣି ଦେଉଛନ୍ତି। କିନ୍ତୁ ବିଲଡରଙ୍କ ମନମାନି ଯୋଗୁଁ ଅନ୍ତେବେସୀ ନିଜ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆପାର୍ଟମେଣ୍ଟ ସୁରକ୍ଷା ପାଇଁ ସୋସାଇଟିକୁ ସିପି କଡ଼ା ନିର୍ଦ୍ଦେଶ ଦେଇଥିଲେ। ସିସିଟିଭି ଫୁଟେଜ ଲଗାଇବା, ସିକ୍ୟୁରିଟ୍ ଗାର୍ଡ ରଖିବା ଏବଂ ଅନ୍ୟ କିଛି ଗାଇଡ୍ ଲାଇନ୍ କରିଥିଲେ। ହେଲେ ତାହାକୁ ପାଳନ କରାଯାଉଥିବାରୁ ଏଭଳି ଆପାର୍ଟମେଣ୍ଟରୁ ଚୋରି ବଢ଼ୁଛି। ଚୋର ମାନେ ଆପାର୍ଟମେଣ୍ଟର କଡ଼ା ସୁରକ୍ଷା ବଳୟକୁ କେମିତି ଭେଦ କରୁଛନ୍ତି?

## ଅକ୍ୱିତାଙ୍କୁ କରାଟେ ବ୍ଲାକ୍ ବେଲ୍ଟ



ଭୁବନେଶ୍ୱର, ୪।୯ (ସମିସ): ଉତ୍କଳ କରାଟେ ସ୍କୁଲ୍ ମେନ୍ ଡୋଜୋର ଜଣେ ଯୁବ ପ୍ରତିଭା ଅକ୍ୱିତା ପଟ୍ଟନାୟକଙ୍କୁ କଳାର ଅଧ୍ୟୟନର ସ୍ୱୀକୃତି ସ୍ୱରୂପ ଶିତୋ ରିୟୁ ଶୁକୋ କାଇ କରାଟେ- ଡୋ କଳାରେ ବ୍ଲାକ୍ ବେଲ୍ଟ ଶୋ ଡାନ୍ ର୍‌ୟାଙ୍କ ପ୍ରଦାନ କରାଯାଇଛି। ୫ବର୍ଷର ଉତ୍ସର୍ଗୀକୃତ ତାଲିମ ପରେ ସେ ଏହି ସଫଳତା ହାସଲ କରିଛନ୍ତି। ଏହା ବର୍ଷ ବର୍ଷର କଠିନ ପରିଶ୍ରମ। ଏହି ସଫଳତା ପାଇଁ ପ୍ରଶିକ୍ଷକ ଡଃ. ହରିପ୍ରସାଦ ପଟ୍ଟନାୟକ, ଖାରବେଳ ମଲ୍ଲିକ ଏବଂ ସାଥୀ ଛାତ୍ରମାନଙ୍କୁ ସେ ଶ୍ରେୟ ଦେଇଛନ୍ତି।

## ଓଡ଼ିଶାରେ ୭୫ ଲକ୍ଷ ଚାରାରୋପଣ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୪।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ 'ଏକ ପେଡ଼ ମା' କେ ନାମ ୨.୦' ଅଭିଯାନ ଅଧୀନରେ ଓଡ଼ିଶାରେ ୭୫ ଲକ୍ଷ ବୃକ୍ଷଚାରା ରୋପଣ ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନର ପ୍ରସ୍ତୁତି ନେଇ ବୁଧବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଙ୍ଗଲ, ପରିବେଶ, ପଞ୍ଚାୟତିରାଜ, କୃଷି ବିଭାଗର ଅଧିକାରୀ ଓ ଜିଲ୍ଲାପାଳମାନେ ଯୋଗ ଦେଇ ପ୍ରସ୍ତୁତି ସମୀକ୍ଷା କରିଛନ୍ତି।

# ଅସୁରକ୍ଷିତ ରାସ୍ତା ସଫେଇ; ବାଜିରେ ଲାଗୁଛି ଜୀବନ

ଭୁବନେଶ୍ୱର, ୪।୯ (ସମିସ)



୧୬ ନମ୍ବର ଜାତୀୟ ରାଜପଥରେ ଅସୁରକ୍ଷିତ ଭାବେ ରାସ୍ତା ସଫା କରୁଛନ୍ତି ସଫେଇ କର୍ମଚାରୀ। ଅପରାହ୍ଣ ସମୟରେ ଗାଡ଼ି ମଟର ଚଳାଚଳ କରୁଥିବାବେଳେ ଶତାଧିକ ସଫେଇ କର୍ମଚାରୀ ରାସ୍ତା ଝାଡୁ କରୁଛନ୍ତି। ଏହି ସମୟରେ ମାତ୍ରାଧିକ ଗାଡ଼ି ଚଳାଚଳ କରୁଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହେଉଛି। ମାତ୍ର ଠିକା ସଂସ୍ଥା ପକ୍ଷରୁ କାମ କରିବାକୁ ନିର୍ଦ୍ଦେଶ ରହିଥିବାରୁ ସେମାନେ କାମ କରିବାକୁ ବାଧ୍ୟ ହେଉଛନ୍ତି। ସଫା କରୁଥିବା କିଛି କର୍ମଚାରୀ ଏଭଳି କହିଛନ୍ତି। ପୂର୍ବରୁ ଭୋର୍ ସମୟ ଓ ବିଳମ୍ବିତ ରାତିରେ ସଫା ହେଉଥିବାବେଳେ ଏବେ କିଛି ଦିନ ହେବ, ସନ୍ଧ୍ୟା ପୂର୍ବରୁ ଅପରାହ୍ଣରେ ସଫା କରାଯାଉଛି। ତେଣୁ ଏହି ସଫେଇ ବଡ଼ଧରଣର ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବୋଲି କୁହାଯାଉଛି। ଏଥିସହ ରାସ୍ତାରେ କୃତ୍ରିମ ଟ୍ରାଫିକ୍ ଜାମ୍ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି।

ବିଳମ୍ବିତ ରାତିରେ ଜାତୀୟ ରାଜପଥ ମେସିନ୍‌ରେ ସଫା କରାଯାଉଛି। କିଛି କିଛି ସ୍ଥାନରେ ଭୋର୍ ସମୟରେ ବି ସଫା କରାଯାଉଛି। ବର୍ଷ ବର୍ଷ ଧରି ଏଭଳି ସଫେଇ କାର୍ଯ୍ୟ ଚାଲୁ ରହିଛି। ମାତ୍ର କିଛି ଦିନ ହେବ ବିଏମ୍‌ସି ପକ୍ଷରୁ ସହରର ସର୍ଭିସ୍ ରୋଡ ଗୁଡ଼ିକରେ ଦିନ ବେଳା ସଫେଇ କରାଯାଉଛି। ମହିଳା ଓ ପୁରୁଷମାନେ ଝାଡୁ ମାରିବା ସହ ଠେଲା ଗାଡ଼ି ସାହାଯ୍ୟରେ ରାସ୍ତାରୁ ଅଳିଆ ଉଠାଉଛନ୍ତି। ଏହାଦ୍ୱାରା ରାସ୍ତା ସଫା ହେଉଥିଲେ ବି ସଫେଇ କର୍ମଚାରୀମାନେ ରାସ୍ତାକୁ ଅକ୍ତିଆର କରି ରଖିବାରୁ ରାସ୍ତା ଜାମ୍ ଭଳି ପରିସ୍ଥିତି ଉପୁଜୁଛି। ଏଥିସହ ବେପରୁଆ ଗାଡ଼ି ଚାଳନା କରୁଥିବା ଲୋକମାନେ ଏହି କର୍ମଚାରୀମାନଙ୍କୁ ଗାଡ଼ି ଧକ୍କା ଦେବାର ଆଶଙ୍କା ପ୍ରକାଶ ପାଉଛି। ତେଣୁ ଏହା ଉପରେ ବିଚାର କରାଯାଇ ଏହାକୁ ପୁନର୍ବାର ଭୋର୍ କିମ୍ବା ବିଳମ୍ବିତ ରାତିରେ ସଫେଇ କରାଗଲେ ଏଭଳି ବିପଦ ଆଶଙ୍କା ରହିବ ନାହିଁ ବୋଲି ମତ ପ୍ରକାଶ ପାଇଛି।

ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସଫେଇ କର୍ମଚାରୀ କହିଛନ୍ତି, ଆମକୁ ସୁପରଭାଇଜର୍ ରାସ୍ତା ସଫା କରିବାକୁ କହୁଛନ୍ତି। ପେଟପାଟଣା ପାଇଁ ଆମେ ବାଧ ହୋଇ ସଫା କରୁଛୁ। ଅନେକ ସମୟରେ ଗାଡ଼ି ଧକ୍କା ବି ହେଉଛି। ଛୋଟମୋଟ ଦୁର୍ଘଟଣା ହେଉଥିବାରୁ ତାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ମାତ୍ର ବଡ଼ ଦୁର୍ଘଟଣାକୁ ଏଡ଼ାଇ ହେବ ନାହିଁ। ପୂର୍ବରୁ ଆମେ ସକାଳୁ ସଫା କରୁଥିଲୁ। ସେତେବେଳେ ବହୁତ କମ ସଂଖ୍ୟାରେ ଗାଡ଼ି ଚାଳଚଳ କରୁଥିଲା। ମାତ୍ର ଉପରବେଳା ବହୁ ସଂଖ୍ୟାରେ ଗାଡ଼ି ଚଳାଚଳ କରୁଥିବାରୁ ଭୟ ଭିତରେ ଆମକୁ ସଫା କରିବାକୁ ପଡୁଛି ବୋଲି ସେ କହିଛନ୍ତି।



# ଆସୁଛନ୍ତି ମା’



## ନୂଆପଲ୍ଲୀ ଦୁର୍ଗାପୂଜା ସମିତି

# କୁଚୁପୁଡ଼ି ତୋରଣରେ ବିରାଜିବେ ଦୁର୍ଗା

ଭୁବନେଶ୍ୱର, ୪।୯ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ନୂଆପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ଏଥର ତୋରଣ ନିର୍ମାଣ କରାଯିବ। ସମିତି ପକ୍ଷରୁ ଆୟୋଜିତ ହୋଇଅସୁଥିବା ମା’ଙ୍କ ପୂଜା ଏଥର ୩୮ ବର୍ଷରେ ପଦାର୍ପଣ କରିବ। ଏହି ଉପଲକ୍ଷେ ଏଥରର ଆକର୍ଷଣ ପାଲଟିବ କୁଚିପୁଡ଼ି ତୋରଣ। ଭାରତୀୟ ସଂସ୍କୃତିର ଏହି ଅନନ୍ୟ ଲୋକ ନୃତ୍ୟର ବିଭିନ୍ନ ଦୃଶ୍ୟକୁ ଅତି ନିକଟରୁ ଅନୁଭବ କରିବେ ରାଜଧାନୀବାସୀ। ୭୫ ଫୁଟ ଉଚ୍ଚତା ଓ ୧୨୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ୧୭ ଫୁଟ ଉଚ୍ଚତାର ମା’ଙ୍କ ମୂର୍ତ୍ତି ପୂଜା ପାଇବ। ସେହିପରି ୨୨ଫୁଟର ଜରି ମେଢ଼ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ତେବେ ଚଳିତ ବର୍ଷ ମା’ଙ୍କ ମୂର୍ତ୍ତି ଗଙ୍ଗା ମାଟିରେ ନିର୍ମାଣ କରାଯାଉଥିବା ସୂଚନା ରହିଛି। ସେହିପରି ତୋରଣ ନିର୍ମାଣ କାର୍ଯ୍ୟରେ ୪୦ଜଣ କାରିଗର ନିୟୋଜିତ ହୋଇଛନ୍ତି।

ଚଳିତ ବର୍ଷ ମଣ୍ଡପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରବେଶ ପଥରେ ୧୦ଟି ବଡ଼ବଡ଼ ଲାଇଟ୍ ଗେଟ୍ ରହିବ। ଏହାସହ ଦୁଇ କିଲୋମିଟର ପର୍ଯ୍ୟନ୍ତ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିବ ସାରା ଅଞ୍ଚଳ। ଏହାସହ ନୟାପଲ୍ଲୀ ଥାନା ଛକ ଠାରୁ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଏଲଇଡି ଲାଇଟରେ ସଜ୍ଜିତ କରାଯିବ। ବିଭିନ୍ନ ଦେବାଦେବୀଙ୍କ ଛବି ଦେଖିବାକୁ ମିଳିବ। ସେହିପରି ପୂଜାକୁ ଆହୁରି ଆକର୍ଷଣୀୟ କରିବାକୁ ମୀନାବଜାର ସହ ୧୨୦ଟି ଷ୍ଟଲରେ ବିଭିନ୍ନ ଜିନିଷ ବିକ୍ରିବଟା ହେବ। କେବଳ ସେତିକି ନୁହେଁ ହସ୍ତତନ୍ତର ବିକାଶ ଲାଗି ନାବାର୍ଡ ପକ୍ଷରୁ ମଧ୍ୟ ଷ୍ଟଲ୍ ଖୋଲାଯିବ। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ପ୍ରତି ସନ୍ଧ୍ୟାରେ ଭଜନ, ମେଲୋଡି, ଡ୍ୟାନ୍ସ, ରାମଲୀଳା ଆଦି ପରିବେଷଣ ହେବ। ବିଧି ଅନୁସାରେ, ୬ଷ୍ଠୀରେ ବେଲ୍ଲ ବରଣୀ କଳସଯାତ୍ରା ଅନୁଷ୍ଠିତ ହେବ। ମା’ଙ୍କ ପୀଠରେ ଷୋଳପୂଜା ଏବଂ ସପ୍ତମୀରେ ଚକ୍ଷୁଦାନ କରାଯିବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ରକମର ପିଠାପଣା ମା’ଙ୍କ ପାଖରେ ଅର୍ପଣ କରାଯିବ। ଏହାସହିତ ମା’ଙ୍କ ପାଖରେ ଅନ୍ନ ଓ ଦହି ପଖାଳ ଭୋଗ ଲାଗି କରାଯିବ। ଦଶମୀରେ ଅପରାଜିତା ପୂଜା ମଧ୍ୟ କରାଯିବ। ପ୍ରତିଦିନ ୧୦ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ରହିବ। ସେହିପରି ପ୍ରତିବର୍ଷ ଭଳି ଏଥର ମଧ୍ୟ ରାବଣ ପୋଡି ଅନୁଷ୍ଠିତ ହେବ। ରାବଣପୋଡ଼ି ଉତ୍ସବ ମଣ୍ଡପ ସମ୍ମୁଖ କସ୍ତୁରବା ପଡ଼ିଆରେ ଅନୁଷ୍ଠିତ ହେବ। ସୁରକ୍ଷା ପାଇଁ ମହିଳା ଓ ପୁରୁଷ ଲାଇନ୍ କରାଯିବ ଏବଂ ୭୦ଟି ସିସିଟିଭି କ୍ୟାମେରା ସମେତ ଆମ୍ବୁଲାନ୍ସ, ଅଗ୍ନିନିରାପତ୍ତା ବ୍ୟବସ୍ଥା ରହିବ। ବରିଷ୍ଠ ଏବଂ ଦିବ୍ୟାଙ୍ଗମାନେ କିଭଳି ସହଜରେ ଦର୍ଶନ କରିପାରିବେ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ।



### ଏଥର ପାରମ୍ପରିକ ବାଦ୍ୟରେ ଭସାଣ ଶୋଭାଯାତ୍ରା

ସେହିପରି ବିଏମସି ପକ୍ଷରୁ ୨ଟି ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ସାଙ୍ଗକୁ କ୍ୟାପଟାଲ ହସ୍ପିଟାଲରେ ଫାଷ୍ଟଏଡ୍ ରୁମ୍, ପୁଲିସ ସହାୟତା କେନ୍ଦ୍ର ରହିବ। ଏହାସହ ଚଳିତ ବର୍ଷ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭାସାଣୀ ଉତ୍ସବ ଅନୁଷ୍ଠିତ ହେବ। ଭସାଣ ଉତ୍ସବରେ ୨୨ଟି ମେଢ଼ ଅଂଶଗ୍ରହଣ କରିବେ ବୋଲି ଦୁର୍ଗାପୂଜା ସମିତିର ପ୍ରତିଷ୍ଠାତା ସନାତନ ବେହେରା ସୂଚନା ଦେଇଛନ୍ତି।

# ଝାରପଡ଼ା ଦୁର୍ଗାପୂଜା ସମିତିର ମାଟି ଅନୁକୂଳ

ଭୁବନେଶ୍ୱର, ୪।୯ (ସମିସ): ଝାରପଡ଼ା ଦୁର୍ଗାପୂଜା ସମିତିର ୧୫ତମ ଦୁର୍ଗାପୂଜା ଉପଲକ୍ଷେ ଗୁରୁବାର ମାଟି ଅନୁକୂଳ ହୋଇଯାଇଛି। ଜେଲରୋଡ଼ ଝାରପଡ଼ା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପାଖରୁ ଝାରପଡ଼ା ଗ୍ରାମ ଏବଂ ଏହି ଅଞ୍ଚଳର ଶହଶହ ଲୋକଙ୍କୁ ନେଇ ଏକ ଶୋଭା ଯାତ୍ରା ବାଜା ଓ ଆତସବାଜି ସହ କୁଆଖାଇ ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମା’ଙ୍କ ମୃଣ୍ମୟ ପ୍ରତିମା ପାଇଁ ମୃତ୍ତିକା ଉତ୍ତୋଳନ କରାଯାଇଛି। ଏହି ଶୋଭାଯାତ୍ରା ଝାରପଡ଼ା ଦୁର୍ଗାପୂଜା ସମିତିର ସଭାପତି ଶିଖର ଚନ୍ଦ୍ର ଜେନା, ସାଧାରଣ ସମ୍ପାଦକ ଧରଣୀଧର ଜେନା, ଆବାହକ ଶ୍ରୀଧର ଜେନାଙ୍କ ନେତୃତ୍ୱରେ ଝାରପଡ଼ା ଗ୍ରାମ ତଥା ଏହି ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ।

# ‘ବିକାଶ’ର ୪୦ତମ ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୪।୯ (ସମିସ): ସରକାରଙ୍କ ସଫଳତା ବେସରକାରୀ ସଂଗଠନର ସହଯୋଗରେ ହିଁ ସମ୍ଭବ ବୋଲି କହିଛନ୍ତି ବିଏମ୍ସି ମେୟର ସୁଲୋଚନା ଦାସ। ଗୁରୁବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ବେସରକାରୀ ସଂଗଠନ ‘ବିକାଶ’ର ୪୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ବର୍ତ୍ତମାନ ରାଜ୍ୟରେ ଏକ ବଡ଼ ବେସରକାରୀ ସଂଗଠନ ଭାବରେ ବିକାଶ ସଂସ୍ଥା ୪୦ ବର୍ଷ ଧରି କାର୍ଯ୍ୟ କରିବା ଏକ ବଡ଼ ସଫଳତା ଏବଂ ଏହା କୋରାପୁଟ ଓ ମାଲକାନଗିରି ଜିଲ୍ଲା ସମେତ ରାଜ୍ୟର ୧୭ଟି ଜିଲ୍ଲାରେ ଲୋକମାନଙ୍କ ସହିତ ଅଛି ଓ କାମ କରୁଛି। ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ବିକାଶ ସଂସ୍ଥାର ଜନ୍ମଦିନ ବିଶେଷାଙ୍କର ଏକ ସ୍ୱତନ୍ତ୍ର ପୁସ୍ତିକା ‘ସ୍ପନ୍ଦନ’କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମର ସଫେଇ କର୍ମୀ ଦିଲ୍ଲୀପ ନାୟକ, ନୃସିଂହ ଚରଣ ପ୍ରଧାନ, ବସୁଦେବ ବେହେରା ଏବଂ ରତିକାନ୍ତ ଭୋଇଙ୍କୁ ‘ସ୍ୱଚ୍ଛ ସବାରୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ଉତ୍ସବରେ ‘ଫାର’ ଅନୁଷ୍ଠାନର ମୁଖ୍ୟ ବିଜୟ କୁମାର ବାବୁ, ସ୍ମାଇଲ ଫାଉଣ୍ଡେସନର ମୁଖ୍ୟ ସାମୁଏଲ ବେହେରା, ବିକାଶ ସଂଗଠନର ଅଧ୍ୟକ୍ଷ କେ. ହରିହର ରାଓ, ବୋର୍ଡ଼ର ଅନ୍ୟତମ ସଦସ୍ୟ ପ୍ରଦୀପ ପଟ୍ଟନାୟକ, ସଂସ୍ଥାର ସମ୍ପାଦକ ଆଶୁତୋଷ ହୋତା, ବିକାଶ ସଂସ୍ଥାର ପ୍ରତିଷ୍ଠାତା ସମ୍ପାଦକ ଅଶୋକ ନନ୍ଦ ଆଲୋଚନାରେ ଭାଗ ନେଇଥିଲେ। ‘ଆଇନା’ ସଂସ୍ଥାର ମୁଖ୍ୟ ତଥା ବିଶିଷ୍ଟ ସମାଜସେବୀ ସ୍ନେହ ମିଶ୍ର, ‘ଜାଗୃତି’ ସଂସ୍ଥାର ମୁଖ୍ୟ ତଥା ବିଶିଷ୍ଟ ସମାଜସେବୀ ଦୀପକ ରାୟ, କୈଳାସ ଚନ୍ଦ୍ର ଦଣ୍ଡପାଟ, ବୋର୍ଡ଼ର ଅନ୍ୟତମ ସଦସ୍ୟ ଦେବାଶିଷ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୪।୯ (ସମିସ): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର ଓ ଭାରତୀୟ ଜଳ ପରିଚାଳନା ସମିତିର ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ‘ଜଳବାୟୁ ସ୍ମାର୍ଟ ଏବଂ ପାରଦର୍ଶୀ ଜଳ ଓ ପୋଷକ ପରିଚାଳନା ପାଇଁ ଫସଲ ଘନିଷ୍ଠୀକରଣ ବ୍ୟବସ୍ଥା’ ଉପରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ସମ୍ମିଳନୀରେ ଆଠଟି ଥିମ୍ ରହିଥିବା ବେଳେ ଉଭୟ ଦେଶ ଭିତରୁ ଓ ଦେଶ ବାହାରୁ ୨୦୦ରୁ ଅଧିକ ବୈଜ୍ଞାନିକ ତାଙ୍କ ଗବେଷଣାଲବ୍ଧ ଜ୍ଞାନ ଉପରେ ବିଚାର ବିମର୍ଷ କରିବେ। ସେହିପରି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ୫୦ରୁ ଅଧିକ ସଫଳ ଚାଷୀ ଭାଗ ନେଇଛନ୍ତି। ଉଦଘାଟନୀ ଉତ୍ସବରେ ଭାରତୀୟ ଜଳ ଓ ମୃତ୍ତିକା ସଂରକ୍ଷଣ ପ୍ରତିଷ୍ଠାନ, ଡେରାଡୁନର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓୟୁଏଟିର ସମ୍ପ୍ରସାରଣ ନିର୍ଦ୍ଦେଶକ ଡ. ପ୍ରସନ୍ନଜିତ ମିଶ୍ର, ଓୟୁଏଟି ସ୍ଥିତ କୃଷି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ହୃଷୀକେଶ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅର୍ଜମାଦତ୍ତ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଅମୋଦ କୁମାର ଠାକୁର ସମ୍ମିଳନୀର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଶେଷରେ ଭାରତୀୟ ଜଳ ପରିଚାଳନା ସମିତି ଓଡ଼ିଶା ଶାଖାର ସଚିବ ଡ. କାଳି କିଙ୍କର ବନ୍ଦୋପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ସିପିଆଇର ଶତବାର୍ଷିକୀ ସମାରୋହ

# ଦେଶର ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଆହ୍ୱାନ



ଭୁବନେଶ୍ୱର, ୪।୯ (ସମିସ): ଶତବର୍ଷରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଲକ୍ଷ୍ୟ ବାମ ଐକ୍ୟକୁ ମଜଭୁତ କରି ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଦଳମାନଙ୍କୁ ଏକଜୁଟ କରାଇ ଭାରତବର୍ଷ ଓ ଓଡ଼ିଶାରୁ ଫାଶୀବାଦୀ ବିଜେପି ସରକାରକୁ ହଟାଇବାକୁ ବୁଧବାର ସିପିଆଇ ଓଡ଼ିଶା ରାଜ୍ୟ ପରିଷଦର ୨୪ତମ ଓଡ଼ିଶା ରାଜ୍ୟ ସମ୍ମିଳନୀ ଓ ଶତବାର୍ଷିକୀ ସମାରୋହ ପିଏମଜି ଛକରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିପିଆଇର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି ଯେ, ଦେଶରେ ସମ୍ବିଧାନ, ଗଣତନ୍ତ୍ର ଓ ସମସ୍ତ ବିଧିବ୍ୟବସ୍ଥା ଏବେ ବିପର୍ଯ୍ୟସ୍ତ। ଦେଶରେ ଚାଷୀ, ମୂଲିଆ, ଶ୍ରମିକ, ଆଦିବାସୀ, ଦଳିତ, ସଙ୍ଖ୍ୟାଲଘୁ, ମହିଳା ତଥା ପ୍ରାନ୍ତିକ ବର୍ଗଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେଉଥିବା ବେଳେ ଧନୀ କର୍ପୋରେଟଙ୍କ ହାତରେ ଠୁଳ ହୋଇଛି ବୋଲି କହିଥିଲେ। ସିପିଆଇ ଓ ଶ୍ରମିକ ନେତା ବିଜୟ ଜେନା ଖୋଲା ଅଧିବେଶନରେ ସଭାପତିତ୍ୱ କରିଥିଲେ। ଜାତୀୟ ସମ୍ପାଦକ ତଥା ଏଆଇଟିୟୁସି ସର୍ବଭାରତୀୟ ସାଧାରଣ ସମ୍ପାଦକ ଅମରଜିତ କୌର ସମାଜରେ ସବୁ ବର୍ଗ ଶ୍ରମିକ, କୃଷକ, ମହିଳା, ଯୁବକ, ଛାତ୍ର, ପଛୁଆ, ଅବହେଳିତ ଜନଗଣ କିପରି ଦୁରାବସ୍ଥା ବିଜେପି ଆରଏସଏସ ସରକାରରେ ଦୟନୀୟ ଅବସ୍ଥାରେ ଅଛନ୍ତି ତାହାର ଗୋଟି ଗୋଟି ଉଦାହରଣ ଦେଇ ସବୁବର୍ଗର ମଣିଷଙ୍କୁ ନେଇ ଐକ୍ୟବଦ୍ଧ ଆନ୍ଦୋଳନର ଡ଼ାକରା ଦେଇଥିଲେ। ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ଆଇନ ଶୃଙ୍ଖଳା ଇତ୍ୟାଦି ସବୁକ୍ଷେତ୍ରରେ ମୋହନ ମାଝୀ ସରକାର ବିଫଳ ହୋଇଛି। କେନ୍ଦ୍ରରେ ଆରଏସ୍ଏସ୍ ଓ ବିଜେପିର ସରକାର ଓ ଓଡ଼ିଶାରେ ଏହାର ସରକାରକୁ ଜନସାଧାରଣଙ୍କ ମଙ୍ଗଳ ପାଇଁ ହଟାଇବାକୁ ହେବ ବୋଲି କହିଥିଲେ। ଅନ୍ୟତମ ଜାତୀୟ ସମ୍ପାଦକ ପଲବ ସେନଗୁପ୍ତ ଓ ସିପିଆଇର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କ୍ଷୀରୋଦ ସିଂହଦେଓ, ପ୍ରକାଶ ପାତ୍ର, ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ରମଣୀ ରଞ୍ଜନ ରାଉତରାୟ, ଏନ୍ ନାରାୟଣ ରେଡ୍ଡୀ, ଏବଂ ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ ଓ ସୁର ଜେନା ପ୍ରମୁଖ ଉପସ୍ଥିତ ରହଥିଲେ।

# ସିମ୍ସରେ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ



ଭୁବନେଶ୍ୱର, ୪।୯ (ସମିସ): ସ୍ୱସ୍ତି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ୍ (ସିମ୍ସ) ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚଳିତ ଶିକ୍ଷା ବର୍ଷର ନୂତନ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ଅତିଥି ଭାବେ ଅନ୍ୟମାନଙ୍କ ମଧ୍ୟରେ ସିମ୍ସର ଅଧକ୍ଷ ଡ. ଜେ.କେ. ମହାନ୍ତି, ସ୍ୱସ୍ତି ଗ୍ରୁପର ନିର୍ଦ୍ଦେଶକ ଚୀରଞ୍ଜୀବ ମହାନ୍ତି, ୱେଲ୍କମ୍ ହୋଟେଲର ଜିଏମ୍ ସମୀର ଘୋଷ, ତାଜ୍ ହୋଟେଲ ପୁରୀର ଜିଏମ୍ ଅଙ୍କିତ୍ ଟଣ୍ଡନ୍ ଏବଂ ସଦସ୍ୟ ବୋର୍ଡ ଅଫ୍ ଗଭର୍ଣ୍ଣର ଡ. ସୁନୀଲ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱସ୍ତି ଗ୍ରୁପ ଅଫ୍ ହୋଟେଲସ ଆଣ୍ଡ ରିସର୍ଟ୍ସର ଉପସଭାପତି ସନ୍ତୋଷ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସିମ୍ସ ଅଧକ୍ଷ ଚିନ୍ମୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଇଣ୍ଡିଆନ୍ ବ୍ୟାଙ୍କର ସୁନ୍ଦରପଦା ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର, ୪।୯ (ସମିସ): ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଏହାର ଶାଖା ସମ୍ପ୍ରସାରଣରେ ଏକ ନୂତନ ଶାଖା ‘ସୁନ୍ଦରପଦା ଶାଖା’ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ଏମ୍. ଅରୁଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ମହାପ୍ରବନ୍ଧକ ସୁମନ କୁମାର, ଉପ-ମହାପ୍ରବନ୍ଧକ ବିଶ୍ୱନାଥ ଦାଶଙ୍କ ସମେତ ନୂତନ ଶାଖାର ଶାଖା ପରିଚାଳିକା ମଧୁସ୍ମିତା ଜେନା, ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଇଣ୍ଡିଆନ୍ ବ୍ୟାଙ୍କ ସର୍ବଦା ଗ୍ରାହକ ସନ୍ତୁଷ୍ଟି ଉପରେ ପ୍ରାଧାନ୍ୟ ଦେଇଥାଏ। ନୂତନ କରି ଖୋଲାଯାଇଥିବା ଏହି ଶାଖା ମାଧ୍ୟମରେ ସ୍ଥାନୀୟ ଗ୍ରାହକ ଓ ବ୍ୟବସାୟୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ଏମ୍. ଅରୁଣା ପ୍ରକାଶ କରିଛନ୍ତି। (ରଞ୍ଜନା)

# ଖୁବ୍‌ଶୀଘ୍ର ହେବ କେ-୪ ଆମ ବସ୍‌ଷ୍ଟପ ସମ୍ମୁଖ ରାସ୍ତା

ଭୁବନେଶ୍ୱର, ୪।୯ (ସମିସ): କଳିଙ୍ଗ ବିହାରର କେ ୪, କେ ୫, କେ ୬ ଥିବା ଆମ ବସ୍‌ଷ୍ଟପ ସମ୍ମୁଖ ରାସ୍ତା, ହାଟ, ଟ୍ରାଫିକ୍, ଡ୍ରେନ୍ ସମସ୍ୟା ଆଦିର ସମାଧାନ ଖୁବ୍‌ଶିଘ୍ର କରାଯିବ ବୋଲି ବୁଧବାର କଳିଙ୍ଗ ବିହାରର ବିଭିନ୍ନ କଲୋନୀକୁ ବିଏମ୍ସି କମିସନର ଚଞ୍ଚଳ ରାଣା ଓ ମେୟର ସୁଲୋଚନା ଦାସ କ୍ଷେତ୍ର ପରିଦର୍ଶନ କରି କରିଛନ୍ତି। ଏହି ପରିଦର୍ଶନ ସମୟରେ ସ୍ଥାନୀୟ ଲୋକଙ୍କ ସହିତ ବିଭିନ୍ନ ପ୍ରକାରର ଉନ୍ନୟନମୂଳକ ବିଷୟରେ ଆଲୋଚନା କରିଥିଲେ। ବର୍ଷା ଋତୁ ପରେ କଳିଙ୍ଗ ବିହାରର କେ ୪, କେ ୫, କେ ୬ର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବିଭିନ୍ନ କାର୍ଯ୍ୟର ସମାଧାନ କରାଯିବ ବୋଲି କମିସନର କହିଛନ୍ତି। ସ୍ଥାନୀୟ କର୍ପୋରେଟରଙ୍କ ସହ କେ ୪ କଳିଙ୍ଗନଗର ଆବାସିକ ଉନ୍ନୟନ ସଂଘର ସଭାପତି ମହେଶ୍ୱର ସାହୁ, ସମ୍ପାଦକ ସଞ୍ଜୀବ ସାହୁ ଓ ସଂଘର ଉପଦେଷ୍ଟା ନୃସିଂହ ସାମଲ, ଜ୍ୟୋତିନାଥ ବଡ଼ଜେନା, ନୀଳାଦ୍ରି ମହାନ୍ତି, ସମିର ମହାନ୍ତି ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ରହିଥିଲେ।

# ଭିଏସ୍‌ଏସ୍ ନଗରରେ ପାଲା ପ୍ରତିଯୋଗିତା

ଭୁବନେଶ୍ୱର, ୪।୯ (ସମିସ): ବୀର ସୁରେନ୍ଦ୍ର ସାଏ ନଗରସ୍ଥିତ ଗଡ଼େଶ୍ୱର ହାଟ ବଣିକ ସଂଘ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ପାଲା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଦୁଇଟି ପର୍ଯ୍ୟାୟରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ପାଇକ ମହାସଂଘ ସଭାପତି ଡ. ଅଶୋକ କୁମାର ପାଲଟାସିଂହ ଏବଂ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ।

# ପରିବେଶ ସୁରକ୍ଷା ଅଭିଯାନ ଦ୍ୱାରା ଚାରାରୋପଣ



ଭୁବନେଶ୍ୱର, ୪।୯ (ସମିସ): ଭୁବନେଶ୍ୱରସ୍ଥିତ ରାଜ୍ୟସ୍ତରୀୟ ପରିବେଶ ସଂସ୍ଥା ‘ପରିବେଶ ସୁରକ୍ଷା ଅଭିଯାନ’ ତରଫରୁ ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ସ୍ନାତକ ମହାବିଦ୍ୟାଳୟରେ ପରିବେଶ ସଚେତନତା ତଥା ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆୟୋଜକ ସଂସ୍ଥାର ସମ୍ପାଦକ ରଘୁନାଥ ପୃଷ୍ଟି, ଯୁଗ୍ମ ସମ୍ପାଦକ ଡ଼ଃ ନାରାୟଣ ତ୍ରିପାଠୀ ତଥା ଏହାର କାର୍ଯ୍ୟନିର୍ବାହୀ ସଦସ୍ୟବୃନ୍ଦ ଡ଼ଃ ସଚ୍ଚିଦାନନ୍ଦ ପ୍ରଧାନ, ଡ଼ଃ ଜୀବନ ଜ୍ୟୋତି ଆଚାର୍ଯ୍ୟ ଓ ଅରୁଣ ଶଙ୍କର ଜେନା ତଥା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଅଲେଖ ଚନ୍ଦ୍ର ମହାନ୍ତି ସାମ୍ପ୍ରତିକ ପରିବେଶ ଅବକ୍ଷୟର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ପରିବେଶ ସୁରକ୍ଷା ଅଭିଯାନର କୋଷାଧ୍ୟକ୍ଷା ନମିତା ମହାପାତ୍ର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ଜନିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁନିତା ଷଡ଼ଙ୍ଗୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ବଦଳୁଛି ସମୟ; ବଦଳୁଛି ଗୁରୁପୂଜା ପରମ୍ପରା

ଭୁବନେଶ୍ୱର, ୪।୯ (ସମିସ)

‘ଗୁରୁଙ୍କୁ ନମଣିବ ନର ଗୁରୁ ହିଁ ସାକ୍ଷାତ ଈଶ୍ୱର’ ଏହି କଥାକୁ ପିଲା ଦିନରୁ ଶୁଣିବାକୁ ମିଳିଥାଏ। ଗୁରୁଙ୍କୁ ସବୁଦିନ ପ୍ରଣାମ କରୁଥିଲେ ମଧ୍ୟ ଗୋଟିଏ ଦିନ ଗୁରୁମାନଙ୍କୁ ତିଳକ ଚନ୍ଦନ, ଫୁଲ ଦେଇ ପୂଜା କରାଯାଏ। ଆଗରୁ ଏତେ ଉପହାର ଦିଆଯାଉ ନ ଥିଲା। ବିଦ୍ୟାଳୟମାନଙ୍କରେ ଗୁରୁମାନଙ୍କୁ ଫୁଲ, ଚନ୍ଦନ ଦେଇ ଆଶୀର୍ବାଦ ନେବା ସହିତ ଗୁରୁମାନଙ୍କ ଉଦ୍ଦେଶ୍ୟରେ ମତ ଦେବା ଏତିକିରେ ହିଁ ଗୁରୁଦିବସ ସୀମିତ ରହିଥିଲା। ହେଲେ ଏବେ ସମୟ ବଦଳିବା ସହିତ ପରମ୍ପରା ମଧ୍ୟ ବଦଳୁଛି। ଗୁରୁଦିବସରେ ଗୁରୁମାନଙ୍କୁ ବିଭିନ୍ନ ପ୍ରକାରର ଉପହାର ଦିଆଯାଉଛି।

ରାଜଧାନୀର ବିଭିନ୍ନ ଛୋଟ ବଡ଼ ଶିକ୍ଷାନୁଷ୍ଠାନ ସମତ କାର୍ଯ୍ୟାଳୟମାନଙ୍କରେ ଗୁରୁମାନଙ୍କୁ ପୂଜା କରାଯାଉଛି। ଏଥିପାଇଁ ଗିଫ୍ଟ ଦୋକାନ, ପୁସ୍ତକ ଦୋକାନରେ ଭୀଡ଼ ଦେଖିବାକୁ ମିଳିଛି। ଏଥିସହିତ ଗୁରୁମାନଙ୍କ ଉଦ୍ଦେଶ୍ୟରେ କଷ୍ଟମାଇଜ୍ କେକ୍ ଆଦିର ଅର୍ଡ଼ର କରାଯାଉଛି। ବନ୍‌ସାଇ ପେନ୍, କାଠବକ୍ସ ପେନ୍, ଡ଼ାଏରୀ, ଫୁଲତୋଡ଼ା, ଫଟୋ ଫ୍ରେମ୍, ଗ୍ରୀଟିଙ୍ଗ୍ କାର୍ଡ଼ ଭଳି ଗିଫ୍ଟକୁ ଛାତ୍ରଛାତ୍ରୀମାନେ ଅଧିକ ପସନ୍ଦ କରୁଛନ୍ତି। ଏଥିସହିତ ଦୂରରେ ରହୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କ ପ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଅନ୍‌ଲାଇନ୍‌ରେ ଉପହାର ଦେବା ସହିତ ଆଉ କିଛି ଜଣ ମଧ୍ୟ ପାର୍ସଲ କରୁଛନ୍ତି।

ଏଥିସହିତ ଆଜିକା ଦିନରେ ଅନଲାଇନ୍‌ରେ ଗୁରୁଙ୍କ ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଛି। ଏଥିରେ ନା ଗୁରୁଙ୍କୁ କୈଣସି ଉପହାର ଦବାକୁ ପଡୁନାହିଁ। ନା ପାଠ ପଢ଼ିଲେ କୌଣସି ମୂଲ୍ୟ ଦବାକୁ ପଡୁଛି ନା କୌଣସେ ଗୁରୁଙ୍କ ପାଇଁ କିଛି ଉପହାର କିଣିବାକୁ ପଡୁଛି।



### ଆଜି ଗୁରୁ ଦିବସ

ଏନେଇ ବିଶିଷ୍ଟ ଶିକ୍ଷାବିତ୍ ସାହିତ୍ୟକ ଶାନ୍ତନୁ ଆଚାର୍ଯ୍ୟ କୁହନ୍ତି ଏକା ଧାରରେ କିଛି ଚାଲି ନ ଥାଏ। ସବୁଦିନ କିଛି ନା କିଛି ପରିବର୍ତ୍ତନ ହେଉଛି। ଗୁରୁମାନଙ୍କୁ ପୂଜା କରିବା ଏହା ଏକ ଭଲ ପରମ୍ପରା। ଆଗରୁ କେବଳ ଗୁରୁ ପୂଜାରେ ରହିଥିଲା ହେଲେ ଏବେ ଅନେକ କିଛି ପରିବର୍ତ୍ତନ ହୋଇଛି। ଗୁରୁଙ୍କୁ ପୂଜା କରିବା ପାଇଁ ଉପହାର ଜରୁରୀ ନୁହେଁ। ଯଦି ପରମ୍ପରା କୈଣସି ଉପାୟରେ ବି ବଞ୍ଚିକି ରହି ପାରୁଛି ତେବେ ସେ ଯେ କୌଣସି ଉପାୟରେ ବି ବଞ୍ଚିକି ରହୁ। ଗୁରୁଙ୍କୁ ପୂଜା କରିବା ପାଇଁ ଉପହାର ଜରୁରୀ ନୁହେଁ। କିନ୍ତୁ ଗୁରୁ ଶିଷ୍ୟର ସୁନ୍ଦର ସମ୍ପର୍କଟା ଆସ୍ତେ ଆସ୍ତେ ମଳିନ ପଡ଼ିବାରେ ଲାଗିଲାଣି। ଯାହା ଆଗରୁ ଗୁରୁକୂଳ ମାନଙ୍କରେ ଦେଖିବାକୁ ମିଳୁ ନ ଥିଲା ହେଲେ ଏବେ ଦେଖିବାକୁ ମିଳୁଛି ବୋଲି ସେ କହିଛନ୍ତି।

ଖଣ୍ଡଗିରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷା ସାହିତ୍ୟକା ପ୍ରବୀଣା ମହାନ୍ତି କୁହନ୍ତି ପାଠ ପଢ଼ିବା ସମୟରେ ଗୁରୁଦିବସରେ ଘରୁ କି ବାପା ମାଆଙ୍କଠାରୁ ପଇସା ନେଇ କେବେ ଗୁରୁଙ୍କୁ ଉପହାର ଦେଉନଥିଲୁ। କେବଳ ଗୁରୁମାନଙ୍କୁ ପୂଜା କରିବା ଓ ଗୁରୁଙ୍କ ଆଶୀର୍ବାଦରେ ଗୁରୁଦିବସ ରହିଥିଲା। ହେଲେ ଶିକ୍ଷୟିତ୍ରୀ ଥିବା ବେଳେ ବହୁତ କିଛି ଉପହାର ମିଳିଛି। ବିଶେଷ କରି ନାଲି କଲମ ପିଲାମାନେ ବହୁତ ଦେଇଛନ୍ତି। ପିଲାମାନଙ୍କୁ ଅନେକ ଥର ମନା କରିଛି କି ବାପା ମାଙ୍କ ଠାରୁ ପଇସା



ଆଣି ଉପହାର ଦିଅ ନାହିଁ। ଯଦି ନିଜେ ହାତରେ କିଛି କରିକି ଆଣି ପାରିବ ତେବେ ଠିକ୍ ଅଛି। ଏଥିପାଇଁ ବହୁତ ହାତଲେଖା ଗ୍ରୀଟିଙ୍ଗ୍ କାର୍ଡ଼ ମଧ୍ୟ ପିଲାମାନେ ଉପହାର ଦେଇଛନ୍ତି। ଆଉ ସେସବୁ ଏବେ ବି ସାଇତା ହୋଇ ରହିଛି। ଏଥିସହିତ ବିଦେଶରେ ଛାତ୍ରଛାତ୍ରୀ ମାନେ ରହିଛନ୍ତି ସେମାନେ ଅନ୍‌ଲାଇନ୍ ମାଧ୍ୟମରେ ଶୁଭେଚ୍ଛା ଜଣାନ୍ତି ଏହା ବହୁତ ବହୁତ ଖୁସି ଲାଗିଥାଏ ବୋଲି ସେ କହିଛନ୍ତି।



# ଟାୱାର ନିର୍ମାଣରେ ସିଡିଏ ପ୍ଲାନ୍ ଉଲ୍ଲଙ୍ଘନ ଅଭିଯୋଗ

## ହାଇକୋର୍ଟଙ୍କ ନୋଟିସ୍

କଟକ,୪।୯(ସମିସ): କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ପ୍ରଦତ୍ତ ପ୍ଲାନ ଉଲ୍ଲଙ୍ଘନ କରି ହରିପୁର ରୋଡ୍‌ସ୍ଥିତ ଓସିଆ ଟାୱାରରେ ବେଆଇନ ଭାବେ ନିର୍ମାଣ ଅଭିଯୋଗ ନେଇ ରୁଜୁ ମାମଲାକୁ ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ସିଡିଏ ଏବଂ ସିଏମ୍‌ସିକୁ ଜବାବ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହ ପ୍ରତିପକ୍ଷ ଶ୍ରୀ ଓସିଆ ବିଲଡରର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମଞ୍ଜୁ ଦେବୀ ସିପାନୀ, ଅନ୍ୟତମ ନିର୍ଦ୍ଦେଶକ କୈଳାସ ଚାନ୍ଦ ଚନ୍ଦକ ଓ ଅନ୍ୟମାନଙ୍କୁ ହାଇକୋର୍ଟ ଏହି ନୋଟିସ୍ ଜାରି କରିଛନ୍ତି। ଓସିଆ ଟାୱାରର ସହଯୋଗୀ-ପ୍ରତିଷ୍ଠାତା ତଥା ୨୦୦୭ରୁ ଏହି ସଂସ୍ଥା ଛାଡ଼ି ସାରିଥିବା ସୁରେଶ କୁମାର ଜୈନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଏହି ଟାୱାର ବା ବିଲଡିଂ ନିର୍ମାଣ ପୂର୍ବରୁ ସିଡିଏ ନିକଟରୁ ପ୍ଲାନ୍ ଅନୁମୋଦନ ହୋଇଥିଲା। କିନ୍ତୁ ଅନୁମୋଦିତ ପ୍ଲାନ୍ ଆଧାରରେ ଏହି କୋଠା ନିର୍ମାଣ କରାଯାଉ ନ ଥିବା ଦର୍ଶାଯାଇଛି। ସେହିଭଳି ଏହି ବିଲଡିଂର ଫ୍ଲାଟ୍ ପଞ୍ଜିକରଣରେ ଜାଲିଆତି ହୋଇଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସବ୍ୟସାଚୀ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

■ ହୀରାକୁଦ ଜଳଭଣ୍ଡାରରୁ ମାଡ଼ି ଆସୁଛି ପାଣି

# ତଳିଆ ଅଞ୍ଚଳରେ ସତର୍କ ରହିବାକୁ ପରାମର୍ଶ

କଟକ,୪।୯(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ, ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲାଯାଇଛି ଏବଂ ମହାନଦୀରେ ୨.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର ଆଶା କରାଯାଉଛି। ଏହା ଫଳରେ ହୀରାକୁଦ ଡ୍ୟାମର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଞ୍ଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି। ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## କମିସନରେଟ୍ ପୁଲିସ ସାଜିଛି ନିରବଦ୍ରଷ୍ଟା

# ବେଲଗାମ୍ ବାଲି ଚୋରି; ବେଫିକର୍ ମାଫିଆ

କଟକ,୪।୯(ସମିସ):



- ଗଡିରାଉତ ପାଟଣା ଓ ନିମେଇଁଷାପୁର ଘାଟରୁ ଶହ ଶହ ଟ୍ରକ୍‌ରେ ଉଠୁଛି ବାଲି
- ୫୦ରୁ ଅଧିକ ବେଆଇନ୍ ଘାଟରୁ ହେଉଛି ବାଲି ଚୋରି
- ରାଜନେତା ଓ ପ୍ରଶାସନର ଜ୍ଞାତସାରରେ ଚାଲିଛି କାରବାର

ଦୀର୍ଘ ଦିନ ହେବ ବାଲି ଚୋରା ଚାଲାଣକୁ ନେଇ କମିସନରେଟ୍ ପୁଲିସ ସାଜିଛି ନିରବଦ୍ରଷ୍ଟା। ଦାୟିତ୍ୱରେ ଥିବା ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା ଖଣି ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ବାଲି ଚୋରିକୁ ନେଇ କୌଣସି ପ୍ରକାର ପଦକ୍ଷେପ ନେଉ ନାହାନ୍ତି। ଉଭୟ ମହାନଦୀ ଓ କାଠଯୋଡିରୁ ଦୈନିକ ହଜାର ହଜାର ଟ୍ରିପ୍ ବାଲି ଚୋରି କରି ମାଫିଆମାନେ ବିକ୍ରି କରି ମାଲାମାଲ୍ ହେଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟୁଛି। କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚେରାମାଳ, ପ୍ରତାପନଗରୀ, ନୂଆଗଡ଼, ପାଇକସାହି ଓ ତିଥିପଡାରୁ ବେଆଇନ୍ ଭାବେ ଶହ ଶହ ଟ୍ରକ୍ ଚୋରା ବାଲି ଚାଲାଣ ହେଉଛି। ସେହିପରି ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ଗଡିରାଉତପାଟଣା ଓ କନ୍ଦରପୁର ଥାନା ଅନ୍ତର୍ଗତ ନିମେଇଁଷାପୁର ଘାଟରୁ ବେଲଗାମ ଭାବେ ବାଲି ଚୋରି ହେଉଛି। କିଛି ଦିନ ପୂର୍ବରୁ ବାଲି ବୋଝେଇ ହାଇୱା ଏକ ପିସିଆର୍ ଭ୍ୟାନ୍‌କୁ ଧକ୍କା ଦେବା ଫଳରେ ସିଆର୍‌ଆର୍‌ଆଇ ଥାନାର ୨ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହା ପଛରେ ଥିବା ପ୍ରକୃତ ରହସ୍ୟକୁ ଏପର୍ଯ୍ୟନ୍ତ କମିଶନରେଟ୍ ପୁଲିସ ଉନ୍ମୋଚନ କରିପାରୁନାହିଁ। ଚୋରା ବାଲି ବୋଝେଇ ଟ୍ରକ୍‌କୁ ଜବତ କରିବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଥିଲେ, ଏହି ୨ପୁଲିସ କର୍ମଚାରୀ। ଏହା ପଛରେ ବାଲି ମାଫିଆଙ୍କ ହାତ ଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ପୁଲିସ ଏ କ୍ଷେତ୍ରରେ ନିରବ ରହିଛି। ଅନ୍ୟପଟେ ବାଲି ବୋଝେଇ ହାଇୱା ଚାପି ଦେବା ଦ୍ୱାରା ଗୋଟିଏ ବର୍ଷରେ କଟକ ସହରରେ ୪୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ମୁଖ୍ୟତଃ ରାଜନେତା, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ମହାନଗର ନିଗମ ଜ୍ଞାତସାରରେ ଚୋରା ବାଲି ଚାଲାଣ ହେଉଥିବାର ଅଭିଯୋଗ ଉଠିଛି। କିଛି ଦୁର୍ନିତଗ୍ରସ୍ତ ଅଧିକାରୀ ମୋଟା ଅଙ୍କର ଟଙ୍କା ନେଇ ଏହି ବେଆଇନ କାରବାରକୁ ପ୍ରୋତ୍ସାହନ ଦେଉଥିବାର ଚର୍ଚ୍ଚା ଜୋର ଧରିଛି। ଫଳରେ ଦିନକୁ ଦିନ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି।

ବାଲିଘାଟ ଗୁଡିକ ସରକାରଙ୍କ ପକ୍ଷରୁ ବନ୍ଦ କରାଯାଇଥିଲେ ସୁଦ୍ଧା ଏବେ ବି ବେଧଡକ ବାଲି ଉତ୍ତୋଳନ କରାଯାଉଥିବା ଜଣାପଡିଛି। ଫଳରେ ଚୋରା ବାଲି ଚାଲାଣ ରୋକିବାକୁ ପ୍ରଶାସନ ସକ୍ଷମ ହୋଇନାହିଁ। ବର୍ଷା ଋତୁରେ ବାଲିଘାଟ ଗୁଡିକ ବନ୍ଦ କରିବା ପାଇଁ ଖଣି ଉପନିର୍ଦ୍ଦେଶକଙ୍କ ତରଫରୁ ଗତ ଜୁଲାଇ ୨ରୁ ନୋଟିସ ଜାରି କରାଯାଇଥିଲା। ହେଲେ ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ବିଭିନ୍ନ ନଦୀରୁ ଦୈନିକ ଲକ୍ଷାଧିକ ଟଙ୍କାର ବାଲି ରାତି ବେଳା ଚୋରା ଚାଲାଣ କରାଯାଉଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନ ନିକଟରେ ଏହି ଅଭିଯୋଗ ହୋଇଆସୁଥିଲେ ମଧ୍ୟ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନି। ଜିଲ୍ଲାରେ ସମୁଦାୟ ୧୫ଟି ତହସିଲ୍ ଅଧିନରେ ୭୬ଟି ବାଲିଘାଟ ରହିଛି। ଏହା ବାଦ ନିଲାମ ହୋଇନଥିବା ବାଲିଘାଟ ସହ ଅନ୍ୟାନ୍ୟ ଅଘୋଷିତ ବାଲିଘାଟକୁ ବାଲି ମାଫିଆମାନେ ବ୍ୟବହାର କରି ବାଲି ଚୋରା ଚାଲାଣ କରୁଛନ୍ତି। ସହରର ମହାନଦୀ ଓ କାଠଯୋଡି ସମେତ ଜିଲ୍ଲାର ଦେବୀ, ବିରୂପା, ଲୁଣା, ଚିତ୍ରୋତ୍ପଳା ଆଦି କେତେକ ନଦୀରେ ବେଆଇନ ଘାଟ ଚାଲୁଛି। ବିଶେଷକରି ରାତି ସମୟରେ ଚୋରା ବାଲିଚାଲାଣ ହୋଇଆସୁଥିବା ବେଳେ ଗୋଟିଏ ଟ୍ରାକ୍ଟର ଟ୍ରିପ ବାଲିର ଦାମ ୧୩୦୦ରୁ ୧୫୦୦ଟଙ୍କା ପଡୁଛି। ଏପରିକି ଚୋରା ବାଲିକୁ ବିଭିନ୍ନ ସ୍ଥାନରେ ଜମା କରି ଏହାକୁ ବିକ୍ରି କରାଯାଉଛି; ଯାହା ଖଣିଜ ନିୟମର ଉଲ୍ଲଙ୍ଘନ କରୁଛି। ବାଲି ମାଫିଆମାନେ ମଧ୍ୟ ଖଣି ବିଭାଗର ନିୟମ ଉଲ୍ଲଙ୍ଘନ କରି ମନଇଚ୍ଛା ଦର କଷୁଛନ୍ତି। ଫଳରେ ଲୋକଙ୍କ ପାଖରେ ବାଲି ପହଞ୍ଚାଇବାକୁ ଟ୍ରାକ୍ଟର ଓ ହାଇୱା ମାଲିକମାନେ ଅଧିକ ଅର୍ଥ ଦାବି କରୁଛନ୍ତି। ସେହିଭଳି ସଦର ତହସିଲ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଚୋରାରେ ବାଲି ଚାଲାଣ ହେଉଛି। ପୁନଶ୍ଚ ନଦୀପଠାକୁ ଖୋଳି ବାଲି ଚୋରି ହେଉଥିବାରୁ ନଦୀ ବନ୍ଧ ଦୁର୍ବଳ ହେଉଛି। ଏହି ବାଲି ଚୋରିକୁ ରୋକା ନଯାଏ ତେବେ ନଦୀରେ ପାଣି ଆସିଲେ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜଳାର୍ଣ୍ଣବ ହେବ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଅନ୍ୟପକ୍ଷରେ ହାଇୱା ଚଳାଚଳ ପାଇଁ ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷ ବର୍ଷ ଧରି ବାଲିକୁଦା-ତ୍ରିଶୁଳିଆ ମୁଖ୍ୟ ରାସ୍ତା ଠାରୁ ବାରଙ୍ଗ ଗୋଲେଇଛକ ଏବଂ ହାଇକୋର୍ଟକୁ ସଂଯୋଗ କରୁଥିବା ସୁବାସସେତୁ ବାଲିର ମୋଟା ଆସ୍ତରଣ ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ବାଇକ ଚାଳକ ଯାତାୟତ କରୁଥିବାରୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନରଣପୁର ଓ ମୁଣ୍ଡମୁହାଣ ବାଲିଘାଟରୁ ବେଆଇନ ଭାବରେ ବାଲି ବୋଝେଇ ହାଇୱା ଚଳାଚଳ କରୁଛି। ବିନା ପାଲରେ ଶହ ଶହ ହାଇୱା ଯୋଗେ ବାଲିନେଇ ଚାଳକାମନେ ରାସ୍ତାରେ ଯାତାୟତ କରୁଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବାଲି ଖସି ଗଦା ହୋଇ ରହୁଛି। ଏଥିଯୋଗୁଁ ସଡ଼କ ଦୁର୍ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଏଭଳି ଉକ୍ତ ସମସ୍ୟାକୁ ସମାଧାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।



ଆସୁଛି ଦୁର୍ଗାପୂଜା, ମୃଣ୍ମୟ ମୂର୍ତ୍ତିରେ ଏକମାଟିଆ କାର୍ଯ୍ୟ ସମ୍ପନ୍ନ

# ୨୦ ଲକ୍ଷର ବ୍ରାଉନସୁଗର ଜବତ; ୨ ଗିରଫ

କଟକ/ମଙ୍ଗୁଳି,୪।୯(ସମିସ): ୨ ଜଣ ପେସାଦାର ନିଶା ବେପାରୀଙ୍କୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ଗୋପପୁରର ରଞ୍ଜନ ମଲ୍ଲିକ(୩୦) ଓ ଅମରାବତିର ବଳରାମ ଖଣ୍ଡୁଆଳ(୨୨)। ଏମାନଙ୍କ ପାଖରୁ ୧୯୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଆଜି ମଧ୍ୟାହ୍ନରେ ସୂଚନା ମିଳିଲାକି, ୧୬ ନଂ ଜାତୀୟ ରାଜପଥ ଦେଇ ବଡ ଧରଣର ନିଶା କାରବାର ହେଉଛି। ତଦନୁଯାୟୀ, ଅବକାରୀ କମିଶନର ପି. ଅନଭେଷା ରେଡ୍ଡିଙ୍କ ନିର୍ଦ୍ଦେଶକ୍ରମେ ଅଧିକ୍ଷକ ତେଜରାଜ ଜାନୀଙ୍କ ତତ୍ତ୍ୱାବଧାନରେ ଫ୍ଲାଇଂ ସ୍କ୍ୱାଡ ଟାଙ୍ଗୀ ଟୋଲ ଗେଟ ନିକଟରେ ଡେରା ପକାଇଥିଲା। ଏହି ସମୟରେ ଏକ ବାଇକରେ ଆସୁଥିବା ଦୁଇ ଜଣ ଯୁବକ ଯାଞ୍ଚ ପ୍ରକ୍ରିୟା ଦେଖି ଗାଡି ବୁଲାଇ ଖସିଯିବାକୁ ଉଦ୍ୟମ କରିଥିଲେ। ମାତ୍ର ସେମାନଙ୍କୁ କାବୁ କରାଯାଇଥିଲା। ତଲାସି ନେବାରୁ ଜଣଙ୍କ ମନିପର୍ସରୁ ୧୯୪ ଗ୍ରାମର ବ୍ରାଉନସୁଗର ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ୨୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଦ୍ୱୟ ନିଶାଦ୍ରବ୍ୟ ନେଇ କଟକ ଅଭିମୁଖେ ଆସୁଥିଲେ। ପୂର୍ବରୁ ମଧ ସେମାନେ ବାଲେଶ୍ୱର ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକ, ଭୁବନେଶ୍ୱର ଆଦି ଅଞ୍ଚଳରୁ ଚାଲାଣ କରୁଥିବା ଜଣାପଡିଛି। ଏହି ଘଟଣାରେ ନିଶାଦ୍ରବ୍ୟ, ବାଇକ, ମୋବାଇଲ ଜବତ ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।



# ରୋଟାରୀ କ୍ଲବ୍ ଅଫ୍ କଟକର ସ୍ୱନକ୍ଷତ୍ର



କଟକ,୪।୯(ସମିସ): ରୋଟାରୀ କ୍ଲବ ଅପ୍ କଟକର ସ୍ୱନକ୍ଷତ୍ର ପାଳନ ଅବସରରେ ସହରର ବିଭିନ୍ନ ସ୍ଥାନରେ ସମାଜ ସେବା ପ୍ରକଳ୍ପ ଶୁଭାରମ୍ଭ କରାଯାଇଥିଲା। ତନ୍ମଧ୍ୟରୁ ଖାନନଗରସ୍ଥିତ ଶିରିଡି ସାଇ ମନ୍ଦିର ପରିସରରେ ରୋଟାରୀ କ୍ଲବ ଅପ୍ କଟକର ପୂର୍ବତନ ସଭାପତି ବିଜୟକୃଷ୍ଣ ମହାନ୍ତିଙ୍କ ଦ୍ୱାରା ଆଧୁନିକ ସୁନ୍ଦର ଉଦ୍ୟାନ ଲୋକାର୍ପଣ ହୋଇଥିଲା। ଏହାଛଡ଼ା ଜନସାଧାରଣଙ୍କ ସୁବିଧା ନିମନ୍ତେ ଏକ ଶୌଚାଳୟ ସ୍ଥାପନ କରାଯାଇଥିଲା। ସାଇ ମନ୍ଦିର ଉଦ୍ୟାନରେ ଚାରା ରୋପଣ କରାଯାଇଥିଲା। "ବୃକ୍ଷ ହିଁ ଜୀବନ" ଏହା ସମସ୍ତେ ବୁଝିବାର ଆବଶ୍ୟକତା ରହିଛି ବୋଲି ରୋଟାରିଆନମାନେ ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅପ୍ କଟକର ସଭାପତି ସୁଜାତା ପ୍ରିୟଦର୍ଶିନୀ, ସମ୍ପାଦିକା ଡଃ ତସ୍ନିମ ଦୋଡ଼ିୟ, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଚକ୍ଷୁଦାନ ଦିବସ

କଟକ,୪।୯(ସମିସ): ଏସ୍‌ସିବି ମେଡିକାଲର ଚକ୍ଷୁବିଭାଗ ପକ୍ଷରୁ ଚକ୍ଷୁଦାନ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାକୁ ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ରମାମଣି ଦଳାଇ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ମେଡିକାଲ କଲେଜ ଅଧକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ମେଡିକାଲ ପରିକ୍ରମା କରି ଚକ୍ଷୁ ବିଭାଗ ନିକଟରେ ପହଞ୍ଚିଥିଲା। ଭାରତରେ କର୍ଣ୍ଣିଆ ଅନ୍ଧତ୍ୱ ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। କର୍ଣ୍ଣିଆ ପ୍ରତିରୋପଣ ହେଉଛି ଏହାର ଏକମାତ୍ର ପ୍ରମାଣିତ ବୈଜ୍ଞାନିକ ପଦ୍ଧତି। ଚକ୍ଷୁଦାନର ସଚେତନାର ବହୁ ଆବଶ୍ୟକତା ରହିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶୋଭାଯାତ୍ରାକୁ ପ୍ରଫେସର ଡା. ତରୁଣ କୁମାର ପଣ୍ଡା ଓ ଡା. ଶିବେନ୍ଦୁ ମହାରଣା ପରିଚାଳନା କରିଥିଲେ।

## ହାଇକୋର୍ଟରେ କଟକ ସହର ସମସ୍ୟା

# ଡିଜାଇନ୍ ଯାଞ୍ଚ ପରେ ଉଚ୍ଚ ତୋରଣ ପାଇଁ ଦିଆଯିବ ଏନ୍‌ଓସି

କଟକ,୪।୯(ସମିସ):

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଛନ୍ତି। ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଏହି ସମୟରେ ଯେପରି ପୂର୍ବରୁ ଜାରି ହୋଇଥିବା କଟକଣା ଉଲ୍ଲଙ୍ଘନ ନହୁଏ ତାହା ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସମସ୍ତ ବିଭାଗକୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ସତ୍ୟପାଠ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଦୁର୍ଗାପୂଜା ପାଇଁ ଏସଓପି ଜାରି କରାଯାଇଛି। ସହରର ୬ଟି ସ୍ଥାନରେ ବଡ ତୋରଣ କରାଯିବ ବୋଲି ସମ୍ପୃକ୍ତ ପୂଜା କମିଟି ଜିଲ୍ଲା ପ୍ରଶାସନକୁ ଜଣାଇଛି। ତେବେ ସୁରକ୍ଷା ଓ ଟ୍ରାଫିକ ଦୃଷ୍ଟିକୋଣରୁ ଏଗୁଡିକର ଡିଜାଇନ ନିୟୋଜିତ ଯନ୍ତ୍ରୀଙ୍କ ଦ୍ୱାରା ଯାଞ୍ଚ କରାଯିବ। ଆବଶ୍ୟକ ସ୍ଥଳେ ଡିଜାଇନ ପରିବର୍ତ୍ତନ କରାଯିବା ପରେ ଏନଓସି ଦିଆଯିବ ବୋଲି ଜିଲ୍ଲାପାଳ ଦର୍ଶାଇଥିଲେ। ତେବେ ପୂଜା ଶେଷ ପରେ ତୋରଣ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ହଟାଇବା ତଥା ଏଥିପାଇଁ ସମୟସୀମା ନିର୍ଦ୍ଧାରଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### କଳା ତାଲିକାଭୁକ୍ତ ହେବ ନିୟମ ଉଲ୍ଲଙ୍ଘନକାରୀ ଡିଜେ

ଶବ୍ଦ ପ୍ରଦୂଷଣ ପାଇଁ ୬୫ ଡେସିବଲରୁ ଅଧିକ ଶବ୍ଦ ଉତ୍ପନ୍ନ ଉପରେ ଥିବା କଟକଣାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା କଟକ ଡିସିପି ଜଣାଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗରେ ଏନଫୋର୍ସମେଣ୍ଟ କରାଯିବାକୁ ଥିବା ବେଳେ ସ୍କୁଲ କଲେଜରେ ସଚେତନତା ସୃଷ୍ଟି କରାଯିବ। ଅନ୍ୟପଟରେ ନିୟମ ଉଲ୍ଲଙ୍ଘନକାରୀ ଡିଜେକୁ କଳାତାଲିକାଭୁକ୍ତ କରାଯିବ ବୋଲି ଅଦାଲତଙ୍କୁ ଅବଗତ କରିଛନ୍ତି ଡିସିପି।

### ନିରାମୟ କେନ୍ଦ୍ରରେ ଲାଗିବ ଉପଲବ୍ଧ ଔଷଧର ଡିଜିଟାଲ ବୋର୍ଡ

ଏସସିବି ନିରାମୟ କେନ୍ଦ୍ରରେ ଅନେକ ସମୟରେ ରୋଗୀ ଓ ସମ୍ପର୍କୀୟଧାଡି ବାନ୍ଧି ଛିଡା ହୋଇ ଔଷଧ ନ ଥିବାରୁ ନିରାଶରେ ଫେରୁଥିବା ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଲବ୍ଧ ନ ଥିବା ଔଷଧର ଡିଜିଟାଲ ପ୍ରଦର୍ଶନ କରିବା ଉପରେ ଖଣ୍ଡପୀଠ ପୂର୍ବରୁ ଗୁରୁତ୍ୱାରୋପ କରିଥିଲେ। ଏସିସିବିରେ ୮ଟି ଡିଜିଟାଲ ଡିସପ୍ଲେ ବୋର୍ଡ ପ୍ରାୟ ୧୧ଲକ୍ଷ ୪୦ହଜାର ଟଙ୍କା ବ୍ୟୟରେ ଲଗାଇବାକୁ ଓକାକ ପକ୍ଷରୁ ଡିଏମଇଟିଙ୍କୁ ଡିପିଆର ପ୍ରଦାନ କରାଯାଇଛି। ଏହାର ଟେଣ୍ଡର ପ୍ରକ୍ରିୟାର ସ୍ଥିତି ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ସମୟରେ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏସସିବିରେ ଥ୍ରୀ ଟି ଏମଆରଆଇ ମେସିନ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ମଧ୍ୟ ଏସସିବି କର୍ତ୍ତୃପକ୍ଷ କହିଛନ୍ତି।

### ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ

ଏସସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ ଭସ୍କୁଲାର ସର୍ଜରୀ ବିଭାଗରେ ଜଣେ ବିଶେଷଜ୍ଞ ଡାକ୍ତର ତଥା ସହକାରୀ ପ୍ରାଧ୍ୟାପକ ସୌମ୍ୟରଞ୍ଜନ ଦାସ ଗତ ୨୦୨୩ ଅଗଷ୍ଟ ୧୧ରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି ଓ ତାଙ୍କୁ ବେତନ ଦିଆଯାଇ ନାହିଁ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ସେ କାର୍ଯ୍ୟରେ ଯୋଗଦେବା ନେଇ ରିପୋର୍ଟ ଦାଖଲ କରି ନ ଥିଲେ। ଯୋଗଦେବାର ୫ଦିନ ପରେ କୌଣସି ସୂଚନା ନ ଦେଇ ଅନ୍ୟତ୍ର କାର୍ଯ୍ୟ କରିଥିଲେ।


ୟୁନିୟନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖାନ୍, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | **ସାନ୍ନା ପ୍ରବୀନ୍**, ସ୍ୱାମୀ: ମହମ୍ମଦ ଗଫୁର କୁରେଶୀ, ସା: ଯୋଡା ମାର୍କେଟ, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୪ / **୧୩୬୭୧୬୫୩୦୦୦୦୪୫୫** | ଟ.୩୦,୬୮୯.୦୦ | ୨.୩୬ | ୩.୧୩ |
| ୨. | **ଶ୍ରୀମତୀ ସୁନିତା ପୃଷ୍ଟି**, ସ୍ୱାମୀ: ଶୁକଦେବ ପୃଷ୍ଟି, ସା: କୋଲୁରଇଡା, ଭୂୟାଁରଇଡା, ଯୋଡା, କେନ୍ଦୁଝର, ପିନ୍-୭୫୮୦୩୫ / **୧୩୬୭୧୬୫୩୦୦୦୦୩୮୦** | ଟ.୨୩,୬୬୬.୮୫ | ୫.୫୬ | ୬.୬୫ |
| | **ରାଇରଙ୍ଗପୁର ଶାଖା, ପ୍ଲଟ୍ ନଂ.: ୫୪/୧୦୬୬, ଚୋବେ ଧର୍ମଶାଳା ସାମ୍ନା, ୱାର୍ଡ ନଂ.-୯, ପୋ: ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୩, ମୋ.: ୯୭୦୪୮୬୮୮୮୪** | | | |
| ୧. | **ମହମ୍ମଦ କୁଲଫିକାର ଅଲ୍ଲି**, ୱାର୍ଡ ନଂ.-୧୧, ଗ୍ରାମ: ଠାକୁରାଣୀବେଡା, ପୋ: ରାଇରଙ୍ଗପୁର, ଥାନା: ରାଇରଙ୍ଗପୁର, ମୟୂରଭଞ୍ଜ-୭୫୭୦୨୨ / **୭୬୩୯୦୬୬୩୦୦୦୦୦୦୦୩** | ଟ.୪୭,୮୦୨.୦୦ | ୧୧.୩୮୯ | ୧୬.୨୭ |
| | **ରେମୁଣା-କାନୁଗଞ୍ଜ ଶାଖା, ଗଣେଶ୍ୱରପୁର, କାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | **ଶ୍ରୀ ପ୍ରଫୁଲ୍ଲ କୁମାର ଜେନା**, ପିତା: ଝାଡେଶ୍ୱର ଜେନା, ସା: ସରସ୍ୱତୀପୁର, ପୋ: ଛଣପୁର, ବାଲେଶ୍ୱର, ପିନ୍-୭୫୬୦୫୬ / **୭୨୩୭୦୬୬୩୦୦୦୦୦୫୧** | ଟ.୧,୫୬,୩୩୦.୦୦ | ୩୩.୪୧୭ | ୩୫.୫୬ |
| | **ବାଲେଶ୍ୱର ମୁଖ୍ୟ ଶାଖା, ଆର୍ କେ ପ୍ଲାଜା, ୧ମ ମହଲା, ହସ୍ପିଟାଲ ରୋଡ୍, ଭି ଏନ୍ ମାର୍ଗ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୭୭୩୫୩୪୬୬୬୯** | | | |
| ୧. | **ଶ୍ରୀ ସୁଦାମ ମହାରଣା**, ପିତା: ସୁଧବ ମହାରଣା, ସା: ମହାରଣା ସାହି, ବାଣେଶ୍ୱର ନିକଟ, ବାଲେଶ୍ୱର-୭୫୬୦୦୨ / **୫୦୦୬୦୬୫୪୦୦୦୦୯୬୭** | ଟ.୪,୮୭,୯୧୯.୬୮ | ୮୫ | ୧୦୦.୬ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୫,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍, ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୪.୦୯.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସାରର କୃତ୍ରିମ ଅଭାବ; ଚାଷୀ ହନ୍ତସନ୍ତ, ପ୍ରଶାସନ ନିରବ

ରମ୍ଭା,୪।୯(ସମିସ): ଗଞ୍ଜାମ ବ୍ଲକର ରମ୍ଭା ସମେତ ଅଞ୍ଚଳର ବୁରୁଡ଼ି, ମଧୁରୁଚୁଆ, ଝରେଡି ଓ ରମ୍ଭା ସମବାୟ ସମିତିର ଚାଷୀମାନେ ସାର ପିଡ଼ିଆ ପାଇପାରୁନାହାନ୍ତି। ବର୍ତ୍ତମାନ ଧାନଗଛ ପାଇଁ ସାର ନିହାତି ଆବଶ୍ୟକ ଥିବାବେଳେ ପିଡ଼ିଆ ମିଳୁନାହିଁ ଫଳରେ ଚିନ୍ତାରେ ଚାଷୀ କୂଳ ରହିଛନ୍ତି। ଗଞ୍ଜାମ ବ୍ଲକରେ ଦୁଇ, ତିନୋଟି ସମବାୟ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ସମିତିକୁ ଏପର୍ଯ୍ୟନ୍ତ ସାର ପିଡ଼ିଆ ଆସିନାହିଁ ବୋଲି କୁହାକୁହି ହେଉଛନ୍ତି। ପ୍ରତି ସମବାୟ ସମିତିକୁ ୨ଟି ଗାଡ଼ି ନିହାତି ସାର ପିଡ଼ିଆ ଆବଶ୍ୟକତା ରହୁଥିବା ବୋଲି ଚାଷୀମାନେ ଜଣାଉଥିଲେ ସେଥିପାଇଁ ପ୍ରଶାସନକୁ ନିଘା ନ ଥିବା ଜଣାଯାଇଛି। ସାର ଯୋଗାଣ ନକରି ଇନକ୍ୱାରୀ ଆସୁଥିବା କୁହାକୁହି ହେଉଛନ୍ତି। ପ୍ରଶାସନର ଏ କି ଅଜବ ପ୍ରଥା ଅତିଶୀଘ୍ର ସାର ପିଡ଼ିଆ ଯୋଗାଇଦେଲେ ଠିକ୍ ସମୟରେ ଧାନରେ ପକାଇବାକୁ ସହାୟକ ହେବେ ଓ ଭଲ ଅମଳ ହୋଇପାରିବ ବୋଲି ଚାଷୀମାନେ କହିଛନ୍ତି।

## ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଉଦ୍ଧାର

ଜଗନ୍ନାଥପ୍ରସାଦ,୪।୯(ସମିସ): ମାନବିକତା ଦେଖାଇଲେ ପୂର୍ବତନ କନ୍ଧମାଳ ସାଂସଦଙ୍କ ପ୍ରତିନିଧି। ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜରାଶ୍ରମରେ ଛାଡ଼ିଛନ୍ତି। ସେହେଲେ ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର ପଂଚାୟତ ଭୂଷଣ୍ଡପାଳ ଗ୍ରାମର ମଦନ ନାୟକ(୬୦)। ମଦନଙ୍କ ଦୁଇ ପୁଅ। ପାରିବାରିକ କଳହରୁ ଅନେକ ବର୍ଷ ହେବ ବାପା ମା'ଙ୍କୁ ଛାଡି ସେମାନେ ବିଦେଶରେ ରହୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ତିନିବର୍ଷ ତଳେ ମଦନଙ୍କ ପତ୍ନୀଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସାମ୍ୟ ହରାଇଥିଲେ। ଏପରିକି ଖାଇବାକୁ ନପାଇ ନର୍ଦ୍ଦମାରୁ ଖାଦ୍ୟ ସଂଗ୍ରହ କରି ଖାଉଥିବାବେଳେ ପୂର୍ବତନ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ବିପ୍ର ଚରଣ ବାରିକ ଦେଖି ସ୍ଥାନୀୟ ଗୋପବନ୍ଧୁ ଚାରିଟେବୁଲ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଖବର ଦେଇଥିଲେ। ସ୍ୱେଚ୍ଛାସେବୀମାନେ ମଦନକୁ ଉଦ୍ଧାର କରି ନୂଆ ପୋଷାକ ପିନ୍ଧାଇ ସଫାସୁତୁରା କରିବା ସହ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପରେ ବିଡ଼ିପୁର ସରପଞ୍ଚଙ୍କ ପ୍ରତିନିଧି ଶିଶିର କାନ୍ତ ସାହୁ, ଚାରିଟେବୁଲ ଟ୍ରଷ୍ଟ ସଦସ୍ୟ ସନ୍ତୋଷ କୁମାର ଦଳବେହେରା, ମାଣିକ ଖାଡେଙ୍ଗା, ଦୁର୍ଗାମାଧବ ପ୍ରଧାନ, ଗିରିଧାରୀ ଡାକୁଆ, ଶଙ୍କର ଗୌଡ଼ ପ୍ରମୁଖ ସଦସ୍ୟଙ୍କ ଉପସ୍ଥିତିରେ ଭଞ୍ଜନଗର ଜରାଶ୍ରମକୁ ନିଆଯାଇଥିଲା।

## ୪ ଦୋକାନରେ ପୁଲିସର ଚଢ଼ଉ

କୋଦଳା,୪।୯(ସମିସ): ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧି ମଧ୍ୟରେ ନିଶା କାରବାର ବନ୍ଦ ପାଇଁ ଅପରେସନ ପ୍ରହାରର କାର୍ଯ୍ୟକାରିତା ନେଇ ଗଞ୍ଜାମ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ କୋଦଳା ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ବିଦ୍ୟାଳୟ ନିକଟ ୪ଟି ଦୋକାନରେ ଚଢ଼ଉ କରିଥିଲା। ସେଠାରୁ ବିଭିନ୍ନ କମ୍ପାନୀର ଗୁଟଖା ଏବଂ ସିଗାରେଟ୍ ଜବତ କରି ଦୋକାନୀଙ୍କ ବିରୁଦ୍ଧରେରେ ଧାରା ୨୪ ପ୍ରକାରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଆଗାମୀ ଦିନରେ ଯେମିତି ଏହି ଦ୍ରବ୍ୟ ବିକ୍ରି ନହେବ ସେଥିପ୍ରତି ସଜାଗ ରହିବାକୁ ସତର୍କ କରିଥିଲେ।

## ଗଣେଶ ଭସାଣିକୁ ନେଇ ଗୋଷ୍ଠୀସଂଘର୍ଷ

ସାନଖେମୁଣ୍ଡି,୪।୯(ସମିସ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ପୋଡ଼ାମାରି ଫାଣ୍ଡି ଅଧୀନ ଡୋଳବ ଗ୍ରାମରେ ଗଣେଶ ପୂଜା ଭସାଣୀକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏନେଇ ପାଟପୁର ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ପଟିଗୁଡା ପଞ୍ଚାୟତ ଡୋଳବ ଗ୍ରାମରେ ଦୁଇଟି ଗୋଷ୍ଠୀ ଡିଜେ ଲଗାଇ ଗଣେଶ ବିସର୍ଜନ କରୁଥିବାବେଳେ ଗ୍ରାମ ବଟଛକ ନିକଟରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ପରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଓ ପରେ ଉଭୟ ଗୋଷ୍ଠୀ ଇଟା ପଥରରେ ଆକ୍ରମଣ କରିଥିଲେ। ଗ୍ରାମର କିଛିଲୋକ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଉକ୍ତ ଘଟଣାରେ ଉଭୟ ଗୋଷ୍ଠୀର ୪ ଜଣ ଆହତ ହୋଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

## ଦୁଇ କରତକଳ ଉପରେ ବନବିଭାଗର ଚଢ଼ଉ

କୋଦଳା,୪।୯(ସମିସ): ଗୁରୁବାର ଅପରାହ୍ନରେ କୋଦଳା ଥାନା ମର୍ଦ୍ଦମେଖ ପଞ୍ଚାୟତରେ ବ୍ରହ୍ମପୁର ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ବେଗୁନିଆପଡା ବ୍ଲକ, ମର୍ଦ୍ଦମେଖ ପଞ୍ଚାୟତର ଦିଗୀ ଓ ବେଲଝରି ଅଞ୍ଚଳରେ ଚଢ଼ଉ କରି ଦୁଇଟି କରତକଳ ଠାବ କରି ସମସ୍ତ ମେସିନ ଉପକରଣ ସହିତ ବିପୁଳ ପରିମାଣର ମୂଲ୍ୟବାନ କାଠ ସାମଗ୍ରୀ ଜବତ କରି ନେଇଥିବା ଜଣାପଡ଼ିଛି। ଉତ୍ତେଜନା ଦେଖାଦେବା ଖବର ପାଇ କୋଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମାନି
# ସ୍କୁଲରେ ତାଲା ପକାଇଲେ ଅଭିଭାବକ



ସୋରଡ଼ା,୪।୯(ସମିସ)ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ଜୟସିଙ୍ଗ ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ। ବାରମ୍ବାର ଏହିଭଳି ଘଟଣା ଏହି ସ୍କୁଲରେ ଘଟୁଛି। ତେବେ ୨୨ ନଭେମ୍ବର ୨୦୨୪ରେ ଏହିଭଳି ଘଟଣା ଘଟିଥିଲା। ସେତେବେଳେ ବିଇଓ, ପୁଲିସ ସହ ଗ୍ରାମ ଲୋକଙ୍କ ସହ ବୁଝାମଣା ହୋଇଥିଲା କିନ୍ତୁ କୌଣସି ସମାଧାନ ବର୍ତ୍ତମାନ ସୁଦ୍ଧା ହୋଇନଥିବାରୁ ଏଭଳି ଦୃଶ୍ୟ ପୁଣି ଦେଖିବାକୁ ମିଳିଛି। ବିଦ୍ୟାଳୟରେ କର୍ମଚାରୀଙ୍କ ମଧ୍ୟରେ ଠିକ୍ ବୁଝାମଣା ରହୁନଥିବା ଯୋଗୁଁ ପିଲାମାନଙ୍କ ଉପରେ ଏହାର ପ୍ରଭାବ ପଡୁଥିବା କହୁଛନ୍ତି ଗ୍ରାମବାସୀ। ଘଟଣାସ୍ଥଳରେ ଏବିଇଓ ପହଞ୍ଚି ଲୋକଙ୍କୁ ବୁଝେଇବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ଲୋକେ ଜିଦ୍‌ରେ ଅଟଳ ରହି ତାଲା ଖୋଲିବାକୁ ମନା କରୁଛନ୍ତି।

ପିଲାମାନଙ୍କ କହିବା ଅନୁସାରେ ପ୍ରତିଦିନ ସେମାନଙ୍କୁ ମଧ୍ୟାହ୍ନଭୋଜନ ଠିକ୍ ରୂପେ ମିଳୁନାହିଁ। ଗ୍ରାମବାସୀ କହିବା ଅନୁସାରେ ବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଠିକ୍ ବୁଝାମଣା ନଥିବା ଯୋଗୁ ପିଲାମାନଙ୍କ ନିୟମିତ କ୍ଲାସ ହେଉନାହିଁ। ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏନେଇ ଜଣାଇବା ପରେ ମଧ କିଛି ସମାଧାନ ହେଉନଥିବା କହିଛନ୍ତି।

## ବାଲି ବୋଝେଇ ୬ ହାଇୱା ଜବତ

ଆସିକା,୪।୯(ସମିସ): ଆସିକା ରାଜସ୍ୱ ବିଭାଗ ଅଧିନସ୍ଥ ମଙ୍ଗଳପୁର ଲିଜ୍ ବାଲି ଘାଟରୁ ୬ଟି ବାଲି ବୋଝେଇ ହାଇୱାକୁ ପୁଲିସ ଓ ମାଇନ୍ସ ବିଭାଗ ଜବତ କରିଛି। ସୂଚନା ଥାଉକି, ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ବେଳେ ମାଇନ୍ସ ବିଭାଗ ଓ ବାଲି ଲିଜ୍‌ଧାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ବେଆଇନ ଭାବରେ ଦିନରାତି ବାଲି ଚୋରା ଚାଲାଣ ହେଉଛି। ଜବତ ୬ ବାଲି ବୋଝେଇ ହାଇୱାରୁ ଜରିମାନା ଆଦାୟ କରିଛି ମାଇନ୍ସ ବିଭାଗ। ଖବର ଲେଖିବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନଥିବା କିମ୍ବା ମାଇନ୍ସ ବିଭାଗ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।



## ମୃତ ଛାତ୍ରଙ୍କ ପରିବାରକୁ ସହାୟତା



କୋଦଳା,୪।୯(ସମିସ): ମଙ୍ଗଳବାର କୋଦଳା ରେଞ୍ଜରବଙ୍ଗଳା ସାହିରେ ସାପ କାମୁଡ଼ାରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ବେଗୁନିଆପଡା ବ୍ଲକ ତରଫରୁ ରେଡ଼କ୍ରସ ପାଣ୍ଠିରୁ କୋଦଳା ତହସିଲଦାର ତଥା ଭାରପ୍ରାପ୍ତ ବେଗୁନିଆପଡା ବ୍ଲକ ବିଡ଼ିଓ ସସ୍ମିତା ଶତପଥୀ ମୃତ ଛାତ୍ରଙ୍କ ପରିବାର ନିକଟରେ ପହଞ୍ଚି ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ପ୍ରକାଶଥାଉ କି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳାରୁ ଆସି କୋଦଳା ରେଞ୍ଜର ବଙ୍ଗଳା ସାହିରେ ଥିବା ଅଜାଘରେ ରହି ପଞ୍ଚମ ଶ୍ରେଣୀରେ ପଢୁଥିବା ଲକ୍ଷ୍ମଣ ଗୌଡ଼ ଓ ସନ୍ତୋଷିନୀ ଗୌଡ଼ଙ୍କ ପୁତ୍ର ଆଦିତ୍ୟ କୁମାର ଗୌଡ଼ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ ବୈଠକ

ରମ୍ଭା,୪।୯(ସମିସ): ବୁଧବାର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସିଆର୍‌ସିସି ରାଜେନ୍ଦ୍ର କୁମାର ପଣ୍ଡା ଦୀପ ମନ୍ତ୍ର ଉଚ୍ଚାରଣ କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡକ୍ଟର ପରିଡ଼ା ବୈଠକର ସଫଳତା ପାଇଁ ସିଆର୍‌ସିସିମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଶିଶୁ ବାଟିକା ଶ୍ରେଣୀରେ ନୂଆକରି ନାମଲେଖାଇଥିବା ଶିକ୍ଷାର୍ଥୀଙ୍କୁ କିଭଳି ଅଭିନବ ଶୈଳୀରେ ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ, ସେସବୁର ସଫଳ ରୂପାୟନ ପାଇଁ ଯଥୋଚିତ ପ୍ରଶିକ୍ଷଣର ଗୁରୁତ୍ୱ ରହିଛି ବୋଲି ମତପୋଷଣ କରିଥିଲେ। ଜାତୀୟ ଶିକ୍ଷା ନୀତି -୨୦୨୦ ଓ ଆଦ୍ୟ ଶୈଶବ ଶିକ୍ଷା, ଜାତୀୟ ପାଠ୍ୟକ୍ରମ ଆଧାର, ଶିଶୁ ବାଟିକା ଶିକ୍ଷାର ଗୁରୁତ୍ୱ, ଶିଶୁ ବାଟିକା ଶିକ୍ଷାର୍ଥୀଙ୍କୁ ବୁଝିବା, ଶିକ୍ଷଣ ଫଳାଫଳ, ଶିକ୍ଷଣ ଯୋଜନା, ଅଭିଭାବକ ଓ ଗୋଷ୍ଠୀର ଭୂମିକା, ମାନ ନିର୍ଦ୍ଧାରଣ ଆଦି ବହୁବିଧ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ଜିତେନ୍ଦ୍ର ପଣ୍ଡା, ଅଭିରାମ ବିଶ୍ୱାଳ, ମୁକ୍ତିକାନ୍ତ ବେହେରା, ପ୍ରଶିକ୍ଷିକା ପ୍ରଜ୍ଞା ପାରମିତା, ଭାବିଲିତା ନାୟକ, ବବିତା ସିଂ ନାୟକ, ଗାୟତ୍ରୀ ସ୍ୱାଇଁ, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟାଳୟର ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, ସହକାରୀ କିରାଣି ଆଶିଷ ରଂଜନ ସେଠୀଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗୁରୁ ଦିବସରେ ବହୁବିଧ କାର୍ଯ୍ୟକ୍ରମ

ରମ୍ଭା,୪।୯(ସମିସ): ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନ ପରିସରରେ ଶୁକ୍ରବାର ଗୁରୁଦିବସ ଅବସରରେ ଗଞ୍ଜାମ ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଉତ୍ସବ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ପଂଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଇଓ ଗଞ୍ଜାମ ବ୍ଲକ ପ୍ରସନ୍ନ କୁମାର ବେହେରା, ଅନସ୍ଲୋ ହାଇସ୍କୁଲ ଛତ୍ରପୁର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ସ୍ୱଚ୍ଛ ଭାରତ ମୁଖ୍ୟ ଓଡିଶା ମହେଶ ମହାନ୍ତି ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାକୁ ସମ୍ମତି ପ୍ରକାଶ କରିଥିବା ଆବାହକ କୃଷ୍ଣଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

## ବଙ୍କା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ

ବେଲଗୁଣ୍ଠା,୪।୯(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ବଙ୍କା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ୧୪୭ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି।



ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ରୂପେ ୪୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା, ଅନ୍ୟତମ ଅତିଥି ରୂପେ ସମିତି ସଭ୍ୟ ପ୍ରଫୁଲ୍ଲ ଗୌଡ଼, ସରପଞ୍ଚ ପ୍ରତିନିଧି ଲକ୍ଷ୍ମଣ ପରିଡା, ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ବିଶ୍ୱାଳ ଯୋଗ ଦେଇଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ସେଠୀ, ଚନ୍ଦନ ପଟ୍ଟନାୟକ, ମମତା ପରିଡା, ଲିଲି ସ୍ୱାଇଁ, ରିଙ୍କି ସେଠୀ ପ୍ରମୁଖ ଏହି ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜଳଯୋଗାଣ ପ୍ରକଳ୍ପ ଅଗ୍ରଗତି ସମ୍ବନ୍ଧୀୟ ବୈଠକ

ଛତ୍ରପୁର,୪।୯(ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜଳ ଓ ପରିମଳ ବିଭାଗ ଦ୍ୱାରା ଚାଲିଥିବା ସମସ୍ତ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ଅଗ୍ରଗତି ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଜଳ ଓ ପରିମଳ ବିଭାଗ ବ୍ରହ୍ମପୁର ଓ ଭଞ୍ଜନଗର ଡିଭିଜନ ଅଧୀନରେ ନିର୍ମାଣଧୀନ ସମସ୍ତ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ସ୍ଥିତି ସମ୍ପର୍କିତରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ପଚାରି ବୁଝିଥିଲେ। ବ୍ରହ୍ମପୁର ଡିଭିଜନ ଅଧୀନରେ ୨୦୨୩ ବର୍ଷର ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକ ପାଇଁ କଂସାରୀଗଣ୍ଡଠାରେ ଚାଲିଥିବା ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପର କାମ ଏବଂ ଖଲ୍ଲିକୋଟ ଓ ବେଗୁନିଆପଡ଼ା ବ୍ଲକ ନିମନ୍ତେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ କାମ ତୁରନ୍ତ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ଅଧିକାରୀମାନେ କଂସାରୀଗଣ୍ଡର କାମ ଶେଷ ପର୍ଯ୍ୟାୟରେ ଥିବାବେଳେ ୨୦୨୬ ଜାନୁଆରୀ କିମ୍ବା ଫେବୃଆରୀରେ ପରୀକ୍ଷାମୂଳକ ଭାବେ ପ୍ରକଳ୍ପ ଚାଲୁ ହେବାର ରହିଛି। ସେହିପରି ଖଲ୍ଲିକୋଟ ଓ ବେଗୁନିଆପଡା ବ୍ଲକ ନିମନ୍ତେ ରହିଥିବା ମେଗା ପ୍ରକଳ୍ପ ୨୦୨୬ ଜୁନ୍ ସୁଦ୍ଧା ପରୀକ୍ଷାମୂଳକ ଭାବେ ପ୍ରକଳ୍ପ କାମ ଚାଲୁ କରାଯିବ। ସେହିପରି ୨୦୨୩ ବର୍ଷର ମେଗା ପ୍ରକଳ୍ପ ପାତ୍ରପୁର, ଚିକିଟି, ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ନିମନ୍ତେ ଧାର୍ଯ୍ୟ ଥିବା ମେଗା ପ୍ରକଳ୍ପ ୨୦୨୬ ଡିସେମ୍ବର ସୁଦ୍ଧା ପରୀକ୍ଷାମୂଳକ ଭାବେ ଚାଲୁ କରାଯିବ ବୋଲି ଲକ୍ଷ୍ୟ ରହିଛି ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ବ୍ରହ୍ମପୁର ଓ ଭଞ୍ଜନଗର ଡିଭିଜନ ଅଧୀନରେ ଯେତେ ଗୁଡିଏ ମେଗା ପାନୀୟ ଜଳ ପ୍ରକଳ୍ପ ରହିଛି ସେଗୁଡିକୁ ୨୦୨୬ ଡିସେମ୍ବର ସୁଦ୍ଧା ଶେଷ କରିବା ପାଇଁ ଜିଲ୍ଲାପାଳ ବିଭାଗର ସମସ୍ତ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଳ ଓ ପରିମଳ ବିଭାଗର ବ୍ରହ୍ମପୁର ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ ବିକାଶ ପତିଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗଣେଶ ପୂଜା କମିଟିର ସାଂସ୍କୃତିକ କାର୍ଯ୍ୟକ୍ରମ



ଶେରଗଡ଼,୪।୯(ସମିସ): ଶେରଗଡ଼ ବଡଦାଣ୍ଡ ସାହି ପୂଜା କମିଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ହିଞ୍ଜିଳି ବିଧାନସଭା ବିଜେପି ବିଧାୟକ ପ୍ରାର୍ଥୀ ଶିଶିର କୁମାର ମିଶ୍ର ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ବିଜେପି ଉପସଭାପତି ମାଧବ ଗୌଡ଼, କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ, ପିତଳ ସରପଞ୍ଚ ରାମ ରାଘବ ପାତ୍ର, ପିତଳ ସମିତି ସଭ୍ୟ ଜନାର୍ଦ୍ଦନ ପାତ୍ର, ଗୋଠଗାଁ ସରପଞ୍ଚ କୃଷ୍ଣ ଚନ୍ଦ୍ର ସୁଆଁସିଆ, ଧବଳପୁର ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ମହାରଣା, ଶେରଗଡ଼ ମଣ୍ଡଳ ବିଜେପି ସଭାପତି ସଞ୍ଜୟ ଜେନା, ଖିରିଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜିତ କୁମାର ଜେନା, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଜୟ ବିଶ୍ୱାଳ, ପିତଳ ମଣ୍ଡଳ ପୂର୍ବତନ ବିଜେପି ସଭାପତି ନୟନ କୁମାର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ଏବଂ ଗୀତ ପରିବେଷଣ କରାଯାଇଥିଲା।

## 'ଅପରେସନ୍ ପ୍ରହାର' ଆରମ୍ଭ
# ୪ ଦୋକାନରୁ ଗୁଟ୍‌ଖା ଓ ପାନମସଲା ଜବତ



ଛତ୍ରପୁର,୪।୯(ସମିସ): ଶିକ୍ଷାନୁଷ୍ଠାନଠାରୁ ୧୦୦ମିଟର ପରିଧି ମଧ୍ୟରେ ସିଗାରେଟ୍, ଗୁଟଖା, ପାନମସଲା ଭଳି ନିକୋଟିନ୍ ଯୁକ୍ତ ତମାଖୁଦ୍ରବ୍ୟ ବିକ୍ରୀ କରିବା ଆଇନ ଅନୁଯାୟୀ ନିଷିଦ୍ଧ କରାଯାଇଛି। ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଅପରେସନ 'ପ୍ରହାର' ଜରିଆରେ ଏହି ଆଇନର କଡାକଡ଼ି ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ପୁଲିସ ପକ୍ଷରୁ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଠାରୁ ୧୦୦ମିଟର ଦୂରତାରେ ଦୋକାନ ଖୋଲି ସିଗାରେଟ୍, ବିଡି, ଗୁଟଖା, ପାନମସଲା ବିକ୍ରି କରୁଥିବା ଦୋକାନ ଗୁଡିକ ଉପରେ ଅତର୍କିତ ଚଢ଼ାଉ କରାଯାଇଛି। ଉକ୍ତ ଦୋକାନ ଗୁଡିକରୁ ବିପୁଳ ପରିମାଣର ଗୁଟଖା, ସିଗାରେଟ୍, ବିଡି, ପାନ ମସଲା ସମେତ ନିକୋଟିନ ଯୁକ୍ତ ନିଶାଦ୍ରବ୍ୟ ଜବତ କରାଯିବା ସହ ୪ଟି ସଂପୃକ୍ତ ଦୋକାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## କଂଗ୍ରେସର ସଂଗଠନ ସୃଜନ ଅଭିଯାନ
# କର୍ମୀଙ୍କ ସହ ଆଲୋଚନା କଲେ ପ୍ରଭାରୀ

ପୁରୁଷୋତ୍ତମପୁର,୪।୯(ସମିସ): କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଦଳର ବରିଷ୍ଠ ନେତୃବୃନ୍ଦ ତୃଣମୂଳସ୍ତରରେ ଥିବା ନେତୃମଣ୍ଡଳୀ ଓ କର୍ମୀଙ୍କଠାରୁ ତଥ୍ୟ ସଂଗ୍ରହ କରି ଜିଲ୍ଲା, ବ୍ଲକ, ନଗର ସଭାପତି ଚୟନ ଦିଗରେ ପଦକ୍ଷେପ ନେବେ। ଏହିକ୍ରମରେ ଗଞ୍ଜାମ (ପଶ୍ଚିମ) ପାଇଁ ଏଆଇସିସିର ପୂର୍ବତନ ସମ୍ପାଦକ ସଚିନ ନାଏକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ପୁରୁଷୋତ୍ତମପୁର ଆସି ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହା ସହ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଜିଲ୍ଲା ପ୍ରଭାରୀ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟକୁମାର ପ୍ରଧାନ ଯୋଗ ଦେଇଥିଲେ। ଯେଉଁମାନେ ସମସ୍ତଙ୍କୁ ସାଙ୍ଗରେ ନେଇ ଦଳ ପାଇଁ କାମ କରୁଛନ୍ତି ସେଭଳି ବ୍ୟକ୍ତିଙ୍କ ଏକ ତାଲିକା ପ୍ରସ୍ତୁତି କରି ଏଆଇସିସିକୁ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏହାପରେ ଏଆଇସିସି ସଭାପତି ନାମ ଘୋଷଣା କରିବେ। ଆଗାମୀ ୬ ଦିନ ଧରି ପଶ୍ଚିମ ଗଞ୍ଜାମର ବିଭିନ୍ନ ବ୍ଲକ ସେ ଗସ୍ତ କରିବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆସିକା ସାଂସଦ ପାର୍ଥୀ ତଥା ଗଞ୍ଜାମ (ପଶ୍ଚିମ) ସଂଯୋଜକ ଦେବକାନ୍ତ ଶର୍ମା, ଖଲ୍ଲିକୋଟ ବିଧାନସଭା ପ୍ରାର୍ଥୀ ତଥା ଗଞ୍ଜାମ ଜିଲ୍ଲା ଏସସିସେଲ୍ ଅଧ୍ୟକ୍ଷ ଚିତ୍ରସେନ ବେହେରା, ନଗର ସଭାପତି ମନୋରଞ୍ଜନ ଦାସ, କଂଗ୍ରେସ ଛାତ୍ର ନେତା ସନ୍ତୋଷ କୁମାର ବେହେରା, କଂଗ୍ରେସ ଯୁବନେତା ପପୁ ପରିଡା,ସମେତ ବହୁ ନେତା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




## ପିପୁଲ୍ସ କଲେଜରେ ଏନ୍‌ଏସ୍‌ଏସ୍ ଶିବିର

ବୁଗୁଡା,୪।୯(ସମିସ): ସ୍ଥାନୀୟ ପିପୁଲ୍ସ କଲେଜର ଏନ୍‌ଏସ୍‌ଏସ୍ ମହିଳା ୟୁନିଟ୍-୨ର ସପ୍ତଦିବସୀୟ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍ ୟୁନିଟ୍-୧ର ପ୍ରୋଗ୍ରାମ ଅଫିସର ରବୀନ୍ଦ୍ର ନାଥ ପଲାଇ ଯୋଗ ଦେଇଥିଲେ।

ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସସ୍ମିତା ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୫୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ତେବେ ୪ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବାକୁ ଥିବା ଉକ୍ତ ସ୍ୱତନ୍ତ୍ର ଶିବିର ଅବସରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ବୃକ୍ଷରୋପଣ, କଲେଜ ପରିସର ସଫେଇ, ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପ୍ରୋଗ୍ରାମ ଅଧିକାରୀ କହିଛନ୍ତି।



## ରାଜ୍ୟ ଖାଦ୍ୟ ଆୟୋଗ ସମୀକ୍ଷା ବୈଠକ

# ପରିଚାଳନା ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ପାରଳାଖେମୁଣ୍ଡି,୪।୯ (ସମିସ)



ଓଡ଼ିଶା ସରକାରଙ୍କ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ଅକ୍ଷୟ କୁମାର ବେହେରା ଓ ଦୟାନିଧି ଦାଶ ତିନିଦିନିଆ ଗଜପତି ଜିଲ୍ଲା ଗସ୍ତରେ ଆସି ଗୁମ୍ମା, ମୋହନା ଓ ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରକୁ ପରିଦର୍ଶନ କରି ରାଜ୍ୟ ଦକ୍ଷତା ବିକାଶ ମିଶନ, ଆଶ୍ରମ ବିଦ୍ୟାଳୟ, ପୋଷଣ ,ମଧ୍ୟାହ୍ନ ଭୋଜନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ବିଷୟରେ ସମୀକ୍ଷା କରିଥିଲେ।

ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ମଧୁମିତାଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ଜିଲ୍ଲା ଗସ୍ତର ବିଭିନ୍ନ ଆନୁଷଙ୍ଗିକ ବିଷୟରେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ ଆଶ୍ରମ ସ୍କୁଲ ଗୁଡ଼ିକରେ ବିଭାଗୀୟ ଅଧିକାରୀଙ୍କୁ ନିରୀକ୍ଷଣ କରିବାକୁ କହିଥିଲେ। ସେହିପରି ଚାଉଳ ଯୋଗାଣ କେନ୍ଦ୍ର ଓ ଇ-କେୱାଇସି ଶତ ପ୍ରତିଶତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟ ଠିକ୍ ଭାବେ ତୁଲାଇବାକୁ ପରାମର୍ଶ ଦେଇଥିଲେ ଓ ବିଦ୍ୟାଳୟ ଗୁଡ଼ିକୁ ସୁସ୍ଥ ପରିବେଶ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେପଟେ ଓଡିଶା ଖାଦ୍ୟ କମିଶନ ତିନିଦିନିଆ ଗଜପତି ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବ୍ଲକ ପରିଦର୍ଶନ କରିଥିଲେ। ଏଥିରେ ସେମାନେ ବହୁ ମାତ୍ରାରେ କାର୍ଯ୍ୟକଳାପ ଗୁଡ଼ିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୋହନା ବ୍ଲକ ସମେତ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ପରିଚାଳନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବିଦ୍ୟାଳୟରେ ଛାତ୍ରାବାସ ଓ ସେଥିରେ ଥିବା ଶୌଚାଳୟ ଗୁଡ଼ିକ ଶୋଚନୀୟ ହୋଇପଡ଼ିଥିବାବେଳେ ଅଧିକାଂଶ ଶୌଚାଳୟର କବାଟ ନଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମୋହନା ବ୍ଲକର କେସରା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଲୋକ ନିଜେ ଜାଣିପାରୁ ନାହାନ୍ତି ଯେ ସେ ଦାୟିତ୍ୱରେ ଅଛନ୍ତି କି ନାହିଁ। ଜିଲ୍ଲାର ଅଧିକାଂଶ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ଆଉ ଯେଉଁଠାରେ ବି ଅଛି ରୋଷେଇଘର ବହୁ ଅବ୍ୟବସ୍ଥା ଓ ବିପଦସଂକୁଳ ଅବସ୍ଥାରେ ରହିଛି। ସେହିପରି ଗୋଷାଣି ବ୍ଲକର ୨୨ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଆଦୌ ପିଲା ନଥିବା କହିଥିଲେ। ଏହି ବ୍ଲକରେ ସାଇରାମ ଶକ୍ତି ଏସ୍ଏଚଜି ଗ୍ରୁପ୍ ଯିଏକି ଜିଲ୍ଲାର ବିଭିନ୍ନ ସ୍ଥାନକୁ ପୁଷ୍ଟିକର ଖାଦ୍ୟ ଯୋଗାଉଛି ସେଠାକାର ଅବସ୍ଥା ମଧ ଶୋଚନୀୟ ରହିଛି। ସେହି ସ୍ଥାନରେ ମାସିକ ୧୦୦ରୁ ୧୧୦ ବସ୍ତା ଗହମ ମହଜୁଦ ରଖିବାର ବ୍ୟବସ୍ଥା ରହିଛି। କିନ୍ତୁ ସେଠାରେ ୪୬୦ଟି ବସ୍ତା ଗହମ ରହିଛି। ବର୍ତ୍ତମାନ ସବୁ ବସ୍ତା ସମେତ ରଖାଯାଇଥିବା ସ୍ଥାନରେ ପୋକ ସାଲୁବାଲୁ ହେଉଛି। ନିୟମ ଅନୁଯାୟୀ ବସ୍ତା ଗୁଡିକୁ ସୁରକ୍ଷିତ ଭାବେ ରଖିବା କଥା। ତାର ମାର୍ଗଦର୍ଶିକା ପାଳନ କରାଯାଉନି ବୋଲି କହିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲମନ୍ ରାଇକା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାକ୍ ଅଲ୍ଲୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର୍ ସାରଳା ପାତ୍ର, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସୁହାନ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ଗଜପତିର ବିକାଶ ନକ୍ସା ପୁସ୍ତିକା ପ୍ରଦାନ

ପାରଳାଖେମୁଣ୍ଡି, ୪।୯ (ସମିସ): ବିଭିନ୍ନ ସରକାରଙ୍କ ଦ୍ୱାରା ଅବହେଳିତ ଗଜପତି ଜିଲ୍ଲାରେ ବିକାଶ ଅପହଞ୍ଚ ହୋଇପଡିଛି। ଯାହାକୁ ନେଇ ଗଜପତି ନାଗରିକ ମଞ୍ଚ ପାରଳାଖେମୁଣ୍ଡି ଆନୁକୂଲ୍ୟରେ ଗଜପତି ଜିଲ୍ଲାର ବିକାଶର ଏକ ନକ୍ସାକୁ ଗତ କିଛି ଦିନ ପୂର୍ବେ ଉନ୍ମୋଚନ ହୋଇଥିଲା। ଏହି ପୁସ୍ତକରେ ପ୍ରସ୍ତାବିତ ତଥ୍ୟ ଭିତ୍ତିକ ୮୦ଟି ବିକାଶ ଯୋଜନା ମୁଦ୍ରିତ ହୋଇଛି। ଯାହାକୁ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ପ୍ରସ୍ତୁତ ଗଜପତି ଜିଲ୍ଲାର ବିକାଶର ନକ୍ସା -୨୦୩୬ ମୁଦ୍ରଣ ପୁସ୍ତିକାଟିକୁ ଗଜପତି ଜିଲ୍ଲାପାଳ ମଧୁମିତାଙ୍କୁ ଭେଟି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଗଲା। ଏହା ସହିତ ଆଜି ଜିଲ୍ଲାର ସମସ୍ତ ସରକାରୀ ମୁଖ୍ୟ ମାନଙ୍କୁ ମଧ ପ୍ରସ୍ତାବିତ ଯୋଜନାର ପଦକ୍ଷେପ ପାଇଁ ଅନୁରୋଧ କରାଯାଇଥିବାର ଜଣାପଡିଛି। ଏହି ଅବସରରେ ବିଚିତ୍ରାନନ୍ଦ ବେବର୍ତ୍ତା, ଅଶ୍ୱିନୀ ପାଢ଼ୀ, ଭାରତ ଭୂଷଣ ମହାନ୍ତି, ସୁଶୀଳ କୁମାର ପଣ୍ଡା, ସୁରେଶ ବେହେରା, ଗୌରହରି କରସୁଧା ପଟ୍ଟନାୟକ, ଅରକ୍ଷିତ ଜେନା, ପ୍ରମୋଦ ଚନ୍ଦ୍ର ପାଢୀ, ସୁରେନ୍ଦ୍ର ରଥ, ଲୋକନାଥ ମିଶ୍ର, ଲିଙ୍ଗରାଜ ଦାଶ, ସଚ୍ଚିଦାନନ୍ଦ ସାମଲ, ଶଶୀଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଫିରିଙ୍ଗିଆ,୪।୯ (ସମିସ): ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷକ ଗୋପାଳକୃଷ୍ଣ ମଲିକ, ମାୟାଧର ସେଠୀ, ସ୍ନିଗ୍ଧା ପଟ୍ଟନାୟକ, ଦିବ୍ୟ ମାଝୀ, ବୈକୁଣ୍ଠ ନାଥ ଦିଗାଳ, ରାତ୍ର ଜଗୁଆଳି ବିରୁପାକ୍ଷ ଦିଗାଳଙ୍କ ନେତୃତ୍ୱରେ ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ଥାନା ମେଡିକାଲ ହୋଇ ଇନ୍ଦିରା ଗାନ୍ଧୀ ଛକ ଦେଇ ସହରର ମୁଖ୍ୟ ରାସ୍ତା ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଟ୍ରାଫିକ ନିୟମ ମାନି ଚାଲିବା, ମଦ୍ୟପାନ କରି ଗାଡି ନ ଚଲାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନକରିବା ନେଇ ସଚେତନ କରିଥିଲେ।

## ଲଗାଣ ବର୍ଷାରେ ଧସିଲା ପାହାଡ଼; ୨ ପଞ୍ଚାୟତକୁ ଯାତାୟତ ଠପ୍



ଗୁମ୍ମା,୪।୯ (ସମିସ)

ଲଘୁଚାପ ଯୋଗୁଁ ସମଗ୍ର ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଲଗାଣ ବର୍ଷା ଯୋଗୁଁ ଗୁମ୍ମା ବ୍ଲକ ଅଜୟଗଡ଼ ଠାରୁ ନାମନଗଡ଼ ପାହାଡ଼ ଧସି ମୁଖ୍ୟ ରାସ୍ତା ଅବରୋଧ ହୋଇଛି। କିଛି ନୀତି ଧରି ପାହାଡ଼ରେ ପ୍ରବଳ ବର୍ଷା ଯୋଗୁଁ ପାହାଡ଼ରୁ ବଡ଼ ବଡ଼ ପଥର ମାଟି ଅତଡ଼ା ଖସି ମୁଖ୍ୟ ରାସ୍ତା ଅବରୋଧ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଅଜୟଗଡ଼ ଠାରୁ ନାମନଗଡ଼ ମୁଖ୍ୟ ରାସ୍ତା ଉପରେ ପାହାଡ଼ରୁ ମାଟି ଅତୋଡ଼ା ଖସି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ଅଜୟଗଡ଼ ଓ ନାମନଗଡ଼ ପଞ୍ଚାୟତର ୧୦ରୁ ୧୨ଟି ଗାଁକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିଲା।

ଘଟଣାସ୍ଥଳରେ ବ୍ଲକ ପ୍ରଶାସନ ପହଁଚି ଜେସିପି ସାହାଯ୍ୟରେ ରାସ୍ତାରୁ ମାଟି ହଟେଇ ଯାତାୟାତ ସ୍ୱାଭାବିକ କରିଥିଲା। ସେହିପରି ବୁଧବାର ରାତି ୧୦ଟାରେ ଗୁମ୍ମା ବ୍ଲକ ଅନ୍ତର୍ଗତ ଖମି ପଞ୍ଚାୟତ ପର୍ଶୁରାମପୁର ଗ୍ରାମରେ ପୁଲାନୁ ଲିମ୍ମା, ସୁବାସ ଲିମ୍ମା, ଜଗନ୍ନାଥ ପାସ୍ତୁ ରେଡ଼ି, ତ୍ରିନାଥ ଘଣ୍ଟ ଓ ନାରାୟଣ ଘଣ୍ଟଙ୍କ ୫ଟି ଘର ଭିତରେ ପାଣି ପଶିଯାଇ ଘର କାନ୍ଥ ଭାଙ୍ଗି ଯାଇଛି। ଉପଲୋଡ଼ା ଆରଆଇ ଗାଁକୁ ଯାଇ ପ୍ରଭାବିତ ପରିବାରକୁ ପାଲ ଦେଇ କ୍ଷୟକ୍ଷତି ଆକଳନ କରି ପରାଳଖେମୁଣ୍ଡି ତହସିଲଦାରଙ୍କୁ ରିପୋର୍ଟ ଦେଇଥିବା କହିଛନ୍ତି। ସେହିପରି ବର୍ଷା ଯୋଗୁଁ ଡୁମ୍ବାଡ଼ା ପଞ୍ଚାୟତ ତାଲାସିଂ ଗ୍ରାମର ଅସ୍ଥାୟୀ ରୋଷେଇ ଘର ପାଚେରୀ ଭୁଶୁଡ଼ି ପଡିଛି। ଘଟଣାସ୍ଥଳରେ ବିଡ଼ିଓ ଦୁଲାରାମ ମାରାଣ୍ଡି, ଜିପିଓ ସୁରି ନାରାୟଣ, ଆରଆଇ, ପିଇଓ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ କାର୍ଯ୍ୟାଳୟରୁ ଗଳୁଛି ପାଣି



ପାରଳାଖେମୁଣ୍ଡି,୪।୯ (ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିସରରେ ଥିବା ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପରିଚାଳକଙ୍କ କାର୍ଯ୍ୟାଳୟ ବର୍ଷାରେ ଗଳୁଛି ପାଣି। ହେଲେ ଏସବୁ ଜାଣି ଶୁଣି ବିଭାଗ ଚୂପ ରହିଥିବାର ଆଲୋଚନା ହେଉଛି। ଜିଲ୍ଲାରୁ ଅଧିକାଂଶ ଗରୀବ ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ଏହି କାର୍ଡ ଉପରେ ନିର୍ଭର ଥିବା ବେଳେ ବର୍ଷା ଜଳ ଗଳୁଥିବା ଏବଂ ଏହାର ପ୍ରଭାରରେ କାଳେ ଛାତ ପଡିଯିବା ଭୟରେ ହିତାଧିକାରୀମାନେ ଏହି କକ୍ଷକୁ ଯିବାକୁ ଭୟ ଏହି କୋଠରୀରେ ହିଁ ଏହି କାର୍ଡର ନବୀକରଣ ସମେତ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟ ହୋଇଥାଏ ତେବେ ବର୍ଷା ଜଳ ଛାତରୁ ଗଳି ପଡୁଥିବା ବେଳେ ଏଠାରେ ଥିବା କମ୍ପ୍ୟୁଟରରୁ ଆରମ୍ଭ କରି ଯନ୍ତ୍ରାଂଶ ଗୁଡିକ ଖରାପ ହେବାର ସମ୍ଭାବନା ବଢୁଥିବା ବେଳେ ଏଥି ପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କେତେ ସଚେତନ ଅଛନ୍ତି ତାହା ଏପରି ପାଣି ଗଳାରୁ ଜଣାପଡୁଛି। ଅନ୍ୟପକ୍ଷରେ ବର୍ଷା ପଡିଲେ କେବଳ କୋଠରୀରେ ଥିବା ବିଭିନ୍ନ ଉପକରଣ ସହ ଜିଲ୍ଲାର ଲକ୍ଷ ଲକ୍ଷ ହିତାଧିକାରୀଙ୍କ ନଥିପତ୍ର ପ୍ରଭାବିତ ହେଉଥିବ ବୋଲି ଚର୍ଚ୍ଚା ହେଉଛି। ତେବେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ କଠୋରୀରେ ଏହି ସ୍ଥିତି ଲାଗି ରହିଛି ଏବଂ ଏଥି ପ୍ରତି ଚରମ ଅବହେଳା ପାଇଁ ଦାୟୀ କିଏ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ତାଲିମ୍ପ୍ରାପ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ପାରଳାଖେମୁଣ୍ଡି,୪।୯ (ସମିସ)

ରାଜ୍ୟ ସରକାରଙ୍କ ନିଯୁକ୍ତି ଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ସମ୍ପୂର୍ଣ୍ଣ ମାଗଣା ଆବାସିକ ତାଲିମ ଯୋଗାଇ ଦିଆ ଯାଇଥିଲା। ସମସ୍ତ ଯୁବକ ଯୁବତୀଙ୍କୁ ହାଇଦ୍ରାବାଦ ସ୍ଥିତ ବିଗ୍ ବାସ୍କେଟ୍ ସଂସ୍ଥା ରେ ନିଯୁକ୍ତି ପ୍ରଦାନ କରାଯାଇଛି।



ତାଲିମ୍ପ୍ରାପ୍ତ ୨୭ ଜଣ ଯୁବକ ଯୁବତୀଙ୍କୁ ଜିଲ୍ଲାପାଳ ମଧୁମିତା ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ମାଧମରେ ଏହି ୨୭ ଜଣ ଯୁବକ ଯୁବତୀଙ୍କୁ ଲଜେଷ୍ଟିକ୍ ଗୁଡସ୍ ପ୍ୟାକିଂ ମେସିନ୍ ଅପରେଟର ଟ୍ରେଡରେ କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ଓ ଅର୍ମିଗୋଷ ପ୍ରାଇଭେଟ୍ ଲିମିଟେଡ଼ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ସହ ୭୨୦ କେଜି ଗଞ୍ଜେଇ ଜବତ

ମୋହନା,୪।୯ (ସମିସ): ମୋହନା ଥାନା ପୁଲିସ ବୁଧବାର ବିଳମ୍ବିତ ରାତିରେ କଲେଜ ଛକରୁ ଏକ ପିକ୍ଅପ୍ ଭ୍ୟାନ୍‌ରୁ ୭୨୦ କିଲୋ ଗଞ୍ଜେଇ ଜବତ କରିଛି। ପୁଲିସ ଜାତୀୟ ରାଜପଥରେ ଗାଡ଼ି ଯାଞ୍ଚ ବେଳେ ଏକ ପିକ୍ଅପ୍ ଭ୍ୟାନଟି କିଛି ଦୂରରେ ଅଟକି ରହିଥିଲା। ସନ୍ଦେହ ହେବାରୁ ଗାଡ଼ିକୁ ଯାଞ୍ଚ କରିବା ପାଇଁ ଯିବା ସମୟରେ ସେଠାରୁ ଗଞ୍ଜେଇ ଚାଲାଣକାରୀ ଚମ୍ପଟ ମାରିଥିଲେ। ଯାଞ୍ଚବେଳେ ଗାଡ଼ିରୁ ୭୨୦ କିଲୋ ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ କହିଛି।

● ଗୁଣି ସନ୍ଦେହରେ ହତ୍ୟା ଘଟଣା

## ଅଙ୍ଗନବାଡ଼ି କର୍ମୀ ଓ ସ୍ୱାମୀ ଗିରଫ



ମୋହନା,୪।୯ (ସମିସ): ମୋହନା ଥାନା କୁସୁମପୁର ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ଗତ ଜୁଲାଇ ୨୮ରେ ଗୁଣି ସନ୍ଦେହରେ କରୁଣାକର ଦଳେଇଙ୍କୁ ହତ୍ୟା ଘଟଣାରେ ଆଉ ୨ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଅଙ୍ଗନବାଡ଼ି କର୍ମୀ ସୁମତି ମଳିକ ଏବଂ ତାଙ୍କ ସ୍ୱାମୀ ଶଙ୍କର ମଳିକ। ପୂର୍ବରୁ ଏହି ଘଟଣାରେ ୧୦ ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ହତ୍ୟାକାଣ୍ଡରେ ପ୍ରତ୍ୟକ୍ଷ ଭାବେ ସ୍ୱାମୀ-ସ୍ତ୍ରୀ ଜଡ଼ିତ ଥିବା ପୁଲିସ କହିଛି। କରୁଣାକରଙ୍କୁ ହତ୍ୟା କରିବା ଏବଂ ଶବ ଲୁଚାଇରଖିବା ପାଇଁ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ହିଁ ଅଙ୍ଗନବାଡ଼ି ଗୃହର ଚାବି ଗ୍ରାମବାସୀଙ୍କୁ ପ୍ରଦାନ କରିଥିଲେ। ଦୁଇଦିନ ଶବକୁ ଅଙ୍ଗନବାଡ଼ି ଗୃହରେ ରଖିବା ପରେ ତାକୁ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିଲେ ଗ୍ରାମବାସୀ। ଘଟଣାର ୧୦ ଦିନ ପରେ ଅର୍ଥାତ ଅଗଷ୍ଟ ୮ରେ ପୁଲିସ କରୁଣାକରଙ୍କ ଗଳିତ ମୃତଦେହ ମାଟିତଳୁ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ଲଗାଣ ବର୍ଷାରେ ଭାଙ୍ଗିଲା ଝାଟିମାଟି ଘର



ପାରଳାଖେମୁଣ୍ଡି,୪।୯ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବୋମିକା ପଞ୍ଚାୟତ ଅନ୍ତର୍ଗତ ବଡ଼ଦେଉଳା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଝାଟିମାଟି ଘର ଭାଙ୍ଗି ବେସାହାରା ହୋଇଛନ୍ତି ଦୁଇ ମହିଳା। ସରକାର ପକ୍କାଘର ବା ଆବାସ ଯୋଜନା ଭଳି କେତେ କ'ଣ ଯୋଜନା କରି ମାଟିଝାଟି ଘରକୁ ପକ୍କା କରିବାକୁ ପ୍ରୟାସ କରୁଛନ୍ତି। ହେଲେ ସରକାର ପରେ ସରକାର ବଦଳୁଛି, ଅନେକ ସରକାରୀ ଅଧିକାରୀ ମଧ ବଦଳୁଛନ୍ତି। ହେଲେ ବଡ଼ଦେଉଳା ଗ୍ରାମର ନାର୍ସା ପାଲକା ଓ କମଳା ପାଲକାଙ୍କ ପକ୍କାଘର ସ୍ୱପ୍ନ ପୂରଣ ହୋଇପାରୁନି। ବର୍ଷା ଆସିଲେ ଉଭୟେ ଭୟରେ ଜୀବନ କାଟନ୍ତି। ଝାଟିମାଟିର ଏମାନଙ୍କ ଘର କେଉଁ କାଳରୁ ଏହି ଗ୍ରାମରେ ରହିଛି। ଅନବରତ ବର୍ଷା ଏହି ଦୁଇଜଣଙ୍କର ଘରକୁ ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଭାବିତ କରିଛି। ଚଳିତ ଲଘୁଚାପ ଜନିତ ବର୍ଷା ଫଳରେ ଏମାନଙ୍କ ଘରର ମାଟି କାନ୍ଥ ଭୁଶୁଡି ଯାଇଛି। ପକ୍କାଘର ପାଇଁ ପ୍ରଶାସନ ପାଖରେ ଏମାନେ ବାରମ୍ବାର ଗୁହାରୀ କରି ନୟାନ୍ତ ହୋଇଛନ୍ତି, ହେଲେ କେହି ଶୁଣୁନାହାନ୍ତି। ଦୁଇବେଳା ଦୁଇ ମୁଠା ଖାଦ୍ୟ ପାଇଁ ସଂଗ୍ରାମ କରୁଥିବା କମଳା ଓ ନାର୍ସାଙ୍କ ପାଇଁ ପକ୍କାଘର ସ୍ୱପ୍ନ। ଏପରିକି ବିଭିନ୍ନ ସମୟରେ ବିଭିନ୍ନ ବିଡ଼ିଓ ଓ ଗ୍ରାମସେବକ ଉକ୍ତ ଘର ଗୁଡ଼ିକର ସ୍ଥିତି ମଧ ଅନୁଧ୍ୟାନ କରିଛନ୍ତି। କିନ୍ତୁ ସେମାନଙ୍କ କରୁଣ ଦୃଷ୍ଟି ପଡ଼ିନଥିବାରୁ ବୋଧେ ପକ୍କା ଘର ନାର୍ସା ଓ କମଳାଙ୍କୁ ମିଳିପାରିନାହିଁ।

## ବିପୁଳ ପରିମାଣର ଗୁଟ୍‌ଖା ଜବତ

ଜି.ଉଦୟଗିରି,୪।୯ (ସମିସ): ନିଶା କବଳରେ ଯୁବପିଢ଼ି। ଯାହା ଚିନ୍ତାର ବିଷୟ ହୋଇଥିବା ବେଳେ ସମାଜକୁ ସୁଧାରିବା କଷ୍ଟକର ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ସ୍ୱତନ୍ତ୍ର ଅପେରସନ ପ୍ରହାର ଚଳିତ ମାସ ଏକ ତାରିଖରୁ ଆରମ୍ଭ ହୋଇଥିବା ବେଳେ ପନ୍ଦର ତାରିଖ ପର୍ଯ୍ୟନ୍ତ ଚାଲିବ। ଏହିକ୍ରମରେ କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆଜି ଜି. ଉଦୟଗିରିରେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବ୍ୟାପକ ନିକୋଟିନଯୁକ୍ତ ଗୁଟଖା, ଖଇନି, ଆଦି ଜବତ କରିଛି। ଜି. ଉଦୟଗିରି ଥାନା ଅଧିକାରୀ ବିଜୟକୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ବାହାରି ଚଢ଼ଉ କରିଥିବା ବେଳେ ୯ ଜଣଙ୍କ ନାମରେ ଏଫ୍‌ଆଇଆର୍ ଦାୟର କରିଛି। ବିଶେଷ କରି ଶିକ୍ଷାନୁଷ୍ଠାନ ଗୁଡ଼ିକ ନିକଟରେ ଥିବା ଦୋକାନ ଗୁଡ଼ିକରେ ଯେପରି ଏହି ସବୁ ନିଶା ଦ୍ରବ୍ୟ ବିକ୍ରି ନ ହୁଏ ଏବଂ ଛାତ୍ରଛାତ୍ରୀ ଯେପରି ଏହାର କବଳରେ ନ ପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଇଛି।



## ବନାଞ୍ଚଳ ତରଫରୁ ଚାରା ବଣ୍ଟନ



ରାୟଗଡ଼,୪।୯ (ସମିସ)

ରାୟଗଡ ବ୍ଲକରେ ମହେନ୍ଦ୍ର ବନାଞ୍ଚଳ ତରଫରୁ ପ୍ରତ୍ୟେକ ପଞ୍ଚାୟତ ପାଇଁ ୫ଶହ ଚାରା ବଣ୍ଟନ କରାଯାଇଅଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନ ଅବସରରେ ସାରା ଭାରତରେ ଗୋଟିଏ ଦିନରେ "ମା ପାଇଁ ଗଛ ଟିଏ ୨.୦' ଉଦ୍ଦେଶ୍ୟରେ ୭୫ ଲକ୍ଷ ଚାରା ଲାଗେଇବାକୁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି। ମହେନ୍ଦ୍ର ବନାଞ୍ଚଳର ଏହି କାର୍ଯ୍ୟକ୍ରମକୁ ବନାଞ୍ଚଳ ଅଧିକାରୀ ଅମିତ୍ ସୁଭ୍ରଜିତ୍ ଓ ଗଣ୍ଡାହାତୀ ସମିତିସଭ୍ୟ ଉତ୍ସବ ଶବର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବନପାଳ ଦିବାକର ଲେଙ୍କା, ବନରକ୍ଷୀ କାଳୀ ପ୍ରସାଦ ଶବର, ଲକ୍ଷ୍ମୀ ପାଇକ, ଗଜେନ୍ଦ୍ର ଚୌଧୁରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଡେପୁଟେସନରେ ବିଶେଷଜ୍ଞ ଡାକ୍ତର; ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା

ଜି ଉଦୟଗିରି,୪।୯ (ସମିସ)

ଜି .ଉଦୟଗିରି ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ

### ବିଭାଗୀୟ ଅଧିକାରୀଙ୍କୁ ଭେଟିଲେ ଅଞ୍ଚଳବାସୀ

ଅଞ୍ଚଳବାସୀ ସରକାରଙ୍କ ନିକଟରେ ଅନେକ ଥର ଦାବି କରି ଆସୁଥିଲେ। ସରକାର ଅଞ୍ଚଳବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୨୩ ନଭେମ୍ବରରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡାକ୍ତର ଡ.ପଙ୍କଜ କୁମାର ବିହାରୀଙ୍କୁ ନିଯୁକ୍ତି ଦେଇଥିଲେ। କିନ୍ତୁ ସେହିଦିନ ହିଁ ଉକ୍ତ ଡାକ୍ତର ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଏନ କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେସନରେ ଚାଲିଯାଇଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୨୩ ମାସ ହେବ ଫୁଲବାଣୀରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଜି.ଉଦୟଗିରି ଗୋଷ୍ଠୀ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟରୁ ଦରମା ପାଉଛନ୍ତି। ଜି .ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏନ୍ଏସି ଏବଂ ବ୍ଲକ ଅଞ୍ଚଳର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ନିର୍ଭର କରୁଛନ୍ତି। ବର୍ତ୍ତମାନ ଜି .ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ବିଭାଗରେ ମଧ ବିଶେଷଜ୍ଞ ଡାକ୍ତର ନଥିବା ଯୋଗୁ ଅଞ୍ଚଳବାସୀ ଅନେକ ଅସୁବିଧା ଭୋଗୁଛନ୍ତି।



ଅପରପକ୍ଷେ ଦୀର୍ଘ ୨୩ ମାସ ହେବ ସ୍ଥାନୀୟ ଅଞ୍ଚଳ ପାଇଁ ନିହାତି ଆବଶ୍ୟକ ଥିବା ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତରଙ୍କୁ କିପରି ଏବଂ କାହା ସ୍ୱାର୍ଥରେ ଏଠାରୁ ଡେପୁଟେସନରେ ନିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ତୁରନ୍ତ ଫୁଲବାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତରଙ୍କୁ ପୁନଃ ଜି.ଉଦୟଗିରି ଡାକ୍ତରଖାନାକୁ ଫେରାଇ ଆଣିବା ସହ ଅନ୍ୟ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରାଯାଉ ନଚେତ ନିକଟ ଭବିଷ୍ୟତରେ ଜି.ଉଦୟଗିରି ଅଞ୍ଚଳର ସମସ୍ତ ଜନସାଧାରଣ ରାଜରାସ୍ତାରେ ପ୍ରତିବାଦ କରିବେ ବୋଲି ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକ, ସସ୍ମିତା ମଲିକ(ମହିଳା ଜୀବିକା ସୁରକ୍ଷା ମଞ୍ଚ ସଂଯୋଜିକା), ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶିଳା ପ୍ରଧାନ, ଲିଙ୍ଗାଗଡ଼ ସରପଞ୍ଚ ଅବଲାକର ପ୍ରଧାନ, ତଲାରିମାହା ସରପଞ୍ଚ ବଳଭଦ୍ର କହ୍ନର, ରାଇକଲା ସରପଞ୍ଚ ସଂଗୀତା ପ୍ରଧାନ, ରଟିଙ୍ଗିଆ ସରପଞ୍ଚ ବିଷ୍ଣୁ ଦେବ ପ୍ରଧାନ, ୱାର୍ଡମେମ୍ବର ଝନୁଲତା ଦଳବେହେରା, ମନି ପ୍ରଧାନ (ମହିଳା ଜୀବିକା ସୁରକ୍ଷା ମଞ୍ଚ ସଭାପତି), କାବେରୀ ପ୍ରଧାନ, ଅନିଲ ଡମ୍ବ, ସାମ୍ବାଦିକ ସାମନ୍ତ ଶେଖର ନାୟକ ଓ ଗଗନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



## ବିଜେପି ସରକାରଙ୍କ ପ୍ରତାରଣାକୁ ବରଦାସ୍ତ କରାଯିବ ନାହିଁ

# ଜାରକାକୁ ଏନ୍‌ଏସି ଘୋଷଣା ଦାବିରେ ବିଜେଡି ପକ୍ଷରୁ ଗଣଧାରଣା

ଧର୍ମଶାଳା,୪।୯ (ସମିସ)



ଧର୍ମଶାଳା ବ୍ଲକ୍ ଜାରକା ଅଞ୍ଚଳକୁ ଏନ୍‌ଏସି କରିବା ଦାବିରେ ଆଜି ବିଜୁ ଜନତା ଦଳ ତରଫରୁ ଜାରକା ଛକସ୍ଥିତ ଫ୍ଲାଏ ଓଭରବ୍ରିଜ ତଳେ ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ୍ ବିଜୁ ଜନତା ଦଳର ସଭାପତି ପ୍ରସନ୍ନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ରାଜ୍ୟ ସରକାରଙ୍କ ପ୍ରତାରଣା ବିରୋଧରେ ତୀବ୍ର ସମାଲୋଚନା କରିଥିଲେ। ଏଥିସହିତ ଜାରକାକୁ ତୁରନ୍ତ ଏନ୍‌ଏସି ଘୋଷଣା କରିବାକୁ ଦାବି ମଧ୍ୟ କରିଥିଲେ। ସୂଚନାନୁଯାୟୀ, ୧୯୮୯ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ସମୟରେ ଜାରକାକୁ ଏନ୍‌ଏସି କରାଯିବା ପାଇଁ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ୨୦୨୪ ମସିହାରେ ତତ୍କାଳୀନ ବିଜେଡି ସରକାର ୫୬ଟି ଅଞ୍ଚଳକୁ ଏନ୍‌ଏସି କରାଯିବା ନିମନ୍ତେ ଘୋଷଣା କରିଥିଲେ। ସେହି ତାଲିକାରେ ଜାରକାକୁ ଏନ୍‌ଏସି ଘୋଷଣା କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ସରକାର ବଦଳିଲା ପରେ କ୍ଷମତାସୀନ ବିଜେପି ସରକାର ୨୮ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଛନ୍ତି। ହେଲେ ଏବେ ସରକାର ପ୍ରତାରଣା କରି ଜାରକାକୁ ଏହି ତାଲିକାରୁ ବାଦ ଦେଇଥିବାରୁ ଶ୍ରୀ ବଳବନ୍ତରାୟ ସରକାରଙ୍କ ବିରୋଧରେ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର, ବରିଷ୍ଠ ନେତା ଦୁଃଶାସନ ସାହୁ, ଅମୀୟ ପରିଡ଼ା, ଉତ୍କଳ କେଶରୀ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ରାଜକିଶୋର ମହାନ୍ତି, ସୁଧାଂଶୁ ଶେଖର ନାୟକ, ମମତା ଦଣ୍ଡପାଟ, ପ୍ରଣତି ଲେଙ୍କା, ମାମିନା ରାଉତ, ଯାଜପୁର ଜିଲା ଛାତ୍ର ବିଜେଡି ସଭାପତି ସୋମ୍ୟପ୍ରକାଶ ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଜିଲ୍ଲା ଯୁବ ବିଜେଡି ସୁବ୍ରତ କୁମାର ଧଳ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଅମରେନ୍ଦ୍ର ରାୟ, ଅଶୋକ କୁମାର ସାହୁ, ଦୁଷ୍ମନ୍ତ କୁମାର ଜେନା, ମୁମତାଜ ଖାଁ, ମହେଶ୍ୱର ବିଶ୍ୱାଳ, ପ୍ରମୋଦ କୁମାର ବରାଳ, ଅମରନ୍ଦ୍ର ରାଉତ, ଅୟସକାନ୍ତ ରାଉତ, ବିକାଶ ଚନ୍ଦ୍ର ବେହେରା, ସଦାନନ୍ଦ ନାୟକ, ବେଣୁଧର ପାଢ଼ୀ, ସ୍ୱରାଜ କୁମାର ନାୟକ, ଦିବାକର ବେହେରା, ଧନେଶ୍ୱର ସାହୁ, କୈସାର ଆଜାମ ଖାନ, ଲୋକନାଥ ରାଉତ, ବାପିନା ପରିଡା, ଅକ୍ରୂର ଚରଣ ନାୟକ ଓ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ଜାରକାକୁ ତୁରନ୍ତ ଏନ୍‌ଏସି ଘୋଷଣା କରିବାକୁ ଦାବି କରିବା ସହ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ।

## ଦୁଇଟି ପୃଥକ୍ ଦୁର୍ଘଟଣାରେ ଦୁଇ ଗୁରୁତର

ସୁକିନ୍ଦା,୪।୯ (ସମିସ): କଳିଙ୍ଗନଗର ଥାନା ଅଧୀନ ଜାମୁପଶି ଗ୍ରାମପାଖ ରାସ୍ତାରେ ବାଇକ ଦୁର୍ଘଟଣା ଘଟି ଜଣେ ଶ୍ରମିକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଗତ ବୁଧବାର ରାତିରେ ଦାନଗଦି ବ୍ଲକ ବାଙ୍ଗରକୋଟା ପଞ୍ଚାୟତ ଅଧିନସ୍ଥ ଆମ୍ବୋର ଗ୍ରାମ ପ୍ରଶାନ୍ତ ପଣ୍ଡା ବାଇକ ଚଳାଇ କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଏକ ଘରୋଇ କାରଖାନାକୁ ଡ୍ୟୁଟି କରିବା ପାଇଁ ଯାଉଥିବା ବେଳେ ଜାମୁପଶୀ ଗ୍ରାମ ନିକଟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ପ୍ରଶାନ୍ତକୁ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଛକ ନିକଟରେ ଏକ ପିକଅପ୍ ଗାଡ଼ି ଦୁର୍ଘଟଣାରେ ଚାଳକ ସପନ ଦାସ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳର ସପନ ଦାସ ମାଛ ପିକଅପ୍ ନେଇ ତାଳଚେରରୁ ଫେରୁଥିବା ବେଳେ ସୁକିନ୍ଦା ଛକ ନିକଟ ରେଙ୍ଗାଲି ପୋଲ ନିକଟରେ ଦୁର୍ଘଟଣା ଘଟିଥିଲା।

## ବଜ୍ରପାତରେ ୩ ଛାତ୍ରୀ ଆହତ

କୋରେଇ,୪।୯ (ସମିସ): କୋରେଇ ବ୍ଲକ ଅଧୀନ ପଚ୍ଛିକୋଟ ପଞ୍ଚାୟତ ଖମିଗାଁ ସରକାରୀ ଉପ୍ରା ସ୍କୁଲର ତିନିଜଣ ଛାତ୍ରୀ ଗୁରୁବାର ମଧ୍ୟାହ୍ନ ୧୨ଟାରେ ବଜ୍ରପାତରେ ଆହତ ହୋଇଛନ୍ତି। ସ୍କୁଲ ନିକଟରେ ଥିବା ଏକ ଅଶ୍ୱସ୍ତ ଗଛକୁ ପ୍ରଥମେ ବଜ୍ରପାତ ହୋଇଥିଲା। ଏହାର ପ୍ରଭାବ ଝରକା ଦେଇ ଶ୍ରେଣୀ କୋଠରୀରେ ଅଧ୍ୟୟନରତ ଥିବା ଛାତ୍ରୀଙ୍କ ଉପରେ ପଡିଥିଲା। ହଠାତ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ। ନିଶ୍ୱାସ ନେବାରେ କଷ୍ଟ ଅନୁଭବ ସହ ଛାତିରେ ଯନ୍ତ୍ରଣା ହେଉଥିବା କହିଥିଲେ। ଘରୋଇ ଗାଡ଼ିରେ ଆହତ ଛାତ୍ରୀଙ୍କୁ ପ୍ରଥମେ ସ୍ଥାନୀୟ ପଚ୍ଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ଯାଜପୁର ରୋଡ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଆହତଙ୍କୁ ପରୀକ୍ଷା କରି ତୁରନ୍ତ ଚିକିତ୍ସା ଯୋଗାଇ ଦେଇଥିଲେ। ତିନି ଛାତ୍ରୀ ସୁସ୍ଥ ଥିବା ଜାଣିବାକୁ ମିଳିଛି। ଆହତ ଖମିଗାଁ ଗ୍ରାମର ବିଷ୍ଣୁପ୍ରିୟା ଜେନା, ଚିନ୍ମୟୀ ମଲ୍ଲିକ ଓ ଦେବୀ କନ୍ୟା ସ୍ୱାଇଁ ସମସ୍ତେ ସପ୍ତମ ଶ୍ରେଣୀର ଛାତ୍ରୀ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ରାଉତ ଓ ଶିକ୍ଷକ ଶଙ୍କର୍ଷଣ ମହାଳିକ ଆହତ ଛାତ୍ରୀଙ୍କୁ ତୁରନ୍ତ ଡାକ୍ତରଖାନା ନେବାର ବ୍ୟବସ୍ଥା କରିଥିଲେ। ସ୍ଥାନୀୟ ଆରଆଇ ସ୍କୁଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଖବର ପାଇ ସ୍ଥାନୀୟ ସିଆରସି ବୀରବର ପାତ୍ର ଓ ସରପଞ୍ଚ ପ୍ରତିନିଧି ଦିଲ୍ଲୀପ କୁମାର ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଆହତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

### ମହାରାଜା ଯଯାତି କେଶରୀ ମେଡିକାଲ କଲେଜ

## ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ନିର୍ବାଚନ

ଯାଜପୁର,୪।୯ (ସମିସ): ଯାଜପୁର ମହାରାଜା ଯଯାତି କେଶରୀ ମେଡିକାଲ କଲେଜର ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ୨୦୨୫-୨୭ ବର୍ଷର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଜପୁର ଶାଖାର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ନିର୍ବାଚନ ଅଧିକାରୀ ଭାବେ ପ୍ରଜ୍ଞାପ୍ରଭା ଓତା ଏବଂ ମାମାରାଣୀ ଧଳ ରହିଥିବା ବେଳେ ମତଦାତା ଅଧିକାରୀ ଭାବେ ପୂଜାଲିନ ରାଉତରାୟ ଓ ପ୍ରିଜାଇଡିଂ ଅଧିକାରୀ ଭାବେ ସୁଦେଷ୍ଣା ପାଣିଗ୍ରାହୀ ରହିଥିଲେ। ସମସ୍ତ ନର୍ସିଂ କର୍ମଚାରୀମାନେ ଭୋଟ୍‌ଦାନ କରିଥିଲେ। ଏଥିରେ ରଞ୍ଜନ କୁମାର ବଳବନ୍ତରାୟ ଶାଖା ସଭାପତି ଭାବରେ ଚୟନ କରାଯାଇଥିବା ବେଳେ ଶାଖା ଉପସଭାପତି ଭାବେ ଲିଙ୍କି ସୋମଲିକା ସାହୁ, ଶାଖା ସମ୍ପାଦକ ଭାବେ ବିଶ୍ୱରଞ୍ଜନ ଓଝା, ସହ ସମ୍ପାଦକ ଭାବେ ଆକାଶ କୁମାର ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ତଥା ସହ ଶାଖା ପରିଚାଳକ ରନେନ୍ଦ୍ର ଜେନା, ଶାଖା ନିରୀକ୍ଷକ ଭାବେ ସୌମ୍ୟ ରଞ୍ଜନ ବେହେରା, ଅର୍ଥନୈତିକ ସଂପାଦକ ଭାବେ ତେଜସ୍ୱିନୀ ରାଉତ, ସହ ଶାଖା ସମ୍ପାଦକ ତଥା ସଂଯୋଜକ ପଲ୍ଲବି ଜେନା ଏବଂ ଶାଖା କୋଷାଧ୍ୟକ୍ଷ ଭାବେ ସୌରଭ ମହାନ୍ତିଙ୍କୁ ଚୟନ କରାଯାଇଛି। ନିର୍ବାଚିତ କର୍ମଚାରୀମାନଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲର ସମସ୍ତ ନର୍ସିଂ କର୍ମଚାରୀମାନେ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଛି। ବିଭିନ୍ନ ଛୁଟି ସମୟରେ କର୍ମଚାରୀମାନଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବ ଏଥିରେ ସମସ୍ତେ ସହଯୋଗ କରିବେ ବୋଲି ସଂଘରେ ଆଲୋଚନା କରାଯାଇଛି।

### ଟାଟାଷ୍ଟିଲ୍ ଆଉଟ୍‌ବାଉଣ୍ଡ ଲଜିଷ୍ଟିକ୍ସ ବିଭାଗ

## ସମସ୍ତ ସିଫ୍ଟରେ ମହିଳା କର୍ମଚାରୀ ନିୟୋଜିତ



ଦାନଗଦି,୪।୯ (ସମିସ): ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟର କାରଖାନାରୁ ବାହାରକୁ ସାମଗ୍ରୀ ପରିଚାଳନା (ଆଉଟବାଉଣ୍ଡ ଲଜିଷ୍ଟିକ୍ସ) ବିଭାଗରେ ମହିଳା କର୍ମଚାରୀଙ୍କୁ ସମସ୍ତ ସିଫ୍ଟରେ ନିୟୋଜନ କରାଯାଇଛି। ଜାନୁଆରୀ ୨୦୨୫ରେ ଟାଟା ଷ୍ଟିଲ୍ କଳିଙ୍ଗନଗର ୨୦୨୩ ବ୍ୟାଚ୍‌ରୁ ୩୯ଜଣ ଟ୍ରେଡ୍ ଆପ୍ରେଣ୍ଟିସ୍‌ଙ୍କ ମଧ୍ୟରେ ୨୬ ଜଣ ମହିଳା ଥିଲେ। ଏଥିରୁ ୧୮ ଜଣଙ୍କୁ ଆଉଟବାଉଣ୍ଡ ଲଜିଷ୍ଟିକ୍ସ ବିଭାଗରେ ନିଯୁକ୍ତି ଦିଆଯାଇଛି। ସେମାନଙ୍କୁ ସୁରକ୍ଷା, ଗୁଣବତ୍ତା, ପ୍ଲାଣ୍ଟରୁ ସାମଗ୍ରୀ ପ୍ରେରଣ ପ୍ରକ୍ରିୟା, ସାମଗ୍ରୀ ଦେଣନେଣ ପରିଚାଳନା ଏବଂ ଡିଜିଟାଲ୍ ଟୁଲ୍ ଆଦିରେ ପ୍ରଶିକ୍ଷଣ ଦିଆଯାଇଥିଲା। ଟାଟା ଷ୍ଟିଲ୍ କଳିଙ୍ଗନଗରର ଜେନେରାଲ୍ ମ୍ୟାନେଜର୍ (ଅପରେସନ୍ସ) କରମବୀର ସିଂହ କହିଛନ୍ତି ଯେ ଖଣି, ଲଜିଷ୍ଟିକ୍ସ ଏବଂ ସମସ୍ତ ଶିଫ୍ଟରେ ମହିଳାମାନଙ୍କର ବ୍ୟାପକ ନିୟୋଜନ ବିଶେଷକରି ମାନୁଫାକ୍‌ଚରିଂ କ୍ଷେତ୍ର ଏବଂ କାର୍ଯ୍ୟସ୍ଥଳର ସମାବେଶକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ସେପ୍ଟେମ୍ବର ୨୦୧୯ରେ, ଟାଟା ଷ୍ଟିଲ୍ ଭାରତର ପ୍ରଥମ କମ୍ପାନୀ ଭାବରେ ଝାଡ଼ଖଣ୍ଡର ନୋଆମୁଣ୍ଡି ଖଣିରେ ସମସ୍ତ ଶିଫ୍ଟରେ ମହିଳା ମାଇନିଂ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେଇଥିଲା। ଯାହା "ୱୋମେନ ଆଟ ମାଇନ' ଓ "ତେଜସ୍ୱିନୀ' କାର୍ଯ୍ୟକ୍ରମର ସଫଳତା ଉପରେ ଆଧାରିତ। ସେହିପରି 'ଫ୍ଲେମ ଅଫ ଚେଞ୍ଜ' ପଦକ୍ଷେପ ଅଧୀନରେ ଟାଟା ଷ୍ଟିଲ୍ ମହିଳା ଅଗ୍ନିଶମ ବାହିନୀ ଟ୍ରେନିଙ୍କୁ ନିଯୁକ୍ତି ଦେଇଥିଲା। ଯାହା ଭାରତର ଷ୍ଟିଲ୍ କ୍ଷେତ୍ରରେ ଏକସର୍ବ-ମହିଳାଅଗ୍ନିଶମଦଳଗଠନକାରୀପ୍ରଥମକମ୍ପାନୀହୋଇଥିଲା।

### ଉଳାଙ୍ଗ ଛକରେ ମଦ ଦୋକାନ ଭଙ୍ଗା ଘଟଣା

## ମହିଳାମାନେ ଦେଇଥିବା ପାଉଡର ପ୍ୟାକେଟ୍ ନୁହେଁ ଡ୍ରଗ୍ସ

ମଙ୍ଗଳପୁର,୪।୯ (ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ମଧୁପୁର ପଇସାଇ ଗ୍ରାମର କିଛି ମହିଳାମାନେ ବୁଧବାର ବଉଳାଙ୍ଗ ବଜାରରେ ଏକ ଚୋରା ମଦ ଦୋକାନ (କେବିନକୁ) ଭାଙ୍ଗିବାସହ କେବିନ ଭିତରୁ ପଲିଥିନରେ କିଛି ଧଳାପାଉଡର ଥିବା ଏକ ପ୍ୟାକେଟ ପାଇଥିଲେ। ବୌଳାଙ୍ଗ ବଜାରସ୍ଥ ଉକ୍ତ କେବିନରେ ଜୈନିକ ଯୁବକ ଦୀର୍ଘଦିନ ଧରି ମଦ ବେପାର କରିଆସୁଥିଲେ। କେବିନରେ ମଦ ଦୋକାନ ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ଅବକାରୀ ବିଭାଗ ଚୁପ ବସିଥିଲା ବୋଲି ଅଭିଯୋଗ ହେଉଥିଲା। ବୁଧବାର ଲଗାଣ ବର୍ଷା ସତ୍ତ୍ୱେ ପ୍ରାୟ ୩୦ରୁ ଅଧିକ ମହିଳା ଜନୈକ ବ୍ୟକ୍ତିଙ୍କ ମଦ ଦୋକାନ ଭାଙ୍ଗିଥିଲେ। ଯାହାକୁ ମହିଳାମାନେ ଡ୍ରଗ୍ସ ବୋଲି ସନ୍ଦେହ କରିଥିଲେ। ଉକ୍ତ ଧଳା ପାଉଡର ପ୍ୟାକେଟକୁ ମହିଳାମାନେ ମଙ୍ଗଳପୁର ଥାନାରେ ଜିମା ଦେଇଥିଲେ। ତେବେ ମଙ୍ଗଳପୁର ପୁଲିସ ଏହି ଧଳାପାଉଡର ପ୍ୟାକେଟକୁ ଯାଞ୍ଚ କରିବା ପରେ ଏହା ଡ୍ରଗ୍ସ ପାଉଡର ନୁହେଁ ବୋଲି ଜାଣିବାକୁ ପାଇଥିଲେ। ଏନେଇ ଆଜି ମଙ୍ଗଳପୁର ପୁଲିସ ସହ ଯୋଗାଯୋଗ କରିବାରୁ ମହିଳା ମାନେ ଦେଇଥିବା ପାଉଡର ପ୍ୟାକେଟ ଡ୍ରଗ୍ସ ନୁହେଁ। ସେଗୁଡିକ କୌଣସି କୀଟନାଶକ ପ୍ୟାକେଟ ବୋଲି ଥାନା ଅଧିକାରୀ ସୂଚନା ଦେଇଥିଲେ।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ

ଯାଜପୁର,୪।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ କଂଗ୍ରେସ ସଂଗଠନକୁ ମଜ୍‌ବୁତ୍ କରିବା ପାଇଁ 'ସଂଗଠନ ସୃଜନ ଅଭିଯାନ' ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଚୟନ କରାଯିବ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ପଦବୀର ଚୟନ ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଚାରୁଲତା ଟୋକାସ୍‌ଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ସାଂସଦ ଯଶୋବନ୍ତ ସିଂହ ଲାଗୁରି, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଶାନ୍ତନୁ ସାହୁ ଏବଂ ଯାକୁବ ଉଜ୍‌ମାନ ଖାଁଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଅଭିଯାନ ମାଧ୍ୟମରେ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟସୂଚୀ ଅନୁଯାୟୀ ଯାଜପୁର ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାପଡିଛି।

## ମହମ୍ମଦଙ୍କ ଜନ୍ମ ଦିବସରେ ଶୋଭାଯାତ୍ରାକୁ ନେଇ ପ୍ରସ୍ତୁତି

ଯାଜପୁର,୪।୯ (ସମିସ): ମହମ୍ମଦଙ୍କ ଜନ୍ମ ଦିବସ ଶୋଭାଯାତ୍ରାକୁ ନେଇ ପୁଲିସ ପକ୍ଷରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଶାସନିକ ଅଧିକାରୀ ବିଜୟ ମହାଳିକ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଶାନ୍ତିଶୃଙ୍ଖଳା ସହିତ ଶୋଭାଯାତ୍ରା ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶୋଭାଯାତ୍ରା କୁସୁମାରୁ ବାହାରି ସହର ପରିକ୍ରମା କରି ଗାନ୍ଧିଛକଠାରେ ଶେଷ କରିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ଶବ୍ଦ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଧଳାଜହର ଜବତ, ମହିଳା ଗିରଫ

ବିଞ୍ଝାରପୁର,୪।୯ (ସମିସ): ଧଳାଜହର (ବ୍ରାଉନସୁଗର) ବିକିବା ଅଭିଯୋଗରେ ଜଣେ ମହିଳାଙ୍କୁ ପୁଲିସ ଗିରଫ କରିଛି। ଗିରଫ ମହିଳା ଜଣଙ୍କ ହେଲେ ବିଞ୍ଝାରପୁର ଥାନା ନୁରମହଲା ଅଞ୍ଚଳର ନଗମା ବିବି। ଦୀର୍ଘ ସମୟ ଧରି ନଗମା ବିବି ଭଦ୍ରକ, ବାଲେଶ୍ୱର ଓ କଲିକତା ଅଞ୍ଚଳରୁ ଧଳାଜହର ଆଣି ବିଞ୍ଝାରପୁରର ବିଭିନ୍ନ ଗଳିକନ୍ଦିରେ ନିଜର ବ୍ୟବସାୟ ଚଳାଇ ଆସୁଥିଲେ। ସେ ଅଞ୍ଚଳରେ ନିଜର ସାମ୍ରାଜ୍ୟ ବିସ୍ତାର କରିବା ସହ ସର୍ବଦା ପୁଲିସକୁ ଚକମା ଦେଇ ଚାଲିଥିଲା। ନୂତନ ଥାନାଧିକାରୀ ଭାବେ ରଞ୍ଜନ ମଲ୍ଲିକ ଯୋଗଦେବା ପରେ ଧଳାଜହର ଓ ନିଶା କାରବାର ରୋକିବାରେ ପଦକ୍ଷେପ ନେଇଥିଲେ। ଏହି କାରବାର ଘଟଣାରେ ନଗମା ବିବିଙ୍କ ଉପରେ ପୁଲିସର ନଜର ପଡିଥିଲା। ଧଳାଜହର ନେଇ ସେ ଘରକୁ ଫେରୁଥିବା ବେଳେ ବିଞ୍ଝାରପୁର ପୁଲିସର ସ୍ୱତନ୍ତ୍ର ଟିମ ତାଙ୍କୁ ମଇଁନ୍ଦା ଛକରୁ ଗିରଫ କରିଛି। ତା' ପାଖରୁ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ କରିବାସହ ବିଞ୍ଝାରପୁର ଥାନା ପୁଲିସ ମାମଲା ରୁଜୁ କରିଛି। ତାଙ୍କୁ ଗିରଫ କରିବା ପରେ ଅନେକ ସ୍ଥାନରେ ଚାଲୁଥିବା ବ୍ରାଉନସୁଗାର କାରବାରକୁ ନେଇ ପୁଲିସ ଖୋଳତାଡ ଜାରି ରଖିଛି।

## ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ସୁକିନ୍ଦା,୪।୯ (ସମିସ): ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୁଲିସ ଜବତ କରିଥିବା ଜଣାପଡ଼ିଛି। ମୃତକ ହେଲେ ଓଳିଆ ପଞ୍ଚାୟତ ଅଧୀନ ଅଭୟପୁର ଗ୍ରାମର ସୁଧାଂଶୁ ଦେହୁରୀ(୨୮)। ଅଭୟପୁର ଗ୍ରାମପାଖ ଜଙ୍ଗଲର ଏକ ଗଛରେ ଜଣେ ଯୁବକ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରୀ ରଖିଛି। ପାରିବାରିକ ବିବାଦରୁ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ସୁଧାଂଶୁକୁ ମାରି ଟାଙ୍ଗି ଦିଆଯାଇଥିବା ପରିବାର ପକ୍ଷରୁ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଗଡ଼ିଆରୁ ଗାଈ ଉଦ୍ଧାର



କବାଟବନ୍ଧ,୪।୯ (ସମିସ): ଲଗାଣ ବର୍ଷାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ଗୃହ ପାଳିତ ପଶୁ ତଥା ଗୋସମ୍ପଦମାନେ ବିପଦରେ ମଧ୍ୟ ରହିଛନ୍ତି। ଚରାବୁଲା କରି ଖାଦ୍ୟ ସଂଗ୍ରହ କରିବାକୁ ଯାଉଥିବା ସମୟରେ ପାଣିରେ ପଡ଼ି ବିପଦରେ ରହୁଥିବା ଦେଖିବାକୁ ମିଳିଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତରେ। ପଞ୍ଚାୟତର ଭେଜିଗୋଠ ଗାଁରେ ପାଣିରୁ ଏକ ଗାଈକୁ ଉଦ୍ଧାର କରାଯାଇଛି। ଲଗାଣ ବର୍ଷାରେ ଚାରିଆଡେ ପାଣି ଜମି ରହିଛି। କୂଅ, ପୋଖରୀ, ଗଡ଼ିଆ, ଗାଁ ରାସ୍ତାରେ ପାଣି ଲହଡ଼ି ଖେଳୁଛି। ଗାଈ ଚରିବାକୁ ଯାଇଥିବା ସମୟରେ ଲଗାଣ ବର୍ଷାରେ ଗଡ଼ିଆ ଭିତରେ ଜମିଥିବା ପାଣି ଭିତରେ କୌଣସି କାରଣରୁ ପଡିଯାଇଥିଲା। ସ୍ଥାନୀୟ ଲୋକେ ଗାଈଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଗୋରୁ, ଗାଈ, ଛେଳି, ମେଣ୍ଢା ଆଦି ପଶୁ ସମ୍ପଦ ପାଳନ କରୁଥିବା ବ୍ୟକ୍ତିମାନେ ପାଣି ଜମି ରହିଥିବା ଜଳାଶୟ ନିକଟକୁ ଚରିବାକୁ ନ ଛାଡ଼ିବାକୁ ବୁଦ୍ଧିଜୀବୀମାନେ ବାରଣ କରିଛନ୍ତି।

## ମଣ୍ଡଳସ୍ତରୀୟ ଭଲିବଲ ପ୍ରତିଯୋଗିତା



ମଙ୍ଗଳପୁର,୪।୯ (ସମିସ): ଦଶରଥପୁର ବ୍ଲକ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶରଥପୁର ମଣ୍ଡଳ ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ ବାଳକ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଡାହାଣହତା ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ରୂପେ ପରିଚାଳନା କମିଟିର ସଭାପତି କମଳାକାନ୍ତ ମହାପାତ୍ର ଓ କମିଟିର ସଭ୍ୟମାନେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମଣ୍ଡଳ କ୍ରୀଡ଼ା ସମ୍ପାଦକ ହରିହର ଜେନା, ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଅଜମେରୁଦ୍ଦିନ ସାହା, ମଣ୍ଡଳସ୍ତରୀୟ ସମସ୍ତ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଆଜିର ଏହି ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ୭ଜଣ ଦକ୍ଷ କ୍ରୀଡ଼ାବିତଙ୍କୁ ଜିଲ୍ଲାସ୍ତରକୁ ଚୟନ କରାଯାଇଛି।

## ରଘୁନାଥପୁର ଗାଁରେ ପୋଲମୁହଁରେ ଘାଇ



କବାଟବନ୍ଧ,୪।୯ (ସମିସ): ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଥାନା ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗାଁରେ ଥିବା ପୋଲମୁହଁରେ ଘାଇ ସୃଷ୍ଟି ହୋଇଛି। ଯାହାକି ଭବିଷ୍ୟତରେ ପୋଲ ଭୁଶୁଡ଼ି ବିପଦ ସୃଷ୍ଟି କରି ପାରେ। ଲଗାଣ ବର୍ଷା କାରଣରୁ ଅତ୍ୟଧିକ ଜଳ ନିଷ୍କାସନ ହୋଇ ନ ପାରି ଏହି ସମସ୍ୟା ସୃଷ୍ଟି ହୋଇଛି। ପ୍ରାୟ ୩୦ ଫୁଟ ଲମ୍ବ ଏବଂ ୧୫ ଫୁଟ ଚଉଡ଼ା ଏହି ପୋଲ ଉପରେ ଦୈନିକ ହଜାର ହଜାର ଲୋକ ଯିବାଆସିବା କରନ୍ତି। ସ୍ଥାନୀୟ ଦଣ୍ଡାଘାଟି, ଗୋଡ଼ିପାଟିଆ, କୃଷ୍ଣଚନ୍ଦ୍ର ପୁର, ତରାସ ଆଦି ବିଭିନ୍ନ ଗ୍ରାମର ଲୋକମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଦୀର୍ଘ ପ୍ରାୟ ୩୫ ବର୍ଷରୁ ଅଧିକ ହେବ ଏହି ପୋଲ ନିର୍ମାଣ କରାଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହା ଦୀର୍ଘ ବର୍ଷର ହୋଇଥିବାରୁ ଏହାର ସ୍ଥାୟୀତ୍ୱକୁ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏହାର ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସ୍ମୃତିସଂସଦ ପକ୍ଷରୁ ରକ୍ତଦାନ ଶିବିର

### ୩୬ ୟୁନିଟ୍ ରକ୍ତ ସଂଗ୍ରହ

ବାଲିଚନ୍ଦ୍ରପୁର,୪।୯ (ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଟକୃଷ୍ଣ ସାହାଣୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ କଟକସ୍ଥିତ କେନ୍ଦ୍ରୀୟରେ ରେଡକ୍ରସ ରକ୍ତକେନ୍ଦ୍ର ଟିମ୍‌ର ଡାକ୍ତର କିଶୋର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସଂଯୋଜକ ଅବିନାଶ ଦାସ, ଏଲ୍‌ଟି ସୌମ୍ୟରଞ୍ଜନ ସାହୁ, ଏଲ୍‌ଏ ପ୍ରଶାନ୍ତ ବାରିକ, ମୋଟିଭେଟର ପ୍ରମୋଦ ଲେଙ୍କା, ପିତାମ୍ବର ଜେନା, କିର୍ତ୍ତନ ତନ୍ତି ପ୍ରମୁଖ ଉପସ୍ଥିତ ରହି ୩୬ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଯେତିକି ୟୁନିଟ ରକ୍ତ ସଂଗ୍ରହ କରାଗଲା ସେଥିନେଇ ରକ୍ତ କେନ୍ଦ୍ରର ଡାକ୍ତର କିଶୋର ଚନ୍ଦ୍ର ବେହେରା ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ଏଥିରେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବାକୁ ଆସିଥିବା ବଡ଼ଚଣା ବିଧାୟକ ଅମର କୁମାର ନାୟକ ନିଜେ ଉତ୍ସାହିତ ହୋଇ ରକ୍ତଦାତା ସାଜିଥିଲେ। ପରେ ବାଲିଚନ୍ଦ୍ରପୁର ଥାନା ଆଇଆଇସି ସମରଜିତ୍ ନାୟକ ରକ୍ତଦାନ କରିଥିଲେ। ଅନ୍ୟ ପ୍ରମୁଖ ରକ୍ତାଦାତା ମାନଙ୍କ ମଧ୍ୟରେ ପ୍ରାକ୍ତନ ସମିତିସଭ୍ୟ ଅମୀୟ କୁମାର ବିଶ୍ୱାଳ, ମୁଖ୍ୟଆୟୋଜକ ଅମୀୟକୁମାର ସାହାଣୀ, ସମାଜସେବୀ ସୁରେଶ କୁମାର ବେହୁରା, ବିକାଶ ଦାସ, ସନ୍ତୋଷ ସାମଲ ପ୍ରମୁଖ ରକ୍ତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦୀଲ୍ଲିପ କୁମାର ରାଉତରାୟ, ଗୌତମ ବିଶ୍ୱାଳ ପରିଚାଳନା କରିଥିବା ବେଳେ ବାଲିଚନ୍ଦ୍ରପୁର ସରପଞ୍ଚ ନିରୁପମା ବଳ, ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ଅଶୋକ ସାମଲ, ଉତ୍କଳ କେଶରୀ ସାମଲ, ଜିଲ୍ଲା ପରିଷଦ ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ମାନଗୋବିନ୍ଦ ରାଉତ, ସତ୍ୟବ୍ରତ ଜେନା, ପ୍ରାକ୍ତନ ଜିଲ୍ଲା ପରିଷଦ ବିପିନ ବିହାରୀ ଜେନା, ମଣ୍ଡଳ ସଭାପତି ଅଶୋକ କୁମାର ସିଂହ, ବିଭୁତି ବଳସାମନ୍ତ, ରଶ୍ମିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।



## ବର୍ଷାରେ ରାସ୍ତା ନଷ୍ଟ; ୫୩ନଂ ରାଜପଥରେ ବଢୁଛି ଦୁର୍ଘଟଣା

### ପଙ୍କପାଳ ବଙ୍ଗଳା ଛକଠାରେ ଥିବା ସର୍ଭିସ ରାସ୍ତା ମରାମତି ଦାବି

ଯଖପୁରା,୪।୯ (ସମିସ)



୫୩ ନମ୍ବର ଜାତୀୟ ରାଜପଥ ଡୁବୁରୀରୁ ଚଣ୍ଡିଖୋଲ ରାସ୍ତାରେ କେଉଁଠି ନା କେଉଁଠି ଦୁର୍ଘଟଣା ଘଟିବାର ଖବର ମିଳିଥାଏ। ଡୁବୁରୀରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତାର ଦୂରତ୍ୱ ୩୫ କିମି ହୋଇଥିବା ବେଳେ ଗୋଟିଏ ଯାତ୍ରୀବାହୀ ବସ୍‌କୁ ଦେଢ଼ ଘଣ୍ଟାରୁ ଅଧିକ ସମୟ ଲାଗିଥାଏ। ଏଥିରୁ ସହଜରେ ଅନୁମାନ କରାଯାଇ ପାରେ କି ଏହି ରାସ୍ତାର ଅବସ୍ଥା କିପରି ଥିବ। କଳିଙ୍ଗନଗରରେ ଥିବା ସମସ୍ତ ଶିଳ୍ପାନୁଷ୍ଠାନଗୁଡ଼ିକକୁ ପ୍ରତିଦିନ ଆସୁଥିବା ହଜାର ହଜାର ସଂଖ୍ୟାରେ ଭାରୀଯାନ ଏହି ରାସ୍ତା ଦେଇ ଯିବାଆସିବା କରିଥାନ୍ତି। ଏହାସହ ସୁକିନ୍ଦା ଅଞ୍ଚଳରୁ କ୍ରୋମାଇଟ ଓ କେନ୍ଦୁଝର ଜିଲ୍ଲାରୁ ଲୁହାପଥର ବୋଝେଇ ଭାରୀଯାନ ହଜାର ହଜାର ସଂଖ୍ୟାରେ ଯାଇଥାନ୍ତି। ଦୀର୍ଘ ବର୍ଷ ଧରି କାର୍ଯ୍ୟ ଚାଲୁଥିବା ଏହି ଜାତୀୟ ରାଜପଥରେ ବଡ଼ବଡ଼ ଭାରୀଯାନ ସେମାନଙ୍କର ରାସ୍ତା ବୋଲି ଧରିନେଇଛନ୍ତି। ଯାହାଫଳରେ ଛୋଟଛୋଟ ଯାନବାହାନ ଚଳପ୍ରଚଳ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫୩ ନମ୍ବର ଜାତୀୟ ରାଜପଥ ସବୁଠୁ ଅଧିକ ବ୍ୟସ୍ତବହୁଳ ସ୍ଥାନ ବ୍ରାହ୍ମଣୀ ପୋଲରୁ ଡୁବୁରୀ ପର୍ଯ୍ୟନ୍ତ ହୋଇଥିବା ସ୍ଥଳେ ସେହି ସ୍ଥାନରେ ସବୁଠାରୁ ଅଧିକ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଯାହାଫଳରେ ଏହି ସ୍ଥାନରେ ସବୁଠାରୁ ଅଧିକ ଦୁର୍ଘଟଣା ଘଟୁଥିବାର ଖବର ରହିଛି। ଯାଜପୁରରେ ଲଗାଣ ବର୍ଷା ଯୋଗୁଁ ଜାତୀୟ ରାଜପଥରେ ହୋଇଥିବା ଖାଲଗୁଡିକ ପାଣିରେ ପୁରି ରହିଥିବାରୁ ଯାତାୟାତ ପାଇଁ ଚାରିଚକିଆ ଓ ଦୁଇଚକିଆ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଗତକାଲିଠାରୁ ଜାତୀୟ ରାଜପଥର ଏହି ସ୍ଥାନରେ ଲଗାଣ ବର୍ଷା ଯୋଗୁଁ ଦୁର୍ଘଟଣା ବହୁ ସଂଖ୍ୟାରେ ବଢ଼ିଯାଇଛି। ଆଜି ଏହି ରାସ୍ତାର ଅନେକ ଗୁଡ଼ିଏ ସ୍ଥାନରେ ଛୋଟବଡ଼ ଦୁର୍ଘଟଣା ଘଟିଥିବା ବେଳେ ପଙ୍କପାଳ ବଙ୍ଗଳା ଓଭର ବ୍ରିଜର ପାଶ୍ୱର୍ରେ ଥିବା ସର୍ଭିସ ରୋଡ ଅତି ଦୟନୀୟ ଅବସ୍ଥାରେ ଥିବାରୁ ସେଠାରେ ଅନେକ ଗାଡ଼ି ଫସି ରହିଥିଲେ। ଆଜି ସକାଳେ ଏକ ଅଟୋ ଦ୍ୱାରା ଖାଦ୍ୟ ସାମଗ୍ରୀ ଧରି ଆସୁଥିବା ବେଳେ ପଙ୍କପାଳ ଓଭର ବ୍ରିଜ ପାଶ୍ୱର୍ ଗର୍ତ୍ତରେ ପଡ଼ିଯାଇ ଗାଡିଟି ଲେଉଟି ପଡିଥିଲା। ଯାହାଫଳରେ ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ସହିତ ଗାଡ଼ି ଓ ଚାଳକଙ୍କର ମଧ୍ୟ କ୍ଷତି ଘଟିଛି। ଏହି ଅଟୋଟିକୁ ରଗଡି ଅଞ୍ଚଳର ସ୍ୱେଚ୍ଛାସେବୀ ଉଦ୍ଧାର କରିଥିଲେ। ଏଥିପାଇଁ ପଙ୍କପାଳ ବଙ୍ଗଳା ଛକଠାରେ ଥିବା ସର୍ଭିସ ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବୈତରଣୀରେ ବନ୍ୟା ଆଶଙ୍କା ଟଳିଲା



**ବାରିକପୁର, ୪।୯(ସମିସ):** ଗତ ୨ଦିନ ଧରି ଲଘୁଚାପ ଜନିତ ବର୍ଷା ଜନଜୀବ କୁ ଅସ୍ତବ୍ୟସ୍ତ କରିଦେଇଛି। ଲୋକେ ଘରୁ ବାହାରି ପାରିନାହାନ୍ତି। ବର୍ଷାକୁ ଦେଖି ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ପୁଣି ବନ୍ୟା ଆସିବ ବୋଲି ଅନୁମାନ କରାଯାଇଥିଲା। ଏହି ଦୁଇ ଦିନ ମଧ୍ୟରେ ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲ୍ଲାରେ ସେଭଳି ବଡ ଧରଣର ବର୍ଷା ହୋଇନଥିବା ଯୋଗୁଁ ବୈତରଣୀରେ ବନ୍ୟା ଆଶଙ୍କା ଟଳିଯାଇଛି। ଗତ ଚବିଶ ଘଣ୍ଟା ମଧ୍ୟରେ ଆନନ୍ଦପୁରଠାରେ ୫୯, ଚମ୍ପୁଆଠାରେ ୧୪, ସ୍ୱାମପାଟଣା ଠାରେ ୩୪ ଓ ଆଖୁଆପଦା ଠାରେ ସର୍ବାଧିକ ୧୧୦ ମିମି ବର୍ଷା ରେକର୍ଡ କରାଯାଇଛି। ସ୍ଥାନୀୟ ବର୍ଷାକୁ ନେଇ ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲେ ମଧ୍ୟ ଆଜି ସନ୍ଧ୍ୟା ଠାରୁ ଏହା ହ୍ରାସ ପାଇଛି। ଆଖୁଆପଦା ଆନିକଟଠାରେ ୧୮.୩୦ ଯାଏଁ ଜଳସ୍ତର ବୃଦ୍ଧି ପାଇ ସନ୍ଧ୍ୟା ୭ ଟା ସମୟରେ ୧୮.୨୮ ରେ ପାଣି ପ୍ରବାହିତ ହେଉଥିବା ଜଣାପଡ଼ିଛି। ଉକ୍ତ ବର୍ଷାରେ ପାଣି ବିପଦ ସଙ୍କେତ ଅତିକ୍ରମ କରି ନଥିବା ସୂଚନା ମିଳିଛି।

# ମତ୍ସ୍ୟ ବିଭାଗ କାର୍ଯ୍ୟାଳୟରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି

**ଦୋଲସାହି, ୪।୯(ସମିସ):** ବର୍ଷା ପାଣିରେ ବୁଡି ରହିଛି ତିହିଡି ବ୍ଲକ ଅଧିନ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ। ସୂଚନା ମୁତାବକ ତିହିଡି ବ୍ଲକ କାର୍ଯ୍ୟାଳୟର୍ ଚାରି ପଟେ ବର୍ଷା ପାଣି ନିଷ୍କାସିତ ହେଉନଥିବା ନେଇ ଚାରି ପଟେ ବର୍ଷା ପାଣି ଜମି ରହୁଛି। ସେହିପରି ମତ୍ସ୍ୟ ବିଭାଗ ବର୍ଷା ପାଣିରେ ଭାସୁଥିବା ଦେଖିବାକୁ ମିଳୁଛି। କର୍ମଚାରୀମାନେ ଚେୟାର ଓ ବେଞ୍ଚ ଉପରେ ଗୋଡ ଟେକି କାର୍ଯ୍ୟ କରୁଛନ୍ତି। ଏହି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରେ ବର୍ଷା ପାଣି ନିଷ୍କାସନ ହେଉନଥିବା ନେଇ ସାମାନ୍ୟ ବର୍ଷା ରେ ପୋଖରୀ ପାଲଟୁ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



### ଲଗାଣ ବର୍ଷାରେ ଭାଙ୍ଗିଲା ସେତୁ ସୁରକ୍ଷା ପାଚେରି

# ବଢୁଛି ରେବ, କପାଳୀ; ବହୁ ଅଞ୍ଚଳ ଜଳମଗ୍ନ

**ବାରିକପୁର, ୪।୯(ସମିସ)**

ଲଘୁଚାପ ଜନିତ କାରଣରୁ ଗତ ୨୪ ଘଣ୍ଟା ଧରି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ମୂଷଳ ଧାରାରେ ବର୍ଷା ହୋଇଛି। ଫଳରେ ଏହି ବ୍ଲକ ଦେଇ ଯାଇଥିବା ରେବ ଓ କପାଳୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଚଳିତ ବର୍ଷ ରେବ ନଦୀରେ ପ୍ରଥମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏଥିରେ ଅନେକ ଚାଷଜମି ଓ ଗ୍ରାମ୍ୟ ରାସ୍ତା ପ୍ରଭାବିତ ହୋଇଛି। ବ୍ଲକର ନଗୁଆ, ହେଲପୁର, ପାହିମୋହୁରା, ପଦିନାରାୟଣପୁର, ସରିଫପୁର, ଭଗିବିନ୍ଧା, ସରଦପୁର, ନିର୍ଗୁଣ୍ଡି, ହାଟସାହି, ନାଗପାଳ, ପିରିଜିପୁର, କରଞ୍ଜି ଗୁଣ୍ଡୁପୁର, ବିମଳବରର, ହେଲପୁର ଗ୍ରାମର ଚାଷ ଜମି ରେବ ନଦୀ ପାଣିରେ ବୁଡି ଯାଇଛି। ଏହାଛଡା କିଛି ଗ୍ରାମ୍ୟ ରାସ୍ତାରେ ପାଣି ଚାଲିଥିବାରୁ ଗମନା ଗମନ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଛି। ତୋଡ ଗାଁଠାରୁ ଧୂଳି ଗଡ଼ିଆକୁ ସଂଯୋଗ କରୁଥିବା ନଦୀ ଉପରେ ଥିବା ସେତୁର ସୁରକ୍ଷା ପ୍ରାଚୀର ମଧ୍ୟ ବର୍ଷା ମାଡ଼ରେ ନଷ୍ଟ ହୋଇଥିବା ସୂଚନା ମିଳିଛି। ଅତ୍ୟଧିକ ପାଣି ଯୋଗୁଁ କିଛି ସ୍ଥାନରେ ଘାଇ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଅନୁରୂପ ଭାବେ କପାଳୀ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ନଳାଙ୍ଗଠାରେ ଥିବା ଭଦ୍ରକ କୋର୍ଟ ପରିସରରେ ପାଣି ଜମି ରହିଛି। ସେହିପରି କପାଳୀ ନଦୀର ଉଛୁଳା ପାଣି ଯୋଗୁଁ ବିଷ୍ଣୁପୁର, ଆଦମପୁର, ଚିଙ୍ଗିଡିପୁର, ବଡବ୍ରାହ୍ମଣ ସାହି, ମିରହସନପୁର ପ୍ରମୁଖ ଗ୍ରାମର ଚାଷ ଜମି ବୁଡି ରହିଛି। ବିଶେଷ କରି ଦୁଇଟି ଗ୍ରାମ୍ୟ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ଶହଶହ ହେକ୍ଟର ଚାଷଜମି ଜଳମଗ୍ନ ହେବ ବୋଲି କୁହା ଯାଇଛି।



# ସରକାରୀ ଜାଗା ଜବରଦଖଲ; ରାଉତପଡ଼ାରେ କୃତ୍ରିମ ବନ୍ୟା

**ଭଦ୍ରକ, ୪।୯(ସମିସ):** ସରକାରୀ ଜାଗା ଅବରୋଧ ଫଳରେ ଗାଁ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଫଳରେ ଗ୍ରାମବାସୀ ଆଣ୍ଠୁଏ ପାଣିରେ ଉବୁଟୁବୁ ହେଉଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଭାଟପଡ଼ା ପଞ୍ଚାୟତର ରାଉତପଡ଼ା ଗାଁରେ। ଉକ୍ତ ଗ୍ରାମରେ ପାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଅସରାଏ ବର୍ଷାରେ ହେଲେ ଆଣ୍ଠୁଏ ପାଣିରେ ପଶି ଗ୍ରାମବାସୀଙ୍କୁ ବାହାରକୁ ଯିବାକୁ ପଡୁଛି। ଏପରିକି ବର୍ଷା ହେଲେ ଅଙ୍ଗନବାଡି, ସ୍କୁଲକୁ ଶିଶୁ ଯାଇ ପାରୁନହାନ୍ତି। ଯଦି ବି କେହି ପାଣି ପାର ହୋଇ ଯାଉଛନ୍ତି, ସେମାନେ ଜ୍ୱର ଥଣ୍ଡା ସହ ବିଭିନ୍ନ ପ୍ରକାରର ଚର୍ମ ରୋଗରେ ପୀଡ଼ିତ ହେଉଛନ୍ତି। ସରକାରୀ ଜାଗାକୁ ଜବରଦଖଲ କରିବା ସହ ରାଜନୈତିକ ଛକପଞ୍ଝାର ଆକ୍ରୋଶର ଶିକାର ହେଉଛନ୍ତି ନିରୀହ ଗ୍ରାମବାସୀ ସାଙ୍ଗକୁ କୁନି କୁନି ପିଲା। ଏ ବାବଦରେ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରିବା ସହ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# କୃଷି ଯୁଗ୍ମ ନିର୍ଦ୍ଦେଶକଙ୍କ ବନ୍ୟାଞ୍ଚଳ ପରିଦର୍ଶନ



**ଧାମନଗର, ୪।୯(ସମିସ):** ଚଳିତ ବର୍ଷ ଲଗାଣ ବର୍ଷାରେ ଏକ ମାସ ମଧ୍ୟରେ ଲଗାତାର ଭାବେ ତିନି ଥର ବନ୍ୟା ଆସିବା ଯୋଗୁଁ ତଳିଆ ଅଞ୍ଚଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଧନ ଜୀବନ ସହ ବହୁ କଚ୍ଚା ଘର ଓ ଚାଷ ଜମି କ୍ଷତି ହୋଇଛି। ବନ୍ୟା ପରେ ଗୁରୁବାର ରାଜ୍ୟ ସରକାରଙ୍କ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ ବନ୍ୟା ପ୍ରଭାବିତ ଏବଂ ଚାଷଜମି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି।ଏହି ପରିଦର୍ଶନ ବେଳେ ବ୍ଲକ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା, ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ ଦ୍ୱିଜବର ସେଠୀ, ବ୍ଲକ ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ କୁଞ୍ଜବିହାର ମିଶ୍ର ଏବଂ ମାନସ ରଞ୍ଜନ ରାଉତ ପ୍ରମୁଖ ଧାମନଗର ଚୁଡାକୁଟି, ରାଧାବଲ୍ଲଭପୁର, ବୟାଗଡ଼ିହ, ହସନାବାଦ, ଅର୍ଜୁନପୁର ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତି ଅନୁଧାନ କରିଥିଲେ। ଏହା ପରେ ଜିଲ୍ଲାସ୍ତରୀୟ ବୈଠକରେ ମୁଖ୍ୟତଃ ଡିଜିଟାଲ ଫସଲ ସର୍ବେକ୍ଷଣ ଦ୍ୱାରା ପ୍ରକୃତ ଚାଷଜମି କେତେ କ୍ଷୟକ୍ଷତି ହୋଇଛି ଚିହ୍ନଟ ପରେ ଧାର୍ଯ୍ୟ ପରିମାଣ ଆକଳନ କରି ନିଷ୍ପତ୍ତି ନିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ସୂଚନା ଦେଇଛନ୍ତି।

# ୧୧୮ ବର୍ଷରେ ଭବାନୀବିନ୍ଧା ବାବା ଗଣେଶ ପୂଜା



**ଭଦ୍ରକ, ୪।୯(ସମିସ):** ଗତ ୧୯୦୭ ମସିହାରୁ ସମ୍ପୂର୍ଣ୍ଣ ରୀତିନୀତିରେ ଆରମ୍ଭ ହୋଇଥିବା ବାବା ଗଣେଶଙ୍କ ଦଶ ଦିବସୀୟ ପୂଜାର୍ଚ୍ଚନା ଚଳିତ ବର୍ଷ ମଧ୍ୟ ବାବା ଗଣପତିଙ୍କ ମଣ୍ଡପରେ ମହାଆଡମ୍ବରରେ ଚାଲିଛି। ଭଦ୍ରକ ଇଚ୍ଛାପୁର ଭବାନୀବିନ୍ଧା ଗଣେଶ ପୂଜା କମିଟି ପକ୍ଷରୁ ୧୦ଦିନ ଧରି ପୂଜାର୍ଚ୍ଚନା ସହିତ ବହୁ ଭକ୍ତଙ୍କ ସମାଗମରେ ମହାଆଳତୀ ପରିବେଶକୁ ଆଧ୍ୟାତ୍ମିକ ଭାବାବେଗରେ ବାନ୍ଧି ଦେଇଥାଏ। ସେହିପରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚନ ସହିତ ସଂସ୍କୃତି ଭିତ୍ତିକ ପିଲାଙ୍କ ନୃତ୍ୟ ସଙ୍ଗୀତ ବେଶ ମନୋରମ ହୋଇଥାଏ। ପ୍ରତ୍ୟେକ ଦିନ ପ୍ରସାଦ ଭୋଗ ଅନ୍ନ ମଧ୍ୟ ବଣ୍ଟନ କରାଯାଇଥାଏ। ଆଖ ପାଖ ଅଞ୍ଚଳରୁ ଭକ୍ତଙ୍କ ଭିଡ଼ ଭସାଣି ପର୍ଯ୍ୟନ୍ତ ଦେଖିବାକୁ ମିଳିଥାଏ। ଏହି ପରିପ୍ରେକ୍ଷୀରେ ଆଜି ଏକ ସାଧାରଣ ସାଂସ୍କୃତିକ ସଭା ଅବସର ଶିକ୍ଷାବିତ ଶ୍ରୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କମିଟି ଉପଦେଷ୍ଟା ହେମନ୍ତ ପାଢ଼ୀ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଜ୍ଞାନପ୍ରକାଶ ପାଣି, ଯୁବ ନେତା କାଳିଆ ପଣ୍ଡା ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅନୁଷ୍ଠାନ ଆମ ଧର୍ମ ସଂସ୍କୃତି ତଥା ଆମ ସମାଜ ପାଇଁ ଏକ ଉଦାହରଣ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ। ଏହି ମଞ୍ଚରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କମିଟି ସଭାପତି ଗଦାଧର ଖମୁରାଇ ସମ୍ପାଦକ, ସମ୍ପାଦକ ସିଲୁ ସାହୁ, ଉପ ସଭାପତି ଜ୍ଞାନ ରଞ୍ଜନ ପାଢ଼ୀ ପ୍ରମୁଖ ସମସ୍ତ କର୍ମକର୍ତ୍ତାଙ୍କୁ ଏଭଳି ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅତିଥିମାନେ ପ୍ରଶଂସା କରିଥିଲେ। ସେହିପରି କମିଟିର କର୍ମକର୍ତ୍ତା ଟୁନା ମହାନ୍ତି, ସୁକାନ୍ତ ଖାମୁରାଇ, ଚଗୁଲୁ ପାଳ, ଗୋବିନ୍ଦ ଖାମୁରାଇ, ଟୁନା ଖାମୁରାଇ, ଦୁର୍ଗା ଜେନା, ଭବାନୀ ଜେନା ପ୍ରମୁଖ ସମସ୍ତ ପୂଜା ସହିତ ସଭା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ସରସଦା ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତି ସମାରୋହ



**ବାରିକପୁର, ୪।୯(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଜଗନ୍ନାଥ ନାୟକଙ୍କ ୪୪ତମ ସ୍ମୃତି ସମାରୋହ ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତି ନେବେଦ୍ୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ଶ୍ରୀବତ୍ସ କର ଶର୍ମା ଉତ୍ସବକୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଧାମନଗର ବ୍ଲକର ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଦାଧର ଜେନା, ମୁଖ୍ୟ ବକ୍ତା ଭାବେ ସ୍ତମ୍ଭକାର କାର୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ, କୁଞ୍ଜଲତା ଦାସ, ଅଜୟ ନନ୍ଦ, ସୁଧାକର ବେଜ, ଶଶିଭୂଷଣ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ବାରିକ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ, ବିଜୟାଲକ୍ଷ୍ମୀ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ସଞ୍ଜୟ ନନ୍ଦ ଉଦ୍ଦେଶ୍ୟ ଜ୍ଞାପନ ଓ ବିକ୍ରମ ସୌରଭ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତି ସମାରୋହ ଉପଲକ୍ଷେ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ରାଧାଶ୍ୟାମ ଦାସ, ମମତା ଧଳ, ସସ୍ମିତା ମହାନ୍ତି, ମାମା ପ୍ରିୟା ପାଣିଗ୍ରାହୀ, ପ୍ରତିଭା ସେଠୀ, ମାନସୀ ରାଉତ, ସୁଜାତା ମଲ୍ଲିକ, କ୍ଷିରାବ୍ଦୀ ମହାପାତ୍ର, ଶ୍ୟାମସୁନ୍ଦର ବେଜ ପ୍ରମୁଖ ପରିଚାଳନା କରିଥିଲେ।

# ନୃତ୍ୟ ପ୍ରତିଯୋଗିତାରେ ଛାତ୍ରୀଙ୍କ ସଫଳତା

**ଭଦ୍ରକ, ୪।୯(ସମିସ):** ନୃତ୍ୟ ତରଙ୍ଗ ଡ୍ୟାନ୍ସ ଏକାଡ଼େମୀ ଏବଂ କଲଚୁରାଲ ଫାଉଣ୍ଡେସନ୍ କୋଲକତା ସିଲିଗୁଡି ସ୍ଥିତ ଆୟୋଜିତ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଏନ୍.ଆର.ଆଇ. ଆନ୍ତର୍ଜାତୀୟ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ରୀ ଶ୍ରିଷ୍ଟୀ ମିଶ୍ର ଅଂଶ ଗ୍ରହଣ କରିଥିଲେ। ସେ ନୃତ୍ୟ ପ୍ରଦର୍ଶନ କରି ବିଚାରକଙ୍କୁ ବିମୋହିତ କରି ଏହି ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଆନ୍ତର୍ଜାତୀୟ ପ୍ରଦର୍ଶକ ଭାବରେ ସମ୍ମାନିତ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିବେକାନନ୍ଦ ସେନାପତି ଶୁଭେଚ୍ଛା ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ କୋଲକାତା ସିଲିଗୁଡିଠାରେ ଗତ ଅଗଷ୍ଟ ୨୭ତାରିଖରେ ଅନୁଷ୍ଠିତ ହୋଇଥିଲା।



### ସମସ୍ୟାରେ ରାମନାରାୟଣ ଉଚ୍ଚ ବିଦ୍ୟାଳୟ

# ଶିକ୍ଷକ ପଦ ଖାଲି; ଶ୍ରେଣୀଗୃହ ଅଭାବ

**ଦୋଲସାହି, ୪।୯(ସମିସ):** ଖବର ପ୍ରକାଶ ପରେ ବି ଫଳାଫଳ ଶୁନ୍। ସମସ୍ୟା ଘେରରେ ତିହିଡି ବ୍ଲକ ଦୋଲସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟ। ସୂଚନାଯୋଗ୍ୟ, ଦୋଲସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେବ ବିଭିନ୍ନ ସମସ୍ୟା ଲାଗିରହିଛି। ବିଦ୍ୟାଳୟରେ ଅନେକ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ତେବେ ଜିଲ୍ଲା ଶିକ୍ଷାଧିକାରୀ ଏଦିଗରେ କିଛି ବି ପଦକ୍ଷେପ ଗ୍ରହଣ କରିନଥିଲେ। ଫଳରେ ବୁଦ୍ଧିଜୀବୀ ତଥା ଶିକ୍ଷାବିତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରତିଷ୍ଠିତ ବିଦ୍ୟାଳୟରେ ବିଭିନ୍ନ ବିଭାଗରେ ୧୦ ଜଣ ଷ୍ଟାଫ୍ କମ୍ ଥିବା ସହ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି। ସେହିଭଳି ଶ୍ରେଣୀଗୃହର ଅଭାବ ଥିବା ବେଳେ ଗୋଟିଏ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀ ଜାକିଜୁକି ହୋଇ ବସୁଥିବା ଜଣାପଡ଼ିଛି। ଏଥିସହ ଏହି ବିଦ୍ୟାଳୟ ନିଜସ୍ୱ ବଡ ଖେଳ ପଡ଼ିଆ ରହିଛି। ତେବେ ଏହାର ଚର୍ତୁପାର୍ଶ୍ୱରେ ପାଚେରୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନଥିବା ନେଇ ଏହି ଖେଳ ପଡ଼ିଆରେ ଛାତ୍ରଛାତ୍ରୀ ଖେଳି ପାରୁନଥିବା ଅଭିଯୋଗ ହେଉଛି। ଜିଲ୍ଲା ଶିକ୍ଷାଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧରଣରେ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ପୋଖରୀରେ ବୁଡ଼ି ଯୁବତୀ ମୃତ

**ଭଣ୍ଡାରିପୋଖରୀ/ବାରିକପୁର, ୪।୯(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ପଞ୍ଚାୟତ ଭଗିବନ୍ଧା ଗ୍ରାମର ଜଣେ ଯୁବତୀ ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି। ମୁତାବକ ଗୁରୁବାର ସକାଳ ପ୍ରାୟ ୭ଟା ସମୟରେ ଗ୍ରାମର ମାନସ ସାମଲଙ୍କ ଏକମାତ୍ର କନ୍ୟା ମୋନାଲିସା (୨୪) ଶୌଚ ହେବା ପାଇଁ ନିକଟସ୍ଥ ରେବନଦୀ ସଂଲଗ୍ନ ପୋଖରୀକୁ ଯାଇଥିଲେ। ଫେରିବା ବିଳମ୍ବ ହେବାରୁ ଘର ଲୋକ ଖୋଜାଖୋଜି କରିଥିଲେ। ଏନେଇ ଉମକଳ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପୋଖରୀରୁ ଯୁବତୀଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ଯୁବତୀ ଜଣଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହିତ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ଯେ, ମୋନାଲିସା ଟିଉସନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ବାପା ମାନସ କ୍ୟାନ୍ସରରେ ପୀଡ଼ିତ। ତେଣୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



# ବ୍ରାଉନ ସୁଗର ସହ କାର ଜବତ; ୪ ଗିରଫ







**ଭଦ୍ରକ, ୪।୯(ସମିସ):** ଭଦ୍ରକ ଟାଉନ ପୁଲିସ ଗୁରୁବାର ୨ଟି ପୃଥକ ସ୍ଥାନରୁ ୩୫.୭୪ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିବା ସହ ଗୋଟିଏ କାର, ଗୋଟିଏ ବାଇକ୍ ସମେତ ୧୦ହଜାର ଟଙ୍କା ଜବତ କରିଛି। ସୂଚନାନୁଯାୟୀ, ଆଜି ଟାଉନ ପୁଲିସ ପାଟ୍ରୋଲିଂ ବେଳେ ପଶ୍ଚିମବଙ୍ଗ ବୁରଦ୍ୱାନ ଅଞ୍ଚଳର ଶୁଭଙ୍କର ରାୟ ଚୌଧୁରୀଙ୍କୁ ତଲାସୀ କରି ତାଙ୍କ ଠାରୁ ୯.୭୯ଗ୍ରାମ ବ୍ରାଉନସୁଗର ଜବତ ହୋଇଥିଲା। ଉକ୍ତ ବ୍ରାଉନ ସୁଗର ଶୁଭଙ୍କର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ବଉଳପୋଖରୀ ଅଞ୍ଚଳର ରାଜା ମଲ୍ଲିକଙ୍କଠାରୁ କ୍ରୟ କରିଥିବା ବୟାନ ଦେଇଥିଲା। ଅନୁରୂପଭାବେ ଟାଉନ ପୁଲିସ ଆଜି ଚାରିଘରିଆ ଛକଠାରେ ପାଟ୍ରୋଲିଂ ବେଳେ ଏକ ହୋଣ୍ଡା କାରରେ ଯାଉଥିବା ୩ଜଣ-ସୁଦୀପ ସାହୁ, ରଞ୍ଜନ ସାହୁ ଓ ସୁଜିତ ଚକ୍ର(ସମସ୍ତେ କେନ୍ଦୁଝର ଜିଲ୍ଲା ଘଷିପୁରା ଅଞ୍ଚଳର)ଙ୍କୁ ଯାଞ୍ଚ କରି ସେମାନଙ୍କ ଠାରୁ ୨୫.୯୫ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରାଯିବା ସହ ନଗଦ ୧୦ହଜାର ଟଙ୍କା ଜବତ ହୋଇଛି। ଏହି ଘଟଣାରେ ୪ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି।

# ବିରଳ ହଳଦିଆ ପେଚା ଠାବ

**ଭଣ୍ଡାରିପୋଖରୀ, ୪।୯(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ବରାହନୂଆପଡ଼ା ଗ୍ରାମର ଶିକ୍ଷକ ପ୍ରମୋଦ କୁମାର ନାୟକଙ୍କ ବାଡିରେ ବୁଧବାର ରାତ୍ରରେ ବିରଳ ହଳଦିଆ ପେଚା ଠାବ ହୋଇଛି। ଶ୍ରୀ ନାୟକଙ୍କ ପରିବାର ଲୋକେ ବାଡିକୁ ଯାଇ ଚମ୍ପାଗଛକୁ ଟର୍ଚ୍ଚ ପକାଇବାରୁ ଏକ ହଳଦିଆ ପକ୍ଷୀ ବସିଥିବା ଦେଖିଥିଲେ। ଏହାକୁ ହଳଦୀବସନ୍ତ ବୋଲି ସନ୍ଦେହ କରିଥିଲେ। ମାତ୍ର ଉତ୍ତୋଳିତ ଚିତ୍ରରୁ ଏହା ବରଳ ବିଦେଶାଗତ ସୁନେଲି ରଙ୍ଗ ମିଶ୍ରିତ ହଳଦିଆ ପେଚା ବୋଲି ଜଣାପଡ଼ିଥିଲା। ରାତ୍ର ପ୍ରାୟ ୪ଟା ବେଳକୁ ପେଚାଟି ଉଡିଯାଇଥିଲା।



# ନରଣଗଡ଼ ଚୋରି ଅଳଙ୍କାର ଉଦ୍ଧାର, ୩ ଗିରଫ

ନିରାକାରପୁର,୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ନରଣଗଡ଼ ଗ୍ରାମରୁ ଗତ ୧ ତାରିଖରେ ହୋଇଥିବା ଚୋରି ଘଟଣାରେ ଜଂକିଆ ପୁଲିସ ୩ ଜଣଙ୍କୁ ଗିରଫ କରିଥିବାବେଳେ ଚୋରି ଜିନିଷ ଓ ନଗଦ ଟଙ୍କା ଉଦ୍ଧାର କରିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ କି, ନରଣଗଡ଼ ଗ୍ରାମର ପ୍ରଭୁ ପ୍ରସନ୍ନ ଚମ୍ପତିରାୟଙ୍କ ପତ୍ନୀ ବିଜୟଲକ୍ଷ୍ମୀ ଜେନାଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଗତ ୧ ତାରିଖରେ ଭୁବନେଶ୍ୱର ଯାଇଥିବାବେଳେ ଘରେ ତାଙ୍କ ଶାଶୂ ନିରୁପମା ଚମ୍ପତିରାୟ ଏକା ଥିଲେ। ୧୨ ବର୍ଷର ପୁଅ ପାଠ ପଢ଼ିବାକୁ ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟ ଯାଇଥିଲା। ସେହି ସମୟରେ ଶାଶୂ ନିରୁପମା ଘର ଚାବି ପକାଇ ଗାଁ ମଧ୍ୟରେ ଥିବା ତାଙ୍କ ଭଉଣୀ ଘରକୁ ଯାଇଥିବାବେଳେ କିଛି ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ୧୪ ଗ୍ରାମର ସୁନା ଓ ରୁପା ସହିତ ୧ ଲକ୍ଷରୁ ଅଧିକ ନଗଦ ଟଙ୍କା ଚୋରି କରି ନେଇଥିବା ଜଂକିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବିଭିନ୍ନ ଦିଗରୁ ଅନୁଧ୍ୟାନ କରି ଗତ ବୁଧବାର ନରଣଗଡ଼ ପଞ୍ଚାୟତର ଦେବରାଜ କାଣ୍ତି (୩୮), ଚିତ୍ତରଞ୍ଜନ ନାୟକ (୨୮) ଓ ନରଣଗଡ଼ରେ ରହୁଥିବା ଝାଡ଼ଖଣ୍ଡ ରାଜ୍ୟ ଇଷ୍ଟ ସିଂଘଭୂମି ଜିଲ୍ଲା ଧଳଭୂମଗଡ଼ ଥାନା ଦେଓସାଲ ଗ୍ରାମର ରାଜକିଶୋର ରାଉତରାୟ (୫୨)କୁ ଗିରଫ କରିଥିଲା। ସେମାନଙ୍କଠାରୁ ଗୋଟିଏ ସୁନାଚେନ୍, ଦୁଇଟି ସୁନା ବଳା, ଗୋଟିଏ ସୁନା ନାକଫୁଲ ଓ ଗୋଟିଏ ଦାମୀ ଶାଢ଼ି ସହିତ ୪୨ ହଜାର ୭୨୫ ଟଙ୍କା ଜବତ କରିଥିବା ଆଇଆଇସି ସୁଶାନ୍ତ କୁମାର ବେହେରା ଜଣାଇଛନ୍ତି। ଜଂକିଆ ଥାନା କେସ୍ ନଂ ୩୧୪/୨୫ରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଗୁରୁବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଗଞ୍ଜେଇ ଜବତ, ବେପାରୀ ଗିରଫ

ଜଟଣୀ,୪।୯ (ସମିସ): ଜଟଣୀ ଥାନା ଅନ୍ତର୍ଗତ ପୌରପାଳିକା ଛକ ଅଞ୍ଚଳରେ ଗଞ୍ଜେଇ ବିକ୍ରି ଘଟଣାରେ ଜଣେ ବେପାରୀକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ପୁରୀ କଣାସ ଅଞ୍ଚଳର ସୁକାନ୍ତ ଦାସ (୪୫)। ତା' ନିକଟରୁ ୧.୧ କିଲୋ ଗଞ୍ଜେଇ ସମେତ ନଗଦ ୧ ହଜାର ଟଙ୍କା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଦୀର୍ଘ ଦିନ ହେଲା ପୌରପାଳିକା ଛକ ନିକଟରେ ଥିବା ନିଜ ଦୋକାନ ଘରେ ସୁକାନ୍ତ ଗଞ୍ଜେଇ ବେପାର କରି ଆସୁଥିଲା। ବାରମ୍ବାର ଅଭିଯୋଗ ପରେ ଗୁରୁବାର ପୁଲିସର ଏକ ଟିମ୍ ଅତର୍କିତ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିବା ସହ ଯାଞ୍ଚବେଳେ ଗଞ୍ଜେଇ ବସ୍ତା ଓ ନଗଦ ଟଙ୍କା ଜବତ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଫାଇନାନ୍ସ ଅଫିସରୁ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଗମ୍ଭାରୀମୁଣ୍ଡା,୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଭବାନୀପୁରଠାରେ ଥିବା ଏକ ଘରୋଇ ସ୍ୱନ୍ଦନା ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ନାଚୁଣୀ ପୁଲିସ। ବୁଧବାର ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକଙ୍କ ଘର ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା କିରିଆଲାଞ୍ଜି ଗାଁର ରବୀନ୍ଦ୍ର ରାଉତ (୨୪) ବୋଲି ଜଣାପଡ଼ିଛି। ସେ ଗତ ୩ ବର୍ଷ ଧରି ଏହି କମ୍ପାନୀରେ ଲୋନ୍ କଲେକ୍ଟର(ଋଣ ଆଦାୟକାରୀ) ଭାବରେ କାର୍ଯ୍ୟରତ ଥିଲେ। ପରିବାର ଲୋକେ ୨ ତାରିଖରେ ପୁଅ ସହ କଥା ହୋଇଥିବାବେଳେ ବୁଧବାର ଫୋନ୍ ଲାଗି ନ ଥିଲା। ନାଚୁଣୀ ଥାନାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିବାର ପକ୍ଷରୁ ପ୍ରେମଜନିତ ହତ୍ୟା କି ଆତ୍ମହତ୍ୟା କୌଣସି ସ୍ୱଷ୍ଟତା ମିଳୁନାହିଁ। କିନ୍ତୁ କୌଣସି ଜଣେ ଯୁବତୀ ସହ ସେ କଥାବାର୍ତ୍ତା ହେଉଥିବା ଏବଂ ତାଙ୍କୁ ପରିବାର ପକ୍ଷରୁ ବାରଣ କରାଯାଇଥିଲା ବୋଲି କହିଛନ୍ତି ରବୀନ୍ଦ୍ରଙ୍କ ଭଉଣୀ। ଅନ୍ୟପଟେ ପୁଲିସ କ୍ୟାମେରା ଆଗରେ କିଛି କହିନଥିଲେ ମଧ୍ୟ ସୂଚନା ଦେଇଛନ୍ତି କି ମୃତକଙ୍କ ପକେଟ୍‌ରୁ ଏକ ସୁଇସାଇଡ୍ ନୋଟ୍ ଏବଂ ଫଟୋ ମିଳିଛି। ଏହା ଏକ ଆତ୍ମହତ୍ୟା ବୋଲି ସୂଚନା ଦେଇଛନ୍ତି ନାଚୁଣୀ ଆଇଆଇସି ଚନ୍ଦ୍ରଶେଖର ଜେନା। ଘଟଣାସ୍ଥଳରେ ୫ ଜଣିଆ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ କରୁଛି। ଏ ନେଇ ୧୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ।

# ଚିନ୍ତାମଣି ବିଦ୍ୟାନିକେତନ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପରଲୋକ

ନିରାକାରପୁର,୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ନରଣଗଡ଼ସ୍ଥିତ ଚିନ୍ତାମଣି ବିଦ୍ୟାନିକେତନର ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ସାଧୁଚରଣ ମଙ୍ଗରାଜ (୫୬) କାର୍ଯ୍ୟରତ ଥିବାବେଳେ ତାଙ୍କର ଅକାଳ ବିୟୋଗ ସମସ୍ତଙ୍କୁ ଦୁଃଖିତ କରିଛି। ଅସୁସ୍ଥ ଯୋଗୁଁ ସେ କିଛିଦିନ ହେବ ସ୍କୁଲରୁ ଛୁଟି ନେଇ ଖୋର୍ଦ୍ଧା ସଦର ରାମଚଣ୍ଡୀ ଗ୍ରାମରେ ରହି ଆସୁଥିଲେ। କିନ୍ତୁ ବୁଧବାର ସାଧୁ ଶୋଇଥିବାବେଳେ ଉଠି ନ ଥିଲେ। ତାଙ୍କ ଘର ଲୋକେ ତୁରନ୍ତ ଖୋର୍ଦ୍ଧା ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଖୋର୍ଦ୍ଧା ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଜିଲ୍ଲାରେ ଗୋ-ହତ୍ୟା, ଗୋ-ଚାଲାଣ ବନ୍ଦ ଦାବି

# ବଜରଙ୍ଗ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ

ଖୋର୍ଦ୍ଧା,୪।୯ (ସମିସ)



ଜିଲ୍ଲାରେ ବେଳକୁ ବେଳ ବଢ଼ିଚାଲିଛି ଗୋ-ଚାଲାଣ। ରାଜ୍ୟରେ ବିଜେପି ସରକାର ୧୪ମାସ ଧରି ଶାସନଭାର ଚଳାଇ ଆସୁଥିଲେ ମଧ୍ୟ ପ୍ରତିଶ୍ରୁତି ମୁତାବକ ଗୋ-ଚାଲାଣ ଏବଂ ଗୋ-ହତ୍ୟା ନିରୋଧ ଆଇନ ପ୍ରଣୟନକୁ କଠୋର କରିବା ଦୂରର କଥା ବରଂ ପୂର୍ବ ସରକାର ଅପେକ୍ଷା ଏବେ ଗୋ-ଚାଲାଣ ବଢ଼ିଚାଲିଛି। ତେଣୁ ଜିଲ୍ଲାରେ ସମ୍ପୂର୍ଣ୍ଣ ଗୋ-ହତ୍ୟା ଓ ଗୋ-ଚାଲାଣ ବନ୍ଦ କରିବା ଦାବିରେ ଗୁରୁବାର ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ସଂଗଠନର ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପ୍ରତିଦିନ ଗୋ-ମାତା ଓ ନନ୍ଦୀ ଭଗବାନଙ୍କୁ ଅନାୟସରେ ଚାଲାଣ ହେଉଥିବାବେଳେ ବେଳକୁ ବେଳ ଗୋ-ହତ୍ୟା ମଧ୍ୟ ବଢ଼ିଚାଲିଛି। ବିଶେଷକରି ୧୬ ଓ ୫୭ନଂ ଜାତୀୟ ରାଜପଥରୁ ଚାଲାଣ ସମୟରେ ଗୋ-ମାଂସ ବୋଝେଇ କଣ୍ଟେନର ଓ ଜୀବନ୍ତ ଅବସ୍ଥାରେ ଚାଲାଣ ହେଉଥିବା ଗୋରୁବୋଝେଇ ଟ୍ରକ୍, ମିନି ଟ୍ରକ୍‌କୁ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ଏବଂ ଗୋ-ରକ୍ଷକମାନେ ଉଦ୍ଧାର କରିବା ଘଟଣା ଏ ଅଭିଯୋଗକୁ ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧା ଜିଲ୍ଲାର ଚିଲିକା, ବାଣପୁରଠାରୁ ଆରମ୍ଭ କରି ଜଟଣୀ, ଏପଟେ ବେଗୁନିଆ, ବୋଲଗଡ଼ ସବୁଠି ଗ୍ରାମାଞ୍ଚଳରେ ଆଉ ଗୋରୁଗାଈ ନାହାନ୍ତି।

କୁଚକ୍ରୀ ଗୋଷ୍ଠୀ ଗ୍ରାମାଞ୍ଚଳରୁ ବିଧର୍ମୀମାନଙ୍କୁ ବିକ୍ରି କରୁଛନ୍ତି। ଏମାନେ ଗୋରୁଗାଈଙ୍କୁ ଅତି ନୃଶଂସ ଭାବେ କାଟି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଗତ ଜାନୁଆରୀଠାରୁ ଆଜି ସୁଦ୍ଧା ପ୍ରାୟ ୨ଶହ ଟନ୍‌ରୁ ଉର୍ଦ୍ଧ୍ୱ ଗୋମାଂସ ଏବଂ ୫ଶହରୁ ଉର୍ଦ୍ଧ୍ୱ ଗୋରୁଗାଈ ଜବତ କରାଯାଇଥିବାବେଳେ ୧୦୦ ଗୋରୁଗାଈଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏପରିକି ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ସଂଗଠକମାନେ ଉଦ୍ଧାର ସମୟରେ ଚାଲାଣକାରୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଗୋ-ମାଫିଆମାନେ ସେମାନଙ୍କୁ ଗାଡ଼ି ଚଢ଼ାଇ ମାରିଦେବାକୁ ମଧ୍ୟ ଉଦ୍ୟମ କରୁଥିବାବେଳେ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନ ଥିବା ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ଉଦିତ୍ୟ ନାରାୟଣ ପ୍ରହରାଜ କହିଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାକୁ ସଂଗଠନ ଦାବି କରିଛି। ଖୋର୍ଦ୍ଧା ଜିଲ୍ଲାରେ ନିର୍ଦ୍ଦିଷ୍ଟ କିଛି ଗ୍ରାମରେ ଏହିଭଳି ଘୃଣ୍ୟ କାର୍ଯ୍ୟ ଚାଲିଥିବାବେଳେ ସେମାନଙ୍କ ସମ୍ପର୍କରେ ପୁଲିସ କିମ୍ବା ଜିଲ୍ଲା ପ୍ରଶାସନ କିପରି କୌଣସି ଟେର୍ ପାଉନି ତାହାକୁ ନେଇ ସଂଗଠନ ସଦସ୍ୟମାନେ ପ୍ରଶ୍ନ କରିଛନ୍ତି। ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବା କାରଣରୁ ସେମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି। ଫଳରେ ଦିନକୁ ଦିନ ଗୋ-ଚାଲାଣ ଏବଂ ଗୋ-ହତ୍ୟା ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ସଦସ୍ୟମାନେ ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି।

ଜିଲ୍ଲାରେ ଗୋ-ହତ୍ୟା ଏବଂ ଗୋ-ଚାଲାଣ କଡ଼ାକଡ଼ି ଭାବେ ବନ୍ଦ କରିବାକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ରାଜ୍ୟ ସରକାର ଗୋ-ହତ୍ୟା ଏବଂ ଗୋ-ଚାଲାଣ ନିରୋଧ ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ, ଗୋ-ଚାଲାଣ, ଗୋ-ହତ୍ୟାକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଦି ୬ଦଫା ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରତିବାଦରେ ଗୋ-ସେବକ ରାଧାମୋହନ ପ୍ରଧାନ, ସଂଗଠନର ଜିଲ୍ଲା ସଂଯୋଜକ ଉଦିତ୍ୟ ନାରାୟଣ ପ୍ରହରାଜ, ସହସଂଯୋଜକ ଏସ୍. ଏମ୍. ଦିବ୍ୟ ପ୍ରକାଶଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଏବଂ ଗୋ-ରକ୍ଷକ କର୍ମୀ ସାମିଲ ହୋଇଥିଲେ।

## ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ; ୭ ଗୋରୁ ଉଦ୍ଧାର

ଖୋର୍ଦ୍ଧା,୪।୯ (ସମିସ): ବୁଧବାର ବିଳମ୍ବିତ ରାତିରେ ନିୟାଳ ରାସ୍ତାରୁ ବଜରଙ୍ଗ ଦଳ ସଦସ୍ୟମାନେ ଏକ ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଶିଳ୍ପାଞ୍ଚଳ ପୁଲିସ ଜିମା ଦେଇଛନ୍ତି। ଗାଡ଼ିରୁ ପୁଲିସ ୭ ଗୋରୁଙ୍କୁ ଉଦ୍ଧାର କରିଥିବାବେଳେ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସୂଚନା ଅନୁସାରେ, ନିୟାଳ ରାସ୍ତାରୁ କେରଙ୍ଗ ଅଭିମୁଖେ ଏକ ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ୍ ଆସୁଥିବା ଖବର ପାଇ ବଜରଙ୍ଗ ଦଳ ସଦସ୍ୟ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲେ।

ଏହି ସମୟରେ ଜଣେ ଗୋସେବକଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ଏଥିରେ ତାଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ମାତ୍ର ପରେ ଅନ୍ୟମାନେ ଗାଡ଼ିକୁ ଅଟକାଇ ପୁଲିସଜିମା ଦେଇଥିଲେ। ପୁଲିସ ଗାଡ଼ି ଭିତରୁ ୭ଗୋରୁଙ୍କୁ ଉଦ୍ଧାର କରି ଜଟଣୀ ଗୋଶାଳାରେ ଛାଡ଼ିଥିବା ଜଣାଯାଇଛି। ଘଟଣାସ୍ଥଳରୁ ଗୋ-ମାଫିଆମାନେ ଫେରାର୍ ହୋଇଯାଇଥିବା ଜଣାଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର; ୧୪୨ ଚିହ୍ନଟ

ବୋଲଗଡ଼,୪।୯ (ସମିସ): ବୋଲଗଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସୌଜନ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ



ଶିବିରରେ ମୋଟ୍ ୧୪୨ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ବୋଲଗଡ଼ ବିଡିଓ ସୁମନସୁଧା କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଅସ୍ଥିଗତ ୧୪୫, ଶ୍ରବଣବାଧିତ ୫୯, ଦୃଷ୍ଟିବାଧିତ ୨୭, ମାନସିକ ଅନଗ୍ରସର ୫୩ ଜଣ ଏପରି ୨୮୪ ଜଣ ପରୀକ୍ଷା ନିରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଶିବିରକୁ ଆସିଥିବା ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୧୪୨ ଜଣଙ୍କୁ ଚିହ୍ନଟ କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିଲା। ଅପରପକ୍ଷରେ ଟ୍ରାଇ ସାଇକଲ ୧ଟି, ହୁଇଲ୍ ଚେୟାର ୯ଟି, ଆଶାବାଡ଼ି ୪ଟି, ଶ୍ରବଣ ଯନ୍ତ୍ର ୧୦ଟି ଏବଂ ଶିକ୍ଷାଗତ ଉପକରଣ ୨ଟି ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବ୍ଲକ୍ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏହି ଶିବିରରେ ଆମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

## ତାଳଗଛ ରୋପଣ ଓ ବଜ୍ରପାତରୁ ସୁରକ୍ଷା ସଚେତନତା

ବାଣପୁର,୪।୯ (ସମିସ): ବାଣପୁର ମାଣିକପୁର ଶାଳିଆ ବିଦ୍ୟାନିକେତନ ପରିସରରେ ପ୍ରଧାନଶିକ୍ଷକ ଅଭିରାମ ବେହେରାଙ୍କ ସଭାପତିତ୍ୱରେ ତାଳଗଛ ରୋପଣ ଓ ବଜ୍ରପାତଜନିତ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସେଣ୍ଟଜନ୍ ଆମ୍ବୁଲାନ୍ସର ଆଜୀବନ ସଦସ୍ୟ ଅନନ୍ତ ଚରଣ ଖଟେଇ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବାରମ୍ବାର ବଜ୍ରପାତଜନିତ ଜୀବନ ହାନି ଘଟୁଥିବାବେଳେ ଏଥିରୁ କିପରି ସୁରକ୍ଷା ପାଇପାରିବେ, ସେ ସମ୍ପର୍କରେ ଆଲୋକପାତ କରିବା ସହ ଲୋପ୍ ପାଇବାକୁ ଯାଉଥିବା ତାଳଗଛ ବହୁଳ ମାତ୍ରାରେ ରୋପଣ କରିବାକୁ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏଥିରେ ଅତିଥି ଭାବେ ସାହିତ୍ୟ ସିନ୍ଦୂରାର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ମା' ଭଗବତୀ କଳାନିକେତନର ସମ୍ପାଦିକା ବିଷ୍ଣୁପ୍ରିୟା ବାରିକ ଓ ସାମ୍ବାଦିକ ଅଶୋକ ଜେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ଲାଗି ବିଦ୍ୟାଳୟ ପରିସରରେ ତାଳ ଗୋଟମା ରୋପଣ କରିଥିଲେ।

### ଚିଲିକା ନୌଯାତ୍ରାର ତୃତୀୟ ଦିବସ

## ନାଭାଲ ଏନ୍‌ସିସି କ୍ୟାଡେଟ୍‌ଙ୍କ ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ,୪।୯ (ସମିସ): ତୃତୀୟ ଓଡ଼ିଶା ନାଭାଲ୍ ୟୁନିଟ୍ ଏନ୍‌ସିସି, କଟକ ଅନୁକୂଲ୍ୟରେ ଚିଲିକା ନୌଯାତ୍ରା-୨୦୨୫ ଗତ ୧ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୦ ତାରିଖରେ ସମାପନ ହେବାକୁ ଥିବାବେଳେ ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୦ ଜଣ ନାଭାଲ୍ କ୍ୟାଡେଟ୍ ଅଂଶଗ୍ରହଣ କରି



୨୨୦ କିଲୋମିଟରର ଏକ ଦୁଃସାହସିକ ଦୂରତା ଅତିକ୍ରମ କରିବେ। ତୃତୀୟ ଓଡ଼ିଶା ନାଭାଲ୍ ଏନ୍‌ସିସିର କମାଣ୍ଡିଂ ଅଫିସର କମାଣ୍ଡର୍ ସୁଶାନ୍ତ କୁମାର ମହାନ୍ତିଙ୍କ ମାର୍ଗଦର୍ଶିତାରେ ଆୟୋଜିତ ନୌଯାତ୍ରାର ପ୍ରଥମ ଦିବସରେ କ୍ୟାଡେଟ୍‌ମାନେ ମା' କାଳିଜାଈଙ୍କ ପୀଠରେ ପହଞ୍ଚି ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ନିକଟସ୍ଥ ଗ୍ରାମବାସୀଙ୍କ ସହିତ ସାମିଲ୍ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥିଲେ। ଦ୍ୱିତୀୟ ଦିବସରେ ପ୍ରାୟ ୨୦ କିଲୋମିଟର ଯାତ୍ରା କରି କୃଷ୍ଣପ୍ରସାଦ ଗ୍ରାମରେ ପହଞ୍ଚି ସେଠାରେ ସ୍ୱଚ୍ଛ ଭାରତ ଅଭିଯାନ, ବେଟି ବଚାଓ ଓ ବେଟି ପଢ଼ାଓ ଏବଂ ବୃକ୍ଷରୋପଣ ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥିଲେ। ଯାତ୍ରାର ତୃତୀୟ ଦିବସ ପବନର ବେଗ ଓ ଜଳସ୍ରୋତ ସହାୟକ ହେବାରେ କ୍ୟାଡେଟ୍‌ମାନେ ଗୁରୁବାର ସକାଳେ ବାଲୁଗାଁରେ ପହଞ୍ଚି ସେଠାରେ ଛୋଟ ପିଲା ଓ ଯୁବକଯୁବତୀଙ୍କ ମଧ୍ୟରେ ଦେଶପ୍ରେମ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଯାହା ବେଶ୍ ଚିତାକର୍ଷକ ହୋଇଥିଲା। ଏହିପରି ଆଗକୁ ୧୦ତାରିଖ ଯାଏଁ କ୍ୟାଡେଟ୍‌ମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରିବାର ଯୋଜନା ରହିଛି।

## ସୁନିଆଁରେ ଶ୍ରୀରଙ୍ଗନାଥ ଦେବଙ୍କ ବାମନ ବେଶ

ବାଣପୁର,୪।୯ (ସମିସ): ରାଜ୍ୟର ଅନ୍ୟତମ ଐତିହ୍ୟପୂର୍ଣ୍ଣ ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍ଗନାଥ ଦେବଙ୍କ ପୀଠ ଅନ୍ୟତମ। କେଉଁ ପ୍ରାଚୀନ କାଳରୁ ବାଣପୁର ସହରର ପଶ୍ଚିମ ଦିଗରେ ଅବସ୍ଥିତ ଘଣ୍ଟଶିଳା ପାହାଡ଼ ପାଦଦେଶର ଶାଳିଆ ନଦୀ କୂଳରେ ମା' ଭଗବତୀଙ୍କ ପୀଠ



ନିକଟ ଶ୍ରୀରଙ୍ଗନାଥ ଦେବଙ୍କ ମନ୍ଦିର ଅବସ୍ଥିତ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବଡ଼ ଠାକୁର ଜଗନ୍ନାଥଙ୍କ ପୀଠ ଶ୍ରୀକ୍ଷେତ୍ରରେ ଯେପରି ବାର ମାସରେ ତେର ପର୍ବ ପାଳନ କରାଯାଉଛି, ସେହିପରି ବାଣପୁରସ୍ଥିତ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ସମସ୍ତ ପର୍ବପର୍ବାଣୀ ପାଳିତ ହୋଇଆସୁଛି। ତନ୍ମଧ୍ୟରୁ ଶ୍ରୀରଙ୍ଗନାଥ ଦେବଙ୍କ ମନ୍ଦିରରେ ପବିତ୍ର ସୁନିଆଁ ଉତ୍ସବରେ ପ୍ରଭୁ ବାମନ ବେଶରେ ଅଗଣିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଗୁରୁବାର ପରମ୍ପରା ଅନୁଯାୟୀ, ସକାଳ ଧୂପ ପରେ ମହାସ୍ନାନ, ସର୍ବାଙ୍ଗ ନୀତି ପରେ ପହଡ଼ ପଡ଼ି ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଅପରାହ୍ନରେ ମନ୍ଦିର ସିଂହଦ୍ୱାରକୁ ପୂର୍ଣ୍ଣକୁମ୍ଭ, କଦଳୀ ଗଛ ଓ ଆମ୍ବ ଡାଳରେ ସୁସଜ୍ଜିତ କରାଯାଇଥିଲା। ସନ୍ଧ୍ୟା ଧୂପ ପରେ ବାମନ ବେଶ ନିମନ୍ତେ ଶ୍ରୀରଙ୍ଗନାଥ ଦେବଙ୍କୁ ପ୍ରତିବର୍ଷ ପରି ସୁନିଆଁ ଭେଟି ଅର୍ପଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବର୍ଗର ସେବାୟତମାନେ ବିଭିନ୍ନ ଉପକରଣ ପ୍ରଦାନ କରିବା ପରେ ଠାକୁରଙ୍କ ବାମନ ଜନ୍ମ ନୀତି ଓ ବେଶରେ ଶ୍ରୀରଙ୍ଗନାଥଦେବଙ୍କୁ ଦେଖିବାକୁ ମିଳିଥିଲା।

## ପ୍ରମୋଦ ତ୍ରିପାଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ନିରାକାରପୁର,୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଗ୍ରାମରେ ପ୍ରମୋଦ ତ୍ରିପାଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆୟୋଜିତ ହୋଇଯାଇଛି। ଅଞ୍ଚଳର ଯୁବ ସମାଜସେବୀ ସୁଭମ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ସାମ୍ବାଦିକ ଦୀପକ ପ୍ରଧାନ, ନିରାକାରପୁର ଗୋପବନ୍ଧୁ ସମାଜ ସେବାର ସଭାପତି ପ୍ରସାଦ ଦାସ, ସମାଜସେବୀ ସଦାନନ୍ଦ ମଙ୍ଗରାଜ, ପୂର୍ବତନ ମଣ୍ଡଳ ସଭାପତି ସନାତନ ବାରିକ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଅନୁଗତ ଭାଗିରଥି ସାମନ୍ତରାୟ, ଶିକ୍ଷାବିତ୍ କିଶୋର ଦାଶ ଉପସ୍ଥିତ ରହି ପ୍ରାରମ୍ଭରେ ପ୍ରଦିପ ପ୍ରଜ୍ୱଳନ କରିବା ପରେ ସ୍ୱର୍ଗତ ପ୍ରମୋଦ ତ୍ରିପାଠୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଉଦ୍ଦେଶ୍ୟରେ ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ଗଠନ କରାଯାଇ ରାମେଶ୍ୱର ଗ୍ରାମରେ ପ୍ରତ୍ୟେକ ଖୁଣ୍ଟରେ ନାମଫଳକ ସହ ଲାଇଟ୍ ଲଗାଯିବ ବୋଲି ସଭାପତି ବକ୍ତବ୍ୟ ରଖିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ଜେନା।

### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ

# ରାଜସ୍ୱ ଓ ଭୂ-ଅର୍ଜନ ଯୋଜନାର ସମୀକ୍ଷା

ଖୋର୍ଦ୍ଧା,୪।୯ (ସମିସ)



ଗୁରୁବାର ଅପରାହ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଖୋର୍ଦ୍ଧା ଜିଲ୍ଲା ଗସ୍ତ କରିଥିଲେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ଭୂ-ଅର୍ଜନ ସମ୍ବନ୍ଧୀୟ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ରାଜସ୍ୱ କର୍ମଚାରୀ, ତହସିଲ୍‌ଦାର, ଉପନିବନ୍ଧକ ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ବୃତ୍ତୀୟ ଧାରା ଓ ନିୟମ ଅନୁଯାୟୀ ଜନସାଧାରଣଙ୍କ ରାଜସ୍ୱ ମାମଲା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ରାଜସ୍ୱ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମନ୍ତ୍ରୀଙ୍କୁ ଉପସ୍ଥାପନ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଜମି ରେକର୍ଡ ସଂଶୋଧନ, ମଡେଲ ତହସିଲ୍ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଆଧୁନିକ ସେବା ସହ ଭିତ୍ତିଭୂମି, କର୍ମଚାରୀ ନିଯୁକ୍ତି କାର୍ଯ୍ୟ ଆଦି ଖୁବ୍‌ଶୀଘ୍ର ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଖୋର୍ଦ୍ଧାର ରାଜସ୍ୱ କାର୍ଯ୍ୟ ଅଗ୍ରଗତିରେ ମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। କୌଣସି ରାଜସ୍ୱ ଯୋଜନାର ସେବା ପାଇବାରେ ସାଧାରଣ ଲୋକ ବଞ୍ଚିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

ବୈଠକରେ ଜିଲ୍ଲାପାଳ ଅମୃତ୍ ଋତୁରାଜ ବିଭିନ୍ନ ସୂଚନା ଦେଇଥିଲେ। ତନ୍ମଧ୍ୟରେ ବିଦ୍ୟାଳୟ ପଟ୍ଟା ପାଇଁ ୮୮୧ ସ୍କୁଲ ଆବେଦନ କରିଥିଲେ। ୪୪୨ଟି ବିଦ୍ୟାଳୟର ଜମି ସମସ୍ୟା ସମାଧାନ କରାଯାଇ ପଟ୍ଟା ପ୍ରଦାନ କରାଯାଇଥିବା କହିଥିଲେ। ୮୬ଟି ସ୍କୁଲ ଜଗନ୍ନାଥଙ୍କ ଜମି, ୩୫ ଜାଗାରେ ଜଙ୍ଗଲ ଅଛି, ୧ଟି ଡିଗ୍ରୀ ମହାବିଦ୍ୟାଳୟ ଜଙ୍ଗଲ ଜମି ଥିବାବେଳେ ୪୩ଟି ମାମଲା ସ୍ଥଗିତ ଅଛି। ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥିସହ ସିକିମ୍ ସତ୍ତ୍ୱ ଫଇସଲାରେ ୧୩୩୫୩, ବେ-ବନ୍ଦୋବସ୍ତ କେସ୍ ୧୬୮୯, ବସୁନ୍ଧରା ଯୋଜନାରେ ୨୫୧ ପଟ୍ଟା ପ୍ରଦାନ, କୋର୍ଟ କେସ୍ ସମାଧାନ ୧୨୫୪, ଜମି ରେଜିଷ୍ଟ୍ରେସନ ଷ୍ଟାମ୍ପ ଫି' ଓ ରେଜିଷ୍ଟ୍ରେସନ ଫି' ବାବଦ ଟଙ୍କା ଆଦାୟ କରାଯାଇଛି।

ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ (ଭୁବନେଶ୍ୱର) ଡ. ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ (ଖୋର୍ଦ୍ଧା) କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର (ରାଜସ୍ୱ) ନିବେଦିତା ପ୍ରଧାନ, ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ ତହସିଲ୍‌ଦାର, ଉପନିବନ୍ଧକ, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

- ସେବା ପାଇବାରେ ସାଧାରଣ ଲୋକ ବଞ୍ଚିତ ହେଲେ କାର୍ଯ୍ୟାନୁଷ୍ଠାନ
- ୮୮୧ ସ୍କୁଲରୁ ୪୪୨ଟିକୁ ଦିଆଯାଇଛି ଜମି ପଟ୍ଟା

## ବାଲୁଗାଁ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବାଲୁଗାଁ,୪।୯ (ସମିସ): ବାଲୁଗାଁ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ଗୁରୁବାର ମହାସମାରୋହରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଚିଲିକା ବିଧାୟକ ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଛାତ୍ରଛାତ୍ରୀମାନେ ବର୍ତ୍ତମାନ ଚାପମୁକ୍ତ ହୋଇ ଅଧ୍ୟୟନ କରିବା ସହ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଉଚିତ୍। ତତ୍‌ସହିତ ମହାବିଦ୍ୟାଳୟର ଗୁଣାତ୍ମକ ବିକାଶରେ ପୁରାତନ ଛାତ୍ରଛାତ୍ରୀମାନେ ଯୋଡ଼ି ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା ଓ ପୂର୍ବତନ ଅଧ୍ୟକ୍ଷା ଡ. କସ୍ତୁରୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଅଧ୍ୟକ୍ଷା ଡ. କସ୍ତୁରୀ ସାହୁ, ନିକଟରେ ରାଜୀବ ଗାନ୍ଧୀ ସେବା ସମ୍ମାନ ଲାଭ କରିଥିବା ଅଧ୍ୟାପିକା ରୀନା ରାଉତ ଓ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକଙ୍କ ସମେତ ମହାବିଦ୍ୟାଳୟରେ ନିରବଚ୍ଛିନ୍ନ ଭାବେ ୨୫ବର୍ଷ ପୂରଣ କରିଥିବା ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠୀ, ବିଦ୍ୟାଧର ଜୁଝାରସିଂହ, ପ୍ରବୀଣ କୁମାର ଜେନା ଓ ମୃଡାନୀ ଶଙ୍କର ପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କ ସମେତ ଏନ୍‌ସିସି କ୍ୟାଡେଟ୍, ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସର ଶ୍ରେଷ୍ଠ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

# ବଛା-ଖେଳୁଆ ସମୟରେ ସାର ଅଭାବ

ନୟାଗଡ଼,୪।୯ (ସମିସ)

ନୟାଗଡ଼ ଜିଲ୍ଲାର ଚାଷୀମାନେ କେବଳ ଧାନଚାଷ ଉପରେ ନିର୍ଭରଶୀଳ। ୯୦ ପ୍ରତିଶତ ଚାଷୀ ଧାନଚାଷ କରୁଥିବାବେଳେ ଜିଲ୍ଲାରେ ଏବେ ଚାଷୀଙ୍କ ସମସ୍ୟା ଉତ୍କଟ ସ୍ଥିତିରେ ପହଞ୍ଚିଛି। ନୟାଗଡ଼ ଜିଲ୍ଲାରେ ବ୍ୟାପକ ପରିମାଣର ସାର କଳାବଜାରୀ ଆରମ୍ଭ ହୋଇଛି। କୃଷି ବିଭାଗ ପକ୍ଷରୁ ସରକାରୀସ୍ତରରେ ହେଉଥିବା ସାରକୁ କଳାବଜାରରେ ବିକ୍ରି ଚାଲିଛି। ଜିଲ୍ଲାରେ ଇଫ୍‌କୋ ୟୁରିଆ ସବୁଠାରୁ ଅତ୍ୟାବଶ୍ୟକ ସାର ହୋଇଥିବାବେଳେ ବସ୍ତା ପିଛା ୭୦୦ ଟଙ୍କା ପର୍ଯ୍ୟନ୍ତ କଳାବଜାରୀ କରାଯାଉଛି। ୟୁରିଆ ସାର ୫୦ କେଜି ବସ୍ତା ୨୬୮ ଟଙ୍କା ଏବଂ ୪୫ କେଜି ବସ୍ତା ୨୪୨ ଟଙ୍କା ସରକାରୀ ମୂଲ୍ୟ ରହିଥିବାବେଳେ ଏହାକୁ ୭୦୦ ଟଙ୍କାରେ ବିକ୍ରି କରାଯାଉଛି। ସେହିଭଳି ସୁପର, ଡିଏପି, ପଟାସ ସାର ମୂଲ୍ୟ ମଧ୍ୟ ବୃଦ୍ଧି କରି ବିକ୍ରି କରାଯାଉଛି। ବିଭିନ୍ନ ଡିଲର ଏହାକୁ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରି ବେଶ୍ ମୁନାଫା କମାଉଥିବା ଦେଖାଯାଉଛି। ବଛା-ଖେଳୁଆ ସମୟରେ ଚାଷୀମାନେ ଶୋଷଣର ଶିକାର ହେଉଥିବାବେଳେ ନୂଆ ସରକାର ଏଥିପ୍ରତି ଆଦୌ ଧ୍ୟାନ ଦେଉନଥିବା ଦେଖାଯାଉଛି। ରାଜ୍ୟ ସରକାର ବଜେଟ୍‌ରେ କୃଷିକୁ ଗୁରୁତ୍ୱ ଦେଉଥିବାବେଳେ ଚାଷୀ ଶୋଷଣର ଶିକାର ହେବା ସ୍ଥିତିରୁ କିଭଳି ମୁକୁଳିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନୟାଗଡ଼ରେ ମିଳୁନି ୟୁରିଆ ସାର
## କଳାବଜାରରେ ବସ୍ତାକୁ ୭୦୦

ନୟାଗଡ଼ ଜିଲ୍ଲାରେ ୧୫୭ ସମବାୟ ସମିତି ତଥା ପାକ୍ସ ରହିଛି। ଏହି ସମବାୟ ସମିତିଗୁଡ଼ିକୁ ମାର୍କଫେଡ୍ ସାର ଯୋଗାଇ ଦେଉଛି। ଅଦ୍ୟାବଧି ୧୫୭ ସମବାୟ ସମିତିରୁ ଅଦ୍ୟାବଧି ୫୦ ପ୍ରତିଶତ ସମିତିକୁ ସାର ମିଳିନଥିବା ଜଣାପଡ଼ିଛି। ବିଗତ ବର୍ଷ ଜୁଲାଇ ମାସ ସୁଦ୍ଧା ସମସ୍ତ ସମବାୟ ସମିତିରେ ସାର ପହଞ୍ଚୁଥିବାବେଳେ ଚଳିତ ବର୍ଷ ସାର ଯୋଗାଣରେ ବ୍ୟାପକ ମନ୍ଥରତା ଦେଖାଯାଇଛି। ନୟାଗଡ଼ ଜିଲ୍ଲାରେ ସାର ପାଇଁ ର୍ୟାକ୍ ପଏଣ୍ଟ ନ ଥିବାରୁ ଜଟଣୀ କିମ୍ବା କଟକ ର୍ୟାକ୍ ପଏଣ୍ଟରୁ ସାର ମାର୍କଫେଡ୍ ଗୋଦାମକୁ ଆସିଥାଏ। ଏହି ସ୍ଥାନରୁ ବିଭିନ୍ନ ସମବାୟ ସମିତିକୁ ସାର ଯୋଗାଣ ହୋଇଥାଏ। ଅଦ୍ୟାବଧି ନୟାଗଡ଼ ଜିଲ୍ଲାରେ ୫୦ ପ୍ରତିଶତ ସମବାୟ ସମିତି ସାର ପାଇଥିବାବେଳେ ଅନ୍ୟ ସମବାୟ ସମିତିରେ କେବେ ସାର ପହଞ୍ଚିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁ ସମବାୟ ସମିତି ପ୍ରଥମ ଥର ସାର ପାଇଥିଲା, ସେହି ସମିତିକୁ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ସାର ମିଳିନଥିବା ସୂଚନା ମିଳିଛି। ମାର୍କଫେଡ୍ ଅଧିକାରୀ କିଛି ସମବାୟ ସମ୍ପାଦକଙ୍କ ଫୋନ୍ ଉଠାଉ ନ ଥିବା ଜଣାପଡ଼ିଛି। ପ୍ରଥମ ଦଫାରେ ସାର ପାଇଥିବା ସମିତିଗୁଡ଼ିକ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜଳକା ଭଳି ଚାହିଁ ରହିଥିବାବେଳେ କେବେ ସାର ଆସିବ ଏବଂ ଚାଷୀଙ୍କୁ ବଣ୍ଟନ କରାଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାରେ ସାର ବିକ୍ରି ପାଇଁ ଅନୁମତିପ୍ରାପ୍ତ ଡିଲରମାନେ ମଧ୍ୟ ବ୍ୟାପକ ପରିମାଣର କେଳେଙ୍କାରୀ କରୁଛନ୍ତି। ନୟାଗଡ଼ ଜିଲ୍ଲା ଇଟାମାଟି ଅଞ୍ଚଳରେ ସବୁଠାରୁ ଅଧିକ ମୂଲ୍ୟରେ ସାର ବିକ୍ରି ହେଉଥିବା ସୂଚନା ମିଳିଛି। ସାର ଯୋଗାଣ ପାଇଁ ଅନୁମତି ପାଇଥିବା ଡିଲର କଳାବଜାରୀ କରୁଥିବା ଅଭିଯୋଗ ହେଉଛି। କୃଷି ବିଭାଗ, ସମବାୟ ବିଭାଗ, ମାର୍କଫେଡ୍ ଏସବୁ ପ୍ରତି ଧ୍ୟାନ ଦେଇ ଚାଷୀଙ୍କୁ ସୁବିଧାରେ ଏବଂ ସଠିକ୍ ମୂଲ୍ୟରେ ସାର ଯୋଗାଇଦେବାକୁ ଦାବି ହେଉଛି। ଦୁଇ ଦିନ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ୟୁରିଆ ସାର ଅଭାବ ଦେଖାଯାଇଥିବା ବେଳେ କେତେକ ବିଜେପି ନେତା ସାର ଅଭାବ ସମସ୍ୟାରୁ ନଜର ହଟାଇବା ପାଇଁ ନାଟକବାଜି ଆରମ୍ଭ କରିଥିବା ଦେଖାଯାଇଛି। କୃଷି ବିଭାଗ ସହ ଆଲୋଚନା ବାସ୍ତବରେ ଫଳପ୍ରଦ ହେଉନଥିବା ଜଣାପଡ଼ିଛି।

● ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍

## ବାଲୁଗାଁ ସବ୍‌ଷ୍ଟେସନରେ ତାଲା ପକାଇ ପ୍ରତିବାଦ

ନୟାଗଡ଼,୪।୯ (ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ୍ ବାଲୁଗାଁ ଓ ଆଖପାଖ ଅଞ୍ଚଳରେ ଦୀର୍ଘ ସମୟ ଧରି ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କୁ ଅତିଷ୍ଠ କଲାଣି। ବାଲୁଗାଁ, କ୍ରିଦାଶପୁର, ଶରଧାପୁର, ମାଳିସାହି, ଲକ୍ଷ୍ମୀପ୍ରସାଦ ପ୍ରଭୃତି ପଞ୍ଚାୟତର ହଜାର ହଜାର ଉପଭୋକ୍ତା ଅଘୋଷିତ ବିଦ୍ୟୁତ୍ କାଟ୍ ଓ ବିଦ୍ୟୁତ୍ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅତିଷ୍ଠ ହୋଇଥିଲେ। ଯାହାକୁ ନେଇ ଗୁରୁବାର ବାଲୁଗାଁ ଅଞ୍ଚଳର ଶହ ଶହ ଲୋକ ଚଣ୍ଡୀମନ୍ଦିର ନିକଟସ୍ଥ ସବ୍‌ଷ୍ଟେସନରେ ତାଲା ପକାଇ ପ୍ରତିବାଦ କରିଥିଲେ। ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, ରାଜକିଶୋର ଦଳବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଦୀର୍ଘ ସମୟଧରି ସବ୍‌ଷ୍ଟେସନରେ ତାଲା ଝୁଲାଇ ପ୍ରତିବାଦ କରାଯିବା ପରେ ଟିପିସିଓଡିଏଲ୍ ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ବାଲୁଗାଁ ସବ୍‌ଷ୍ଟେସନରେ ରହିଥିବା ସମସ୍ୟାକୁ ଦୂରୀଭୂତ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଥିଲେ। ଯାହାକୁ ନେଇ ଟିପିସିଓଡିଏଲ୍ ପକ୍ଷରୁ ୧୦ ଦିନ ମଧ୍ୟରେ ସମସ୍ତ ସମସ୍ୟାକୁ ଦୂର କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଛି। ବିଦ୍ୟୁତ୍ ବିଭାଗ ବାଲୁଗାଁ ସବ୍‌ଷ୍ଟେସନକୁ ସ୍ୱତନ୍ତ୍ର ଫିଡର୍ କରିବା ସହ ଫ୍ୟୁଜ୍ କଲ୍ ପାଇଁ ଗାଡ଼ି ବ୍ୟବସ୍ଥା କରିବା ଏବଂ ରାତ୍ରିରେ ଗୋଟିଏ ସିଫ୍ଟ ପାଇଁ କର୍ମଚାରୀ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଟିପିସିଓଡିଏଲ୍ ପ୍ରତିଶ୍ରୁତି ପାଳନ ନ କଲେ ଆଗାମୀ ଦିନରେ ସବ୍‌ଷ୍ଟେସନରେ ତାଲା ପକାଯିବା ସହ ନୟାଗଡ଼-ଖଣ୍ଡପଡ଼ା ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ କହିଛନ୍ତି।



## ଶ୍ରୀଅନ୍ନ ଅଭିଯାନ ସଚେତନତା ରଥ ଶୁଭାରମ୍ଭ

ଗଣିଆ,୪।୯ (ସମିସ): ଗଣିଆ ବ୍ଲକ୍ ପରିସରରେ ଶ୍ରୀଅନ୍ନ ଅଭିଯାନ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ରାଜକିଶୋର ସାହୁ, ବେଲପଡ଼ାପାଟଣା ସରପଞ୍ଚ ସୁକାନ୍ତ କୁମାର ଗଣ୍ଡିଆ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସୁପରଭାଇଜର କଳ୍ପନା ମିଶ୍ର, ଗଣିଆ ଉନ୍ନୟନ କମିଟି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ୍ ଅଧ୍ୟକ୍ଷା ପତାକା ଦେଖାଇ ରଥ ଶୁଭାରମ୍ଭ କରିଥିଲେ। ଏହି ରଥ ୫ ତାରିଖ ପର୍ଯ୍ୟନ୍ତ ଗଣିଆ ବ୍ଲକ୍‌ର ୮ଟି ପଞ୍ଚାୟତ ପରିଭ୍ରମଣ କରି ଜନସଚେତନତା ସୃଷ୍ଟି କରିବ ବୋଲି ଗଣିଆ ଉନ୍ନୟନ କମିଟି ସଭାପତି ଉଷା ପଟ୍ଟନାୟକ ପ୍ରକାଶ କରିଛନ୍ତି। ଗାଁ ଗାଁରେ ମାଣ୍ଡିଆର ବହୁଳ ବ୍ୟବହାର ତଥା ମାଣ୍ଡିଆର ଉପକାରିତା ସମ୍ପର୍କରେ ପ୍ରଚାରପ୍ରସାର କରିବା ପାଇଁ ସରକାରଙ୍କ ଏହି ପ୍ରୟାସ ଚଳିତବର୍ଷ ମାଣ୍ଡିଆ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାରୁ ଚାଷୀମାନେ ମାଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅଧ୍ୟକ୍ଷା ସୂଚନା ଦେଇଥିଲେ। ଗରିବଙ୍କ ଖାଦ୍ୟ ରୂପେ ପରିଚିତ ମାଣ୍ଡିଆ ଏବେ ଧନୀ ଲୋକଙ୍କର ପ୍ରଥମ ପସନ୍ଦ ପାଲଟିଛି ବୋଲି ସେ ପ୍ରକାଶ କରିଛନ୍ତି।



ସାମନ୍ତ ଚନ୍ଦ୍ରଶେଖର କପିଳ ମାର୍ଥା ସରକାରୀ ଉଚ୍ଚ ବିଦ୍ୟାଳୟ

## ଅଧପନ୍ତରିଆ ଶୌଚାଳୟ; ଛାତ୍ରଛାତ୍ରୀ ହୀନସ୍ତା

ଭାପୁର,୪।୯ (ସମିସ): ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସହ ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାରର ଆନୁସଙ୍ଗିକ ମୌଳିକ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ରାଜ୍ୟ ସରକାର ୫-ଟି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରିଛନ୍ତି। ହେଲେ କିଛି ଅସାଧୁ କର୍ମଚାରୀ ଓ ଠିକାଦାର ଏହି ନିର୍ମାଣ କାର୍ଯ୍ୟରେ ହେର୍‌ଫେର୍ କରି ଛାତ୍ରଛାତ୍ରୀଙ୍କ ହକ୍ ଛଡ଼ାଇ ନେଇଛନ୍ତି। ଏଠାରେ ପ୍ରସଙ୍ଗ କ୍ରମେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ କରବର ପଞ୍ଚାୟତ ସାମନ୍ତ ଚନ୍ଦ୍ରଶେଖର କପିଳ ମାର୍ଥା ସରକାରୀ ଉଚ୍ଚ ବିଦ୍ୟାଳୟ କଥା ଆଲୋଚନା କରାଯାଇପାରେ। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ବିଦ୍ୟାଳୟରେ ମୋଟ୍ ୨୫୪ ଜଣ ଛାତ୍ର ଅଧ୍ୟୟନ କରନ୍ତି। କରବର ପଞ୍ଚାୟତ କରବର, ବଡ଼ବର, ଗୁଡୁପଡ଼ା, ମାଣିତ୍ରୀ, ନଣ୍ଡାବର, ଶାସନ ପଞ୍ଚାୟତ ଶାସନ, ଟିକିରିପଡ଼ା, ଯଶୋବନ୍ତପୁର ଓ ଫତେଗଡ଼ ପଞ୍ଚାୟତ ମଣିପୁର ଗ୍ରାମର ଛାତ୍ରମାନେ ଅଧ୍ୟୟନ କରନ୍ତି। ଏହି ବିଦ୍ୟାଳୟର ବନୀକରଣ ପାଇଁ ୨୦୨୨-୨୩ ମସିହାରେ ୫-ଟି ଯୋଜନାରେ ସାମିଲ୍ ହୋଇ କାର୍ଯ୍ୟ ହୋଇଛି। ଏହି ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟରେ ଏକ ନୂତନ ଶୌଚାଳୟ ନିର୍ମାଣ ହୋଇଛି। ମାତ୍ର ଠିକାଦାର ଏହି ଶୌଚାଳୟକୁ ଜଳଯୋଗାଣ କରିନାହାନ୍ତି କି ଠିକ୍‌ରେ ପାଣି ଟ୍ୟାପ୍ ନିର୍ମାଣ ନ କରି ତାଲା ପକାଇ ରଖିଛନ୍ତି। ୩ବର୍ଷ ପରେ ମଧ୍ୟ ବ୍ଲକ୍ ପ୍ରଶାସନ ଏହି ଶୌଚାଳୟକୁ ବିଦ୍ୟାଳୟକୁ ହସ୍ତାନ୍ତର କରିନାହିଁ କି ସ୍ଥାନୀୟ ଜନପ୍ରତିନିଧିଙ୍କ ଏଥିପ୍ରତି ନଜର ନାହିଁ। ସେହିପରି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳଙ୍କ ଅନୁଦାନରେ ୫ ଲକ୍ଷ ଟଙ୍କା ଅନୁଦାନରେ ଏହି ବିଦ୍ୟାଳୟରେ ଏକ ସୋଲାର ପ୍ୟାନେଲ୍ ଲଗାଯାଇ ମୋଟରରେ ପାଣି ଉଠାଯାଉଥିଲା। ମୋଟର ଖରାପ ହେବା ପରେ ଏହାକୁ ଠିକାଦାର ଖୋଲି ନେଇଯାଇଛନ୍ତି। ବର୍ଷେ ହେଲା ନୂଆ ମୋଟର ଲଗାଉ ନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ର ଅଭିଭାବକମାନେ ଦାବି କରିଛନ୍ତି।



## ପଞ୍ଚାୟତକୁ ଚାରାଯୋଗାଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ଓଡ଼ଗାଁ,୪।୯ (ସମିସ): ନୟାଗଡ଼ ଜିଲ୍ଲା ବନଖଣ୍ଡ ଓଡ଼ଗାଁ ବନାଞ୍ଚଳରୁ ପ୍ରତି ପଞ୍ଚାୟତକୁ ଚାରାଯୋଗାଣ କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଉଦ୍ଧବ ପ୍ରଧାନ, ଦୀପ୍ତିମୟୀ ରାଉତ, ଅଲିଭା ବରାଳ ଏବଂ ସ୍କ୍ୱାଡ୍ ଦଳ ମିଳିତ ଭାବେ ପତାକା ଦେଖାଇ ଅଭିଯାନର ଶୁଭାରମ୍ଭ କରିଥିଲେ। ପରେ ଗୋଟିଏ ଟ୍ରକ୍ ଯୋଗେ ଚାରା ନେଇ ପ୍ରତି ପଞ୍ଚାୟତକୁ ୫ଶହ ଲେଖାଏଁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶରଧାପୁର, ଭାଡ଼ିକିଲା ଓ ମଗରବନ୍ଧ ପଞ୍ଚାୟତରେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ଗୁରୁବାର ଅପରାହ୍ଣରେ ଚାରା ହସ୍ତାନ୍ତର କରାଯାଇଥିଲା। ଏପରି ଭାବେ ଓଡ଼ଗାଁ ବନାଞ୍ଚଳରୁ ଓଡ଼ଗାଁ ସେକ୍ସନ୍‌ର ୧୩ ଏବଂ ବାହାଡ଼ାଝୋଲା ସେକ୍ସନ୍‌ର ୭ ପଞ୍ଚାୟତକୁ ମୋଟ୍ ୧୦ ହଜାର ଚାରା ବଣ୍ଟନ ପାଇଁ ସ୍ଥିର ହୋଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା 'ମାଆ ନାମରେ ଗୋଟିଏ ଗଛ' ଅଭିଯାନ ମାଧ୍ୟମରେ ଆମ ଜନ୍ମଦାତ୍ରୀ ମାଆ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ଓ ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଆଗାମୀ ୧୭ ତାରିଖରେ ରାଜ୍ୟବ୍ୟାପୀ ୭୫ ଲକ୍ଷ ସାମୂହିକ ଚାରାରୋପଣ କରାଯିବ।

## ଓଡ଼ଗାଁ କଂଗ୍ରେସ କମିଟିର ସାଂଗଠନିକ ବୈଠକ



ଓଡଗାଁ,୪।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଓ ଏନ୍‌ଏସିସ୍ତରୀୟ କଂଗ୍ରେସ ଦଳର ସାଂଗଠନିକ ବୈଠକ ଓଡ଼ଗାଁ ହ୍ୱାଇଟ୍ ହାଉସ୍ କଲ୍ୟାଣୀ ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ କେନ୍ଦ୍ରୀୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ବରିଷ୍ଠ କଂଗ୍ରେସ ନେତା ମହେଶ ଶର୍ମାଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ରାଜ୍ୟ ତଥା ଜିଲ୍ଲାରେ କଂଗ୍ରେସକୁ କ୍ଷମତାକୁ ଫେରାଇବା ପାଇଁ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ୍ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ପ୍ରାକ୍ତନ ସାଂସଦ ଅମର ପ୍ରଧାନ, ପ୍ରାକ୍ତନ ଜିଲ୍ଲା ସଭାପତି ରଣଜିତ ଦାଶ, ରଣପୁର ବିଧାନସଭା ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର, କଂଗ୍ରେସ ନେତା ହୁସେନ୍ ଖାଁ, ମନୋଜ ସାହୁ, କମଳଲୋଚନ ସାହୁ, ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର କର୍ମୀଙ୍କୁ ଉତ୍ସାହ ପ୍ରଦାନପୂର୍ବକ ଅଭିଭାଷଣ ଦେଇଥିଲେ। ଏତଦ୍‌ବ୍ୟତୀତ ସ୍ଥାନୀୟ ବରିଷ୍ଠ ନେତା ନିରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ପାଇକରାୟ, ବସନ୍ତ କର, ଭଗବାନ ଆଚାର୍ଯ୍ୟ, ବିଭୁତି ରାଉତ, ମଦନ ବିଷୋୟୀ, ଯୋଗେନ୍ଦ୍ର ଗୌଡ଼ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

## ସାପ କାମୁଡ଼ାରେ ଛାତ୍ର ଗୁରୁତର

ଭାପୁର,୪।୯ (ସମିସ): ଜଣେ ଦଶମ ଶ୍ରେଣୀର ଛାତ୍ର ବିଦ୍ୟାଳୟ ପରିସରରେ ଖେଳୁଥିବା ସମୟରେ ଏକ ବିଷଧର ସାପ କାମୁଡ଼ାରେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏପରି ଏକ ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଚକ୍ରଧରପ୍ରସାଦ ଗ୍ରାମ ଚକ୍ରଧରପ୍ରସାଦ ହାଇସ୍କୁଲରେ। ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସେହି ଗ୍ରାମର ରାଜକିଶୋର ପ୍ରଧାନଙ୍କ ପୁଅ ରାହୁଲ ପ୍ରଧାନ ଗୁରୁବାର ଅପରାହ୍ଣ ୩ଟା ସମୟରେ ବିଦ୍ୟାଳୟ ପରିସରରେ ଖେଳୁଥିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭାପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ବିଦ୍ୟାଳୟ ପରିସର ଅନାବନା ଘାସ ଓ ଆବର୍ଜନାରେ ପୂର୍ଣ୍ଣ ହୋଇଥିବାରୁ ବିଷଧର ସାପ ରହିବା ପାଇଁ ସୁଯୋଗ ପାଉଛନ୍ତି।

## ତଅଁଳା ନୂଆଗାଁରେ ଦେଶୀ ମଦ କାରବାର

ଗଣିଆ,୪।୯ (ସମିସ): ଗଣିଆ ବ୍ଲକ୍ କରଡ଼ାପଡ଼ା ପଞ୍ଚାୟତ ତଅଁଳା ନୂଆଗାଁ ଗ୍ରାମରେ ଦିନକୁ ଦିନ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ହେଲେ ଗାଁର ଉଭୟ ମୁଣ୍ଡରେ ଏହି ଚୋରା ଦେଶୀ ମଦ ଆସର ଜମୁଛି। ମଦ୍ୟପାନ କରି ଖରାପ ଭାଷାରେ ଗାଳିଗୁଲଜ କରୁଥିବାବେଳେ ଗ୍ରାମବାସୀ ଏନେଇ ଅତିଷ୍ଠ ହୋଇଗଲେଣି। ମଦ୍ୟପାନ କରି ଟିକିଏ ଟିକିଏ କଥାରେ ପାଟିତୁଣ୍ଡ, ଗଣ୍ଡଗୋଳ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ମଦ ଯୋଗୁଁ ସ୍ୱାମୀ-ସ୍ତ୍ରୀ, ବାପ-ପୁଅ ମଧ୍ୟରେ ତିକ୍ତତା ଲାଗି ରହୁଛି। ଅବକାରୀ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ଅବକାରୀ ବିଭାଗ ଉକ୍ତ ଗ୍ରାମରେ ଚଢ଼ଉ କରି ଦେଶୀ ମଦ କାରବାର ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନୀଳମାଧବ ସେବାୟତଙ୍କ ଦେହାନ୍ତ

କଣ୍ଟିଲୋ,୪।୯ (ସମିସ): ନୀଳମାଧବ ମନ୍ଦିର ବରିଷ୍ଠ ସେବାୟତ ଲକ୍ଷ୍ମଣ ମିଶ୍ର(୭୫)ଙ୍କ ନିଜ ସିଂହଦ୍ୱାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଭାବେ ଅବସର ଗ୍ରହଣ ପରେ ନୀଳମାଧବ ମନ୍ଦିର ସେବାରେ ନିୟୋଜିତ ଥିଲେ। ଜଣେ ଅମାୟିକ, ଧର୍ମପ୍ରାଣ ବ୍ୟକ୍ତି ରୂପେ ସବୁ ମହଲରେ ପରିଚିତ ହେବା ସହ ମନ୍ଦିରର ବିଭିନ୍ନ କର୍ମକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନିକଟ ମହିମାଶ୍ରମ ମହାନଦୀ କୂଳ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ସନ୍ତୋଷ ମୁଖାଗ୍ନି ଦେଇଥିଲେ।

## ନୀଳମାଧବଙ୍କ ପୀଠରେ ସୁନିଆଁ ପର୍ବ



କଣ୍ଟିଲୋ,୪।୯ (ସମିସ): ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ନୀଳମାଧବ ପୀଠରେ ପାରମ୍ପରିକ ସୁନିଆଁ ପର୍ବ ପାଳିତ ହୋଇଛି। ଏହି ଦିନ ପ୍ରଭୁ ନାରାୟଣ ବାମନ ଅବତାରରେ ଆବିର୍ଭୂତ ହୋଇଥିବା ପୌରାଣିକ ତଥ୍ୟ ରହିଛି। ଗୁରୁବାର ନୀଳମାଧବଙ୍କୁ ବାମନ ରୂପେ ପୂଜାର୍ଚ୍ଚନା କରାଯାଇଥିଲା। ଆଜିର ଦିନରେ ଗଜପତିଙ୍କ ନୂତନ ଅଙ୍କ ଆରମ୍ଭ ହୋଇଥାଏ। ସୁନିଆଁକୁ ଉତ୍କଳୀୟ ଗଜପତିଙ୍କ ନବବର୍ଷ ବୋଲି ଧରାଯାଏ। ସୁନିଆଁଠାରୁ ରାଜାଙ୍କ ଦ୍ୱାରା ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ରାଜାରାଜୁଡ଼ା ଶାସନ ଇତିହାସ ପାଲଟିଛି ସତ ମାତ୍ର ପ୍ରତୀକାତ୍ମକ ଭାବେ ନୀଳମାଧବ ପୀଠରେ ସୁନିଆଁ ପର୍ବ ପାଳିତ ହେଉଛି। ଏଥିପାଇଁ ନୀଳମାଧବ ପୀଠରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଗଣିଆ,୪।୯ (ସମିସ): ଗଣିଆ ବଜାର ବଣିକ ସଂଘ ପକ୍ଷରୁ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ରଘୁନାଥଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦାଶରଥି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ପ୍ରଭାତ କୁମାର ଦାଶ, ଉପସଭାପତି କୂଳମଣି ସାହୁ, ଜଗନ୍ନାଥ ଦାଶ, ପ୍ରଦୀପ୍ତ ମହାପାତ୍ର, ଚିତ୍ତରଞ୍ଜନ ସାହୁଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ତଥା ବ୍ୟବସାୟୀ ଉପସ୍ଥିତ ଥିଲେ। ଗଣିଆରେ ପୀଠେ ପୂଜା ହୋଇଥିବାରୁ ଅକ୍ଟୋବର ୨ ତାରିଖରେ ଦଶହରା ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂଜା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୧ ଓ ୨ ତାରିଖ ଦୁଇ ଦିନ ଧରି ବଜାର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଅକ୍ଟୋବର ୫ରେ ଭସାଣି ହେବା ପାଇଁ ସ୍ଥିରୀକୃତ ହୋଇଥିବାବେଳେ ସମସ୍ତ ବ୍ୟବସାୟୀ ଦୋକାନ ବନ୍ଦ କରି ଭସାଣିରେ ଯୋଗଦେବାକୁ ସଭାପତି ନିବେଦନ କରିଥିଲେ। ନିଜ ନିଜର ଦାୟିତ୍ୱ ସମ୍ପାଦନ କରିବା ସହିତ ଦଶହରା କିଭଳି ଶାନ୍ତି ଶୃଙ୍ଖଳାରେ ସମାପ୍ତ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି ସଭାପତି ମତବ୍ୟକ୍ତ କରିଥିଲେ।

ଓଡ଼ଗାଁ ରଘୁନାଥଜୀଉ ମନ୍ଦିରରେ ସୁନିଆଁ ପର୍ବ

## ୩ ସୁନା ଥାଳିରେ ୩ ବାଡ଼ କାକରା ଅର୍ପଣ

ଓଡ଼ଗାଁ,୪।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୁପ୍ତ ଅଯୋଧ୍ୟାର ଅଧିଶ୍ୱର ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଗୁରୁବାର ସୁନିଆଁ ପର୍ବ ସହିତ ବାମନ ଜନ୍ମ ନୀତି ପାଳିତ ହୋଇଯାଇଛି। ରାମ, ଲକ୍ଷ୍ମଣ ଓ ସୀତା ତିନି ଠାକୁରଙ୍କୁ ସୁନାବେଶ କରାଯାଇ ୩ଟି ସୁନା ଥାଳିରେ ୩ ବାଡ଼ କାକରା ଲାଗିକରି ପୂଜା ନୈବେଦ୍ୟ ଅର୍ପଣ କରାଯାଇଛି। ଗୁରୁବାର ପବିତ୍ର ଉତ୍କଳୀୟ ନବବର୍ଷ ୧୪୩୩ ସାଲ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ରାଜତ୍ୱର ହେଉଛି ୬୯ ଅଙ୍କର ପ୍ରଥମ ଦିବସ। ଏହି ଉପଲକ୍ଷେ ପ୍ରଭୁଙ୍କ ସମ୍ମାନାର୍ଥେ ପ୍ରଜାମାନେ ୧୪ ହଜାର ୧୭୦ ଟଙ୍କା ଭେଟି ପ୍ରଦାନ କରିଥିଲେ। ଶ୍ରୀରଘୁନାଥଜୀଉଙ୍କ ସୁନିଆଁ ପର୍ବ ସହିତ ବାମନ ଜନ୍ମ ନୀତି ପାଳନ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପ୍ରଶାସନ ତରଫରୁ ସ୍ଥିରୀକୃତ ସମୟରେ ସକାଳ ନୀତି ସରିବା ପରେ ମଧ୍ୟାହ୍ନ ୧୨ରେ ସୁନିଆଁ ନୀତି ଆରମ୍ଭ ହୋଇଥିଲା। ଆଜ୍ଞାମାଳ ପାଇ ବନାରସୀ ପାଟପଟନୀରେ ସଜ୍ଜିତ ହୋଇ ରୁପା ଖଟୁଲିରେ ଶ୍ରୀଜୀଉଙ୍କ ବିଜେ ପ୍ରତିମାକୁ ଜୟ ବିଜୟ ଦ୍ୱାରକୁ ବିଜେ କରାଯାଇଥିଲା ଏବଂ ସେଠାରେ ବିଧିବିଧାନ ପୂର୍ବକ ଷୋଡ଼ଶ ଉପଚାରରେ ପୂଜାବିଧି ସମ୍ପନ୍ନ କରାଯାଇଥିଲା। ଘଣ୍ଟ, ଘଣ୍ଟା, କାହାଳୀ, ବାଦ୍ୟ ଧ୍ୱନିରେ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଜିର ପାଳିଆ ପଣ୍ଡା ନାରାୟଣ ମହାପାତ୍ର, ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ସୁଆର ସେବକ ସଭାପତି ସୁବ୍ରତ ପଣ୍ଡାଙ୍କ ସହଯୋଗରେ ସମସ୍ତ ସଭ୍ୟ କର୍ମକର୍ତ୍ତା ପୂଜା ନୀତି ସମ୍ପନ୍ନରେ ସହଯୋଗ କରିଥିବାବେଳେ କୋଠସୁଆର ମୁନା ସାହୁ ଏବଂ ରଘୁନାଥ ପଣ୍ଡାଙ୍କ ଦ୍ୱାରା ୩ ବାଡ଼ କାକରା ଲାଗି କରିଥିଲେ। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ସୁବାସ ଚନ୍ଦ୍ର ବରାଡ଼ ସୁପରଭାଇଜର ଶରଣକୁଳ ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା।



ପଞ୍ଚାୟତ ସମିତିର ଏକାଦଶ ସାଧାରଣ ବୈଠକ

## ଆବର୍ଜନା ବୁହା ଗାଡ଼ିକିଣାକୁ ନେଇ ଭିଜିଲାନ୍ସ ତଦନ୍ତ ଦାବି




ଦୀର୍ଘ ୫ ଘଣ୍ଟା ବୈଠକ, ସମାଧାନ ଶୂନ୍

ଖଣ୍ଡପଡ଼ା,୪।୯ (ସମିସ): ଖଣ୍ଡପଡ଼ା ବ୍ଲକ୍ ସଭାଗୃହରେ ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ପଞ୍ଚାୟତ ସିମିତିର ଏକାଦଶ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରାଙ୍କ ଅଧ୍ୟକ୍ଷତାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ୫ନଂ ଜୋନ୍ ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ୬ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଉଜ୍ୱଳ ମହାରଣା, ବିଡିଓ ଅଙ୍କୁର ଅଭିଳାଷ, ତହସିଲ୍‌ଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ଜିପିଇଓ ଅନିତ ବଡ଼ସେଟଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବିଭାଗୀୟ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ଶିକ୍ଷା, ପାନୀୟଜଳ, କୃଷି, ବିକଶିତ ଗାଁ ବିକଶିତ ଓଡ଼ିଶା, ଅନ୍ତ୍ୟୋଦୟ ଗୃହ ଯୋଜନା, ରାସନ କାର୍ଡ, ବିଦ୍ୟୁତ୍, ପଶୁ ସମ୍ପଦ, ମିଶନ ଶକ୍ତି ଆଦି ବାବଦରେ ସରଗରମ ଆଲୋଚନା ହୋଇଥିଲା। ଉନ୍ନୟନମୂଳକ କାମ ଠପ୍ ଓ ପୂର୍ବ ବୈଠକରେ ଯେଉଁ ସବୁ ପ୍ରସଙ୍ଗ ଉଠିଥିଲା ସେସବୁ ପ୍ରସ୍ତାବିତ ଚିଠାରେ ଲେଖା ନ ଯିବାକୁ ନେଇ ଗୃହରେ ସରପଞ୍ଚ, ସମିତିସଭ୍ୟ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଏନେଇ ବିଡିଓ ଅଙ୍କୁର ଅଭିଳାଷଙ୍କୁ ପ୍ରଶ୍ନବାଣ କରିବା ସହ ଏ ଦିଗରେ ଉତ୍ତର ରଖିବାକୁ ବାଧ୍ୟ କରିଥିଲେ। ସେହିପରି କଣ୍ଟିଲୋରେ ନୂତନ ହସ୍ପିଟାଲ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ସେ ନେଇ ଜନପ୍ରତିନିଧିମାନେ ବିଧାୟକଙ୍କୁ ପ୍ରଶ୍ନ ପଚାରିବାରେ ପୂର୍ବ ବୈଠକ ପରି ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ବହୁ ଚର୍ଚ୍ଚିତ ଆବର୍ଜନା ବୁହା ଗାଡ଼ିକିଣା ଘଟଣା ଖବର ପ୍ରସାରିତ ହେବା ପରେ ଜନପ୍ରତିନିଧିମାନେ ଏ ପ୍ରସଙ୍ଗକୁ ଗୃହରେ ଉଠାଇବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ବ୍ଲକ୍‌ର ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ଓ ସମବାୟ ସମିତିଗୁଡ଼ିକରେ ସାର କଳାବଜାରୀ କରାଯାଇ ଚାଷୀ ମାରଣ ନୀତି ହେଉଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ପ୍ରତ୍ୟେକ ଅଭିଯୋଗର ସମସ୍ୟାକୁ ୭ଦିନ ମଧ୍ୟରେ ସମାଧାନ କରି ରିପୋର୍ଟ ଦାଖଲ କରିବାକୁ ଉଭୟ ବିଧାୟକ ଏବଂ ବ୍ଲକ୍ ଅଧ୍ୟକ୍ଷା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ. ଅଭିସାର ପଣ୍ଡା, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଲଗାଣ ବର୍ଷାରେ ଜୀବନଯାତ୍ରା ପ୍ରଭାବିତ

ଆନନ୍ଦପୁର, ୪।୯ (ସମିସ)





୫ ଦିନ ଧରି ଲଗାଣ ବର୍ଷା ଯୋଗୁଁ ସମଗ୍ର ଆନନ୍ଦପୁର ଉପଖଣ୍ଡରେ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇପଡ଼ିଛି। ତୁହାକୁ ତୁହା ବର୍ଷା ଯୋଗୁଁ ଲୋକମାନେ ଘରୁ ବାହାରି ପାରୁ ନଥିବା ବେଳେ ଶ୍ରମଜୀବୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଆନନ୍ଦପୁର ପୌରାଞ୍ଚଳ ଶୈଲଙ୍ଗରେ ଗୋଟିଏ ପରିବାରର ଘର କାନ୍ଥ ଭୁଶୁଡ଼ି ପଡ଼ିଛି। ୨୦ନମ୍ବର ଜାତୀୟ ରାଜପଥର ଶାଳପଡ଼ା ସର୍ଭିସ୍ ରୋଡ୍‌ରେ ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବଜାର ଏକପ୍ରକାର ଶୂନଶାନ୍ ରହିଛି। ବିଦ୍ୟାଳୟଗୁଡ଼ିରେ ଉପସ୍ଥାନ କମ୍ ରହୁଥିବା ସୂଚନା ମିଳିଛି। ସରକାରୀ କାର୍ଯ୍ୟାଳୟ ମଧ୍ୟ ଏକପ୍ରକାର ଫାଙ୍କା ରହିଥିବା ପରିଲକ୍ଷିତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଆନନ୍ଦପୁରରେ ୧୦୬.୬ ମିମି ବର୍ଷା ରେକର୍ଡ କରାଯାଇଥିବା ନେଇ ସ୍ଥାନୀୟ କେନ୍ଦ୍ରୀୟ ଜଳଆୟୋଗ ସୂତ୍ରରୁ ଜଣାପଡ଼ିଛି। ଲଗାଣ ବର୍ଷାରେ ୧୬ନମ୍ବର ୱାର୍ଡ ଶୈଲଙ୍ଗ ମଝିସାହିରେ ପ୍ରଭାକର ସାଙ୍କ ଘର କାନ୍ଥ ପଡ଼ିଯାଇଛି। ୨୦ନମ୍ବର ଜାତୀୟ ରାଜପଥ ସର୍ଭିସ୍ ରୋଡ୍‌ର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ବାଇକ୍, କାର ବହୁ କଷ୍ଟରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଅନେକ ବାଇକ୍ ଆରୋହୀ ରାସ୍ତାରେ ପଡ଼ି ପାଣିକାଦୁଅରେ ଲଟପଟ ହୋଇଥିବା ନେଇ ସ୍ଥାନୀୟ ବ୍ୟବସାୟୀ ଶରତ ପତି କହିଛନ୍ତି। ବର୍ଷାରେ ସବୁଠାରୁ ଅଧିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି ଦିନମଜୁରିଆ ତଥା ଶ୍ରମଜୀବୀ। କାମ କରିବାକୁ ଆନନ୍ଦପୁର ଓ ଘସିପୁରା ବଜାରକୁ ଆସିଥିବା ଅନେକ ଶ୍ରମଜୀବୀ ନିରାଶ ହୋଇ ଘରକୁ ଫେରି ଯାଇଥିବା ଦେଖିବାକୁ ମିଳିଛି। ଆଗକୁ ଏଭଳି ବର୍ଷା ଲାଗିରହିଲେ ସେମାନଙ୍କ ଜୀବନଜୀବିକା ପ୍ରଭାବିତ ହେବ ବୋଲି ଶ୍ରମଜୀବୀମାନେ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ତୁରୁମୁଙ୍ଗା, ୪।୯ (ସମିସ): ପାଟଣା ଥାନା ଖଜୁରିଡିହା-ଉଦୟପୁର ରାସ୍ତାର ବେଗନା ନିକଟରେ ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ଉଦୟପୁର ଗ୍ରାମର ସୁବର୍ଣ୍ଣ ମହାନ୍ତ (୩୧) ଏବଂ ସିଲିପଦା ଗ୍ରାମର ଭୀମ ମୁଣ୍ଡା (୪୧) ବୋଲି ଜଣାପଡିଛି। ପାଟଣା ପୁଲିସ ଉଭୟଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିବା ବେଳେ ପରେ ଭୀମ ମୁଣ୍ଡାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମାଛ ଜାଲରେ ବୋଡ଼ା ସାପ



ତୁରୁମୁଙ୍ଗା, ୪।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ ରସପଡା ଗ୍ରାମର ଏକ ବିଲରେ ମାଛ ମାରିବା ପାଇଁ ପକା ଯାଇଥିବା ଜାଲରେ ଏକ ବିରାଟ ବୋଡ଼ା ସାପ ଲାଗିଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନ ବିଭାଗର ସାପ ଉଦ୍ଧାରକାରୀ ଟିମ୍ ପହଞ୍ଚି ସାପକୁ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ସାପଟିକୁ ଜଙ୍ଗଲରେ ଛଡ଼ା ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ରକ୍ତହୀନତା ରୋଗୀଙ୍କୁ ୨ ୟୁନିଟ୍ ରକ୍ତଦାନ



ବେଲବାହାଲି, ୪।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବାତୋ ପଞ୍ଚାୟତ କଡରାପାଳ ଗ୍ରାମର ଜଣେ ରକ୍ତହୀନତା ରୋଗୀଙ୍କ ଜରୁରିକାଳୀନ ଚିକିତ୍ସା ପାଇଁ ଦୁଇ ୟୁନିଟ ରକ୍ତର ଆବଶ୍ୟକ ଥିଲା। ଖବରପାଇ ମେଗା ପ୍ରକଳ୍ପର ବରିଷ୍ଠ ଯନ୍ତ୍ରୀ ପ୍ରଭଞ୍ଜନ ଚକ୍ର ଉକ୍ତ ପ୍ରକଳ୍ପରେ କାମ କରୁଥିବା କର୍ମଚାରୀ ଅନ୍ତର୍ଯ୍ୟାମୀ ଭଞ୍ଜ ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ରକ୍ତହୀନତା ରୋଗୀଙ୍କ ଜୀବନ ବଞ୍ଚାଇ ଉଦାହରଣ ସୃଷ୍ଟି କରିଛନ୍ତି।

## ପିଏମ୍‌ଶ୍ରୀ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା

କେନ୍ଦୁଝର, ୪।୯ (ସମିସ): କେନ୍ଦୁଝରସଦର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉପନିର୍ଦ୍ଦେଶକ ପ୍ରାଥମିକ ନିର୍ଦ୍ଦେଶାଳୟର ହିମାଂଶୁ ଭୂଷଣ ଓଝା ମୁଖ୍ୟଅତିଥି ଭାବେ ଜିଲ୍ଲାର ସମସ୍ତ ଶାରିରୀକ ଶିକ୍ଷା ଶିକ୍ଷକଶିକ୍ଷୟିତ୍ରୀ, ସ୍କାଉଟସ୍ ମାଷ୍ଟର୍ସ/ଗାଇଡସ କ୍ୟାପଟେନସ ଓ ଜୁନିଅର ରେଡକ୍ରସ ପରାମର୍ଶଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ସୁଶୀଳ ନାୟକ, ସନ୍ତୋଷିନୀ ସେଠୀ, ପରମେଶ୍ୱର ସାମଲ, ପ୍ରଫୁଲ୍ଲଚନ୍ଦ୍ର ଘୋଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ସଭାରେ ବିଭିନ୍ନ ବ୍ଲକରୁ ୩୫୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଜୁନିଅର ରେଡକ୍ରସ ସ୍କାଉଟସ୍/ଗାଇଡସ୍ ଓ କ୍ରୀଡ଼ାଙ୍ଗନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜୁନିଅର ରେଡକ୍ରସ ଅଫିସର ପ୍ରଶାନ୍ତ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଥାଲାସେମିଆ ସଙ୍ଘ ପକ୍ଷରୁ ରକ୍ତଦାନ ଶିବିର



ଆନନ୍ଦପୁର, ୪।୯ (ସମିସ): ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ୧୫ହଜାରରୁ ଅଧିକ। ମୁଖ୍ୟ ଚିକିତ୍ସା ପଦ୍ଧତିରେ ସବୁବେଳେ ରକ୍ତ ଗ୍ରହଣ କରି ବଞ୍ଚିବା ହିଁ ଏକମାତ୍ର ଉପାୟ। ଗତ କିଛିଦିନ ହେବ ସରକାରଙ୍କ ଦ୍ୱାରା କରାଯାଉଥିବା ରକ୍ତଦାନ କାର୍ଯ୍ୟକ୍ରମ ଧିମେଇ ଯାଇଛି। ଫଳରେ ଥଲାସେମିଆ ରୋଗୀ ବଞ୍ଚିବା କଷ୍ଟକର ହୋଇପଡୁଛି। ଏହି ପରିପ୍ରେକ୍ଷୀରେ ଆଜି ଥାଲସେମିଆ ସଙ୍ଘ ଓ ଏମ୍ସ ରକ୍ତଭଣ୍ଡାର ମିଳିତ ସହଯୋଗରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥଲାସେମିଆ ରୋଗୀଙ୍କ ସାହାଯ୍ୟ କରିବାକୁ ଉକ୍ତ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ରତିକାନ୍ତ ପୋଥାଳ ଓ ପ୍ରଣବ ମିଶ୍ର କହିଛନ୍ତି ଯେ ଆପଣଙ୍କ ଦୁଇ ବୁନ୍ଦା ରକ୍ତରେ ବନ୍ଧା ଥଲାସେମିଆ ରୋଗୀଙ୍କ ଜୀବନ। ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ଆମମାନଙ୍କୁ ବଞ୍ଚିବାକୁ ସାହାଯ୍ୟ କରନ୍ତୁ। ଶ୍ରୀ ମିଶ୍ର ଓ ପୋଥାଳ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ରକ୍ତଭଣ୍ଡାରର ସମସ୍ତ ଡାକ୍ତର ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନରଣପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ହିନ୍ଦୀ ବକ୍ତୃତା



କେନ୍ଦୁଝର, ୪।୯ (ସମିସ): ବ୍ୟାଙ୍କ ଅଫ ଇଣ୍ଡିଆର ୧୨୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ନରଣପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଜୋନ ତରଫରୁ ହିନ୍ଦୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ଓ ଏକାଦଶ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ପ୍ରତିଯୋଗିତା କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରରେ ୧୦ ଜଣ ପ୍ରତିଯୋଗୀ ଥିବା ବେଳେ ଉଚ୍ଚ ମଧ୍ୟମିକ ସ୍ତରରେ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତ୍ୟେକ ସ୍ତରରୁ ପାଞ୍ଚ ଜଣ ଲେଖାଏଁ କୃତୀ ପ୍ରତଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ କିଶୋରଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଜୋନର ଡେପୁଟି ଜୋନାଲ ମ୍ୟାନେଜର ସିଦ୍ଧାର୍ଥ କୁମାର ବେହେରା, ନରଣପୁର ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ପରିଚାଳକ ବିକାଶ ଯାଦବ, ମାର୍କେଟିଙ୍ଗ ସିନିୟର ମ୍ୟାନେଜର ଲକ୍ଷ୍ମୀକାନ୍ତ ବେହେରା, ମାର୍କେଟିଙ୍ଗ ମ୍ୟାନେଜର ସୌମ୍ୟରଂଜନ ସାହୁ ଓ ରାଜାଭାଷା ଅଧିକାରୀ ଦେବ ଜୟସ୍ୱାଲ ପୁରସ୍କାର ପ୍ରଦାନ କରିଥିଲେ। ବ୍ୟାଙ୍କ ଅଧିକାରୀମାନେ ବ୍ୟାଙ୍କର ବିଭିନ୍ନ ପ୍ରକାର ଠକେଇ ଓ ଏଥିରୁ ରକ୍ଷା ପାଇବାର ଉପାୟ ମାନ ପ୍ରକାଶ କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଜିନ୍ଦଲ ସୁବିଧାକେନ୍ଦ୍ର ଉଦ୍‌ଘାଟିତ




କେନ୍ଦୁଝର/ଯୋଡ଼ା, ୪।୯ (ସମିସ): ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡା ପଞ୍ଚାୟତ କାଶିଆ(କ) ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ଜିନ୍ଦଲ ସୁବିଧା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲର ଇଭିପି ତଥା ବିକେଟି କ୍ଲଷ୍ଟର ମୁଖ୍ୟ ପ୍ରମୋଦ ପାତ୍ରଙ୍କ ଉପସ୍ଥିତିରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଏହାକୁ ଉଦଘାଟନ କରିଛନ୍ତି। ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ବିଇଓ କ୍ଷେତ୍ରମୋହନ ହାଁସଦା, ସେରେଣ୍ଡା ସରପଞ୍ଚ ଇଞ୍ଜିନିୟର ସୁସ୍ମିତା ସିଦ୍ଧୁ, ସିଏଏସଆର ମୁଖ୍ୟ ଉର୍ଜିଲ ଲାକ୍ରାଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଓ ଜିନ୍ଦଲ ଫାଉଣ୍ଡେସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ମଜଭୁତ କରିବା ସହ ଶିଶୁଙ୍କ ପାଇଁ ଅନୁକୂଳ ଶିକ୍ଷଣ ପରିବେଶ ପ୍ରସ୍ତୁତି ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ସ୍କୁଲକୁ ଆସିବା ପାଇଁ ଶିଶୁମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ଏହି ସୁବିଧା କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରୋଷେଇ ଘର ତଥା ଭୋଜନାଳୟ ଦ୍ୱାରା ୨୨୦ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଓ ପରିଚ୍ଛନ୍ନ ପରିବେଶ ମଧ୍ୟରେ ଖାଇବାର ସୁବିଧା ମିଳିବ। କାଶିଆ (ଖ) ପ୍ରାଥମିକ ବିଦ୍ୟାଳୟ, ଭୁସଗାଁ ପ୍ରାଥମିକ ବିଦ୍ୟାଳୟ ଓ ଝାରଡଗାଁ ଉଚ୍ଚ ପ୍ରାଥମିକ ସ୍କୁଲରେ ମଧ୍ୟ ସମାନ ସୁବିଧା କେନ୍ଦ୍ର ନିର୍ମାଣ ଚାଲିଛି। ଆସନ୍ତା ମାସରେ ଏହାର ହସ୍ତାନ୍ତର କରାଯିବ।

## ପାର୍ବଣ ପାଇଁ ଚମ୍ପୁଆ ଥାନାରେ ଶାନ୍ତିକମିଟି ବୈଠକ

ଚମ୍ପୁଆ, ୪।୯ (ସମିସ): ଚଳିତ ବର୍ଷ ଚମ୍ପୁଆରେ ଶାରଦୀୟ ଦୁର୍ଗା ପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଉଦ୍ଦେଶ୍ୟରେ ଆଜି ଥାନା ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଏସପି ରଶ୍ମିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଇଆଇସି ରମାକାନ୍ତ ମୁଦୁଲି, ସବଇନସପେକ୍ଟର ହିମାଂଶୁ ପ୍ରଧାନ ଏବଂ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାର୍ବଜନୀନ ଦୁର୍ଗାପୂଜା କମିଟି, ମା' ଜଗତଜନନୀ ପୂଜା କମିଟି ଏବଂ ରିମୁଲି ଓ କରଞ୍ଜିଆ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଦୁର୍ଗାପୂଜା ଏବଂ ଅକ୍ଟୋବର ୩ତାରିଖ ଭସାଣି ଅନୁଷ୍ଠିତ ହେବାକୁ ଥିବା ବେଳେ ଭାଇଚାରାର ସହର ଚମ୍ପୁଆରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ଡିଏସପି ସୂଚନା ଦେଇଥିଲେ। ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଇବା, ଭସାଣି ଉତ୍ସବରେ ଡିଜେ ସାଉଣ୍ଡ ସିଷ୍ଟମ ବ୍ୟବହାରକୁ ଅନୁମତି ଦିଆଯିବ ନାହିଁ, ସାମାଜିକ ଗଣମାଧ୍ୟମରେ ଧର୍ମକୁ ଆଘାତ ଦେବା ଭଳି ମେସେଜ ପୋଷ୍ଟ ନ କରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ମାଦକ ଦ୍ରବ୍ୟ ସେବନଠାରୁ ଦୂରରେ ରହି ପାର୍ବଣକୁ ପାଳନ କରିବାକୁ ପୁଲିସ ପ୍ରଶାସନ ପକ୍ଷରୁ ଅପିଲ କରାଯାଇଛି।

## ଅସ୍ଥିମଜ୍ଜା ପ୍ରତିରୋପଣରେ ସହାୟତାର ନିବେଦନ



ଆନନ୍ଦପୁର, ୪।୯ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣୀ ଗ୍ରାମର ଆଦର୍ଶ ଶିକ୍ଷକ ତଥା ସମାଜସେବୀ ସତ୍ୟବ୍ରତ ନାଥ (୩୬)ଙ୍କ ବୋନମେରୋ ଟ୍ରାନ୍ସପ୍ଲାଣ୍ଟ (ଅସ୍ଥିମଜ୍ଜା ପ୍ରତିରୋପଣ) ନିମନ୍ତେ ପରିବାର ପକ୍ଷରୁ ଅର୍ଥ ସହାୟତା ପାଇଁ ନିବେଦନ କରାଯାଇଛି। ସତ୍ୟବ୍ରତ କିଛି ବର୍ଷ ପୂର୍ବରୁ ବ୍ଲଡ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ଏବେ ସେ ପୁନଶ୍ଚ ଗୁରୁତର ବ୍ଲଡ଼ କ୍ୟାନ୍ସରରେ ଆକ୍ରାନ୍ତ ହୋଇ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି। ଗୋଟିଏ ମାସ ମଧ୍ୟରେ ତାଙ୍କର ପ୍ରତିରୋପଣ ପାଇଁ ଡାକ୍ତର ପ୍ରସ୍ତାବ ଦେଇଥିବା ବେଳେ ଏଥିପାଇଁ ୩୦ଲକ୍ଷରୁ ଅଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କର ବାପା କେଦାରନାଥ ଜଣେ ଖବର କାଗଜ ବିତରକ ଅଟନ୍ତି। ଏତେ ଅର୍ଥ ଯୋଗାଡ଼ କରି ପୁଅର ଚିକିତ୍ସା କରିବା ପାଇଁ ଅସମର୍ଥ ଥିବାବେଳେ ସାହାଯ୍ୟ ପାଇଁ ସେ ଏସବିଆଇ ଆକାଉଣ୍ଟ ନମ୍ବର ୩୦୩୮୨୦୦୭୬୨୧, ଆଇଏଫଏସଇ କୋଡ ଏସବିଆଇଏନ ୦୦୦୧୦୮୬ରେ ସହାୟତା ରାଶି ପ୍ରଦାନ କରିବାକୁ ବିଭିନ୍ନ ସହୃଦୟ ବ୍ୟକ୍ତିବିଶେଷ, ବଦାନ୍ୟ ଅନୁଷ୍ଠାନକୁ ନିବେଦନ କରିଛନ୍ତି।

## ଆନନ୍ଦପୁର ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ସ୍ୱାଗତ ସଭା




ଆନନ୍ଦପୁର, ୪।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ପୁରୁଣା ସମ୍ମିଳନୀ କକ୍ଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ସଭା ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଭାରତୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ନରେଶ ସାହାଙ୍କ ସଂଯୋଜନାରେ ସମ୍ମାନିତ ଅତିଥି ଭାବେ ଡ. ନିମାଇଁ ଚରଣ ରାଉତ, ଡ. ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ସୁବ୍ରତ ସାହାଣୀ, ସୁରୁଚି ସମ୍ପନ୍ନ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀ ଦେବାଙ୍ଗିନି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଭାଗର ସମସ୍ତ ଛାତ୍ରଛାତ୍ରୀ ଏବଂ ଅନ୍ନପୂର୍ଣ୍ଣା ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପରମେଶ୍ୱର ପାଟଣା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି



ତୁରୁମୁଙ୍ଗା, ୪।୯ (ସମିସ): ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତିଙ୍କ ଅନୁମୋଦନକ୍ରମେ ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ପାଇଁ ଗାଲଫୁଲା ଗ୍ରାମର ପରମେଶ୍ୱର ନାଏକଙ୍କୁ ସଭାପତି ମନୋନୀତ କରାଯାଇଛି। ଏନେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଏବଂ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ଘୋଷଣା କରିଛନ୍ତି। ଶ୍ରୀ ନାଏକ ପିସିସି ସଭାପତିଙ୍କ ସହ ସମସ୍ତ ବରିଷ୍ଠ ପ୍ରମୁଖ ନେତୃବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଆଗାମୀ ଦିନରେ ସେ ପାଟଣା ନିର୍ବାଚନମଣ୍ଡଳୀରେ ଯୁବ କଂଗ୍ରେସର ସଂଗଠନକୁ ମଜବୁତ୍ କରି ଯୁବକଙ୍କ ହକ୍ ପାଇଁ ଲଢେଇ ଜାରି ରଖିବେ ବୋଲି କହିଛନ୍ତି।

## ଏଡ୍‌ସ ସଚେତନତା ପାଇଁ ଗଣଦୌଡ଼



କେନ୍ଦୁଝର, ୪।୯ (ସମିସ): କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଓସାକ୍ସ ଆନୁକୂଲ୍ୟରେ ଏଡସ ସଚେତନତା ଅବସରରେ ଗଣଦୌଡ଼ ସରକାରୀ ମହିଳା ମହାବିଦ୍ୟାଳୟରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହା ଶେଷ ହୋଇଥିଲା। ଅଧ୍ୟକ୍ଷ ଲଳିତ ରଞ୍ଜନ ସାହୁ ଗଣଦୌଡ଼କୁ ଶୁଭାରମ୍ଭ କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟ ସମେତ ଆଖପାଖ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ପରିଚାଳନା କରିଥିବା ବେଳେ ଡିପିଏମ ନିତ୍ୟରଞ୍ଜନ ବରାଳ, ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ନିଲମ ମହାନ୍ତି, ଡା. ଏଲକେ ମହାନ୍ତ ଏଡିପିଏଚଓ (ପରିବାର ନିୟନ୍ତ୍ରଣ), ଭରତ ସାହୁ ଡିପିଏଚସିଓ, ବୃନ୍ଦାବନ ସାହୁ ଷ୍ଟାଟିସଟିକାଲ ଆସିଷ୍ଟାଣ୍ଟ, ପ୍ରକାଶ କୁମାର ଦାସ ସିଏସଓ ଦିଶା, ସହାୟକ ଅଧ୍ୟାପକ ଦେବାନନ୍ଦ ନାଏକ ବକ୍ତବ୍ୟ ରଖିଥିଲେ। ଏସଏମଆର କଲେଜର ତୁରମ ପୂର୍ତ୍ତି, ତୃପ୍ତିମୟୀ ଦାସ, କେନ୍ଦୁଝର ମହିଳା ମହାବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ବାରିକ, କୌଶଲ୍ୟା ନାଏକ, ତପସ୍ୱିନୀ ମୁଣ୍ଡା, ଧରଣୀଧର ବିଶ୍ୱବିଦ୍ୟାଳୟର ରଞ୍ଜନ ସୋରେନ, ବାପୁନ କୁଲାଣ୍ଡିଆ, ଲକ୍ଷ୍ମଣ ମୁର୍ମୁ, ମିନାକ୍ଷୀ ପୂର୍ତ୍ତି ଦୌଡ଼ରେ କୃତକାର୍ଯ୍ୟ ହୋଇ ଆସନ୍ତା ୧୦ ତାରିଖ ରାଜ୍ୟସ୍ତରୀୟ ସଚେତନ ଦୌଡ଼ରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି।

## ମହେଶ୍ୱରପୁରରେ କରମ୍ ପରବ୍

ଚମ୍ପୁଆ, ୪।୯ (ସମିସ)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ କରମ ରାଜା କଲଚରାଲ କ୍ଲବ ଆନୁକୂଲ୍ୟରେ କରମା ପର୍ବ ପାଳିତ ହୋଇଯାଇଛି। କୁଡୁମି ମହାନ୍ତଙ୍କର ଏହି କୃଷିଭିତ୍ତିକ ପର୍ବ ଖୁବ୍ ପ୍ରାଚୀନ। ବୃକ୍ଷଠାରୁ ମଣିଷ ବହୁ ଉପକାର ପାଉଥିବା ତଥା ବୃକ୍ଷ ମଣିଷର ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରୁଥିବାରୁ ପୂଜା କରିଆସୁଛନ୍ତି। ପୂର୍ବ କାଳରୁ ଏହି ବୃକ୍ଷକୁ କର୍ମ ଓ ଧର୍ମର ପ୍ରତୀକ ରୂପେ ପୂଜା କରିଆସୁଛନ୍ତି। ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଗାଁର କୁଆଁରୀ ଝିଅମାନେ ନିର୍ଜଳା ଉପବାସ କରି ପୂଜା କରିଥାଆନ୍ତି। ତିନି ଦିନ ପୂର୍ବରୁ ନିକଟସ୍ଥ ନଦୀ ବା ପୁଷ୍କରିଣୀରୁ ବାଲି କାଢି ଆଣି ଥାଆନ୍ତି। ବିଭିନ୍ନ ପ୍ରକାରର ଶସ୍ୟ ବାଲି ଉପରେ ରଖି ଅଙ୍କୁରୋଦଗମ କରାଇଥାନ୍ତି। ଏହାକୁ 'ଜାୱା' କୁହାଯାଏ। 'ଜାୱା' ଅର୍ଥ ଯିବା ବା ଯାତ୍ରା କରିବା। ଜାଭା ଓ ବାଲି ଦ୍ୱୀପକୁ ଯାତ୍ରା କରିବା ମଧ୍ୟ କୁହାଯାଏ। ଏହା ନୂତନତ୍ୱ ଓ ବଂଶ ବୃଦ୍ଧିର ମଧ୍ୟ ପ୍ରତୀକ। ନରସିଂହ ଓ ଶେଷଦେବଙ୍କ ନାମରେ ଦୁଇଟି କରମ ଗଛର ଡାଳକୁ ଗାଁ ଲୋକେ ମିଳିମିଶି ମାଦଳ, ନାଗରା, ଝାଞ୍ଜ ଆଦି ବାଦ୍ୟ ବଜାଇ ଶୋଭା ଯାତ୍ରାରେ ଆଖଡ଼ା ସ୍ଥାନକୁ ଆଣିଥାନ୍ତି। ଭଗବାନ ବିଷ୍ଣୁ ଓ ମାଆ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଏହି 'ଜାୱା' ବସିଥାଏ। କୃଷି କାର୍ଯ୍ୟ ଭଲ ହେବା ପାଇଁ କାମନା କରିଥାଆନ୍ତି। କର୍ମର ପ୍ରତୀକ କର୍ମୁ ଓ ଧର୍ମର ପ୍ରତୀକ ଧର୍ମୁ ଏହି ଦୁଇ ଜଣଙ୍କ ଉପାଖ୍ୟାନକୁ ବାଖୁଣି ଭାବେ ଗାଁର ଜଣେ ମୁରବୀ ଶ୍ରେଣୀର ଲୋକ କାହାଣୀ କହିଥାନ୍ତି। ଜାଗର ଜଗିବା ଅବସରରେ ଗାଁର ଯୁବକଯୁବତୀ, ବାଳକବାଳିକା, ବୟସ୍କ ସଭିଏଁ ମିଳିମିଶି ସାଂସ୍କୃତିକ ଲୋକନୃତ୍ୟ ଓ ସଂଗୀତ 'ଝୁମର' ଗାଇଥାନ୍ତି। ଉକ୍ତ କ୍ଲବର ସମସ୍ତ ସଦସ୍ୟ ମିଳିମିଶି ଏହି କରମ ପୂଜା ପାଳନ କରିବା ସହିତ ଝୁମର ସଂଗୀତରେ ରାତି କଟାଇଥିଲେ। ଶିକ୍ଷକ ଯଦୁମଣି ମହାନ୍ତ କାହାଣୀ କହିଥିବାବେଳେ ଶିକ୍ଷକ କିଶୋର ମହାନ୍ତ ସହଯୋଗ କରିଥିଲେ। ସମସ୍ତ ସଦସ୍ୟ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

## ପଞ୍ଚୁପଲ୍ଲୀ-ବାତୋ ରାସ୍ତାର ସେତୁ ନିର୍ମାଣ ଦାବି

ବେଲବାହାଳି, ୪।୯ (ସମିସ)



ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୨୦୧୮ରୁ ନିର୍ମାଣାଧୀନ ପୋଲ ସଂପୂର୍ଣ୍ଣ କରିବା ପାଇଁ ଆଜି ଅଧୀକ୍ଷଣ ଯନ୍ତ୍ରୀଙ୍କ ଜରିଆରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆନନ୍ଦପୁରର ପଞ୍ଚୁପଲ୍ଲୀ-ବାତୋ ରାସ୍ତାକୁ ସଂଯୋଗୀକରଣ କରୁଥିବା ଅଧପନ୍ତରିଆ ପୋଲକୁ ତୁରନ୍ତ ସଂପୂର୍ଣ୍ଣ କରିବା ନେଇ ସ୍ଥାନୀୟ ଲୋକମାନେ ଦାବି କରିଆସୁଛନ୍ତି। ପ୍ରାୟ ୯ କୋଟି ଟଙ୍କା ଅନୁଦାନରେ ବିଜୁ ସେତୁ ଯୋଜନାରେ ଏହି ପୋଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ପାଞ୍ଚ ନମ୍ବର ପିଲର ନିର୍ମାଣ ସମୟରେ ଟେଣ୍ଡର ନେଇଥିବା ଠିକାଦାର ଏହାକୁ ଅଧପନ୍ତରିଆ ଅବସ୍ଥାରେ ଛାଡି ଚାଲିଯାଇଛନ୍ତି। ଫଳରେ ଶତାଧିକ ଲୋକ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲଟି ସଂପୂର୍ଣ୍ଣ ହେଲେ ବର୍ତ୍ତମାନର ଆନନ୍ଦପୁର-ପାଣିକୋଇଲି ରାସ୍ତାର ଏକ ଗୁରୁତ୍ୱପୂର୍ଣ୍ଣ ବାଇପାସ ରାସ୍ତା ଭାବରେ ବ୍ୟବହାର ହୋଇ ଅଧା ଦୂରତା କମିଯାଆନ୍ତା ଏବଂ ଏଥିରେ ମଧ୍ୟ ଲୋକମାନେ ଉପକୃତ୍ ହୋଇପାରନ୍ତେ। ପୋଲଟିକୁ ତୁରନ୍ତ ସଂପୂର୍ଣ୍ଣ କରାଯାଇ ଏହାର ଆପ୍ରୋଚ ରାସ୍ତା ପାଇଁ ଜମି ଅଧିଗ୍ରହଣ କାମକୁ ତ୍ୱରାନ୍ୱିତ କରାଯାଇ ରାସ୍ତା କାମଟି ଶୀଘ୍ର ସାରିବା ପାଇଁ ୩ନଂ ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର ଏକ ଜନସ୍ୱାର୍ଥ ସମ୍ବଳିତ ଦରଖାସ୍ତ ପ୍ରଶାସନକୁ ଦେଇଛନ୍ତି। ବେଲବାହାଳି ବିଜେପି ମଣ୍ଡଳ ସଭାପତି ଚନ୍ଦ୍ରମଣି ସେଠୀ, ସାଧାରଣ ସମ୍ପାଦକ ତାପସ ଜେନା, ଯୁବମୋର୍ଚ୍ଚା ସଭାପତି ବଳରାମ ସାହୁ, ରବୀନ୍ଦ୍ର ରାଉତ, ମଦନ ଜେନା, ହରିହର ନାୟକ, ଚଗୁଲୁ ଜେନା, ବେଣୁଧର ଜେନା, ହିମାଂଶୁ ଶେଖର ଜେନା, ମର୍କନ୍ଦ ଜେନା, ଭାଗୀରଥି ସାମଲ, ମିନହରୀ ଜେନା ପ୍ରମୁଖ ଦାବି ଜଣାଇଛନ୍ତି।

## ଦୁଇ ଜିଲ୍ଲାର ବିଜେଡି ସଭାପତିଙ୍କ ନାମ ଘୋଷଣା

# ଝିନ୍ ହିକ୍କା କୋରାପୁଟ ଜିଲ୍ଲା ବିଜେଡି ସଭାପତି





### ପ୍ରସାଦ ବିଡିକା ଓ ଦୁର୍ଗା ମିଶ୍ର କାର୍ଯ୍ୟକାରୀ ସଭାପତି

କୋରାପୁଟ,୪।୯(ସମିସ): ପୂର୍ବତନ ସାଂସଦ ଝିନ୍ ହିକ୍କାଙ୍କୁ କୋରାପୁଟ ଜିଲ୍ଲା ସଭାପତି ଭାବେ ନିଯୁକ୍ତ ଦିଆଯାଇଛି। ବୋରିଗୁମ୍ମା ବ୍ଲକର ଜିଲ୍ଲା ପରିଷଦ ସଦସ୍ୟ ପ୍ରସାଦ ବିଡ଼ିକା ଓ ବରିଷ୍ଠ ନେତା ଦୁର୍ଗା ମିଶ୍ରଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଚୟନ କରିଛନ୍ତି। ଦଳୀୟ କାର୍ଯ୍ୟାଳୟରୁ ସୂଚନା ମିଳିବା ପରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରଭୁ ଜାନି, ପିତମ୍ ପାଢ଼ୀ, ପ୍ରଫୁଲ୍ଲ ପାଙ୍ଗି, ଚନ୍ଦ୍ର ଶେଖର ମାଝି, କେସିସି ବ୍ୟାଙ୍କ ସଭାପତି ଇଶ୍ୱର ପାଣିଗ୍ରାହି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, କୋରାପୁଟ ଟାଉନ ସଭାନେତ୍ରୀ ଦେବିଶ୍ରୀ ପ୍ରଧାନ, କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କାଉନସିଲର କାଦମ୍ବିନୀ ସେଠୀ, ବ୍ଲକ ବିଜେଡି ସଭାପତି ମଣ୍ଟୁ ବେନିଆ, ସୁନାବେଡା ପୌର ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ରଜେଶ୍ୱର୍ ମହୁରିଆ, ରଘୁ ଜାନି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଜଗନ୍ନାଥ ସାରକା ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି



ରାୟଗଡ଼ା,୪।୯(ସମିସ):

ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳ ସଭାପତି ନାମ ଘୋଷଣା ହୋଇଛି। ଜିଲ୍ଲାର ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କୁ ଦାୟିତ୍ୱ ମିଳିଛି। କାର୍ଯ୍ୟକାରୀ ସଭାପତି ଭାବେ ରାୟଗଡାରୁ ଗଙ୍ଗାଧର ପୁଆଲା ଏବଂ ଗୁଣପୁରର ରଞ୍ଜିତ କୁମାର ପାଣିଗ୍ରାହୀଙ୍କୁ ଦାୟିତ୍ୱ ମିଳିଛି। ଆଜି ଏହି ଘୋଷଣା ହେବା ପରେ ରାୟଗଡା ଜିଲ୍ଲା ବିଜେଡି ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଗଙ୍ଗାଧର ପୁଆଲା ରାୟଗଡା ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିବା ବେଳେ ବର୍ତ୍ତମାନ ଜିଲ୍ଲା ବିଜେଡିର ସଂପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେହିପରି ଗୁଣପୁର ଉପଖଣ୍ଡରେ ବିଜେଡିର ପୁରୁଖା ନେତା ଭାବେ ପରିଚିତ ରଞ୍ଜିତ ପାଣିଗ୍ରାହୀଙ୍କୁ ଦାୟିତ୍ୱ ମିଳିବା ପରେ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟିଛି। ଆଜିର ଏହି ନାମ ଘୋଷଣା ପରେ ତଥା ନୂଆ ଜିଲ୍ଲା ଦାୟିତ୍ୱ ମିଳିବା ପରେ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ ସୁଦୃଢ କରିବା ପାଇଁ କାର୍ଯ୍ୟ କରିବେ ବୋଲି ଶ୍ରୀ ସାରକା କହିଛନ୍ତି।

### ଗଙ୍ଗାଧର ଓ ରଂଜିତ କାର୍ଯ୍ୟକାରୀ ସଭାପତି

# ମଦ ଚଢ଼ଉ, ଜଣେ ଗିରଫ

କୋଷାଗୁମୁଡା,୪।୯(ସମିସ): ଗୁରୁବାର ଦିନ ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନଙ୍କ ସହ କୋଡ଼ିଙ୍ଗ ଥାନା ଅନ୍ତର୍ଗତ ଚିର୍ମା ଗ୍ରାମର ଗୌଡ଼ ସାହିରେ ସୁକୁରୁ ଚନ୍ଦନିଆ ଘରେ ଚଢାଉ କରି, ୨୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ଏହି ଚଢ଼ଉରେ ସାମିଲ ସିପାହୀ ମାନେ ହେଲେ, ରେସମା ସୁନା, ସୁଧାଂଶୁ ଶେଖର ବାଘ, ଅକ୍ରମ ଖାନ୍ ଓ ପ୍ରାସାଦ ବଳବନ୍ତରାୟ।

■ ନିଖୋଜ ମକାଚାଷୀଙ୍କ ପତ୍ତା ମିଳୁନି

# ସପ୍ତାହ ପରେ ବି ପୁଲିସ ହାତ ଖାଲି



ବୈପାରୀଗୁଡ଼ା, ୪।୯(ସମିସ): ନିଖୋଜ ମକାଚାଷୀଙ୍କ ମିଳୁନି ଖୋଜଖବର। ଏକ ସପ୍ତାହ ପରେ ବି ପୁଲିସ ହାତଖାଲି । ଏଭଳି ଘଟଣା ଦେଖିବକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ଠାରେ। ଗତ ଅଗଷ୍ଟ ମାସ ୨୯ ତାରିଖ ଦିନ ଦଣ୍ଡାବାଡ଼ି ସଦର ମହକୁମାସ୍ଥିତ ବିଏସଏଫ କ୍ୟାମ୍ପ ନିକଟରେ ରହୁଥିବା ସମାରୁ ପୂଜାରୀ ( ୫୦) ନିଖୋଜ ଅଛନ୍ତି। ଘରେ ସେ ଏକାକୀ ରହି ମକା ଚାଷ କରନ୍ତି। ହେଲେ ଗତ ଅଗଷ୍ଟ ମାସ ୨୯ ତାରିଖ ଦିନ ତାଙ୍କ ସମ୍ପର୍କୀୟ ଲୋକେ ଭେଟିବା ପାଇଁ ଯାଇଥିଲେ। କିନ୍ତୁ ସେ ଘରେ ନଥିଲେ। ଏନେଇ ଦୁଇ ଦିନ ପର୍ଯ୍ୟନ୍ତ ଆଖପାଖ ଗାଁରେ ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ପତ୍ତା ମିଳିନାହିଁ। ଶେଷରେ ତାଙ୍କ ସମ୍ପର୍କୀୟ ଭାଇ ଗୁରୁ ପୂଜାରୀ ରାମଗିରି ଫାଣ୍ଡି ଜଣାଇବା ପରେ ବୈପାରୀଗୁଡା ଥାନାରେ ଏତଲା ଦିଆଯାଇଥିଲା। ହେଲେ ସମାରଙ୍କ ନିଖୋଜକୁ ଏକ ସପ୍ତାହ ବିତିଥିଲେ ବି ପୁଲିସ ହାତ ଖାଲି ରହିଛି।

# ଶ୍ରୀଜୀଉଙ୍କ ବାମନ ଜନ୍ମ ଓ ସୁନିଆଁ ନୀତି

ନବରଙ୍ଗପୁର,୪।୯(ସମିସ): ଗୁରୁବାର ଶ୍ରୀ ଜୀଉଙ୍କ ବଡ଼ ଦ୍ୱାଦଶୀ ବା ବାମନ ଜନ୍ମ ଏବଂ ସୁନିଆ ନୀତି ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ଭୋରରୁ ଶ୍ରୀଜୀଉଙ୍କ ଦ୍ୱାର ଫିଟା ମଙ୍ଗଳ ଆରତୀ ନୀତି ସମ୍ପନ୍ନ ହେବାପରେ ଶ୍ରୀଜୀଉଙ୍କ ସମସ୍ତ ପୂଜା ଓ ନିତିକାନ୍ତି ହୋଇଥିଲା। ଆଜି ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ଓ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଆରମ୍ଭ ହୋଇଥିଲା ବାମନ ଜନ୍ମ ନୀତି। ବାମନ ଜନ୍ମର ସମସ୍ତ ନିତିକାନ୍ତି ସମ୍ପୂର୍ଣ୍ଣ ହେବା ପରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସୁନିଆ ନୀତି। ଆଜିର ଆୟୋଜିତ ଏହି ସୁନିଆ ନୀତିରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଗତ ଆର୍ଥିକ ବର୍ଷର ହିସାବ ସବୁକୁ ବନ୍ଦ କରାଯାଇ ଆଜିଠାରୁ ଚଳିତ ଆର୍ଥିକ ବର୍ଷର ହିସାବ ଆରମ୍ଭ ହୋଇଥିବା ରାଜ ପୁରୋହିତ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଆଜିର ଏହି ସମସ୍ତ ପୂଜା ନୀତି କାନ୍ତିରେ ରାଜ ପୁରୋହିତ ତଥା ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀ , ଶ୍ରୀଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ଉପଦେଷ୍ଟା ଝାଡେଶ୍ୱର ଖାଡଙ୍ଗାଙ୍କ ସମେତ ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଦେବୀ ନାୟକ, ଶୁଭମ୍ ନାୟକ, ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର କୁମାର ଶତପଥୀ, ସୁଧୀର କୁମାର ଶତପଥୀ, ସୁମିତ କୁମାର ପାଳ, ପପୁ ତ୍ରିପାଠୀ, ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଉପ ସଭାପତି ଦୁର୍ଗା ତ୍ରିପାଠୀ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଶତପଥୀ, ନିଯୋଗ ସମ୍ପାଦକ କୁନା ପାତ୍ର, ନିଯୋଗ ସଦସ୍ୟ, ମିଟୁ ପାତ୍ର, ସିଏଚ ଚିଟିବାବୁ , ଲାଲୁ ପଣ୍ଡା, ଜଗନ୍ନାଥ ଦାସ , ବଦ୍ରି ବାମନ ତ୍ରିପାଠୀ , ତ୍ରୟ ନାଥ ତ୍ରିପାଠୀ , ନରସିଂହ ବେହେରା, ମୀନ ନାୟକ, ଚୈତନ୍ୟ ନାୟକଙ୍କ ସମେତ ନିଯୋଗର ସମସ୍ତ କର୍ମକର୍ତ୍ତା, ବହୁ ସଦସ୍ୟ ଓ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।



# ଅଟୋ- ବାଇକ୍ ମୁହାଁମୁହିଁ ଧକ୍କା

ଜୟପୁର,୪।୯(ସମିସ): ଜୟପୁର ସହରର ପାରାବେଢା ନିକଟସ୍ଥ କେନାଲ ରାସ୍ତାରେ ଏକ ଅଟୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାହେବା ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆଜି ଅପରାହ୍ନରେ ଗାନ୍ଧିଛକ ଠାରୁ କେନାଲ ରାସ୍ତାରେ ଏକ ଅଟୋ (ଓଆର୧୦ଜେ ୬୫୬୨) ଆସୁଥିବା ସମୟରେ ବିପରୀତ ଦିଗରୁ ଏକ ପୋଲସର ବାଇକ ସହ ଧକ୍କା ହୋଇଥିଲା। ଖବରପାଇ ଟାଉନ ପୁଲିସ ପେଟ୍ରୋଲିଂ ଗାଡି ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ଅବସ୍ଥାରେ ବାଇକ ଚାଳକ ଲିଙ୍ଗରାଜ ନଗରର ଦେବାଶିଷ ମହାନ୍ତିଙ୍କୁ ଉଦ୍ଧାର କରିବା ସହ ପୁଲିସ ଗାଡିରେ ଜିଲ୍ଲା ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ପୁଲିସ ଉଭୟ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଥାନାକୁ ଆଣି ଅଟକ ରଖିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁତର ଶ୍ରୀ ମହାନ୍ତିଙ୍କୁ ଜିଲ୍ଲା ଚିକିତ୍ସାଳୟରୁ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

# ଶ୍ରୀବାମନ ଜନ୍ମ

ଦାମନଯୋଡ଼ି,୪।୯(ସମିସ): ପବିତ୍ର ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଦାମନଯୋଡ଼ିର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀବାମନ ଜନ୍ମ ନୀତି ପାଳିତ ହୋଇଯାଇଛି। ସକାଳ ନୀତିକାନ୍ତି ପରେ ମନ୍ଦିର ପରିସରରେ ଥିବା ଶ୍ରୀ ବାମନଙ୍କର ସ୍ୱତନ୍ତ୍ର ପୂଜା, ଜନ୍ମ ନୀତି ଓ ହୋମ ଅନୁଷ୍ଠିତ ହୋଇଥିଲା। ପୂଜକ ଅମିୟ କୁମାର ସାମନ୍ତରାୟ, ଅଜୟ କୁମାର ପଣ୍ଡା ଓ ବିଜୟ କୁମାର ପଣ୍ଡା ବିଭିନ୍ନ ପୂଜା ନୀତି ସମ୍ପନ୍ନ କରିଥିଲେ। ପ୍ରକାଶ ଚନ୍ଦ୍ର ଦାଶ ପୂଜାରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆଜି ମଧ୍ୟ ଆଷାଢ଼ ଶୁକ୍ଳ ଦ୍ୱାଦଶୀରେ ଶୟନ କରିଥିବା ଶ୍ରୀ ଗରୁଡ଼ଙ୍କ ପାଶ୍ୱ ପରିବର୍ତ୍ତନ ପୂଜାନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନାଲ୍କୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ଉପସଭାପତି ତଥା ମୁଖ୍ୟ ମହାପ୍ରବନ୍ଧକ ବିଛନ୍ଦ ଚରଣ ଦାଶଙ୍କ ସହିତ ସମ୍ପାଦକ କୈଳାସ ସେନାପତି, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀଙ୍କ ସହିତ ଶିଶିର କୁମାର ପରିଡ଼ା, ଖଦାଳ ନାୟକ, ଆର ଏନ ମୁଦୁଲି, କାର୍ତ୍ତିକ ଚନ୍ଦ୍ର ସିଦୁ, ସିନ୍ଥଲ କୁମାର ଓ ସଞ୍ଜୟ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ୟୁନିଫର୍ମ ବିତରଣରେ ବାହାର ସଂସ୍ଥାକୁ ବିରୋଧ

ପାପଡାହାଣ୍ଡି,୪।୯ (ସମିସ): ପାପଡାହାଣ୍ଡି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଆଜି ପାପଡାହାଣ୍ଡି ବ୍ଲକର ଏସଏଚଜି ଗ୍ରୁପ ମହିଳା ମାନେ ଏକତ୍ରିତ ହୋଇ ବାହାର ଅଞ୍ଚଳର ଗ୍ରୁପ୍‌କୁ ୟୁନିଫର୍ମ ବିତରଣ ପାଇଁ ସୁଯୋଗ ଦିଆଯାଇଥିବାରୁ ବିରୋଧ କରିଛନ୍ତି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭେଟି ବ୍ଲକର ବିଦ୍ୟାଳୟ ମାନଙ୍କରେ ୟୁନିଫର୍ମ ବିତରଣରେ ପାପଡାହାଣ୍ଡି ବ୍ଲକର ଏସ୍ଏଚ୍ ଗ୍ରୁପକୁ ଅଣଦେଖା କରି ନବରଙ୍ଗପୁର ବ୍ଲକର ମହିଳା ଏସଏଚଜି ଗ୍ରୁପଙ୍କୁ ପାପଡାହାଣ୍ଡି ବ୍ଲକର ବିଦ୍ୟାଳୟ ମାନଙ୍କରେ ପୋଷାକ ବିତରଣ ପାଇଁ ଅନୁମତିକୁ ଦିଆଯିବାକୁ ବିରୋଧ କରାଯିବା ସହ ଏହାକୁ ପ୍ରତ୍ୟାହାର କରିବା, ପାପଡାହାଣ୍ଡି ବ୍ଲକର ବିଦ୍ୟାଳୟ ମାନଙ୍କରେ କେବଳ ପାପଡାହାଣ୍ଡି ବ୍ଲକର ଉପଯୁକ୍ତ ମହିଳା ଗୋଷ୍ଠୀଙ୍କୁ ଅନୁମତି ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଦାବିପତ୍ର ଉପରେ କୌଣସି ପଦକ୍ଷେପ ଗ୍ରହଣ ନହେଲେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ସହିତ ଜାତୀୟ ରାଜପଥ ରେ ଅନଶନ କରିବାକୁ ମହିଳା ଗୋଷ୍ଠୀ ଚେତାବନୀ ଦିଆଯାଇଛି। ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ସେହି ବ୍ଲକର ମହିଳାଗୋଷ୍ଠୀଙ୍କୁ ପୋଷାକ ବିତରଣ ପାଇଁ ଅନୁମତି ଥିବା ବେଳେ ପାପଡାହାଣ୍ଡି ବ୍ଲକରେ କାହିଁକି ଅଲଗା ନିୟମ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସଙ୍କୁ ପଚାରିବାରୁ ସେ ଆଜି କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ତାଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ବି ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# ଜମି ବିବାଦ; କାଉନ୍‌ସିଲରଙ୍କ ସ୍ୱାମୀ ଓ ପୁଅକୁ ଆକ୍ରମଣ



କୋରାପୁଟ,୪।୯(ସମିସ): ଜମିଜମା ବିବାଦକୁ ନେଇ କୋରାପୁଟ ପୌର ପରିଷଦ ୧୦ ନଂ ୱାର୍ଡ କାଉନ୍‌ସିଲର କମଳା ନାୟକଙ୍କ ସ୍ୱାମୀ ଧନୁର୍ଜୟ ନାୟକ ଓ ପୁଅ ଶିବା ନାୟକଙ୍କୁ ୫ ଜଣ ଦୁର୍ବୃତ୍ତ ଖଣ୍ଡାରେ ହାଣି ମରଣାନ୍ତକ ଆକ୍ରମଣ କରିଛନ୍ତି। ବାପା ପୁଅ ଗୁରୁବାର ଦିନ ବୋରିଗୁମ୍ମା ବ୍ଲକ ବିଶିପୁର ଥାନା ବୁଜୁନିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପାଙ୍ଗିଗୁଡ଼ା ଗ୍ରାମକୁ ଯାଇଥିଲେ। ଜମି ବିବାଦକୁ ନେଇ ସେଠାରେ କଥା କଟାକଟି ହେବାରୁ ୫ ଜଣ ଧନୁର୍ଜୟ ଓ ଶିବାକୁ ଖଣ୍ଡାରେ ଆକ୍ରମଣ କରିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ତୁରନ୍ତ ବାପା ପୁଅକୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ, ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କୋରାପୁଟ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଅ ଶିବାର ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

# ରାସ୍ତାରୁ ମହିଳାଙ୍କୁ ବାଇକ୍‌ରେ ଉଠାଇ ନେଇ ଦୁଷ୍କର୍ମ

ଜୟପୁର,୪।୯(ସମିସ): ରାଜ୍ୟରେ ମହିଳା ମାନଙ୍କୁ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଜୟପୁର ସଦରଥାନା ଧନପୁର ଗ୍ରାମପଞ୍ଚାୟତ ତରଗାଇ ଗ୍ରାମରେ ଆଉ ଏକ ଦୁଷ୍କର୍ମ ଘଟଣା ଘଟିଛି। ଜଣେ ୨୩ ବର୍ଷିୟା ବିବାହିତା ମହିଳାଙ୍କୁ ଦୁଇ ଜଣ ରାସ୍ତାରୁ ବାଇକ୍‌ରେ ଉଠାଇନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କ ଅଚେତ ହୋଇଯିବାରୁ ସେମାନେ ତାଙ୍କୁ ବାଉଁଶ ଜଙ୍ଗଲ ନିକଟରେ ଛାଡି ଚାଲିଯାଇଥିବା ନେଇ ପୀଡିତ ଆଜି ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି। ପୀଡିତା ମହିଳାଙ୍କ ଅଭିଯୋଗ ଅନୁଯାୟୀ ଗତକାଲି ଅପରାହ୍ନ ୪ ଟାରେ ତରଗାଇ ଗ୍ରାମ ନିକଟସ୍ଥ ସଲପା ଗ୍ରାମକୁ ସେ ଏକାକୀ ତାଙ୍କ ଝିଅ ପାଇଁ ଔଷଧ ଆଣିବାକୁ ଯାଇ ଫେରୁଥିବା ବେଳେ ରାସ୍ତାରେ ଦୁଇଜଣ ଅଜଣା ଯୁବକ ତାଙ୍କୁ ଜୋରଜବରସ୍ତ ବାଇକ୍‌ରେ ବସାଇ ପ୍ରାୟ ୨ କିଲୋମିଟରେ ନେଇ ଏକ ବାଉଁଶ ବଣ ନିକଟରେ ଦୁଷ୍କର୍ମ କରିଥିଲେ। ପୀଡିତା ଅଚେତ ହୋଇଯିବା ପରେ ଉଭୟ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୀଡିତାଙ୍କ ଚେତା ଫେରିବା ପରେ କୌଣସି ପ୍ରକାର ନିଜ ଗ୍ରାମରେ ପହଞ୍ଚି ତାଙ୍କ ବାପା ଏବଂ ଗ୍ରାମର ୱାର୍ଡ ମେମ୍ବରକୁ ଜଣାଇଥିଲେ। ଆଜି ଶେଷରେ ମହିଳା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ଧନପୁର ଗ୍ରାମ ବାସିନ୍ଦା ବୋଲି ମହିଳା ସନ୍ଦେହ କରୁଥିବା କହିଛନ୍ତି। ଏଥିନେଇ ମହିଳାଥାନା ଅଧିକାରୀ ଆଶ୍ରିତା ଖାଲ୍କୋ କହଛିନ୍ତି ଯେ, ପୁଲିସ ପକ୍ଷରୁ ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ ତାଙ୍କୁ ନେଇ ଦୁଷ୍କର୍ମ ହୋଇଥିବା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଶୁକ୍ରବାର ଡାକ୍ତର ମାଇନା ଏବଂ ଅନ୍ୟାନ୍ୟ ଯାଞ୍ଚ କରାଯାଇ ମାମଲା ରୁଜୁ କରାଯିବ।

# ତେନ୍ତୁଲିଖୁଣ୍ଟି ଗ୍ରାମର ୩ ଶ୍ରମିକ ନିଖୋଜ

ତେନ୍ତୁଲିଖୁଣ୍ଟି,୪।୯(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ସଦର ମହକୁମାର ଦୁଇଜଣ ମହିଳା ଓ ଜଣେ ବୃଦ୍ଧା ଚଳିତ ମାସ ୨ ତାରିଖ ଠାରୁ ନିଖୋଜ ହୋଇ ଯାଇଛନ୍ତି। ଏନେଇ ସମ୍ପୃକ୍ତ ପରିବାରଙ୍କ ପକ୍ଷରୁ ତେନ୍ତୁଲିଖୁଣ୍ଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସୂଚନା ପ୍ରକାରେ ତେନ୍ତୁଲିଖୁଣ୍ଟି ଗ୍ରାମର ଦୀପ୍ତି ହରିଜନ (୬୦), ରୋଜ ବାଘ(୩୩) ଓ ବବି ନାୟକ (୪୦) ତିନିଜଣ ମିଶି ଚଳିତ ମାସ ୨ ତାରିଖ ଦିନ କୁଲି କରିବା ଉଦ୍ଦେଶ୍ୟରେ ଘରୁ ବାହାରିଥିଲେ। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଆଉ ଘରକୁ ଫେରିଲେ ନାହିଁ। ସମ୍ପୃକ୍ତ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏନେଇ ଗତକାଲି ନିଖୋଜ ଦୀପ୍ତି ହରିଜନଙ୍କ ପୁଅ ବୀରେନ୍ଦ୍ର ହରିଜନ ଓ ବବି ନାୟକଙ୍କ ପୁଅ ଗଜେନ୍ଦ୍ର ନାୟକ ତେନ୍ତୁଲିଖୁଣ୍ଟି ଥାନାରେ ଏତଲା ଦେଇଛନ୍ତି। ତେନ୍ତୁଲିଖୁଣ୍ଟି ଥାନା କେଶ ନଂ ୨୨/୨୫ ଓ ୨୩/୨୫ ଅନୁଯାୟୀ ଦୁଇଟି ନିଖୋଜ ମାମଲା ରୁଜୁ ହୋଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଅନ୍ୟ ଜଣେ ନିଖୋଜ ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇନି। ଏସଆଇ ମହେଶ୍ୱର କ୍ରିଷାନି ଓ ଏଏସଆଇ ଭରତ ମାଝି କେଶର ତଦନ୍ତ କରୁଥିବା ଏସଆଇ ବିନିତା ତାର୍କୀ ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ



ସୁନାବେଡା,୪।୯ (ସମିସ): ସୁନାବେଡା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ, ଅଧ୍ୟାପକ/ ଅଧ୍ୟାପିକା ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ବିଷୟ ବସ୍ତୁ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ନିରାପଦା ବ୍ୟବସ୍ଥା ସୁରକ୍ଷିତ କରିବା ତଥା ଅନୁଶାସନ ଭଳି ଅନ୍ୟାନ୍ୟ ବିଷୟରେ ଛାତ୍ରୀ ଓ ଅଭିଭାବକ ସହ ଆଲୋଚନା ହୋଇଥିଲା। ବିଦ୍ୟାଳୟର ସୁବିଧା ଓ ଅସୁବିଧା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ହଷ୍ଟେଲ ସୁପେରିଟେଣ୍ଡେଣ୍ଟ ଅଙ୍କୁରିତା ନାୟକ , ହଷ୍ଟେଲ କମିଟି ସଦସ୍ୟ ଲକ୍ଷ୍ମୀପ୍ରିୟା ଶ୍ରୀଚନ୍ଦନ, ଉପଦେଷ୍ଟା ସିମାଞ୍ଚଳ ଦାଶ, ଇତିହାସ ଅଧ୍ୟାପକ ସନ୍ତୋଷ କୁମାର ସାମଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଜସ୍ୱ ବିଭାଗ ପକ୍ଷରୁ ଜନଶୁଣାଣି

ଗୁଡାରୀ,୪।୯ (ସମିସ): ଗୁଡାରି ବ୍ଲକ୍ ରାଜସ୍ୱ ବିଭାଗ ତରଫରୁ ଗୁଡାରୀ ତହସିଲଦାର ଏ ସ୍ନେହଲତାଙ୍କ ତତ୍ତ୍ୱାବଧାନରେ ଏମ୍ କେ ରାଇ ଠାରେ ଜନ ଶୁଣାଣି ଶିବିର ଗତ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖାତାଧାରୀଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀଙ୍କ ନାମରେ ସଂଶୋଧନ କରାଯିବ ବୋଲି ଏଥିରେ ଆଲୋଚନା ହୋଇଥିଲା। ଶିବରରେ ସମୁଦାୟ ୫ ଗୋଟି ଗ୍ରାମରୁ ପ୍ରାୟ ୩୧ ଜଣଙ୍କର ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ଏମ କେ ରାଇ ଓ ଚାନ୍ଦିଲିଗୁଡା ଗ୍ରାମର ୧୦ ଜଣ ହିତାଧିକାରୀ ମାନଙ୍କୁ ପଟ୍ଟା ଦିଆଯାଇଛି। ଏହା ପୂର୍ବରୁ ମଧୁବନ ଗ୍ରାମ ପଞ୍ଚାୟତ ଡକରପଡ଼ା ଗ୍ରାମରେ ୪୭ଙ୍କ ଅଭିଯୋଗ ଶୁଣିଥିଲେ। କର୍ଲାଘାଟି ପଞ୍ଚାୟତର କାଣ୍ଡେଲକୁଟି ଏବଂ ବିରିପୋଙ୍ଗା ଠାରେ ୧୭ ଗୋଟି ଗ୍ରାମରୁ ୮୫ ଜଣ ଅଭିଯୋଗ କରିଥିଲେ। ଏହି ଶିବିରରେ ତହସିଲଦାର ଏ ସ୍ନେହଲତା, ରାଜସ୍ୱ ନିରୀକ୍ଷକ କବିତା ବିଡ଼ିକା ,ରାଜସ୍ୱ ସୁପରଭାଇଜର ମନୋଜ ଶବର ଉପସ୍ଥିତ ରହି ପଟ୍ଟା ବଣ୍ଟନ କରିଥିଲେ।

# କଂଗ୍ରେସର ସୃଜନ ସଂଗଠନ ଅଭିଯାନ ବୈଠକ




କୋରାପୁଟ,୪।୯(ସମିସ): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଜରିଆରେ ରାଜ୍ୟର ସମସ୍ତ ୩୫ କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କୋରାପୁଟ ଟାଉନ ହଲ ଠାରେ ଜିଲ୍ଲା ସଭାପତି ଶଶୀଭୂଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟିର ଜିଲ୍ଲା ପର୍ଯ୍ୟବେକ୍ଷକ ଗଣେଶ କୁମାର ଯାଦବ , ଓଡିଶା ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଭାରତ ଭୂଷଣ ବିମଳ ଓ ପ୍ରଦ୍ୟୁମ୍ନ ଦାସ, କୋରାପୁଟ ସାଂସଦ ସପ୍ତଗିରି ଉଲକା, ରାଜ୍ୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ ପ୍ରମୁଖଙ୍କ ସହ ଜିଲ୍ଲାର କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ପଦବୀ ନିମନ୍ତେ ଆବେଦନ ପତ୍ର ବଣ୍ଟନ କରାଯାଇଥିଲା। କୋରାପୁଟ ଜିଲ୍ଲାରେ ପର୍ଯ୍ୟବେକ୍ଷକ ୮ ଦିନ ରହିବେ। ରହଣି ସମୟ ମଧ୍ୟରେ ୫ ତାରିଖରେ ଜୟପୁର ଠାରେ ବୋରିଗୁମ୍ମା, କୋଟପାଡ ଓ କୁନ୍ଦ୍ରା ବ୍ଲକ ସମେତ ଜୟପୁର ବ୍ଲକ, ମ୍ୟୁନିସିପାଲଟି ଓ କୋଟପାଡ ଏନ୍ଏସିର କଂଗ୍ରେସ ନେତାଙ୍କ ସହ ଆଶାୟୀ ପ୍ରାର୍ଥୀ ମାନଙ୍କ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଶ୍ରୀ ଯାଦବ ସୂଚନା ଦେଇଛନ୍ତି। ସେହିପରି ୬ ତାରିଖରେ କୋରାପୁଟ ଠାରେ ଆୟୋଜିତ ବୈଠକରେ କୋରାପୁଟ, ବୈପାରିଗୁଡା ଓ ଲମତାପୁଟ ବ୍ଲକ ଏବଂ କୋରାପୁଟ ମୁନସୀପାଲଟିର କଂଗ୍ରେସ ନେତାଙ୍କ ସହ ଆଲୋଚନା କରିବେ। ୭ ତାରିଖରେ ଲକ୍ଷ୍ମୀପୁର ଠାରେ ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର କଂଗ୍ରେସ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାକୁ ଥିବାବେଳେ ୮ ତାରିଖରେ ସେମିଳିଗୁଡା ଠାରେ ନନ୍ଦପୁର, ସେମିଳିଗୁଡା ଓ ପଟାଙ୍ଗୀ ବ୍ଲକ ଏବଂ ସୁନାବେଡ଼ା ମୁନସୀପାଲଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ୯ ତାରିଖ ଦିନ କୋରାପୁଟ ଠାରେ ଆଶାୟୀ ପ୍ରାର୍ଥୀ ଏବଂ ଦଳର ବରିଷ୍ଠ ନେତା ମାନଙ୍କ ସହ ଆଲୋଚନା କରିବେ। ୧୦ ତାରିଖ ଦିନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସାମାଜିକ ଗୋଷ୍ଠୀ ସଦସ୍ୟ ମାନଙ୍କ ସହ ଆଲୋଚନା କରିବେ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ପଦ ପୂରଣ କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ତଥା ପିସିସି ସମ୍ପାଦକ ରୂପକ ତୁରୁକ୍, ପୂର୍ବତନ ସମ୍ପାଦକ ଜଗଦୀଶ ଖୋସଲା, କଂଗ୍ରେସ ନେତା ବାବୁଲା ବେନିଆ, ମନୋଜ ହିଆଲ୍, ଭଗବାନ ବାହିନୀପତି, ଜୟନ୍ତ କଟିନ, ବିଜୟ କୁମାର ରାଓ, ସୁକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ।

## ସୃଜନ ସଂଗଠନ ବୈଠକ ପୂର୍ବରୁ ଧସ୍ତାଧସ୍ତି



ତୃଣମୂଳ ସ୍ତରରେ କଂଗ୍ରେସକୁ ସୁଦୃଢ଼ କରିବାକୁ କୋରାପୁଟ ଟାଉନ୍ ହଲରେ ଗୁରୁବାର ସୃଜନ ସଂଗଠନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଭାରୀ ଗଣେଶ ଯାଦବଙ୍କ ଉପସ୍ଥିତିରେ ବୈଠକ ଆରମ୍ଭରୁ ଦେଖା ଦେଇଥିଲା କଂଗ୍ରେସ ନେତାଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି। ଯାହା କଂଗ୍ରେସ ସଂଗଠନର ଦୁର୍ବଳତାକୁ ପଦାରେ ପକାଇଲା। ଅବିଭକ୍ତ କୋରାପୁଟ ଜିଲ୍ଲାର ଟାଣୁଆ ନେତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ନାତି ପ୍ରତ୍ୟୁଷ ପଟ୍ଟନାୟକଙ୍କୁ ବୈଠକରେ ପ୍ରବେଶ କରିବାକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଭାଇ ଭଗବାନ ବାହିନୀପତି ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ କଥା ହୋଇଥିଲା। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା। ଶେଷରେ ଜିଲ୍ଲା ସଭାପତିଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇ ବୈଠକ ଆରମ୍ଭ ହୋଇଥିଲା। ଜିଲ୍ଲା ସଭାପତି ଚୟନ କରି ସଂଗଠନ ଗଢ଼ିବା ପୂର୍ବରୁ ବିଶୃଙ୍ଖଳା ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଭାରୀ ଆସନ୍ତା ୧୧ ପର୍ଯ୍ୟନ୍ତ ଜିଲ୍ଲାରେ ରହି ସମସ୍ତ ନେତା ଓ କର୍ମୀ ମାନଙ୍କ ସହ ଆଲୋଚନା କରିବେ ବୋଲି ଜିଲ୍ଲା ପ୍ରଭାରୀ କହିଛନ୍ତି। ଅନ୍ୟ ପକ୍ଷରେ ଦଳରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରା ଯିବ ନାହିଁ ବୋଲି କହି ପର୍ଯ୍ୟବେକ୍ଷକ ଦଳୀୟ ନେତା ଓ କର୍ମୀ ମାନଙ୍କୁ ଚେତାବନୀ ଦେଇଛନ୍ତି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କୋରାପୁଟ,୪।୯(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଗୋଡିହଞ୍ଜୀର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ୮ ଜଣ ୱାଡର୍ ମେମ୍ବର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୱାଡର୍ ମେମ୍ବର ମାନଙ୍କ କହିବା ଅନୁସାରେ ଗୋଡିହଞ୍ଜୀର ସରପଞ୍ଚ ନିର୍ବାଚିତ ୱାର୍ଡ ମେମ୍ବର ମାନଙ୍କୁ ଅଣଦେଖା କରି ବିଭିନ୍ନ କାମରେ ଦଲାଇ ମାନଙ୍କୁ ପୁରାଇ କାର୍ଯ୍ୟ ପରିଚାଳିତ କରୁଛନ୍ତି। ଆଜକୁ ପ୍ରାୟ ତିନି ବର୍ଷ ହେବ କୌଣସି ଗ୍ରାମସଭା ବା ପଲ୍ଲୀ ସଭା ନ କରି ଗ୍ରାମ ପଞ୍ଚାୟତର କାର୍ଯ୍ୟ ପରିଚାଳିତ ହେଉଛି। ଗ୍ରାମ ପଞ୍ଚାୟତ ଅଫିସ ଗୃହରେ ସରପଞ୍ଚଙ୍କ ବିନା ତାଙ୍କ ସହଯୋଗୀଙ୍କ ଦ୍ୱାରା କାର୍ଯ୍ୟ ତଦାରଖ ଓ ପରିଚାଳିତ କରାଯାଉଛି। ଗ୍ରାମ ପଞ୍ଚାୟତରେ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାରେ ତାଙ୍କ ସମ୍ପର୍କୀୟ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । ଯାହା ଫଳରେ କୌଣସି ୱାର୍ଡ ସଭ୍ୟ ଓ ସଭ୍ୟାଙ୍କର ଅନୁମତି ନିଆଯାଉ ନାହିଁ ବୋଲି ୱାର୍ଡମେମ୍ବର ମାନେ ଅଭିଯୋଗ କରିଛନ୍ତି। ଯେକୌଣସି କାର୍ଯ୍ୟରେ ନକଲି ଦସ୍ତଖତରେ କାର୍ଯ୍ୟ ପରିଚାଳନା କରାଯାଉଛି। କୌଣସି ସରକାରୀ କାର୍ଯ୍ୟ ଠିକ ଭାବରେ ସମ୍ପାଦନ ନ କରି ବିଲ ପାସ କରାଯାଉଛି। ସରପଞ୍ଚଙ୍କ ପାଇଁ ପଞ୍ଚାୟତରେ ଉନ୍ନତି ମୂଳକ କାର୍ଯ୍ୟ ଠପ୍ ହୋଇପଡିଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି।

